# ଧରିତ୍ରୀ
DHARITRI

ଢେଙ୍କାନାଳ-ଅନୁଗୋଳ, ବୁଧବାର, ଅକ୍ଟୋବର ୧୦/୨୦୧୮ (୨୦ ପୃଷ୍ଠା) Dhenkanal-Angul, Wednesday, October 10 /2018 ★★★★★

୧୪ଶ ଭାଗ ୨୩୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-








# ଅପ୍‌ଡେଟ୍ ହେଉନି ଏସ୍‌ଆର୍‌ସିଙ୍କ ୱେବ୍‌ସାଇଟ୍

ଭୁବନେଶ୍ୱର, ୯।୧୦(ବ୍ୟୁରୋ)

ରାଜ୍ୟରେ ବିଭିନ୍ନ ସମୟରେ ହେଉଥିବା ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ଅଫିସ କାର୍ଯ୍ୟ କରୁଛି। ଏହା ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ହୋଇଥିବାରୁ ଏହାର ସ୍ୱତନ୍ତ୍ର ୱେବ୍‌ସାଇଟ୍ ମଧ୍ୟ ରହିଛି। ଜନସାଧାରଣଙ୍କୁ ନିୟମିତ ସଚେତନତା କରିବା ପାଇଁ ଏଥିରେ ନିୟମିତ ବ୍ୟବଧାନରେ ତଥ୍ୟ ଏବଂ ଖବର ଅପଲୋଡ୍ ହେବା କଥା। ହେଲେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଯାହାର ନାମ http://srcodisha.nic.in/। ୨୦୧୮ମସିହା ଶେଷ ଭାଗରେ ପହଞ୍ଚିଲାଣି, ମାତ୍ର ୨୦୧୭-୧୮ର ବାର୍ଷିକ ବ୍ୟୟ ରିପୋଟ ଏଯାଏଁ ଅପଲୋଡ୍ ହୋଇନାହିଁ। ପ୍ରଚ୍ଛଦ ପୃଷ୍ଠାରେ ଥିବା ସର୍କୁଲାରରେ ପ୍ରାୟ ବର୍ଷେ ହେବ କୌଣସି ତଥ୍ୟ ଅପଲୋଡ କରାଯାଇନାହିଁ। ସାରା ରାଜ୍ୟରେ ଭୟାନକ ବାତ୍ୟା ତିତ୍‌ଲିକୁ ନେଇ ସାଧାରଣ ଜନତା ନାନା ଆଶଙ୍କାରେ ଥିବା ବେଳେ ୱେବ୍‌ସାଇଟ୍ ଠିକ୍ ସମୟରେ ଅପଲୋଡ୍ ନ ହେବା ଦୁର୍ଭାଗ୍ୟଜନକ ବୋଲି ଅନେକେ ମତ ରଖିଛନ୍ତି। ଅନେକ ସଚେତନ ପାଠକ ଏଥିପାଇଁ ଦୈନିକ ଧରିତ୍ରୀର ଦୃଷ୍ଟି ଆକର୍ଷଣ ମଧ୍ୟ କରିଛନ୍ତି। ଅପରପକ୍ଷରେ ସାମାଜିକ ଗଣମାଧ୍ୟମ ଟୁଇଟର ଓ ଫେସବୁକ୍ ଏହି ୱେବ୍‌ସାଇଟ୍ ଅପେକ୍ଷା ନିୟମିତ ଭାବେ ଅପ-ଟୁ-ଡେଟ୍ ହେଉଥିବା ଲକ୍ଷ୍ୟ କରାଯାଉଛି।




■ ଖରିଫ ଧାନ କିଣା

## ଅକ୍ଟୋବର ୩୦ ଯାଏ ବଢ଼ିବ ପଞ୍ଜୀକରଣ ଅବଧି

ଭୁବନେଶ୍ୱର, ୯।୧୦(ବ୍ୟୁରୋ)

ରାଜ୍ୟରେ ଅକ୍ଟୋବର ୯ ତାରିଖ ପର୍ଯ୍ୟନ୍ତ ୧୦ ଲକ୍ଷ ୩୦ ହଜାର ଚାଷୀ ଆସନ୍ତା ଖରିଫ ଋତୁରେ ଧାନ ବିକ୍ରି କରିବାକୁ ଅନଲାଇନରେ ପଞ୍ଜୀକୃତ ହୋଇଛନ୍ତି। ସେଥିମଧ୍ୟରୁ ୯ ଲକ୍ଷ ୧୧ହଜାର ପୁରୁଣା ଚାଷୀ ଥିବାବେଳେ ୧ ଲକ୍ଷ ୧୯ ହଜାର ନୂଆ ଚାଷୀ ସେମାନଙ୍କର ନାମ ପଞ୍ଜୀକୃତ କରିଛନ୍ତି। ୭୩,୩୩୬ ଜଣ ଭାଗ ଚାଷୀ ନାମ ପଞ୍ଜୀକୃତ କରିଛନ୍ତି। ରାଜ୍ୟ ସରକାର ଚଳିତ ବର୍ଷ ୧୫ ଲକ୍ଷ ଚାଷୀଙ୍କ ନାମ ପଞ୍ଜୀକୃତ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଗତବର୍ଷ ୧୧ ଲକ୍ଷ ୨୦ ହଜାର ଚାଷୀ ନାମ ପଞ୍ଜୀକୃତ କରିଥିଲେ। ଜୁଲାଇ ୧୫ରୁ ଅକ୍ଟୋବର ୧୫ ଯାଏ ଚାଷୀମାନେ ସେମାନଙ୍କ ନାମ ପଞ୍ଜୀକୃତ କରି ପାରିବେ। ତେବେ ଏହି ଅବଧି ମଧ୍ୟରେ ଟାର୍ଗେଟ ପୂରଣ ହେଉ ନ ଥିବାରୁ ନାମ ପଞ୍ଜୀକରଣକୁ ଅକ୍ଟୋବର ୩୦ ଯାଏ ବୃଦ୍ଧି କରାଯିବାକୁ ନିଷ୍ପତ୍ତି ହୋଇଛି। ଆସନ୍ତା ୧୩ ତାରିଖରେ ଏ ନେଇ ବିଧିବଦ୍ଧ ଭାବେ ଘୋଷଣା କରାଯିବ।

### ଯୋଡ଼ି ହେଲେ ୭୩ ହଜାର କ୍ଷୁଦ୍ର ଚାଷୀ

ଚଳିତ ବର୍ଷ ପ୍ରଥମ ଥର ପାଇଁ ଭାଗ ଚାଷୀ, କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଧାନ ବିକ୍ରି କରିବାକୁ ସୁଯୋଗ ମିଳିବ। ରାଜ୍ୟ ସରକାର ଏ ନେଇ ପୂର୍ବରୁ ଲଗାଇ ଥିବା କଟକଣାକୁ ହଟାଇ ଦେଇଛନ୍ତି। ନିଜ ପରିବାର ପାଇଁ ବର୍ଷ ସକାଶେ ଧାନ ରଖିବା ଆବଶ୍ୟକ ନାହିଁ। ଖାଦ୍ୟ ଓ ଧାନ ସଂଗ୍ରହ ନୀତି-୨୦୧୮ ଅନୁଯାୟୀ ପୂର୍ବରୁ ବାର୍ଷିକ ମୁଣ୍ଡପିଛା ୩ କୁଇଣ୍ଟାଲ ଧାନ ରଖିବା କଟକଣାକୁ ହଟାଇ ଦିଆଯାଇଛି। ନିକଟରେ ରାଜ୍ୟ କ୍ୟାବିନେଟରେ ଏହାକୁ ଅନୁମୋଦନ କରାଯାଇଛି। ଆସନ୍ତା ଅକ୍ଟୋବର ୧ରୁ ରାଜ୍ୟରେ ଖରିଫ ଧାନ ସଂଗ୍ରହ ବର୍ଷ ଆରମ୍ଭ ହେବ। ଏହା ୨୦୧୯ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଚାଲିବ। ଚଳିତ ବର୍ଷ ପାଇଁ ରାଜ୍ୟ ସରକାର ୫୫ ଲକ୍ଷ ମେଟ୍ରିକ ଟନ୍ ଧାନ ତଥା ଚାଉଳ ହିସାବରେ ୩୭ ଲକ୍ଷ ମେଟ୍ରିକ୍ ଟନ୍ ସଂଗ୍ରହ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ୨୦୧୭-୧୮ରେ ଉଭୟ ଖରିଫ୍ ଓ ରବି ଋତୁ ପାଇଁ ରାଜ୍ୟ ସରକାର ୫୪ ଲକ୍ଷ ମେଟ୍ରକ ଟନ ଧାନରୁ ୩୯ ଲକ୍ଷ ମେଟ୍ରିକ ଟନ ଚାଉଳ ସଂଗ୍ରହ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ତେବେ ମାତ୍ର ୪୯.୦୬ ଲକ୍ଷ ମେଟ୍ରିକ ଟନ୍ ଧାନ ତଥା ୩୩.୨୧ ଲକ୍ଷ ମେଟ୍ରିକ ଟନ ଚାଉଳ ସଂଗ୍ରହ କରିଥିଲେ। ୨୦୧୮ ନଭେମ୍ବରରୁ ୨୦୧୯ ଏପ୍ରିଲ ମଧ୍ୟରେ ଖରିଫ୍ ଧାନ ସଂଗ୍ରହ କରାଯିବ। ସେହିପରି ୨୦୧୯ ମେ ରୁ ଜୁନ ମଧ୍ୟରେ ରବି ଧାନ ସଂଗ୍ରହ ହେବ।୨୬୦୮ଟି ସମବାୟ ସମିତି ଜରିଆରେ ପ୍ରକୃତ ଚାଷୀ, ଭାଗ ଚାଷୀ, କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଧାନ ସଂଗ୍ରହ ବ୍ୟବସ୍ଥାରେ ସାମିଲ କରାଯିବ। କେନ୍ଦ୍ର ସରକାରଙ୍କ ଧାନ ମୂଲ୍ୟ ନିର୍ଦ୍ଧାରଣ ନୀତି ଅନୁଯାୟୀ ଚଳିତ ବର୍ଷ ସାଧାରଣ ଧାନ କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍‌ପି) ୧୭୫୦ ଟଙ୍କା ରଖାଯାଇଥିବା ବେଳେ ଗ୍ରେଡ୍-ଏ ଧାନ ପାଇଁ ୧୭୭୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଏମ୍ଏସ୍‌ପିଠାରୁ କମ୍ ଦରରେ ଯଦି କୌଣସି ମିଲର ଚାଷୀଙ୍କଠାରୁ ଧାନ କ୍ରୟ କରିବେ ସେମାନଙ୍କ ବିରୋଧରେ ଅତ୍ୟାବଶ୍ୟକ ସେବା ଆଇନ ୧୯୫୫ ଅନୁଯାୟୀ ଦଣ୍ଡ ବିଧାନ କରାଯିବ। ଚାଷୀମାନଙ୍କୁ ୨୪ରୁ ୭୨ ଘଣ୍ଟା ଘଣ୍ଟା ମଧ୍ୟରେ ଧାନ ମୂଲ୍ୟ ସେମାନଙ୍କ ଆକାଉଣ୍ଟ ଜରିଆରେ ପ୍ରଦାନ କରାଯିବ। ପି- ପାସ ଜରିଆରେ ଧାନ ବିକ୍ରି କରାଯିବ। ରାଜ୍ୟର ୩୦୮ଟି ବ୍ଲକରେ ଏହି ବ୍ୟବସ୍ଥା ହୋଇଛି। ୨୪ରୁ ୭୨ ଘଣ୍ଟା ମଧ୍ୟରେ ଚାଷୀଙ୍କୁ ସେମାନଙ୍କର ପ୍ରାପ୍ୟ ପ୍ରଦାନ କରାଯିବ।

## ମଦଭାଟି ଉଚ୍ଛେଦ ଦାବି




ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଅନୁଗୋଳ ଅଫିସ, ୯।୧୦-

ଗ୍ରାମରେ ଥିବା ମଦ ଭାଟିକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଅନୁଗୋଳ ଜିଲା ବଳରାମପ୍ରସାଦ ଗ୍ରାମ ନାରୀ ସଶକ୍ତୀକରଣ ସମିତିର ସମସ୍ତ ସଭ୍ୟା ଓ ଗ୍ରାମବାସୀ ମଙ୍ଗଳବାର ଅନୁଗୋଳ ଏସ୍‌ପି ମିତ୍ରଭାନୁ ମହାପାତ୍ରଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ସେମାନେ ଦର୍ଶାଇଛନ୍ତି ଯେ, ଗ୍ରାମରେ ମଦର ବହୁଳ ପ୍ରସାର ଦ୍ୱାରା ବିଶୃଙ୍ଖଳା ପରିସ୍ଥିତି ଉପୁଜୁଛି। ସେହିପରି ବହୁ ଲୋକ ନାନା ରୋଗରେ ଆକ୍ରାନ୍ତ ହେଉଛନ୍ତି। ତେଣୁ ସମସ୍ତ ମହିଳା, ପୁରୁଷ ଓ ନାରୀ ସମିତି ବୈଠକ କରି ଗ୍ରାମରେ ଥିବା ମଦଭାଟି ସମ୍ପୂର୍ଣ୍ଣ ବନ୍ଦ କରିବା ସହ ମଦ ନିବାରଣ ନିମନ୍ତେ ନିଷ୍ପତ୍ତି ନେଇଛନ୍ତି। ପୂର୍ବରୁ ଏ ନେଇ ଅଭିଯୋଗ କରାଯାଇଥିଲେ ବି ଏଥିପ୍ରତି ଦୃଷ୍ଟି ଦିଆଯାଇ ନାହିଁ। ତେଣୁ ଗ୍ରାମରେ ମଦ ବନ୍ଦ କରିବା ପାଇଁ ସେମାନେ ଏସ୍‌ପିଙ୍କ ନିକଟରେ ଦାବି କରିଛନ୍ତି। ଯଦି ପଦକ୍ଷେପ ନିଆ ନ ଯାଏ ତା'ହେଲେ ଧାରଣା ଦିଆଯିବ ବୋଲି ସଭାନେତ୍ରୀ ସବିତାରାଣୀ ଧୀର, ମମତା ମହାଲିକ, ରେବତୀ ବେହେରା, କାଞ୍ଚନ ନାୟକ ଅଞ୍ଜଳି ବେହେରା, ବେଙ୍ଗ ବାରିକ, ପ୍ରମିଳା ନାୟକ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ପାଣି ଦାବିରେ ଅଫିସ ଘେରିଲେ ଚାଷୀ

ଅନୁଗୋଳ ଅଫିସ, ୯।୧୦-

ଅନୁଗୋଳସ୍ଥିତ କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନ ଡେରଜାଙ୍ଗ ପ୍ରକଳ୍ପରୁ ଜଳ ଛଡ଼ାଯାଉ ନ ଥିବାରୁ ୫୦ ଏକର ଧାନ ଚାଷ ମରୁଡ଼ି ମୁହଁକୁ ଠେଲି ହୋଇଯାଉଛି। ଏହାର ପ୍ରତିବାଦରେ ମଙ୍ଗଳବାର ମା'ବୁଢୀ ପାଣି ପଞ୍ଚାୟତ ଚାଷୀମାନେ ଜଳସେଚନ ବିଭାଗ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିବା ସହ ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ। ୭ ନମ୍ବର କେନାଲ ମରାମତି କରାଯାଇ ପାଣି ଦିଆଯିବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଚାଷୀମାନେ କହିଛନ୍ତି ଯେ, ପାଣି ପଞ୍ଚାୟତର ନୂଆପଡ଼ା ୭ନଂ କେନାଲ ଉପରେ ନିର୍ଭର କରୁଥିବା ସନ୍ତ୍ରୀ, ତୁଳସୀପାଳ, ଶଙ୍ଖନାଳୀ, ନୂଆପଡ଼ା ଓ କରବେରଣା ଗ୍ରାମର ଚାଷ ଜମି ଶେଷ ମୁଣ୍ଡକୁ ପାଣି ପହଞ୍ଚିପାରୁ ନ ଥିବାରୁ ଫସଲ କ୍ଷତି ଆଶଙ୍କା ଦେଖାଦେଇଛି। ଏ ନେଇ ବାରମ୍ବାର ଅବଗତ କରାଯାଉଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଫଳରେ ଚାଷୀମାନେ ଆନ୍ଦୋଳନ କରିବାକୁ ବାଧ୍ୟ ହୋଇଥିଲେ। ଚାଷୀ ପ୍ରଦୀପ ସାହୁ, ବିକ୍ରମ ଦେହୁରୀ, ସୁଜନ ସାହୁ, ଶକୁନ୍ତଳା ପ୍ରଧାନ, ନେପାଳ ସାହୁ, ସୁଶାନ୍ତ ସାହୁ, ଧନେଶ୍ୱର ସାହୁ, ବୁଦ୍ଧଦେବ ସାହୁ, ବିଶ୍ୱମ୍ବର ନାୟକ, ମଦନ ନାୟକ, ବିପିନି ପ୍ରଧାନ, ପ୍ରଫୁଲ୍ଲ ସେଠୀ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

ଧରିତ୍ରୀ
DHARITRI

ଢେଙ୍କାନାଳ-ଅନୁଗୋଳ, ବୁଧବାର, ଅକ୍ଟୋବର ୧୦/୨୦୧୮ Dhenkanal-Angul, Wednesday, October 10 /2018

DSPL-193




ହକି ମୋ ହୃଦୟର ସ୍ପନ୍ଦନ, ମୋ ଯୌବନର ସେଇ ସମୟ ଯାହା ମୋ ମନରେ ସବୁଦିନ ପାଇଁ ଅବିସ୍ମରଣୀୟ ହୋଇ ରହିଯାଇଛି। ମୁଁ ହକିକୁ ଅତି ଭଲ ପାଏ, ଏବେ ବି ହକି ଖେଳ ଦେଖିଲାବେଳେ ମୋ ହୃଦ୍‌ସ୍ପନ୍ଦନ ବଢିଯାଏ। ଏ ବର୍ଷ ନଭେମ୍ବରରେ ଆମ ଦେଶ ଭାରତ ପୁରୁଷ ବିଶ୍ୱ କପ୍ ହକି ଭୁବନେଶ୍ୱରରେ ଆୟୋଜନ କରିବାକୁ ଯାଉଛି, ଏକଥା ତ ଆପଣଙ୍କୁ ଅଛପା ନ ଥିବ? ଏହି ବିଶ୍ୱ କପ୍‌ରେ ଅଂଶଗ୍ରହଣ କରୁଥିବା ଆମ ଭାରତୀୟ ଦଳ ଏକ ଯୁବ ଦଳ ଯାହା ନିକଟରେ ଭରପୁର ସାମର୍ଥ୍ୟ ରହିଛି ଏବଂ ଯାହା ପାଇଁ ମୋର ଅକୁଣ୍ଠ ସମର୍ଥନ ରହିଛି। ମୋ ଦେଶ, ଆମ ଜାତୀୟ ଦଳ ଏବଂ ସର୍ବୋପରି ହକି ପାଇଁ ମୋ ହୃଦୟର ପ୍ରତିଟି ସ୍ପନ୍ଦନ ଆଜି ସମର୍ପିତ।

BEATS FOR HOCKEY | FIH | HOCKEY INDIA

Does your heart beat for hockey?
Log on to heartbeatsforhockey.com and pledge a heartbeat.

Share your heartbeats on /heartbeatsforhockey

29001/13/0034/1819

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଇଶି
ପରିବାରବର୍ଗ


ସୁନିତା
ପରିବାରବର୍ଗ


ସୁଦର୍ଶନ
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




### BRIDE WANTED

Wanted smart, educated advocate, self employed Karan Kshatriya bride for income tax consultancy advocate with self employed groom. Contact: 9937460649. D-8744

Khandayat boy 29, B.Tech (CET), MBA (IIM) Manager, Bangalore. 9090605880. D-63391

Brahmin boy B.Tech, MBA, 5'6", 1989, Software Engineer. 'Sangaam'. 9338224867, 9439291250. D-64618

40+ divorcee ପାଇଁ ବ୍ରାହ୍ମଣ ପାତ୍ରୀ ଆବଶ୍ୟକ। (Caste No Bar). Mobile: 9237009890. D-8818

ଖଣ୍ଡାୟତ ୩୦ବର୍ଷ, ୫'୮'' ଏମ୍‌ଟେକ୍ (NIT) ଆସିଷ୍ଟାଣ୍ଟ ମ୍ୟାନେଜର (MNC) ପାତ୍ର ପାଇଁ ପାତ୍ରୀ ଆବଶ୍ୟକ। ଯୋଗାଯୋଗ: 9938068965. D-8799

### GROOM WANTED

ଗୌରବର୍ଣ୍ଣ, 5'3", B.Tech, 27ବର୍ଷ, ବ୍ୟାଙ୍କରେ ଚାକିରି କରିଥିବା ବଣିଆ ପାତ୍ରୀ ପାଇଁ ପାତ୍ର ଆବଶ୍ୟକ। ବ୍ୟାଙ୍କ କିମ୍ବା ସରକାରୀ ଚାକିରି କରିଥିବା ପାତ୍ର ଆବଶ୍ୟକ। 9777788899. D-64901

Divorcee bride Bank 30, Manager 39 (caste-no-bar). Contact: 7873374269. D-65013

Brahmin girl 1990, 5'4", MBA, serving WIPRO, Hyderabad "Sunasansar". 9937512659. D-8772

ଗୁଡିଆ ଝିଅ 1991, 5'2", +2, ଚାକିରିଆ/ ବ୍ୟବସାୟୀ ପାତ୍ର ଆବଶ୍ୟକ, 'ସୁନାସଂସାର' 9937512659. D-8773

Beautiful Khandayat girl, 29 years, class one officer, Bhubaneswar. 8908955060. D-64706

Required any caste well established groom for without children divorcee girl (39), Kamakhya Nagar. Contact: 7381460016. D-60818

Now Matrimonial ads. only on Wednesday & Sunday
Book 1 Get 1 FREE

# classified




### SALE

2014 October silver color WagonR for sale. Contact: 9438606050. D-63206




### SALE

New residential plotting project near KIIT, developed by SDPL (Bank finance available) psqft. 1250/-. 9937025614, 7008390130. D-64337

Premium 3BHK Vaastu based North/ South facing duplex at Benupur, near Hanspal Chhaka, Bhubaneswar. 9040106942, 9777617166. D-8776

ଭୁବନେଶ୍ୱର ପିତାପଲି NH-5 ଠାରୁ 100' ଦୂରତାରେ BDA yellowzone ପ୍ଲଟ ମିଳୁଅଛି। 8338932027. D-64324

Morningsun Residency simplex near Hanspal- 28,00,000/- (Handover within 1month) 8908015464, 9853347909. D-64331

ଭୁବନେଶ୍ୱର ରଙ୍ଗବଜାର ପାଖରୁ 4 km. ଦୂରତ୍ୱରେ Gayatri College ନିକଟରେ 30' road ଥାଇ Demarcated gharabari plot ପଟ୍ଟାସହିତ 390/-ରେ ବିକ୍ରି ହେଉଅଛି। 9437114429, 9938214443. D-64342

Gharabari flats studio, 1BHK, 2BHK at Puri with all facilities. 9124289585. D-8837

Litigation free plots near Xavier University backside BDA Zone, Bhubaneswar. Sqft.- 250/-, 160/-. 9337259012, 9937746907. D-64343

Plot 380 decimal, 2.85 acre at Bhubaneswar Siula Mouza hear Gudiapokhari Chowk & 840 decimal gharabari plot at Modipada-2 for sale. Contact: 9937025309. D-8848

Sale for triplex in Rasulgarh Chhak @ 2.35 Crore. Contact: 9437573355, 9861068796. D-8850

1800 sqft. gharabari residential yellowzone plot having 30ft. road near Patia Bigbazar, Bhubaneswar. Rs. 44,00,000/-. Contact: 9078151122. D-65104

Building near Indo-English School Uditnagar, Rourkela. No broker please. 7008907582. D-8814

1BHK, 2BHK, 3BHK approved flats at Hitech Heaven near Gudiapokhari Chowk, Bhubaneswar. 9861024170, 9439101498. D-8822

Guest house for sale at Puri suitable for Nursing home/ highclass oldage home near to new Medical College & Hospital at Puri, Odisha. D-8862

### PURCHASE

ଢେଙ୍କାନାଳରେ ଜମି କିମ୍ବା ଘର କିଣିବା ପାଇଁ ଦୟାକରି ଯୋଗାଯୋଗ କରନ୍ତୁ। 9439464501. D-62046




20 beds available near Patia Big Bazar in 8 bed rooms for Trainee, corporate officers for short months or duration. Please contact: 9938753249. D-62911

**Furnished office space 2000 sqft. at Nalco Square, Chandrasekharpur, Bhubaneswar. (Preferable for IT). 9776021815.** D-64341




Opening newly ayurvedic full body massage ladies, gents. 7438851534, 7609923705. D-38537




All type certified precious and semi-precious Gemstones, Rudraksha, Yantras, Malas, Idols & other astrology products wholesaler retailer Bhubaneswar. Call: 91+8093050401. D-8828

### ଜନ୍ମଦିନ ଶୁଭେଚ୍ଛା



(ଅଂଶୁମାନ)
**ମୟଙ୍କ ଜେନା**
**ଜମଳଗଦା, କଣାସ, ପୁରୀ**

ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ତୁମ ଚଲାପଥ କୁସୁମିତ ହେଉ। ଶୁଭେଚ୍ଛା ସହ: ଜେଜେବାପା- ଓକିଲ ଜେନା, ଜେଜେମା- ଶଶିରେଖା ଜେନା, ବାପା- ପ୍ରତାପ ଜେନା, ବୋଉ- ଦୀପ୍ତିମୟୀ ଜେନା, ବଡବାପା- ଦିଲିପ ଜେନା, ବଡବୋଉ- ବବିନା ଜେନା, ବଡଭାଇ- ତାପସ ମହାନ୍ତି, ବନ୍ଧୁ ଓ ପରିବାର। ଧ-୮୮୬୩

### ଷଷ୍ଠ ଜନ୍ମଦିବସ ଶୁଭେଚ୍ଛା



(କ୍ରିଷ୍ଣା)
**ହିମାଂଶୁ ବାରିକ**
**ନୟାଗଡ଼, ଜାମୁସାହି, ଖଣ୍ଡପଡ଼ା**

ଶୁଭ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୁମର ଚଲାପଥ କୁସୁମିତ କରିବା ସହିତ ତୁମକୁ ଦୀର୍ଘାୟୁ ଓ ଯଶସ୍ୱୀ କରନ୍ତୁ। ଶୁଭକାମନା ସହ: ଜେଜେବାପା, ଜେଜେମାଆ, ଅଜା, ଆଈ, ବାପା, ବୋଉ, ବଡବାପା, ବଡମାମା, ଦାଦା, ଖୁଡୀ, ଭାଇ- ଗୁଡୁ ଓ ସାଇ, ଭଉଣୀ- ଶୁଭଶ୍ରୀ, ବନ୍ଧୁ ଓ ପରିବାରବର୍ଗ। ଧ-୮୮୬୦


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ନୂଆ ଦଳ ଗଢ଼ିବେନି ଦାମ

କଟକ ଅଫିସ, ୯।୧୦

ଗୋଟିଏ ମଞ୍ଚରେ ବିଜେଡିରୁ ବହିଷ୍କୃତ ନେତା ତଥା ପାରାଦୀପ ବିଧାୟକ ଦାମୋଦର ରାଉତ ଏବଂ ରାଜ୍ୟ କଂଗ୍ରେସ ମିଡିଆ ସେଲ ମୁଖ୍ୟ ସତ୍ୟ ପ୍ରକାଶ ନାୟକ। ମଙ୍ଗଳବାର କଟକ କଳାବିକାଶ କେନ୍ଦ୍ରରେ ନିଖିଳ ଓଡିଶା କ୍ଷତ୍ରୀୟ କ୍ରାନ୍ତି ମୋର୍ଚ୍ଚାର ଏକ କାର୍ଯ୍ୟକ୍ରମରେ ଉଭୟଙ୍କୁ ଦେଖିବାକୁ ମିଳିଥିଲା। ମଞ୍ଚରେ ଦାମ ବିଜେଡି ବିରୋଧରେ ବିଷ ଓଗାଳିଥିଲେ। ସିଧାସଳଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସେ ଟାର୍ଗେଟ କରିଥିଲେ। ଦାମ କହିଥିଲେ, ମୁଖ୍ୟମନ୍ତ୍ରୀ ନିଜେ ଦୁର୍ନୀତିଖୋର ନେତା ମନ୍ତ୍ରୀଙ୍କ ସହ ମିଶି ରାଜ୍ୟରୁ ଟଙ୍କା ଲୁଟ୍ କରୁଛନ୍ତି। ଆସନ୍ତା ନିର୍ବାଚନରେ ବିଜୁ ଜନତା ଦଳ ଶାସନକୁ ନ ଆସିବା ପାଇଁ ଯାହା ଆବଶ୍ୟକ ସେ ସବୁ କରିବେ ବୋଲି ଦାମ ତାଙ୍କ ଚ୍ୟାଲେଞ୍ଜମୂଳକ ଭାଷଣରେ ଦୃଢୋକ୍ତି ପ୍ରକାଶ କରିଥିଲେ। ତେବେ ଦାମଙ୍କ ଏଭଳି ବିଜେଡି ବିରୋଧୀ ଆଭିମୁଖ୍ୟକୁ ପ୍ରଶଂସା କରି ସତ୍ୟ କହିଥିଲେ, ଦାମବାବୁ ଯଦି କଂଗ୍ରେସକୁ ଆସନ୍ତି ତେବେ ତାଙ୍କୁ ସ୍ୱାଗତ କରାଯିବ। ସତ୍ୟଙ୍କ ଏଭଳି ମନ୍ତବ୍ୟକୁ ନେଇ ରାଜନୈତିକ ସମୀକ୍ଷକମାନେ ତର୍ଜମା ଆରମ୍ଭ କରିଛନ୍ତି। ଦାମ କଂଗ୍ରେସ ଆଡକୁ ଢଳୁଥିବା ସେମାନେ ମତ ଦେଇଛନ୍ତି। ଅନ୍ୟପଟେ ଦାମ କହିଛନ୍ତି, ଦୁର୍ନୀତିଗ୍ରସ୍ତ ବିଜେଡି ବିଷୟରେ ମୁଁ କହୁଛି, ଯିଏ ଏହାକୁ ସମର୍ଥନ କରିବ ମୁଁ ତାହା ସହ ଅଛି। ତେବେ ନୂଆ ଦଳ ଗଠନ ସମ୍ପର୍କରେ ଦାମ ସ୍ପଷ୍ଟ ମତ ରଖିଛନ୍ତି। ନୂଆ ଦଳ ଗଢିବାର କୌଣସି ସମ୍ଭାବନା ନ ଥିବା ସେ କହିଛନ୍ତି। ଏହି ଅବସରରେ ଦାମ ଆନନ୍ଦ ଭବନ ପରିଦର୍ଶନ କରିଥିଲେ। ଏହି ସମୟରେ ସେ ନିଜର ରାଜନୈତିକ ଶତ୍ରୁ କଟକ-ବାରବାଟୀ ବିଧାୟକ ଦେବାଶିଷ ସାମନ୍ତରାୟଙ୍କୁ ଟାର୍ଗେଟ କରି କହିଛନ୍ତି, କଟକରେ ଜାଇକା କାମ ଦୁର୍ନୀତିରେ ଦେବାଶିଷଙ୍କ ସମ୍ପୃକ୍ତି ରହିଛି। ସେ ମଧ ଧଳସାମନ୍ତ ଭ୍ରାତାଙ୍କ ଲିଙ୍କ୍‌ରେ ଥିଲେ। ଦେବାଶିଷଙ୍କ ଅତୀତ ଓ ବର୍ତ୍ତମାନର ରାଜନୈତିକ ସ୍ଥିତିକୁ ନେଇ ଦାମ ତାଚ୍ଛଲ୍ୟ କରିଥିଲେ। ସେ କହିଲେ, ଦେବାଶିଷ ନିଜର ରକ୍ତ ସମ୍ପର୍କୀୟ ସ୍ୱର୍ଗତ ବସନ୍ତ ବିଶ୍ୱାଳଙ୍କ ସହିତ ଥିଲେ। ସେହି ସମୟରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସଭାରେ ଗଣ୍ଡଗୋଳ କରିବାକୁ ମଧ ଦେବାଶିଷ ପଛାଇ ନ ଥିଲେ। ଏବେ କିନ୍ତୁ ଦେବାଶିଷ ବିଜୁବାବୁଙ୍କ ପୁଅ ନବୀନ ବାବୁଙ୍କ ପାଖ ଲୋକ। ଜଣେ ଅମଲାଙ୍କ ଇଙ୍ଗିତରେ ବିଜେଡିରେ ଏବେ ବଡ଼ ଅଜବ ନୀତି ଚାଲିଛି। ଯିଏ ଦୁର୍ନୀତି ବିରୋଧରେ ମୁହଁ ଖୋଲୁଛି ସେ ଦଳରୁ ବିଦା ହେଉଛି, ଆଉ ଯିଏ ଦୁର୍ନୀତି କରୁଛି ସେ ନବୀନଙ୍କ ପାଖ ଲୋକ ପାଲଟୁଛି। ଟିଟ୍‌ଫଣ୍ଡ ଲିଙ୍କ୍, କୁହୁଲି ଘଟଣା, ଚାଷୀ ଆତ୍ମହତ୍ୟା ସବୁଥିରେ ସରକାରୀ ଦଳର ନେତା ବିଧାୟକଙ୍କ ହାତ ରହିଛି। ହେଲେ ଏସବୁ ସତ୍ତ୍ୱେ ନବୀନ ଗଣମାଧ୍ୟମରେ ନଂ. ୧ ମୁଖ୍ୟମନ୍ତ୍ରୀ। ମନ୍ତ୍ରୀ ସୂର୍ଯ୍ୟ ପାତ୍ରଙ୍କ ପୁଅ ମଦ ବ୍ୟବସାୟରେ ପାଦ ଦେବାକୁ ଆରମ୍ଭ କଲେଣି। ଏକଥା କ'ଣ କାହା ପାଖରେ ଖବର ନାହିଁ। ଶୁଣୁଛି ମୋ ପୁଅକୁ ମୋ ବିରୋଧରେ ଛିଡ଼ା କରାଇବେ। ହେଲେ ରାଜନୀତିରେ ବାପ ମଧ ପୁଅର ନୁହେଁ। ଆସନ୍ତା ୧୨ ତାରିଖରେ ପାରାଦୀପ ଏବଂ ଏରସମାରେ ବଡ଼ ସମାବେଶ କରିବାକୁ ଯାଉଛି। ମୋର ଲୋକପ୍ରିୟତା କେତେ ସମସ୍ତେ ଦେଖିବେ। ଖାଲି ନିଜ ଅଞ୍ଚଳରେ ନୁହେଁ, ରାଜ୍ୟରେ ମୋର ଲୋକପ୍ରିୟତା ରହିଛି। ସେହିପରି ବ୍ଲାକ୍‌ରୋଜ୍ ଘଟଣାରେ ଦାମ ବିଜେଡି ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କୁ ସିଧାସଳଖ ଟାର୍ଗେଟ କରିଥିଲେ। ବିଧାୟକ ଦେବାଶିଷ ସାମନ୍ତରାୟ କହିଛନ୍ତି, ଦାମବାବୁ ଔଷଧ ବିକଳରେ ତାଟିଆ କାମୁଡୁଛନ୍ତି। ସେ ଜଣେ ବିଶୃଙ୍ଖଳିତ ବ୍ୟକ୍ତି। ତାଙ୍କ ବିଶୃଙ୍ଖଳିତ ଆଚରଣ ପାଇଁ ତାଙ୍କୁ ଦଳରୁ ବିତାଡ଼ିତ କରାଯାଇଛି ବୋଲି ବିଧାୟକ ସାମନ୍ତରାୟ କହିଛନ୍ତି। ଦାମଙ୍କ ମନ୍ତବ୍ୟ ସମ୍ପର୍କରେ ମନ୍ତ୍ରୀ ସୂର୍ଯ୍ୟ ପାତ୍ରଙ୍କ ପୁଅ ବିପ୍ଳବଙ୍କୁ ପଚାରିବାରୁ ସେ ଜୋରରେ ହସିବା ସହିତ ଏହା ଉପରେ କୌଣସି ଟିପ୍ପଣୀ ଦେବାକୁ ମନା କରିଥିଲେ।

୧୮ ହଜାର ଗ୍ରାମରକ୍ଷୀଙ୍କୁ ଅଣଦେଖା ପ୍ରସଙ୍ଗ

## ପଦକ୍ଷେପ ନେବାକୁ ମୁଖ୍ୟ ସଚିବଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୯।୧୦(ବ୍ୟୁରୋ)

ରାଜ୍ୟରେ କାର୍ଯ୍ୟ କରୁଥିବା ୧୮ ହଜାର ଗ୍ରାମରକ୍ଷୀଙ୍କୁ ସରକାର ଅଣଦେଖା କରୁଛନ୍ତି। ସେମାନେ ପୋଲିସର ଏକ ଅଂଶ ହୋଇଥିବାବେଳେ ସେମାନଙ୍କୁ ମୌଳିକ ସୁବିଧା ମିଳୁନାହିଁ। ଏ ନେଇ ଗତ ସେପ୍ଟେମ୍ବର ୭ରେ ମାନବାଧିକାର କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋ ଓ ବିଜୟ କୁମାର ପଣ୍ଡା ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ରେ ଏକ ପିଟିଶନ ଦାୟର କରିଥିଲେ। ଏନ୍‌ଏଚ୍‌ଆର୍‌ସି ଏହାକୁ ଗୁରୁତ୍ୱର ସହ ନେଇ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ରିପୋର୍ଟ ତଲବ କରିଛନ୍ତି। ଏ ଦିଗରେ ୮ ସପ୍ତାହ ମଧ୍ୟରେ ଉପଯୁକ୍ତ ପଦକ୍ଷେପ ନେଇ ରିପୋର୍ଟ ଦେବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି।

ବିଶ୍ୱପ୍ରିୟ କାନୁନ୍‌ଗୋ କହିଛନ୍ତି, ଗ୍ରାମରକ୍ଷୀ ମାସକୁ ୧୫ ଶହ ଟଙ୍କା ଦରମା ପାଉଛନ୍ତି। ନିଜ ଜୀବନକୁ ବାଜି ଲଗାଇ ମାଓବାଦୀ ଉପଦ୍ରୁତ ଅଞ୍ଚଳରେ କାର୍ଯ୍ୟ କରୁଛନ୍ତି। ପୋଲିସ ଇନ୍‌ଫର୍ମର ସନ୍ଦେହରେ ସେମାନଙ୍କୁ ହତ୍ୟା କରାଯାଉଛି। ସେମାନେ ହୋମ୍‌ଗାର୍ଡଙ୍କ ସମକକ୍ଷ ହୋଇଥିଲେ ମଧ ହୋମଗାର୍ଡ ସେମାନଙ୍କଠାରୁ ୬ହଜାର ଟଙ୍କା ଅଧିକ ଦରମା ପାଉଛନ୍ତି। ଗ୍ରାମରକ୍ଷୀ ଯେଉଁଭଳି ଭାବେ କାମ କରୁଛନ୍ତି ସେମାନଙ୍କ ମାନବିକ ଅଧିକାର କ୍ଷୁଣ୍ଣ ହେଉଛି। ସେମାନଙ୍କୁ ମର୍ଯ୍ୟାଦାର ସହ ବଞ୍ଚିବା ପାଇଁ ଭତ୍ତା ପ୍ରଦାନ କରିବା ସହ ଅନୁକମ୍ପା ଅନୁଦାନର ବ୍ୟବସ୍ଥା କରିବା ଲାଗି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ପାଇଁ ପିଟିଶନ କରାଯାଇଥିଲା।

### କିଛି ତଥ୍ୟ

ଚଳିତ ଆର୍ଥିକ ବର୍ଷ ସେପ୍ଟେମ୍ବର ମାସରେ ଦେଶରେ କୋଇଲା ଆମଦାନୀ ୩୫% ବୃଦ୍ଧି ଘଟି ୨୧.୧ ନିୟୁତ ନିୟୁତ ଟନ୍ ରହିଛି। ଏହା ଗତ ବର୍ଷ ସମାନ ସମୟରେ ୧୫.୬୧ ନିୟୁତ ଟନ୍ ରହିଥିଲା।
-କୋଲ୍ ଇଣ୍ଡିଆ ଲିମିଟେଡ୍

ଆଜି 'ମୁଁ କାହିଁକି ପ୍ରାର୍ଥୀ ହୋଇଛି' ବୈଠକ

## ଛାତ୍ର ସଂସଦ ନିର୍ବାଚନ ବାତିଲ ଆଶଙ୍କା

ଭୁବନେଶ୍ୱର,୯।୧୦(ବ୍ୟୁରୋ)

ଛାତ୍ର ସଂସଦ ନିର୍ବାଚନକୁ ଆଉ ମାତ୍ର ଗୋଟିଏ ଦିନ ବାକି ରହିଥିବା ବେଳେ ବୁଧବାର 'ମୁଁ କାହିଁକି ପ୍ରାର୍ଥୀ ହୋଇଛି' ବୈଠକ ଅନୁଷ୍ଠିତ ହେବ। ରାଜ୍ୟର ୪ ବିଶ୍ୱବିଦ୍ୟାଳୟ ସମେତ ୨୫୬ ମହାବିଦ୍ୟାଳୟରେ ଚଳିତବର୍ଷ ନିର୍ବାଚନ ହେବ। ବୁଧବାର ସକାଳ ୯ଟାରୁ ଅପରାହ୍ଣ ୪ଟା ମଧ୍ୟରେ କ୍ୟାମ୍ପସ୍‌ରେ 'ମୁଁ କାହିଁକି ପ୍ରାର୍ଥୀ ହୋଇଛି' ବୈଠକ ଅନୁଷ୍ଠିତ ହେବାକୁ ଥିବା ବେଳେ ମଙ୍ଗଳବାର କ୍ୟାମ୍ପସ୍‌ରେ ଶେଷଥର ପାଇଁ ଜୋର୍‌ଦାର ପ୍ରଚାର ହୋଇଥିଲା। ଛାତ୍ର ଅଶାନ୍ତିକୁ ଦୃଷ୍ଟିରେ ରଖି କ୍ୟାମ୍ପସ୍‌ରେ ଏବେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। କିନ୍ତୁ ବାତ୍ୟା 'ତିତ୍‌ଲି' ଯୋଗୁ ଏଥର ଛାତ୍ର ସଂସଦ ନିର୍ବାଚନ ବାତିଲ ହେବା ଆଶଙ୍କା କରାଯାଉଛି। ଗଞ୍ଜାମ, ଗଜପତି, ପୁରୀ ଓ ଜଗତ୍‌ସିଂହପୁର, ଏହି ୪ ଜିଲାର ସମସ୍ତ ଶିକ୍ଷାନୁଷ୍ଠାନକୁ ୧୦ ଏବଂ ୧୧ତାରିଖ ଛୁଟି ଘୋଷଣା କରାଯାଇଛି। ଗଞ୍ଜାମରେ ଜିଲାପାଳ ନିର୍ବାଚନ ବାତିଲ ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ଅନ୍ୟ ୩ ଜିଲାରେ ମଧ ନିର୍ବାଚନ ବନ୍ଦ ହେବା ସମ୍ଭାବନା ରହିଛି। ଅନ୍ୟପକ୍ଷରେ ବୁଧବାର ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ କେତେକ କଲେଜ କର୍ତ୍ତୃପକ୍ଷ 'ମୁଁ କାହିଁକି ପ୍ରାର୍ଥୀ ହୋଇଛି' ବୈଠକର ସ୍ଥାନ ପରିବର୍ତ୍ତନ କରିଛନ୍ତି। ୧୧ତାରିଖ ସକାଳ ୮ଟାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ କ୍ୟାମ୍ପସ୍‌ରେ ଭୋଟ୍‌ଗ୍ରହଣ କରାଯିବ। ଅପରାହ୍ଣ ୨ଟାରୁ ଭୋଟ୍ ଗଣତି ଆରମ୍ଭ ହୋଇ ସନ୍ଧ୍ୟାସୁଦ୍ଧା ଫଳ ପ୍ରକାଶ ପାଇବ। ୧୨ତାରିଖ ପୂର୍ବାହ୍ଣ ୧୧ଟାରେ ବିଜୟୀ ପ୍ରାର୍ଥୀଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ।


# ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



**✓ ରବିନ୍ଦ୍ର କୁମାର ମହାନ୍ତି**
ଗିରିମା, କୋଣାର୍କ, ପୁରୀ
ଆବିର୍ଭାବ - ୧୨.୨.୧୯୪୮
ତିରୋଧାନ - ୨୨.୯.୨୦୧୭

ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ
ବନ୍ଧୁ ଓ ପରିବାରବର୍ଗ ଧ-୮୮୫୫

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ପ୍ରଶନ୍ନ କୁମାର ବେହେରା**
ଆବିର୍ଭାବ: ୦୨।୦୮।୧୯୫୪
ତିରୋଧାନ: ୩୦।୦୯।୨୦୧୮
(ଆଶ୍ୱିନ କୃଷ୍ଣପକ୍ଷ ଗଜଷଷ୍ଠୀ)

ତୁମେ ହଠାତ୍ ଆମ ସମସ୍ତଙ୍କୁ ଛାଡି ଚାଲିଗଲ। ତୁମର ଅନୁପସ୍ଥିତିକୁ ଆମେ ପ୍ରତିମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଏବଂ ଆଦର୍ଶ ସର୍ବଦା ଅବିସ୍ମରଣୀୟ ଏବଂ ଆମ ପାଇଁ ପ୍ରେରଣାର ସୂତ୍ର। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ହତଭାଗ୍ୟ ପୁଅ- ସଞ୍ଜୁ, ବିକି, ଟିକି, ସୋନୁ, ଜୁଲି, ଖୁସି ଏବଂ ପରିବାରବର୍ଗ। ଧ-୮୭୪୨

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତା ନିବେଦିତା ପଟ୍ଟନାୟକ**
ଭୀମଟାଙ୍ଗୀ, ଭୁବନେଶ୍ୱର
ଆବିର୍ଭାବ: ୨୧।୦୯।୧୯୪୪
ତିରୋଧାନ: ୩୦।୦୯।୨୦୧୮

ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ହତଭାଗା ପୁତ୍ରଗଣ- ପ୍ରକାଶ, ପ୍ରଣବ, ପ୍ରଦ୍ୟୁମ୍ନ, ଅମ୍ରେଶ, ଅସିତ୍, ଅଜିତ୍, ହତଭାଗା ପୁତ୍ରବଧୂଗଣ- ମମତା, ମୀରା, ଚିତ୍ରା, ମାମା, ସୁନିତା, ହତଭାଗା ନାତିନାତୁଣୀ- ମାମାଲି, ଆକାଶ, ନୀଲ୍, ଆଦ୍ୟାଶା, ପ୍ରିୟାଶା, ଅନ୍ୱେଷା, ଅନୁଷ୍କା। ଧ-୮୮୬୧


# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ରାଶ୍ୟାଧିପତିଙ୍କ ନକ୍ଷତ୍ରସ୍ଥ ଚନ୍ଦ୍ର ସାହସିକତାର ପଦକ୍ଷେପ ନେଇ ପାରିବାରିକ ଏବଂ କର୍ମକ୍ଷେତ୍ରର ସମସ୍ୟା ସମାଧାନ କରିପାରିବେ। ସପ୍ତମସ୍ଥ ଗ୍ରହ ଏକାଧିକ ଗ୍ରହଙ୍କ ସମାବେଶ ହେତୁ ବିବାଦରେ ପଶିବା ଠିକ୍ ହେବନାହିଁ। ଆକସ୍ମିକ ସ୍ଥାନ ପରିବର୍ତ୍ତନର ଆଭାସ ପାଇପାରନ୍ତି। ପରିବହନ, ବ୍ୟବସାୟ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହୋଇପାରେ।

**ବୃଷ**
ବକ୍ରୀ ଶୁକ୍ର ପାପଗ୍ରହ ରାହୁଙ୍କ ନକ୍ଷତ୍ରରେ ରହି ଆପଣଙ୍କୁ ହସଖୁସିରୁ ଦୂରେଇ ରଖିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ମାପିଚୁପି ଚଳିବା ଭଲ ନଚେତ୍ ଆକସ୍ମିକ ଭାବରେ କଳହ ଲାଗିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। କର୍ମକ୍ଷେତ୍ରରେ ମନର ବଳ ଖୁବ୍ ଟାଣ ରହିବ ଓ ଅଟକି ରହିଥିବା କାମକୁ ଶେଷ କରିପାରିବେ।

**ମିଥୁନ**
ବୁଧ ଷଷ୍ଠାଧିପତିଙ୍କ ନକ୍ଷତ୍ରସ୍ଥ ହେତୁ ସ୍ୱାସ୍ଥ୍ୟ ଭଲ ରହି ନ ପାରେ। ପାରିବାରିକ ସମସ୍ୟା ଥିଲେ ମଧ କାମଗୁଡ଼ିକୁ ସଫଳତାର ସହ ସମ୍ପନ୍ନ କରିବାରେ କୌଣସି ଅସୁବିଧା ରହିବନାହିଁ। କିଛି ଗୋଳମାଳିଆ ପରିସ୍ଥିତିରେ ମଧ୍ୟସ୍ଥତା କରିଥିବାରୁ ଅନ୍ୟକୁ କୈଫିୟତ ଦେବାକୁ ପଡ଼ିପାରେ। ବ୍ୟବସାୟରେ କ୍ରମଶଃ ସମସ୍ୟା ବଢ଼ି ବଢ଼ି ବଡ଼ ଆକାର ଧାରଣ କରିପାରେ।

**କର୍କଟ**
ଏକାଧିକ ଗ୍ରହ କର୍ମକ୍ଷେତ୍ରକୁ ଅବଲୋକନ କରି ବିଭିନ୍ନ କାର୍ଯ୍ୟବ୍ୟସ୍ତତା ସୃଷ୍ଟି କରିପାରନ୍ତି। କିନ୍ତୁ ଆପଣଙ୍କ ଯୁକ୍ତିଯୁକ୍ତ ଚିନ୍ତାଶୀଳ ବିଚାରଧାରା ପ୍ରଭାବରୁ ସମସ୍ୟାଗୁଡ଼ିକର ସରଳ ସମାଧାନ କରିବାରେ ସଫଳ ହେବେ। ଅଶ୍ଳେଷା ନକ୍ଷତ୍ର ଭୁଲ୍ ବୁଝାମଣାରୁ ପାରିବାରିକ କଳହ ଲାଗିପାରେ। ବ୍ୟବସାୟ କିମ୍ବା ପରିବହନରେ ଲାଭ ହେବା ବଦଳରେ କ୍ଷତିରେ ପଡ଼ିପାରନ୍ତି।

**ସିଂହ**
ରବି ବ୍ୟୟାଧିପ ଚନ୍ଦ୍ରଙ୍କ ନକ୍ଷତ୍ରସ୍ଥ ଯୋଗୁ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ନ ହେଲେ ପରେ ଅନୁତାପ କରିବାକୁ ପଡିପାରେ। ଅଧିକାଂଶ ସମୟରେ ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁଁ ବ୍ୟସ୍ତ ରହିପାରନ୍ତି। ଅବଶ୍ୟ ଉତ୍ତରା ଫାଲ୍‌ଗୁନୀ ନକ୍ଷତ୍ର ପାଇଁ ବିଶେଷ କିଛି ଅସୁବିଧା ହେବ ନାହିଁ। ଆଜିର ଯାତ୍ରା, ଆନୁଷ୍ଠାନିକ କାମରେ ସଫଳତା ପାଇପାରିବେ।

**କନ୍ୟା**
ଆଜିର ଗ୍ରହସ୍ଥିତି ପ୍ରଭାବରେ କୌଣସି ସମସ୍ୟା ଆପଣଙ୍କୁ ବିଚଳିତ କରିପାରିବ ନାହିଁ। କଳା, ସାହିତ୍ୟ ଓ ସଭା ସମିତିରେ ସମସ୍ୟା ସମାଧାନର ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ଅଫିସରୁ ଆସିବା ବେଳକୁ ନିଜ ମନ ପସନ୍ଦର ଜିନିଷଟି କିଣିବାରେ ସମର୍ଥ ହେବେ। ଅର୍ଥ ସଂକଟକୁ ସହକର୍ମୀ ଦୂରେଇ ନେବାର ପ୍ରତିଶ୍ରୁତି ଦେବେ।

**ତୁଳା**
ରାଶିରେ ଚନ୍ଦ୍ର ସମେତ ଚାରୋଟି ଗ୍ରହ ଏକାଧିକ କର୍ମରେ ନିଯୁକ୍ତ କରାଇପାରେ। ମାତ୍ର ବିଭିନ୍ନ ପ୍ରକାରର ଚିନ୍ତାରେ ମନ ବିକ୍ଷିପ୍ତ ରହିବ। ଅବଶ୍ୟ କୌଣସି କ୍ଷତି ହେବନାହିଁ। ପରିବାରରେ ସୁଖ ଶାନ୍ତି ଫେରାଇ ଆଣିବା ଦିଗରେ ପ୍ରଯତ୍ନ କଲେ ଚେଷ୍ଟା କଦାପି ବିଫଳ ହେବନି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସଫଳତା ଅବଶ୍ୟ ମିଳିବ।

**ବିଛା**
ଦ୍ୱାଦଶସ୍ଥ ଚତୁଃଗ୍ରହ ଦୂରଯାତ୍ରା, ପରୋକ୍ଷ ଶତ୍ରୁତା, ଶଯ୍ୟାଶାୟୀ ସ୍ଥିତି, ରାଜଦଣ୍ଡଜନିତ ଧନହାନିର ସୂଚନା ପ୍ରଦାନ କରେ। ଅବଶ୍ୟ ମଙ୍ଗଳ ଉଚ୍ଚସ୍ଥ ହେତୁ ଆକସ୍ମିକ ସମସ୍ୟା କିୟତ୍‌କ୍ଷଣ ପରେ ଦୂରେଇଯିବ। କର୍ମକ୍ଷେତ୍ରରେ ଅପୂର୍ବ ସାହସିକତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହୋଇ ପାରନ୍ତି। ପ୍ରଶାସନ, ରାଜନୀତି, ସାହିତ୍ୟରେ ସୁନାମ ଅର୍ଜନ କରିବେ।

**ଧନୁ**
ଶିକ୍ଷା, ସନ୍ତାନ ଓ ମନ୍ତ୍ରଣାସ୍ଥାନକୁ ଏକାଧିକ ଗ୍ରହଙ୍କ ଦୃଷ୍ଟି ଏହି ସମସ୍ତ ବିଷୟ ସକାଶେ ଅନୁକୂଳ ସ୍ଥିତି ସୃଷ୍ଟି କରିବେ। ମୂଳା ନକ୍ଷତ୍ରର ମାନସିକ ସ୍ତରରେ ଅନ୍ୟମନସ୍କତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ର, ଆଲୋଚନା ପରିସର, ତର୍କ ଓ ବିବାଦରେ, ଆଇନ ଅଦାଲତରେ ସ୍ଥଗିତ କାମକୁ ପୂରା କରିବେ।

**ମକର**
ଚନ୍ଦ୍ରଙ୍କ ସହିତ କର୍ମଭାବସ୍ଥ ଗ୍ରହମାନଙ୍କ ସୁପ୍ରଭାବରେ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ବିବାଦୀୟ ଘଟଣାର ଦିଗ ବଦଳି ଯାଇପାରେ ଏବଂ ଆପଣଙ୍କ ପାଇଁ କୌଣସି ସମସ୍ୟା ସୃଷ୍ଟି କରିବ ନାହିଁ। କଥା ଦେଇଥିବା ବନ୍ଧୁ ଠିକ୍ ସମୟରେ ନ ଫେରିବା କାରଣରୁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବାର ସୂଚନା ରହିଛି।

**କୁମ୍ଭ**
କର୍ମକ୍ଷେତ୍ରରେ ନିକଟ ସମ୍ପର୍କୀୟଙ୍କ ସହଯୋଗରେ ଆତ୍ମୀୟତାର ସହ କାମ କରି ପ୍ରଶଂସିତ ହେବେ। କୌଣସି ଅଜଣା ବନ୍ଧୁଙ୍କ ସାହାଯ୍ୟରୁ ଫେରନ୍ତା ବାଟରେ ହଠାତ୍ ମୂଲ୍ୟବାନ ଦ୍ରବ୍ୟ ଲାଭ ହୋଇପାରେ। ପରିବାର ଓ ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବ। ଚେଷ୍ଟା କରୁଥିବା କାମ, କଚେରି ମାମଲା, ଜମିଜମା ବିବାଦରେ ଉପକୃତ ହେବେ।

**ମୀନ**
କର୍ମକ୍ଷେତ୍ର ଅଥବା ପ୍ରଶାସନିକ ସ୍ତରରେ ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମଗୁଡିକ ସମ୍ପନ୍ନ କରିବାରେ ଅସୁବିଧା ହେବ ନାହିଁ। ପାରସ୍ପରିକ ଭୁଲ୍ ବୁଝାମଣାରୁ ଅତି ଭଲ ସମ୍ପର୍କ ରହିଥିବା ବନ୍ଧୁଙ୍କ ନିକଟରୁ ଅନାଦର ପାଇପାରନ୍ତି। ନିର୍ମାଣ, ଯାତ୍ରା, ବିବାଦ, ସଭାସମିତି ପ୍ରଭୃତିରୁ ଆଶ୍ୱସ୍ତି ଲାଭ କରିବେ। ଆକସ୍ମିକ କୌଣସି ଖବର ମନକୁ ଚହଲାଇ ଦେଇପାରେ।

ଆଜି ଆଶ୍ୱିନ ଶୁକ୍ଳ ପ୍ରତିପଦା ଯୁକ୍ତ ଦ୍ୱିତୀୟା ବୁଧବାର, ଅକ୍ଟୋବର ୧୦ ତାରିଖ, ରାଶି ନକ୍ଷତ୍ର-ଚିତ୍ରା/ତୁଳା,ଦିବା ଘ୧୧।୩୭ମି. ଗତେ, ସ୍ୱାତୀ ନକ୍ଷତ୍ର, କର୍କଟ ରାଶିର ଘାତବାର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୮।୪୫ମି. ଗତେ ଘ୧୦।୧୯ମି. ମଧ୍ୟେ, ଘ୧୧।୫୪ମି. ଗତେ ଘ୧।୩୦ମି. ମଧ୍ୟେ ଅମୃତବେଳା। ଦିବା ଘ୧୦।୧୯ମି. ଗତେ ଘ୧।୫୩ମି. ମଧ୍ୟେ, ଘ୨।୫୫ମି. ଗତେ ଘ୪।୩୧ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୧୧।୩୩ମି. ଗତେ ଘ୧।୦୧ମି. ମଧ୍ୟେ ରାହୁକାଳ।

# ଧରିତ୍ରୀ
DHARITRI

ଢେଙ୍କାନାଳ-ଅନୁଗୋଳ, ବୁଧବାର, ଅକ୍ଟୋବର ୧୦/୨୦୧୮ | Dhenkanal-Angul, Wednesday, October 10 /2018 | (ପୃଷ୍ଠା-୧)




## ତନୁଶ୍ରୀଙ୍କୁ ସମର୍ଥନ ଜଣାଇଲେ ସୋହା

ଅଭିନେତ୍ରୀ ସୋହା ଅଲି ଖାନ୍ ତନୁଶ୍ରୀଙ୍କୁ ସମର୍ଥନ କରି କହିଛନ୍ତି, ଭାରତ ଭଳି ଦେଶରେ ନାରୀର ଜୀବନଯାପନ ଖୁବ୍ କଷ୍ଟକର।

୦୬

୧୦

## ବ୍ରୋଞ୍ଜ ପଦକ ଜିତିଲେ ଜୟନ୍ତୀ

ଜାକର୍ତ୍ତାରେ ଚାଲିଥିବା ଏସିଆନ ପାରା ଗେମ୍ସର ମହିଳା ୨୦୦ ମିଟର ଟି୪୫/୪୬/୪୭ ଇଭେଣ୍ଟରେ ଓଡ଼ିଶାର ଜୟନ୍ତୀ ବେହେରା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ।



# ଉଗ୍ର ହେଉଛି ବାତ୍ୟା 'ତିତ୍ଲି'

ଭୁବନେଶ୍ୱର,୯।୧୦(ବ୍ୟୁରୋ)

କଚ୍ଚାଘର, ଗଛ ମୋଡ଼ି ଭାଙ୍ଗିବ। ବିଦ୍ୟୁତ ଖୁଣ୍ଟ ବି କ୍ଷତିଗ୍ରସ୍ତ ହେବ। ଯୋଗାଯୋଗ ବ୍ୟବସ୍ଥା ଦୋହଲି ଯିବ। ଉପକୂଳ ଅଞ୍ଚଳରେ ସାମୁଦ୍ରିକ ଝଡ 'ତିତ୍ଲି' ଏଭଳି ପ୍ରଳୟ ରଚିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ଦକ୍ଷିଣ ପଶ୍ଚିମ ଏବଂ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଏହି ବାତ୍ୟା ଘଣ୍ଟାକୁ ୧୦ କିଲୋମିଟର ବେଗରେ ସ୍ଥଳଭାଗ ଆଡ଼କୁ ମାଡ଼ି ଆସୁଛି। ଆସନ୍ତା ୧୨ ଘଣ୍ଟା ମଧ୍ୟରେ ଏହା ଆହୁରି ଭୟଙ୍କର ହେବ। ଦକ୍ଷିଣ ଓଡ଼ିଶା ସମେତ ୫ ଉପକୂଳ ଜିଲା ଗଜପତି, ଗଞ୍ଜାମ, ପୁରୀ, ଜଗତସିଂହପୁର ଏବଂ କେନ୍ଦ୍ରାପଡ଼ା ଜିଲାରେ ତାଣ୍ଡବ ରଚିବ। ଏହି ଜିଲାଗୁଡ଼ିକରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ୧୫ ଜିଲାକୁ ରେଡ଼ଆଲର୍ଟ ଜାରି କରାଯାଇଛି।

ମଙ୍ଗଳବାର ରାତି ୧୦ଟା ସୁଦ୍ଧା ପାଣିପାଗ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବାତ୍ୟା ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ୧୫.୧ ଡିଗ୍ରୀ ଉତ୍ତର ଅକ୍ଷାଂଶ, ୮୬.୪ ଡିଗ୍ରୀ ପୂର୍ବ ଦ୍ରାଘିମା, ଗୋପାଳପୁରଠାରୁ ଦକ୍ଷିଣ-ପୂର୍ବ ଦିଗରେ ୪୯୦ କିଲୋମିଟର ଏବଂ ☞ପୃଷ୍ଠା-୧୧




- ୧୧ ତାରିଖ ସକାଳେ ଗୋପାଳପୁର ଅତିକ୍ରମ କରିବ
- ୧୫ ଜିଲାକୁ ରେଡଆଲର୍ଟ ଜାରି
- ସବୁ ବନ୍ଦରରେ ୧ ନମ୍ବର ବିପଦ ସଙ୍କେତ
- ଗଛ, କଚ୍ଚାଘର, ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିବା ଆଶଙ୍କା




- ୪ ଜିଲାର ସ୍କୁଲ, କଲେଜ,ଅଙ୍ଗନୱାଡି କେନ୍ଦ୍ର ବନ୍ଦ
- ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା, କର୍ମଚାରୀଙ୍କ ଛୁଟି ବାତିଲ୍
- ନିରାପଦ ସ୍ଥାନକୁ ଲୋକମାନଙ୍କୁ ନେବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ

**ପବନର ବେଗ ରହିବ ୧୧୦ରୁ ୧୩୦ କି.ମି.**

## ଭିଲାଇ ଷ୍ଟିଲ ପ୍ଲାଣ୍ଟରେ ବିସ୍ଫୋରଣ
# ୯ ମୃତ, ୧୪ ଆହତ

ଭିଲାଇ,୯।୧୦(ପି.ଟି.)

ଛତିଶଗଡ଼ର ଭିଲାଇ ଷ୍ଟିଲ ପ୍ଲାଣ୍ଟରେ ମଙ୍ଗଳବାର ଏକ ବଡ଼ଧରଣର ବିସ୍ଫୋରଣ ଘଟିଛି। ଏଥିରେ ୯ ପ୍ରାଣ ହରାଇଥିବାବେଳେ ୧୪ କର୍ମଚାରୀ ଆହତ ହୋଇଛନ୍ତି। ଏହାକୁ ନେଇ ପ୍ଲାଣ୍ଟରେ ଶ୍ରମିକଙ୍କ ସୁରକ୍ଷା ଉପରେ ପ୍ରଶ୍ନ ଉଠିଛି। ରାଜଧାନୀ ରାୟପୁରରୁ ୩୦ କି.ମି. ଦୂର ତଥା ଦୁର୍ଗ ଜିଲାରେ ଅବସ୍ଥିତ ଭିଲାଇ ଷ୍ଟିଲ ପ୍ଲାଣ୍ଟ। ଏହାର କୋକ୍ ଓଭେନ୍ ବ୍ୟାଟେରି କମ୍ପ୍ଲେକ୍ସ ନଂ.୧୧ରେ ମଙ୍ଗଳବାର ପୂର୍ବାହ୍ନ ୧୦ଟା ୩୦ରେ ୨୪ରୁ ଊର୍ଦ୍ଧ୍ୱ ଶ୍ରମିକ ରକ୍ଷଣାବେକ୍ଷଣ କାର୍ଯ୍ୟରେ ନିୟୋଜିତ ଥିଲେ। ଗ୍ୟାସ୍ ଯୋଗାଣ କରାଯାଉଥିବା ଏକ ପାଇପ୍‌ଲାଇନ୍‌ରେ ଏହାର ଅଧଘଣ୍ଟା ପରେ ହଠାତ୍ ବିସ୍ଫୋରଣ ହୋଇଥିଲା। ପ୍ରଚଣ୍ଡ ଶବ୍ଦରେ ପ୍ଲାଣ୍ଟ ଥରହର ହୋଇଯାଇଥିଲା। ☞ପୃଷ୍ଠା-୧୧

## ସଚେତନ ନ କରି ବାଘ ଛାଡ଼ିବା ଭୁଲ୍

- ଆକ୍ରମଣାତ୍ମକ ଗତିବିଧି ଦେଖିଲେ ସୁନ୍ଦରୀକୁ କରାଯିବ ଟ୍ରାଙ୍କୁଲାଇଜ

........ ୩ ........

**ଆଜିର ସମ୍ପାଦକୀୟ**

## ବିଶ୍ୱାସ ଅବିଶ୍ୱାସ

**ଆଜିର ମନ୍ତବ୍ୟ**

"ନିରନ୍ତର ବିକାଶ ଲକ୍ଷ୍ୟ ପୂରଣ ପାଇଁ ସାର୍ବଜନୀନ ସ୍ୱାସ୍ଥ୍ୟସେବା ନିହାତି ଜରୁରୀ।
– ଜେ.ପି. ନଡ୍ଡା, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ


**BISHANDAYAL JEWELLERS**
BIS: 916
Sriya Square, Bhubaneswar
Deals in :
Gold, Diamond & Silver
Gold 24 CT - ₹ 32,400/- 10gm.
Gold 22 CT - ₹ 31,000/- 10gm.
Silver Rate - ₹ 370/- /10gm.
Making Charge - ₹100/- onwards / 1gm.
Condition Apply
Lowest gold Rate & Making Charges

NECC NATIONAL EGG CO-ORDINATION COMMITTEE
09.10.2018
Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 59 | 105 | 115 |
| CTC | 60 | 106 | 116 |
| DKL | 60 | 106 | 116 |
| BDK | 62 | 109 | 119 |
| BLS | 63 | 110 | 120 |
| ANG | 62 | 109 | 119 |

*Conditions Apply
Eggs Retail Price- 45/-Dozen
Issued in the Interest of Consumers


# ବକୁଳବନରେ ଓଡ଼ିଆ ବିଶ୍ୱବିଦ୍ୟାଳୟର ଶିଳାନ୍ୟାସ

ପୁରୀ ଅଫିସ/ସାକ୍ଷୀଗୋପାଳ, (ଡି.ଏନ.ଏ.)୯।୧୦

ପଞ୍ଚସଖା ଓଡ଼ିଆ ନବଜାଗରଣର ଯେଉଁ ସ୍ୱପ୍ନ ଦେଖୁଥିଲେ ଓଡ଼ିଆ ବିଶ୍ୱବିଦ୍ୟାଳୟ ତାହାକୁ ଆହୁରି ଆଗକୁ ନେବ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାରପ୍ରସାରରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିବ। ଓଡ଼ିଆ ଜାତିର ଚେତନାରେ ଏହା ବିକାଶ ଆଣିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ପଞ୍ଚସଖାଙ୍କ କର୍ମପୀଠ ସତ୍ୟବାଦୀର ବକୁଳବନ ପରିସରରେ ହେବାକୁ ଥିବା ଓଡ଼ିଆ ବିଶ୍ୱବିଦ୍ୟାଳୟର


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଆ ବିଶ୍ୱବିଦ୍ୟାଳୟର ଶିଳାନ୍ୟାସ କରୁଛନ୍ତି।

ମଙ୍ଗଳବାର ଭିତ୍ତିପ୍ରସ୍ତର ସ୍ଥାପନ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଆ ଜାତିର ପ୍ରେରଣାର ଭୂମି ହେଉଛି ସତ୍ୟବାଦୀ। ଏହି ଭୂମିକୁ ମୋର ପ୍ରଣାମ। ଗୋପବନ୍ଧୁ ଜୟନ୍ତୀରେ ଏହି ପବିତ୍ର ମାଟି ସତ୍ୟବାଦୀକୁ ଆସି ମୁଁ ଗର୍ବିତ। ଗୋପବନ୍ଧୁ ଥିଲେ ତ୍ୟାଗ, ସଂଗ୍ରାମ ଓ ସେବାର ପ୍ରତୀକ। ସେ ମାନବ ସମାଜ ପାଇଁ ଗର୍ବ ଓ ଗୌରବ। ତାଙ୍କ ଜାତି ପ୍ରୀତିର ତୁଳନା ନାହିଁ।

ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ କହିଥିଲେ ଯେ, ୧୯୦୯ରେ ବକୁଳବନ ପରିସରରେ ☞ପୃଷ୍ଠା-୧୧


BOSCH
Invented for life
**Opportunity to partner with Europe's No.1 brand**



World's Leading Home Appliance Manufacturer, Bosch, dealing in Washing Machines, Dishwashers,Refrigerators & Kitchen Appliances is looking for suitable Franchisee for Brandstore in Bhubaneshwar and Cuttack

Interested Parties, Kindly contact:
**Mr. Ashutosh Sahoo – 9538721212**
**Mr. Subhankar Banerjee – 8017071010**

Connect with us on facebook.com/khimjilive

*Traditional, classic, modern…*
*welcome the goddess in a different look every day.*



DIVINE PUJA OFFERING
UPTO **30%** OFF
*on gold jewellery MC*

DIVINE PUJA OFFERING
UPTO **20%** OFF
*on diamonds*

*Offer valid from 10th to 30th October 2018*

KHIMJI®
*Jewellers since 1936*

*T&C Apply.

STORES ONLY AT: Bhubaneswar: 621, Saheed Nagar, Janpath | Bhubaneswar: Biju Patnaik International Airport | Bhubaneswar: 309, District Centre,Chandrasekharpur
Berhampur : Venkatraju Arcade, Sano Bazar | Cuttack: 558/834, Cantonment Road | Rourkela: Kesar Bhawan, Main Road | Toll Free: 1800 3131 777 | Open on Sundays

ଜଣକ ଭିତରେ ଅହଂକାର ଥିବା ଯାଏ ସେ କାହାକୁ ଭଲ ପାଇ ପାରିବ ନାହିଁ। ପ୍ରେମ ହିଁ କେବଳ ପ୍ରେମ କରିପାରେ। କେବଳ ପ୍ରେମ ହିଁ ଅହଂକାରକୁ ଜୟ କରିପାରେ। ନିଜକୁ ଦେଇ ନ ଦେବା ଯାଏ ପ୍ରେମ ନାହିଁ।
–ଶ୍ରୀମା



# ବିଶ୍ୱାସ ଅବିଶ୍ୱାସ

କିଛିବର୍ଷ ପୂର୍ବେ ରୁଷିଆ ସହ ମିଶି ଭାରତ 'ବ୍ରହ୍ମୋସ୍' କ୍ଷେପଣାସ୍ତ୍ର ବିକଶିତ କରିଥିଲା। ବ୍ରହ୍ମୋସ୍ ମିଜାଇଲ ରିସର୍ଚ୍ଚ ସେଣ୍ଟରରେ ବିଶ୍ୱର ଦ୍ରୁତଗାମୀ କ୍ରୁଜ୍ ମିଶାଇଲର ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରାଂଶ ପ୍ରସ୍ତୁତ ହୁଏ। ଖବର ମିଳିଛି ଯେ ଏବେ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂସ୍ଥା (ଡିଆର୍‌ଡିଓ)ର ଇଞ୍ଜିନିୟର ନିଶାନ୍ତ ଅଗ୍ରୱାଲ ଗୁପ୍ତଚରଗିରି କରି ଧରାପଡ଼ିଛନ୍ତି। ସେ ବ୍ରହ୍ମୋସ୍ ସମ୍ପର୍କିତ ତଥ୍ୟ ପାକିସ୍ତାନ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇକୁ ଦେଇଥିବା ଅଭିଯୋଗ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ମହାରାଷ୍ଟ୍ରର ନାଗପୁରସ୍ଥିତ ୱାର୍ଦ୍ଧାରୋଡ୍‌ରେ ଥିବା ମିଜାଇଲ ରିସର୍ଚ୍ଚ ସେଣ୍ଟରରେ ସେ ୪ ବର୍ଷ ଧରି କାର୍ଯ୍ୟରତ ଥିଲେ। ତାଙ୍କ ଅଧୀନରେ ସିଷ୍ଟମ ଇଞ୍ଜିନିୟର, ଟେକ୍‌ନିକାଲ ସୁପରଭାଇଜର ଓ ଟେକ୍‌ନିସିଆନ୍‌ଙ୍କୁ ମିଶାଇ ୪୦ ଜଣ କାର୍ଯ୍ୟ କରୁଥିଲେ। ଏହି ଘଟଣା ପୂର୍ବରୁ ଗତମାସରେ ଆଇଏସ୍‌ଆଇ ଏଜେଣ୍ଟଙ୍କୁ ତଥ୍ୟ ଲିକ୍ କରିବା ଅଭିଯୋଗରେ ଉତ୍ତରପ୍ରଦେଶ ଏଟିଏସ୍ ନୋଏଡାରୁ ବିଏସ୍‌ଏଫ୍ ଯବାନ ଅଚ୍ୟୁତାନନ୍ଦ ମିଶ୍ରଙ୍କୁ ଗିରଫ କରିଥିଲା। ହନିଟ୍ରାପ୍(ମହିଳାଙ୍କ ସହ ସମ୍ପର୍କ ସ୍ଥାପନ କରିବା)ରେ ପଡ଼ି ସେ ୟୁନିଟ୍ ଅପରେଶନାଲ ଭଳି ଅନେକ ତଥ୍ୟ ଦେଇଥିଲେ ବୋଲି କୁହାଯାଉଛି। ପ୍ରତିରକ୍ଷା ସଂକ୍ରାନ୍ତ ତଥ୍ୟ ଅନ୍ୟ ଦେଶକୁ ବିଶେଷକରି ପାକିସ୍ତାନକୁ ଦେଇ ଅନ୍ତର୍ଘାତୀ କାର୍ଯ୍ୟ କରୁଥିବା ଅଭିଯୋଗରେ ଅତୀତରେ କେତେଜଣ ଭାରତୀୟଙ୍କୁ ଗିରଫ କରାଯାଇଛି।

ମନେପଡ଼େ ୨୦୧୦ ଏପ୍ରିଲରେ ପାକିସ୍ତାନ ରାଜଧାନୀ ଇସ୍‌ଲାମାବାଦସ୍ଥିତ ଭାରତୀୟ ଦୂତାବାସରୁ ମାଧୁରୀ ଗୁପ୍ତା ନାମକ ଜଣେ ମହିଳା ଅଧିକାରୀ ଗୁପ୍ତଚର କାର୍ଯ୍ୟ କରୁଥିବା ଅଭିଯୋଗରେ ଗିରଫ ହୋଇଥିଲେ। କୁହାଯାଇଥିଲା ଯେ ସେଠାରେ ଥିବାବେଳେ ଜଣେ ସ୍ଥାନୀୟ ପୁରୁଷଙ୍କ ସହ ତାଙ୍କ ସମ୍ପର୍କ ଗଢ଼ି ଉଠିଥିଲା। ଫଳରେ ତାଙ୍କ ମାଧ୍ୟମରେ ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ବିଭିନ୍ନ ତଥ୍ୟ ନେଇଯିବାରେ ସଫଳ ହୋଇଥିଲା। ଇତିମଧ୍ୟରେ ସେହି ମହିଳା ଅଫିସରଙ୍କ ବ୍ୟକ୍ତିଗତ ଜୀବନ ଧ୍ୱଂସ ହୋଇଯାଇଥିବ ଏବଂ ମିଛସତର ବାଦଲ ଭିତରେ ତାଙ୍କ ଜୀବନ ନଷ୍ଟ ହୋଇଯିବଣି। କିନ୍ତୁ କୌଣସି ଭାରତୀୟ ନାଗରିକ ଜାଣିଲାନି ଯେ ଏହା ଆଭ୍ୟନ୍ତରୀଣ ଅଫିସ ରାଜନୀତି ଉପରେ ଆଧାରିତ ଥିଲା ନା ନାହିଁ। ସେହି କର୍ମଚାରୀଙ୍କ ପାଖରେ କେଉଁ ପ୍ରକାରର ଗୋପନୀୟ ତଥ୍ୟ ପାଇବାର ସୁଯୋଗ ଥିଲା ଯାହାକୁ ପାକିସ୍ତାନ ମୂଲ୍ୟବାନ୍ ବୋଲି ମନେକରୁଥିବ, ଯଦି ପାକିସ୍ତାନକୁ କିଛି ତଥ୍ୟ ସେ ଦେଇଥିଲେ, ତେବେ ଉକ୍ତ ତଥ୍ୟ ସାମରିକ ବା ଆଭ୍ୟନ୍ତରୀଣ ସୁରକ୍ଷା ପ୍ରତି କିଛି ବିପଦ ସୃଷ୍ଟି କରୁଥିଲା କି, ତାଙ୍କ ପରେ ସେହି ଆସନରେ କିଏ ବସିଲେ, ସେହି ବ୍ୟକ୍ତିଙ୍କ ଦ୍ୱାରା ସମ୍ପୃକ୍ତ ଗୋପନୀୟତାର ପର୍ଦ୍ଦାଫାଶର ପୁନରାବୃତ୍ତି କରାଇବାରେ କିମ୍ବା ସେହି ସ୍ଥାନକୁ ପଦୋନ୍ନତି ପାଇବାରେ କୌଣସି ସମ୍ପୃକ୍ତି ଥିଲା କି ନାହିଁ ଆଦି ବିଷୟ ଅନ୍ଧାରରେ ରହିଯାଇଛି। ଅନୁରୂପ ଭାବେ ଆଉ ଏକ ଘଟଣାକୁ ଦେଖାଯାଉ । ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ)ର ବୈଜ୍ଞାନିକ ଥିବା ବେଳେ ନାମ୍ବି ନାରାୟଣନ୍ ମଧ୍ୟ ଭାରତୀୟ ଗୋଇନ୍ଦା ସଂସ୍ଥା ଦ୍ୱାରା ସନ୍ଦେହ ଘେରକୁ ଆସି ଗିରଫ ହୋଇଥିଲେ। ହେଲେ ତାଙ୍କ ଦୋଷ ସମ୍ପର୍କରେ କୌଣସି ପ୍ରମାଣ ଅଦ୍ୟାବଧି ମିଳିପାରି ନାହିଁ। ନିକଟରେ ସୁପ୍ରିମକୋର୍ଟ ନାମ୍ବିଙ୍କୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ କେରଳ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କୁ ଶାରୀରିକ ଓ ମାନସିକ ଅତ୍ୟାଚାର କରାଯାଇଥିବା ହେତୁ ଏହି କ୍ଷତିପୂରଣ ଦେବା ଲାଗି କୋର୍ଟ କହିଥିଲେ। ୨୦୧୮ ଅକ୍ଟୋବର ୯ରେ ନାମ୍ବି ଉକ୍ତ କ୍ଷତିପୂରଣ ରାଶି କେରଳ ମୁଖ୍ୟମନ୍ତ୍ରୀ ପି. ବିଜୟନଙ୍କଠାରୁ ଗ୍ରହଣ କରିଛନ୍ତି। ଏଥିରୁ ବୁଝିବାକୁ ହେବ ଯେ, ଅଭିଯୋଗକୁ ପ୍ରମାଣ କରିବା ପାଇଁ ତଥ୍ୟ ପାଇ ନ ଥିବା ସରକାର ଓ ତଦନ୍ତକାରୀ ସଂସ୍ଥା ବ୍ୟାକୁଳ ହୋଇ ନାମ୍ବିଙ୍କୁ ମାରପିଟ ଓ ଅତ୍ୟାଚାର କରିଥିଲେ। ଏହା ହେଉଛି ଏକ ବୋକା ଓ ଅଯୋଗ୍ୟ ତଦନ୍ତକାରୀ ସଂସ୍ଥାର ସ୍ପଷ୍ଟ ଲକ୍ଷ୍ୟ। ନିଜ ତଦନ୍ତରୁ କୌଣସି ପ୍ରମାଣ ପାଇବା ପରିବର୍ତ୍ତେ ଅଭିଯୁକ୍ତଙ୍କୁ ବାଡେଇ କରି ଦୋଷ ସ୍ୱୀକାର ଲାଗି ଏଭଳି ସଂସ୍ଥା ବାଧ୍ୟ କରିଥାନ୍ତି।

ଚିନ୍ତାର ବିଷୟ ହେଉଛି ଭାରତରେ ଗୋଇନ୍ଦା କାର୍ଯ୍ୟ କରି ପ୍ରତ୍ୟେକ ଥର ସଫଳତା ପାଉଛି, ମାତ୍ର ଗୋଟିଏ ଦେଶ। ଚାଇନା, ଆମେରିକା, ରୁଷିଆ କିମ୍ବା ଅନ୍ୟ କୌଣସି ବୃହତ୍ ଦେଶ ଭାରତର ତଥ୍ୟ ଜାଣିବା ପାଇଁ ଆଗ୍ରହୀ ଥିବା ମନେହେଉନାହିଁ। ଆଗ୍ରହୀ ଥାଇ ସଫଳତା ପାଉଥିବା ଏକମାତ୍ର ରାଷ୍ଟ୍ର ହେଉଛି କ୍ଷୁଦ୍ର ପାକିସ୍ତାନ। ଚଢ଼େଇ ଉଡ଼ିଗଲା ପରେ ପଞ୍ଜୁରି ବନ୍ଦ କରିବାର କାର୍ଯ୍ୟଭାର ନେଇଚାଲିଛି ଭାରତୀୟ ଗୋଇନ୍ଦା ସଂସ୍ଥା।

ନିଶାନ୍ତଙ୍କୁ ତାଙ୍କର ଆଭ୍ୟନ୍ତରୀଣ ଅଫିସ ରାଜନୀତି ଶିକାର କରିଥିବାର ଯଥେଷ୍ଟ ସମ୍ଭାବନା ରହିଛି। ତାଙ୍କୁ ନିର୍ଦ୍ଦୋଷ କହିବାର ତଥ୍ୟ କିମ୍ବା କ୍ଷମତା ଆମ ପାଖରେ ନାହିଁ। କିନ୍ତୁ ଅନେକ ସନ୍ଦେହ ସୃଷ୍ଟି କରୁଛି। ମନେରଖିବାକୁ ହେବ ଯେ, ଭାରତର ଏହିସବୁ ଗୋପନୀୟ ଗବେଷଣା ସଂସ୍ଥାଗୁଡିକରେ ବିପୁଳ ଅର୍ଥ ଖର୍ଚ୍ଚ କରାଯାଇଥାଏ। ଖର୍ଚ୍ଚ ହେଉଥିବା ଅର୍ଥ ତୁଳନାରେ କୌଣସି ଆଖିଦୃଶିଆ ସଫଳତା ମିଳୁଥିବାର ଲକ୍ଷ୍ୟ କରାଯାଉନାହିଁ। ସେଥିପାଇଁ ଅଧିକ ସନ୍ଦେହ ହୁଏ ଯେ, ବାସ୍ତବ କାର୍ଯ୍ୟ ପରିବର୍ତ୍ତେ ଏହିସବୁ ସଂସ୍ଥାରେ ଜଘନ୍ୟ ଅଫିସ ରାଜନୀତିର ଗୁରୁତ୍ୱ ରହିଥାଇପାରେ। ସେହି ପେଞ୍ଚ କିମ୍ବା ବଡ଼ ଦୁର୍ନୀତିରୁ କେହି ଯଦି ଦୂରେଇ ରହୁଥିବେ, ତେବେ ସେଭଳି ବ୍ୟକ୍ତି ପଛରେ ସମସ୍ତେ ପଡ଼ିଯିବାର ଆଶଙ୍କା ରହିଛି। ନିଷ୍ଠାପର ଏବଂ ଦାୟିତ୍ୱବାନ କର୍ମଚାରୀଙ୍କୁ ଫସେଇଦେଲେ ଅଯୋଗ୍ୟମାନେ ନିଜର ଅଯୋଗ୍ୟତାକୁ ଘୋଡ଼ାଇ ରଖିଦେଇପାରିବେ।

ଏହାବ୍ୟତୀତ ଏଥିରେ ମିଡିଆ ବା ଗଣମାଧ୍ୟମର ନକାରାତ୍ମକ ଭୂମିକା ରହିଛି। ବିନା ବୁଝାଶୁଝାରେ ଅର୍ଦ୍ଧସତ୍ୟକୁ ଶୁଣି ମିଡିଆ ନିଜେ ନ୍ୟାୟାଳୟ ପାଲଟିଯାଉଛି। 'ତିନି ତୁଣ୍ଡରେ ଛେଳି କୁକୁର' ଭଳି କୁହାଯାଉଥିବା କଥାକୁ ଅସତ୍ୟ ହୋଇଥିଲେ ମଧ୍ୟ ଅନ୍ୟମାନେ ସତ୍ୟ ବୋଲି ଧରିନେଇଥାନ୍ତି। ନିଶାନ୍ତଙ୍କ ଭଳି ଜଣେ ନବବିବାହିତ ଯୁବ ଇଞ୍ଜିନିୟରଙ୍କୁ ବିନା କାରଣରେ ଅଭିଯୁକ୍ତ କରିଦିଆଯାଇଛି ବୋଲି ତାଙ୍କ ପରିବାର ତରଫରୁ ହେଉଥିବା ଦାବି ବିଶ୍ୱାସ ଓ ଅବିଶ୍ୱାସ ଘେରରେ ରହିଯାଉଛି।

# ନିର୍ବାଚନ ଓ ପ୍ରଚାରସର୍ବସ୍ୱ ସରକାର



## ତତ୍ତ୍ୱ ଓ ତର୍କ

ବିମଳ ପ୍ରସାଦ ପାଣ୍ଡିଆ

ପାଞ୍ଚଟି ରାଜ୍ୟରେ ନିର୍ବାଚନର ବିଗୁଲ୍ ବାଜିଲା। ଆଉ କେଇ ମାସ ପରେ ଲୋକ ସଭା ନିର୍ବାଚନର ବିଗୁଲ୍ ବି ବାଜିଯିବ। ନେତା ତ ସେମିତି ଗର୍ଜୁଛନ୍ତି, ଆହୁରି ଗର୍ଜିବେ। ଭଲହୁଅନ୍ତା ଯଦି ଜାତି, ଧର୍ମ, ବ୍ୟକ୍ତିଗତ ସ୍ତରକୁ ଆକ୍ଷେପ ଓ ପ୍ରତିଆକ୍ଷେପ ନ ଖସି ନୀତି ଓ ସ୍ଥିତି ଉପରେ ତର୍କ ହୁଅନ୍ତା। ବିରୋଧୀ ଦଳ ସେଭଳି ତର୍କ ଉପରେ ଜୋର ଦେଲେ ମୋଦି ଓ ଅମିତ୍ ଶାହ ନେତୃତ୍ୱାଧୀନ ଭାରତୀୟ ଜନତା ପାର୍ଟି ଅଡୁଆରେ ପଡ଼ିବା ନିଶ୍ଚିତ।

ପ୍ରଥମେ ଆସିବା ତୈଳ ଦରକୁ। ୨୦୧୩-୧୪ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ତଥା ଭାରତୀୟ ଜନତା ପାର୍ଟିର ସମସ୍ତ ନେତା ପେଟ୍ରୋଲ, ଡିଜେଲ ଦରକୁ ନେଇ ତତ୍କାଳୀନ ମନମୋହନ ସିଂ ସରକାର ଉପରେ ପ୍ରବଳ ଆକ୍ରମଣ କରୁଥିଲେ। ସେତେବେଳେ ଅନ୍ତର୍ଜାତୀୟ ବଜାରରେ ତୈଳ ଦରରେ ନିଆଁ ଲାଗିଥିଲା। ତଥାପି ବି ମୋଦିଙ୍କ ସମେତ ସମସ୍ତେ ଦୋଷ ଉପା ସରକାର ଉପରେ ଲଦିବାରେ ହେଳା କରୁ ନ ଥିଲେ। ଆକ୍ଷେପର ସୀମା ଅତି ତଳକୁ ଖସି ଯାଇଥିଲା। ଭାଜପା ନେତା ତୈଳ ଦରକୁ ଉପା ସରକାରରେ ଥିବା ନେତାଙ୍କ ବୟସ ସହିତ ତୁଳନା କରିବାକୁ ବି ପଛେଇ ନ ଥିଲେ। ୨୦୧୧ ଫେବୃୟାରୀରୁ ୨୦୧୪ ଅଗଷ୍ଟ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ବଜାରରେ ବ୍ରେଣ୍ଟ ତୈଳ ଦର ବ୍ୟାରେଲ ପ୍ରତି ୧୦୦ ଡଲାରରୁ ଅଧିକ ରହିଥିଲା। ଏପ୍ରିଲ ୨୦୧୧ ଓ ମାର୍ଚ୍ଚ ୨୦୧୨ରେ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ୧୩୦ ଡଲାର ଛୁଇଁଥିଲା। ଜୁନ୍ ୨୦୧୪ରୁ ଅନ୍ତର୍ଜାତୀୟ ବଜାରରେ ତେଲ ଦର ହଠାତ୍ ଖସିବା ଆରମ୍ଭ କଲା। ୨୦୧୪ ଜୁନ୍ ୧୯ରେ ୧୧୬ ଡଲାର ଥିଲା। ମାତ୍ର ୬ ମାସରେ ତାହା ୪୫ ଡଲାରକୁ ଖସିଆସିଲା।

କିଛି ଦିନ ସାମାନ୍ୟ ବଢ଼ିବା ପରେ ୨୦୧୬ ଜାନୁୟାରୀ ୧୯ରେ ତାହା ୨୮ ଡଲାରକୁ ଖସି ଆସିଲା। ତୈଳ ଦର କମିଥିବା ବେଳେ ଦିଲ୍ଲୀ ବିଧାନସଭା ନିର୍ବାଚନ ସମୟରେ ମୋଦି ଖସୁଥିବା ତୈଳ ଦରକୁ ନିଜର ଭାଗ୍ୟସହ ଯୋଡି ଜନତାଙ୍କୁ କହିଥିଲେ, ସେ ଭାଗ୍ୟବାନ ଅର୍ଥାତ୍ ତାଙ୍କୁ ଭୋଟ୍ ଦିଅ। ଅନ୍ତର୍ଜାତୀୟ ବଜାରରେ ଦର ଖସିଥିବା ସୁଯୋଗରେ ସରକାର ପେଟ୍ରୋଲ, ଡିଜେଲକୁ ନିୟନ୍ତ୍ରଣମୁକ୍ତ କରିଦେଲେ ଏବଂ ପେଟ୍ରୋଲ ବିକ୍ରୟକାରୀ କମ୍ପାନୀମାନେ ନିଜେ ଦର ସ୍ଥିର କରିବା ଆରମ୍ଭ କଲେ। କେବଳ ପେଟ୍ରୋଲ, ଡିଜେଲକୁ ନିୟନ୍ତ୍ରଣମୁକ୍ତ କଲେନି, ତା' ସହିତ ଏକ୍ସାଇଜ୍ ଡ୍ୟୁଟିକୁ ମଧ୍ୟ ଅନେକ ବଢ଼ାଇଦେଲେ। ଏବେ ଭାରତରେ ତୈଳ ଦର ପ୍ରାୟ ପ୍ରତିଦିନ ନୂଆ ରେକର୍ଡ କରୁଛି। ସେତେବେଳେ ସମସ୍ତ ଦୋଷ ଉପା ସରକାର ଉପରେ ଲଦୁଥିବା ଭାଜପା ନେତାଗଣ ଏବେ ଅନ୍ତର୍ଜାତୀୟ ବଜାରକୁ ଦାୟୀ କରୁଛନ୍ତି। ବ୍ରେଣ୍ଟ ତୈଳ ଦର ଏବେ ଆସି ପହଞ୍ଚିଛି ୮୫ ଡଲାରରେ। ଅନ୍ତର୍ଜାତୀୟ ବଜାରରେ ତୈଳ ଦର ଏବେ ମଧ୍ୟ ଉପା ସରକାର ବେଳର ଦରଠାରୁ ଢେର କମ୍ ଅଛି। କିନ୍ତୁ ଦେଶ ଭିତରେ ତୈଳ ଦରରେ ନିଆଁ ଲାଗିଛି।

ଏବେ ଆସିବା ଭାରତୀୟ ମୁଦ୍ରା 'ଟଙ୍କା'ର ସ୍ଥିତିକୁ। ମନମୋହନ ସିଂ ସରକାରର ଶେଷଆଡକୁ ଟଙ୍କାର ମୂଲ୍ୟରେ ତୀବ୍ର ହ୍ରାସ ହେବା ମୋଦିଙ୍କୁ ଏକ ବଢ଼ିଆ ସୁଯୋଗ ଦେଇଥିଲା। ମୁଦ୍ରାର ବିନିମୟ ହାର ଅନେକ କାରଣ ଉପରେ ନିର୍ଭର କରେ, କିନ୍ତୁ ମୋଦି ଓ ଭାରତୀୟ ଜନତା ପାର୍ଟିର ନେତା ସବୁ ଦୋଷ ଲଦିଥିଲେ ଦିଲ୍ଲୀରେ ଶାସନ କରୁଥିବା ତତ୍କାଳୀନ ସରକାର ଉପରେ। ଏହା ବି କହିବାକୁ ପଛାଇ ନ ଥିଲେ ଯେ 'ଏବେ ଟଙ୍କା ଓ ଉପା ସରକାର ଭିତରେ ନିଜର ଇଜ୍ଜତକୁ ମୁକୁଳା କରିବାର ପ୍ରତିଯୋଗିତା ଲାଗିଛି।' ଏବେ ଟଙ୍କାର ଅବସ୍ଥା ସାଙ୍ଘାତିକ। ପ୍ରତିଦିନ ଏହା ଅଧିକ ଦୁର୍ବଳ ହେବାର ନୂଆ ରେକର୍ଡ କରିଚାଲିଛି। ମନମୋହନ ସିଂ ପ୍ରଥମଥର ପ୍ରଧାନମନ୍ତ୍ରୀ ହେବାବେଳେ ଆମେରିକୀୟ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ଥିଲା ୪୫ଟଙ୍କା। ତାଙ୍କ ୧୦ବର୍ଷର ଶାସନକାଳ ସରିବାବେଳକୁ ଟଙ୍କା ଦୁର୍ବଳ ହୋଇ ୫୯ଟଙ୍କାକୁ ଖସି ଆସିଥିଲା। ଅର୍ଥାତ୍ ୧୦ ବର୍ଷରେ ଟଙ୍କା ୧୪ଟଙ୍କା ଦୁର୍ବଳ ହୋଇଥିଲା। ମୋଦିଙ୍କ ଶାସନକାଳ ୫ବର୍ଷ ବି ପୂରା ହୋଇନାହିଁ। ଟଙ୍କା ତଳିତଳାନ୍ତ ହୋଇ ଡଲାର ତୁଳନାରେ ୭୪ଟଙ୍କାକୁ ଖସିଆସିଲାଣି। ଅର୍ଥାତ୍ ମନମୋହନ ସିଂ ସରକାର ବେଳେ ଟଙ୍କା ଯେତିକି ଦୁର୍ବଳ ହୋଇଥିଲା ମୋଦି ସରକାରର ୫ବର୍ଷରୁ କମ୍ ସମୟରେ ତାହାଠୁ ଅଧିକ ଦୁର୍ବଳ ହେଲାଣି। ହାରାହାରି ହିସାବରେ ମନମୋହନ ସିଂ ସରକାରର ୧୦ବର୍ଷର ଶାସନ ସମୟରେ ଭାରତୀୟ ଟଙ୍କା ଆମେରିକୀୟ ଡଲାର ତୁଳନାରେ ବାର୍ଷିକ ହାରାହାରି ୨.୭% ହାରରେ ଦୁର୍ବଳ ହୋଇଥିଲା ବେଳେ ମୋଦିଙ୍କ ଶାସନରେ ତାହା ବାର୍ଷିକ ହାରାହାରି ୪.୭% ହାରରେ ଦୁର୍ବଳ ହୋଇଚାଲିଛି।

ଭାରତୀୟ ମୁଦ୍ରାର ମୂଲ୍ୟ ହ୍ରାସ ହେବା ପଛରେ ସବୁଠାରୁ ବଡ଼ କାରଣ ହେଲା ଦେଶର 'କରେଣ୍ଟ ଆକାଉଣ୍ଟ'ର ସ୍ଥିତି। କରେଣ୍ଟ ଆକାଉଣ୍ଟ ହେଲା ଦେଶର ରପ୍ତାନି ଓ ଆମଦାନିର ସ୍ଥିତି। ଯଦି ରପ୍ତାନି ତୁଳନାରେ ଆମଦାନି ଅଧିକ ହୁଏ ତେବେ ଏହାକୁ କରେଣ୍ଟ ଆକାଉଣ୍ଟ ଡେଫିସିଟ୍ ବୋଲି କୁହାଯାଏ। ମନମୋହନ ସିଂ ସରକାରର ଶେଷ ବର୍ଷରେ ବା ୨୦୧୪ରେ ଦେଶର ଜିଡିପି ତୁଳନାରେ ଭାରତର କରେଣ୍ଟ ଆକାଉଣ୍ଟ ଡେଫିସିଟ୍ ଥିଲା ୧.୧%। ୨୦୧୫ ମସିହାରେ ତେଲ ଦର ଖସିବା କାରଣରୁ ତାହା ୦.୬%କୁ ଖସିଥିଲା। କିନ୍ତୁ ଦେଶର ରପ୍ତାନି ହାର କମିଚାଲିବା କାରଣରୁ କରେଣ୍ଟ ଆକାଉଣ୍ଟ ଡେଫିସିଟ୍ ପୁଣି ବଢିବାକୁ ଆରମ୍ଭ କଲା ଏବଂ ଗତ ଜୁନ୍‌ରେ ସରିଥିବା ଆର୍ଥିକ ବର୍ଷର ପ୍ରଥମ ତ୍ରିମାସୀରେ ତାହା ୨.୪%କୁ ବଢ଼ି ସାରିଥିଲା। ଜୁନ୍ ପରେ ତେଲ ଦର ଖୁବ୍ ବଢ଼ିଛି ଓ ଟଙ୍କା ଅଧିକ ଦୁର୍ବଳ ହୋଇଛି। ତେଣୁ ସେପ୍ଟେମ୍ବର ତ୍ରିମାସୀରେ କରେଣ୍ଟ ଆକାଉଣ୍ଟ ଡେଫିସିଟ୍ ୨.୮%କୁ ବଢ଼ିସାରିଥିବ ବୋଲି ଆକଳନ ହୋଇଛି। ଏହାର ଅର୍ଥ ହେଲା ଯେ ମନମୋହନ ସିଂ ସରକାରର ଶେଷ ବର୍ଷରେ ପ୍ରାକୃତିକ ତୈଳ ଦର ବର୍ତ୍ତମାନଠାରୁ ଅତିକମ୍‌ରେ ୨୫% ଅଧିକ ଥାଇ ମଧ୍ୟ କରେଣ୍ଟ ଆକାଉଣ୍ଟ ସ୍ଥିତି ଭଲ ଥିଲା। ମୋଦି ସରକାରରେ ତାହା ଭୟଙ୍କର ଭାବରେ ଦୟନୀୟ ହୋଇଛି।

କେବଳ ଭାରତର ଆର୍ଥିକ ସ୍ଥିତି ଖରାପ ହୋଇନାହିଁ, ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବରେ ମୋଦି କରିଥିବା ଅନେକ ଘୋଷଣାର ରୂପାୟନକୁ ନେଇ ମୋଦି ଓ ଏନ୍‌ଡିଏ ସରକାରକୁ ଘେରିବା ପାଇଁ ବିରୋଧୀ ଦଳ ପାଖରେ ଉପାଦାନ ଭରିରହିଛି। ଉଦାହରଣସ୍ୱରୂପ ଯୁବତୀଯୁବକଙ୍କୁ ରୋଜଗାର, କୃଷକଙ୍କ ଲାଭ ଦୁଇଗୁଣ କରିବା, ସ୍ୱଚ୍ଛତା ଓ ପାରଦର୍ଶିତାକୁ ନେଇ ମୋଦି ସରକାରଙ୍କୁ ଘେରିପାରିବେ ବିରୋଧୀ ଦଳ। ଏପରିକି ମୋଦିଙ୍କ ନିଜର କିଛି ଅତି ପ୍ରିୟ ଯୋଜନା ଯଥା– ଗଙ୍ଗା ନଦୀ ସଫେଇ ଓ ନବଜୀବନ, ସ୍ମାର୍ଟ ସିଟି, ବୁଲେଟ୍ ଟ୍ରେନ୍, ସ୍ୱଚ୍ଛ ଭାରତ ଯୋଜନା ଓ ଉଜ୍ଜ୍ୱଳା ଭଳି ଯୋଜନା ସମ୍ପୂର୍ଣ୍ଣ ବିଫଳ ହୋଇଛି ବା ବାଟବଣା ହୋଇସାରିଛି।

କେବଳ ମୋଦି ସରକାର ନୁହେଁ, ଦେଶର ପ୍ରାୟ ସମସ୍ତ ରାଜ୍ୟ ସରକାର ଏବେ ପ୍ରଚାରସର୍ବସ୍ୱ ହୋଇଗଲେଣି। ମୂଳ ତତ୍ତ୍ୱରୁ ଲୋକଙ୍କ ଦୃଷ୍ଟି ଅନ୍ୟଆଡ଼କୁ ଟାଣିବାର ପ୍ରୟାସ ସବୁବେଳେ ଚାଲିଛି। ଅନେକ ଲୋକ ସେହିଭଳି ପ୍ରଚାରରେ ଭ୍ରମିତ ହୋଇଯାଆନ୍ତି। ସତ୍ୟ ବାଟବଣା ହୋଇଯାଏ। କିନ୍ତୁ ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଆଶାଛଡା ହେବା ଉଚିତ ନୁହେଁ। ସରକାରର କଥା ଓ କାର୍ଯ୍ୟକୁ ପରଖି ନିଜର ମତ ଦେବାର ଏହା ଅନେକ ସୁଯୋଗ ଦେଇଥାଏ। ତେଣୁ ପାଞ୍ଚଟି ରାଜ୍ୟର ବିଧାନସଭା ତଥା ଆସନ୍ତା ଲୋକ ସଭା ନିର୍ବାଚନକୁ ଆଶାର ନଜରରେ ଦେଖିବା ସହ ଏହା ମଧ୍ୟ ଆଶା କରିବା ଯେ ରାଜନୈତିକ ଦଳମାନେ ବିଦ୍ୱେଷ ଓ ନକାରାତ୍ମକତାରୁ ଊର୍ଦ୍ଧ୍ୱକୁ ଯାଇ ତର୍କ ଓ ଶାଳୀନତାକୁ ଆପଣାଇବେ।

# ବଡ଼ ଅବିନୀତ ଟୋକା



ଡ. ଉଦ୍ଧବ ଚରଣ ନାୟକ

ବାଜିରାଉତଙ୍କ ବଳିଦାନ ଦିବସରେ ପଦ୍ମଭୂଷଣ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ କବିତାଟି ସ୍ୱତଃ ମନକୁ ଆସେ। ବାଜି ରାଉତ ଓ ଅନ୍ୟ ୬ ଜଣ ଶହୀଦଙ୍କ ସମ୍ପର୍କରେ ସେ ଲେଖିଥିଲେ– ''ଆସ ଲକ୍ଷ୍ମଣ, ଆସ ନଟ, ରଘୁ, ଗୁରି/ ହୁରୁଷି ପଧାନ ବଜାରେ ମରଣ ତୂରୀ।/ଡର କାହିଁ? ଡର କାହିଁ?/ବାର ବରଷର ବାଜି ରାଉତରେ ମରି ନାହିଁ ମରି ନାହିଁ,/କୋଣାରକଠାରୁ ଗଢ଼ିଲା ଦେଉଳ ବଡ଼/ନ ମାନିଲା ରାଜା ଗୁଳି, ବନ୍ଧୁକ ଝଡ଼,/ବଡ଼ ଅବିନୀତ ଟୋକା/ଢେଙ୍କାନାଳର କଙ୍କାଳ ଟାଣି ବଜାଇଲା ଜୟ ଢକା।''

୧୯୩୮ ମସିହା ଅକ୍ଟୋବର ୧୧ ତାରିଖର ପାହାନ୍ତା। ବ୍ରାହ୍ମଣୀ ନଦୀର ନୀଳକଣ୍ଠପୁର ଘାଟ। ଏଇଠି ଟଳି ପଡିଥିଲେ ବାଜି ରାଉତଙ୍କ ସମେତ ୬ ଜଣ ମରାରଥୀ ଗୋରା ଫଉଜ ଆଉ ଢେଙ୍କାନାଳର ଅତ୍ୟାଚାରୀ ରାଜା ଶଙ୍କର ପ୍ରତାପର ପୋଲିସ ଗୁଳିରେ। ସେମାନେ ହେଲେ ନୀଳକଣ୍ଠପୁରର ବାଜି ରାଉତ, ଲକ୍ଷ୍ମଣ ମଲିକ, ନଟ ମଲିକ, ହୁରୁଷି ପ୍ରଧାନ ଆଉ ଭୁବନର ରଘୁ ନାୟକ ଓ ଗୁରି ନାୟକ। ପୋଲିସ ମାଡି ଆସୁଛନ୍ତି ମଢି ଦେଇ ଭୁବନ ଆଡକୁ। ଭୁବନ ପାଖ ନୀଳକଣ୍ଠପୁର ବ୍ରାହ୍ମଣୀ ନଦୀଘାଟ ଦେଇ ଢେଙ୍କାନାଳ ଗଡକୁ ଫେରିଯିବା ପାଇଁ ମସୁଧା କରିଥାଆନ୍ତି। ଏ ଖବର ପାଇ ପ୍ରଜାମଣ୍ଡଳ କର୍ମୀମାନେ ପୂରା ସତର୍କ ପୋଲିସ ଫଉଜକୁ ନୀଳକଣ୍ଠପୁର ଘାଟରେ ପାରି କରାଇ ନ ଦେବା ପାଇଁ। ଅକ୍ଟୋବର ୧୦ ତାରିଖରେ ଭୁବନଠାରେ ଅନୁଷ୍ଠିତ ହେଲା ପ୍ରଜାମଣ୍ଡଳର ଜରୁରୀ ବୈଠକ। ଆଲୋଚନା ହେଲା, ଘାଟରେ ଡଙ୍ଗା ପାଖରେ କେଉଁମାନେ ରହି ଫଉଜର ବାଟ ଓଗାଳିବେ। ବାଜିଆ ପ୍ରଥମେ ହାତ ଟେକି କହିଲା, ମୁଁ ଡଙ୍ଗାରେ ରହି ଜଗିବି। ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ ବାଜିଆର ସାହସ ଦେଖି। ଠିକ୍ ହେଲା ହୁରୁଷି ପ୍ରଧାନ, ରଘୁ ମଲିକ ଓ ଗୁରି ମଲିକ ପ୍ରମୁଖ ବାଜିଆ ସହ ଡଙ୍ଗାରେ ଜଗି ରହିବେ।

ରାତ୍ରିର ତୃତୀୟ ପ୍ରହର। ବାଜିଆ ଅଣ୍ଟାରେ ଡଙ୍ଗା ଦଉଡିକୁ ବାନ୍ଧି ଡଙ୍ଗାକୁ ନେଇ ରଖିଛି କୂଳଠାରୁ ଟିକିଏ ଦୂରରେ। ପାଖରେ ଅଛନ୍ତି ହୁରୁଷି, ରଘୁ, ନଟ ଓ ଗୁରି ପ୍ରମୁଖ ସ୍ୱେଚ୍ଛାସେବୀମାନେ। ଗୋରା ଫଉଜ ମାଡି ଆସିଲେ ଭୁବନ ଦେଇ ନୀଳକଣ୍ଠପୁର ଘାଟକୁ। ଦେଖିଲେ କୂଳରେ ଡଙ୍ଗା ନାହିଁ। ପୋଲିସ ଫଉଜ ରଡିକରି ଡାକ ଛାଡିଲେ। ଆରେ କିଏ ଅଛ। କୂଳକୁ ଡଙ୍ଗା ଆଣ। ବାଜିଆ ଡଙ୍ଗା ଭିତରେ ଥାଇ

୧୧।୧୦ ବାଜି ରାଉତଙ୍କ ବଳିଦାନ ଦିବସ ଉପଲକ୍ଷେ



କହିଲା, ପ୍ରଜାମଣ୍ଡଳର ଆଦେଶ ନାହିଁ ତୁମମାନଙ୍କୁ ଡଙ୍ଗାରେ ପାରି କରିବା ପାଇଁ। ସିପାହିମାନେ କହିଲେ, 'ଆରେ ଜାଣିଛୁ ଆମେ କିଏ? ତୋତେ ଗୁଳିକରି ଉଡେଇ ଦେବୁ।' ବାଜି ଫୁତ୍କାର କରି ତାଚ୍ଛଲ୍ୟଭରା କଣ୍ଠରେ କହିଲା– ଆରେ ରଖ୍ ତୋ ଗୁଳି। ମୁଁ ଜାଣେ ତୁମେମାନେ ହେଉଛ ଅତ୍ୟାଚାରୀ ରାଜାର ଡାହାଳ କୁକୁର। ମା' ଭଉଣୀଙ୍କ ଇଜ୍ଜତ ଲୁଟୁଛ। ନିରୀହ ଲୋକଙ୍କୁ ଗୁଳିକରି ମାରୁଛ। ତୁମେମାନେ ମଣିଷ ନୁହଁ ପଶୁ। ନରରାକ୍ଷସ।

ହଠାତ୍ ଢେଙ୍କାନାଳ ରାଜାର ପୋଲିସ ରବି ସ୍ୱାଇଁ ବାଜିଆ ମୁଣ୍ଡକୁ ଲକ୍ଷ୍ୟ କରି ଚଳାଇଦେଲା ଗୁଳି ଗୁଡୁମ୍... ଗୁଡୁମ୍...। ଗୁଳିବିଦ୍ଧ ସମୟରେ ବାଜିଆ ପାଟିରୁ ବାହାରିପଡିଲା– ପ୍ରଜାମଣ୍ଡଳ କୀ ଜୟ, ମହାତ୍ମା ଗାନ୍ଧୀ କୀ ଜୟ। ସବୁ ଶେଷ। ବାଜିଆ ଟଳିପଡିଲା ସିନା ନଇଁଲା ନାହିଁ। ଧନ୍ୟ ବାଜି। ଧନ୍ୟ ତୁମର ସାହସ। ଅମାନିଆ ପୋଲିସ ଦଳ ଏହାପରେ ଗୁଳି ଚଳାଇ ହତ୍ୟାକଲେ ଡଙ୍ଗାରେ ଥିବା ଅନ୍ୟ ସ୍ୱେଚ୍ଛାସେବୀମାନଙ୍କୁ। ତା' ପରେ ଡଙ୍ଗା ବାହି ଚାଲିଗଲେ। ବ୍ରାହ୍ମଣୀ ରକ୍ତରଞ୍ଜିତ ହୋଇଗଲା ଶହୀଦମାନଙ୍କ ତାଜାରକ୍ତରେ। ପାଖରେ ଥିଲେ ପ୍ରଜାମଣ୍ଡଳର ଅନେକ କର୍ମୀ ତଥା ତୁଙ୍ଗ ନେତା ବୈଷ୍ଣବ ପଟ୍ଟନାୟକ। ସେମାନେ ଶହୀଦମାନଙ୍କର ମରଶରୀରକୁ ନଈରେ ଡଙ୍ଗାରେ ନେଇ ପହଞ୍ଚିଲେ ଜେନାପୁରଠାରେ। ଜେନାପୁରଠାରୁ ଟ୍ରେନ୍ ଯୋଗେ ମରଶରୀରକୁ ନେଇ ପହଞ୍ଚିଲେ କଟକ ମହାନଗରୀରେ। ଶହୀଦମାନଙ୍କ ମରଶରୀର ଦେଖି କଟକ ସହର ସ୍ତବ୍ଧ ହୋଇଗଲା। ସ୍କୁଲ, କଲେଜ, ଦୋକାନ, ବଜାର ଆପେ ବନ୍ଦ ହୋଇଗଲା।

ଶହୀଦମାନଙ୍କ ମରଶରୀରଗୁଡିକୁ ୬ଟି ଖୋଲା ଶଗଡ଼ରେ ରଖି ବାହାରିଲା ଶୋଭାଯାତ୍ରା। ୬ଟି ଯାକ ଶଗଡରେ ଥାଆନ୍ତି ବୀର ବୈଷ୍ଣବ ପଟ୍ଟନାୟକ, ରବି ଘୋଷ, ଗୋବିନ୍ଦ ମହାନ୍ତି, ବିଶ୍ୱନାଥ ପଶାୟତ, ଶରତ ପଟ୍ଟନାୟକ ଓ କବି ସଚ୍ଚି ରାଉତରାୟ। ଶବ ଶୋଭାଯାତ୍ରାର ଆଗେ ଆଗେ ଚାଲିଥାଆନ୍ତି ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସ, ବୈଦ୍ୟନାଥ ରଥ, ନବକୃଷ୍ଣ ଚୌଧୁରୀ, ସୁରେନ୍ଦ୍ର ଦ୍ୱିବେଦୀ, ପ୍ରାଣକୃଷ୍ଣ ପଡିଆରୀ ଓ ଗୌରାଙ୍ଗ ଦାସ ପ୍ରମୁଖ ବିପ୍ଳବୀ ନେତା। ଏହି ଶୋଭାଯାତ୍ରା ଥିଲା ଅଭୂତପୂର୍ବ। ଏହି ଶୋଭାଯାତ୍ରା ପଛୁଆରରେ କେତେଜଣ ବାଳିକା ମଧ୍ୟ ସାମିଲ ହୋଇଥିଲେ। ସେମାନେ ହେଲେ ନିରୁପମା (ଡାକ୍ତର ନିରୁପମା ରଥ), ମନୁ (ଡାକ୍ତର ସରୋଜିନୀ ପ୍ରଧାନ) ଓ ନବକୃଷ୍ଣ ଚୌଧୁରୀଙ୍କ କନ୍ୟା ବୁବୁ (ଉତ୍ତର ଚୌଧୁରୀ ଦେଶାଇ)। ସତୀଚଉରାଠାରେ ଏହି ମୃତଦେହଗୁଡିକୁ ଗୋଟିଏ ଚିତାରେ ଅଗ୍ନି ସଂଯୋଗ କରାଯାଇଥିଲା। ୧୯୨୬ ଅକ୍ଟୋବର ୬ରେ ଜନ୍ମିତ ବାଜିରାଉତ ବିଶ୍ୱ ମୁକ୍ତିସଂଗ୍ରାମର ସର୍ବକନିଷ୍ଠ ଶହୀଦ।

ମୋ–୯୪୩୮୨୯୯୧୭୪

## ଏଇ ଭାରତରେ

ରାଜ୍ୟ ଓ କେନ୍ଦ୍ର ସରକାର ପ୍ରତି ଗାଁକୁ ଢଳେଇ ରାସ୍ତା ନିର୍ମାଣ କରୁଥିବା ବେଳେ କର୍ନାଟକର ଏକ ଗାଁର ରାସ୍ତା ଏବେ ବି ବିପର୍ଯ୍ୟସ୍ତ ହୋଇରହିଛି। କର୍ନାଟକର ବାଙ୍ଗାଲୋର ନିକଟବର୍ତ୍ତୀ ଥୁବାରାହାଲି ଗ୍ରାମରେ ବାସକରନ୍ତି ପାଖାପାଖି ୧୫,୦୦୦ ଲୋକ। ଏଠାରେ ଦୀର୍ଘ ୧୦ବର୍ଷ ହେବ ୨କି.ମି. ରାସ୍ତା ଚଳାଚଳ ପାଇଁ ଅନୁପଯୋଗୀ ହୋଇପଡିଛି। ଏହା ପ୍ରଥମେ ଏକ ଛୋଟ ଗାଁ ଥିଲା। କିନ୍ତୁ ନିକଟବର୍ତ୍ତୀ ଅଞ୍ଚଳରେ ଅନେକ ଟେକ୍ ପାର୍କ ଗଢ଼ିଉଠିବା ଯୋଗୁ ଏଠାରେ ଲୋକସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହି ରାସ୍ତାରେ ବର୍ଷାଦିନେ ଯାତାୟାତ କରିବା ଅତ୍ୟନ୍ତ କଷ୍ଟକର। ଛାତ୍ରୀଛାତ୍ରମାନେ ଏହି ବାଟ ଦେଇ ସ୍କୁଲ୍ ଯିବାରେ କଷ୍ଟ ଅନୁଭବ କରନ୍ତି। ଅକ୍ଟୋବର ୨୭ରେ ସ୍ଥାନୀୟ ଲୋକମାନେ ରାସ୍ତା ମରାମତି ଦାବିରେ ନୀରବ ଶୋଭାଯାତ୍ରା କରିବାକୁ ନିଷ୍ପତ୍ତି ନେଇଛନ୍ତି। ତେବେ ଏହି ରାସ୍ତାର ଭାଗ୍ୟ କେବେ ପରିବର୍ତ୍ତନ ହେଉଛି ତାହା ଦେଖିବାକୁ ବାକି ରହିଛି ବୋଲି ଅଞ୍ଚଳବାସୀ ଆଲୋଚନା କରୁଛନ୍ତି।

## ଚିରନ୍ତନୀ

କେତେ ରୂପ ହେଲାଣି ଅରୂପ
ଏ ଜୀବନ–ପଥେ ରଖି ଦାଗ
ନିକଟ ଯେ ହୋଇଯାଏ ଦୂର
ଖାଲି କରି ମୋର ସୁଖ ପୁର
ନିଭିଯାଏ କେତେ ଅନୁରାଗ
ଏ ଜୀବନ–ପଥେ ରଖି ଦାଗ।
(ପୌଷ–ମଳୟ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୦ ଅକ୍ଟୋବର ୧୯୯୩

- ଆସାମରେ ଉଗ୍ରବାଦୀ ବୋଡୋ ଆଦିବାସୀମାନେ ବୋଙ୍ଗାଇଗାଁଓ ଓ କୋକ୍ରାଝର ଜିଲାର ଅନେକ ଅଣବୋଡୋ ଅଧ୍ୟୁଷିତ ଗାଁରେ ନିଆଁ ଲଗାଇଦେବା ଫଳରେ ୨୦ ଜଣ ଜୀବନ୍ତ ଦଗ୍ଧ।
- ରୁଷିଆର ସମସ୍ତ ୬୬ଟି ଆଞ୍ଚଳିକ ପରିଷଦରେ ବ୍ୟାପକ ସଂସ୍କାର ପାଇଁ ରାଷ୍ଟ୍ରପତି ବୋରିସ ୟେଲଟସିନ ସମଗ୍ର ରୁଷିଆକୁ ନିଜ ନିୟନ୍ତ୍ରଣକୁ ଆଣିଛନ୍ତି।

## ସୁଡୋକୁ

su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 1 | | E | B | | | A | | | 5 | | 0 | |
| D | | | 2 | | | B | | | | | 7 | | | 8 |
| | 0 | | | 4 | 3 | | D | | | | E | | 1 | |
| | E | | | | | 2 | | 4 | 8 | | | | 5 | |
| | | 4 | 8 | | | | 3 | 6 | | | | | D | |
| C | 6 | | | 5 | | | 0 | | | 7 | | | 3 | |
| | 1 | 9 | | | | | | | | 3 | | | | |
| 7 | | 8 | 3 | | 0 | | | | | | | | | |
| | | E | | 1 | D | | 7 | B | 0 | | | | | C |
| | | 3 | | 7 | | | A | 2 | E | 6 | 9 | | | 4 |
| | 9 | | 1 | 6 | | | 5 | | | | | A | 4 | E |
| | | | | A | 9 | | | 3 | 4 | 8 | | 5 | | |
| | D | | 5 | | | C | | | | | 0 | | 9 | |
| | | | B | C | | | | E | | | A | | | 1 |
| | | | | | 2 | | B | 1 | | | | | | |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 7 | 0 | 4 | C | 9 | 1 | 5 | A | 6 | D | 3 | 2 | B | 8 |
| 4 | A | D | 2 | B | 8 | 7 | 6 | E | 5 | 1 | C | 9 | 0 | 3 |
| 8 | 9 | 5 | 1 | 6 | D | 3 | B | 0 | E | 7 | 2 | A | 4 | C |
| 1 | C | 6 | 3 | 5 | A | 9 | 8 | 2 | B | 0 | 4 | E | 7 | D |
| B | 3 | 2 | 7 | 0 | E | D | 4 | C | 9 | 8 | A | 1 | 6 | 5 |
| 5 | 0 | 3 | B | D | 4 | E | 2 | 9 | 1 | 6 | 7 | C | 8 | A |
| 2 | 1 | 8 | 5 | 3 | 6 | A | D | B | 4 | C | E | 0 | 9 | 7 |
| 7 | 6 | C | 8 | 9 | 0 | 4 | 1 | 3 | 2 | A | B | 5 | D | E |
| D | E | 9 | A | 1 | C | 6 | 7 | 5 | 8 | 3 | 0 | B | 2 | 4 |
| A | B | 4 | E | 7 | 2 | C | 0 | 8 | D | 5 | 9 | 6 | 3 | 1 |
| 0 | D | 7 | C | E | B | 5 | A | 6 | 3 | 9 | 8 | 4 | 1 | 2 |
| 3 | 2 | B | 6 | 4 | 1 | 8 | 9 | D | C | E | 5 | 7 | A | 0 |
| C | 8 | 1 | 9 | 2 | 5 | 0 | 3 | 7 | A | 4 | 6 | D | E | B |
| 6 | 5 | A | D | 8 | 7 | 2 | E | 4 | 0 | B | 1 | 3 | C | 9 |
| 9 | 4 | E | 0 | A | 3 | B | C | 1 | 7 | 2 | D | 8 | 5 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଜାରଜ ସନ୍ତାନର ଯତ୍ନ ନେବ କିଏ

ମହାଶୟ,

ଧରିତ୍ରୀର (୨୮।୦୯)ରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ 'ଅପରାଧ ନୁହେଁ ପରକୀୟା ପ୍ରୀତି' ଶୀର୍ଷକ ଖବର ପ୍ରକାଶ ପାଇଛି। ଦଫା–୪୯୭ ମହିଳାଙ୍କୁ ଯୌନ ପସନ୍ଦ ଅଧିକାରରୁ ବଞ୍ଚିତ କରୁଛି, ଏହି ଆଇନ ଏକତରଫା ଓ ଅସାମ୍ବିଧାନିକ, ଅପରାଧମୁକ୍ତ ଘୋଷଣା ହେଲା ବ୍ୟଭିଚାର, ସ୍ୱାମୀଙ୍କ ସମ୍ପତ୍ତି ନୁହନ୍ତି ମହିଳା ଇତ୍ୟାଦି। ଏହି ରାୟ ପରେ ଜଣେ ବିବାହିତା ମହିଳା ପରକୀୟା ପ୍ରୀତି ବଳରେ ନିଜର ଯୌନ ପସନ୍ଦ ଚରିତାର୍ଥ କରିବା ଦ୍ୱାରା ଯଦି ସେ ଗର୍ଭଧାରଣ କରନ୍ତି ତେବେ ସେହି ମହିଳାଙ୍କର ଗର୍ଭାବସ୍ଥାରେ ଓ ପ୍ରସବ ପରେ ମା, ଛୁଆଙ୍କର ଯତ୍ନ ଓ ଚିକିତ୍ସା ଦାୟିତ୍ୱ ନେବ କିଏ ? ଦୁଃସ୍ଥ ସ୍ୱାମୀଟି କାହିଁକି ବା ତାଙ୍କର ଯତ୍ନ ଓ ଚିକିତ୍ସା ଦାୟିତ୍ୱ ନେବେ, ଯେହେତୁ ସେ ଗର୍ଭାଧାନ ପାଇଁ ଦାୟୀ ନୁହନ୍ତି। ପିଲାଟିର ବାପର ପରିଚୟ କ'ଣ ହେବ ? ଯଦି ମହିଳା ପରକୀୟା ପ୍ରୀତିରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ବାପ ବୋଲି ଚିହ୍ନଟ କରନ୍ତି ତେବେ ସେ ବ୍ୟକ୍ତି ତାହା ସ୍ୱୀକାର କରିବେ କି ଏବଂ ଏହା ବିଧିସମ୍ମତ ହେବ କି ? ଓଡିଆରେ ଲୋକ କଥାଟିଏ ଅଛି 'ମନ ଜାଣେ ପାପ– ମା ଜାଣେ ବାପ'। ପରକୀୟା ପ୍ରୀତି ଅପରାଧମୁକ୍ତ ଘୋଷଣା ହେଲା ପରେ ଏହି ଯେଉଁ ସମସ୍ୟା ସୃଷ୍ଟି ହେବ ତାହା ପାରିବାରିକ ଜୀବନକୁ କଳୁଷିତ କରିବ।

ରାଜକିଶୋର ପତି, ଜଗନ୍ନାଥ ବିହାର, ବରମୁଣ୍ଡା, ଭୁବନେଶ୍ୱର

### ମାମଲା ଫଇସଲା ପାଇଁ ୨୦ ବର୍ଷ

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ମାମଲାରେ ପୂର୍ବତନ ଯୁଗ୍ମ ସଚିବଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡ ସହ ଏକ ଲକ୍ଷ ଟଙ୍କା ଜରିମାନା ହେବାର ରାୟ କିଛିଦିନ ତଳେ ପ୍ରକାଶ ପାଇଛି। ଚାର୍ଜଶିଟ ଦାଖଲ ହେବାର ପ୍ରାୟ ୨୦ ବର୍ଷ ପରେ ଚୂଡାନ୍ତ ରାୟ ପ୍ରକାଶ ପାଇବା ନ୍ୟାୟପାଳିକାର କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଗୋଟିଏ ମାମଲା କୋଡିଏ ବର୍ଷ ଚାଲିଲେ ଯଦି ଆସାମୀ ଜୀବିତ ଥାଏ ତେବେ ଜୀବନସାରା ସେ ଅବସର ସମୟରେ ମଧ୍ୟ ମାନସିକ ଯନ୍ତ୍ରଣା ଭୋଗ କରିବା ସହିତ ପରିବାର ମଧ୍ୟ ଅଶାନ୍ତିରେ କାଳାତିପାତ କରିଥିବେ। ଏହିପରି ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ବହୁ ପଦସ୍ଥ ଅଫିସର ଦୋଷୀ ସାବ୍ୟସ୍ତ ହୋଇ ଦଣ୍ଡ ପାଉଥିଲେ ମଧ୍ୟ ଏହାର ବିଶେଷ ପ୍ରଭାବ ଅନ୍ୟ ଲାଞ୍ଚଖୋର ଅଧିକାରୀଙ୍କ ଉପରେ ପଡ଼ିପାରୁ ନାହିଁ।

ହରମୋହନ ମହାନ୍ତି, ଦଣ୍ଡତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




■ଜିଲାପାଳଙ୍କ ସହ ସାତକୋଶିଆ ପ୍ରଜା ସୁରକ୍ଷା ସମିତିର ବୈଠକ

# ସଚେତନ ନ କରି ବାଘ ଛାଡ଼ିବା ଭୁଲ

**ଅନୁଗୋଳ ଅଫିସ, ୯।୧୦**

ସାତକୋଶିଆବାସୀଙ୍କୁ ସଚେତନ ନ କରି ଅଭୟାରଣ୍ୟରେ ବାଘ ଛଡ଼ାଯିବା ଏକ ଭୁଲ ପଦକ୍ଷେପ। ସୁନ୍ଦରୀ ଓ ବନ ବିଭାଗର କାର୍ଯ୍ୟକଳାପକୁ ବିରୋଧ କରୁଥିବା ସାତକୋଶିଆ ପ୍ରଜା ସୁରକ୍ଷା ସମିତି ସହ ମଙ୍ଗଳବାର ଜିଲା ପ୍ରଶାସନର ଅନୁଷ୍ଠିତ ବୈଠକରେ ଜିଲାପାଳ ଅନିଲ କୁମାର ସାମଲ ବନ ବିଭାଗକୁ ଏପରି ଦୋଷାରୋପ କରିଛନ୍ତି। ଏଥିସହ ବାନ୍ଧବଗଡ଼ରୁ ଅଣାଯାଇଥିବା ବାଘୁଣୀକୁ ନେଇ ଲୋକଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଭୟ ଦୂର କରିବା, ଅଭୟାରଣ୍ୟବାସୀଙ୍କ ବିଶ୍ୱାସଭାଜନ ହେବା ଓ ସେମାନଙ୍କୁ ସମସ୍ତ ମୌଳିକ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଜିଲାପାଳ ବନ ବିଭାଗକୁ ପରାମର୍ଶ ଦେଇଛନ୍ତି।



ଜିଲାପାଳଙ୍କ ଅଧ୍ୟକ୍ଷତାରେ ଚାଲିଛି ବୈଠକ।

- ■ସୁନ୍ଦରୀ ଭୟ ଦୂର କରିବାକୁ ପରାମର୍ଶ
- ■ପୂର୍ବ ଭୁଲ ଦୋହରାଇବନି ବନ ବିଭାଗ
- ■ଆକ୍ରମଣାତ୍ମକ ଗତିବିଧି ଦେଖିଲେ କରାଯିବ ଟ୍ରାଙ୍କୁଲାଇଜ
- ■ବାଘ-ମଣିଷ ସୁସମ୍ପର୍କ ଉପରେ ଜିଲାପାଳଙ୍କ ଗୁରୁତ୍ୱ

ଜିଲାପାଳଙ୍କ କୋର୍ଟ ରୁମ୍‌ରେ ଅନୁଷ୍ଠିତ ଏହି ବୈଠକରେ ସମିତି ପକ୍ଷରୁ ୯ ଦଫା ଦାବି ଉପସ୍ଥାପନ କରାଯାଇଥିଲା। ସମିତିର କର୍ମକର୍ତ୍ତାମାନେ କହିଥିଲେ ଯେ, ଲୋକଙ୍କୁ ଅବଗତ କରା ନ ଯାଇ ବାଘ ଛଡ଼ାଯିବାରୁ ସମସ୍ତେ ଭୟଭୀତ ତଥା ଅସୁରକ୍ଷିତ ହୋଇପଡ଼ିଛନ୍ତି। ଏପରି କି ବାଘର ଗତିବିଧି ସମ୍ପର୍କରେ ଜାଣି ପାରୁ ନ ଥିବାରୁ ଲୋକେ ଘରୁ ବାହାରି ପାରୁନାହାନ୍ତି। ଗତମାସ ୧୨ ତାରିଖରେ ହାତୀବାରି ଗ୍ରାମର ମହିଳା କୈଳାସ ସାଇଅଙ୍କୁ ବାଘୁଣୀ ମାରିଦେଇଥିଲା। ଜଣେ ଚାଷୀଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲା। ଆଠମଲ୍ଲିକ ଅଞ୍ଚଳରେ ଗାଈ ଓ ବାଛୁରୀ ମାରି ଖାଇଥିବା ବାଘୁଣୀ ଜଙ୍ଗଲରେ ମୁକ୍ତ ଭାବେ ବୁଲୁଥିବାରୁ ଲୋକମାନେ ଆତଙ୍କିତ ଅବସ୍ଥାରେ ଜୀବନ ବିତାଉଛନ୍ତି। ସନ୍ଧ୍ୟା ହେଲେ ଘରେ ତାଟି କବାଟ ପଡ଼ିଯାଉଛି। ସ୍କୁଲକୁ ପିଲାମାନେ ଯାଉ ନ ଥିବା ବେଳେ ଭୟରେ ଶିକ୍ଷକ ବି ଆସୁନାହାନ୍ତି। ପଡ଼ିଶା ଘରକୁ ଯିବା ପୂର୍ବରୁ ପରିବାର ଲୋକେ ପିଲାଙ୍କୁ ଘରେ ପୂରାଇ ତାଲା ପକାଇ ଦେଉଛନ୍ତି। ତେଣୁ ବାଘୁଣୀ ସୁନ୍ଦରୀକୁ ସାତକୋଶିଆରୁ ସ୍ଥାନାନ୍ତର କରିବାକୁ ସମିତି ସଦସ୍ୟମାନେ ଦାବି କରିଥିଲେ। ଏଥିସହ ଲୋକଙ୍କୁ ମୌଳିକ ସୁବିଧା ସୁଯୋଗ ପ୍ରଦାନ କରା ନ ଯିବା, ବନ୍ୟଜନ୍ତୁ ଫସଲ ହାନି କରୁଥିଲେ ମଧ୍ୟ ସହାୟତା ନ ଦେବା, ରାତିରେ ବିଦ୍ୟୁତ୍ କାଟି ଦିଆଯିବା, ମୋବାଇଲ ନେଟୱର୍କ ନ ରହିବା ଆଦି ସମସ୍ୟା ସମ୍ପର୍କରେ ସଦସ୍ୟମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଭିଯୋଗ ଶୁଣିବା ପରେ ଜିଲାପାଳ ସାମଲ କହିଥିଲେ ଯେ, ବାଘ ଓ ମଣିଷ ଭିତରେ କିପରି ସୁ ସମ୍ପର୍କ ସ୍ଥାପନ ହୋଇପାରିବ ସେଥିପାଇଁ ବନ ବିଭାଗ ଉଦ୍ୟମ କରିବା ଆବଶ୍ୟକ। ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପକୁ ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ ପାଇଁ ପଦକ୍ଷେପ ନିଆଯିବ। ଲୋକଙ୍କୁ କ୍ଷତିପୂରଣ ବାବଦକୁ ମିଳୁଥିବା ଟଙ୍କା ବଢ଼ାଇବାକୁ ସରକାରଙ୍କୁ ଚିଠି ଲେଖାଯିବ। ମୋବାଇଲ ଟାୱାର ନିର୍ମାଣ କରାଯିବ। ସାତକୋଶିଆର ଉନ୍ନୟନ କାର୍ଯ୍ୟ ସହ ୧୫ ଦିନ ମଧ୍ୟରେ ରାଇଗୁଡ଼ାବାସୀଙ୍କ ବକେୟା ପ୍ରାପ୍ୟ ଦେବାକୁ ଅନୁଗୋଳ ତହସିଲଦାରଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବାଘ ବଂଶ ବଢ଼ିଲେ ସାତକୋଶିଆର ସୁନାମ ବଢ଼ିବ ବୋଲି ଜିଲାପାଳ କହିଥିଲେ। ବୈଠକରେ ଉପସ୍ଥିତ ଡିଏଫଓ ଭି. କାର୍ତ୍ତିକ କହିଥିଲେ, ବନ ବିଭାଗ କରିଥିବା ଭୁଲର ପୁନରାବୃତ୍ତି ହେବ ନାହିଁ। ସୁନ୍ଦରୀ ପଛରେ ୨୦ ଲୋକ ଜଗି ରହିଛନ୍ତି। ଏଥିସହ ଟ୍ରାଙ୍କୁଲାଇଜ ଦଳ ମଧ୍ୟ ସେମାନଙ୍କ ସହ ଅଛନ୍ତି। ଲୋକଙ୍କୁ ଆକ୍ରମଣ କରିବାକୁ ସୁନ୍ଦରୀ ନିକଟରେ ଲକ୍ଷଣ ଦେଖାଦେଲେ ତୁରନ୍ତ ତାକୁ ଟ୍ରାଙ୍କୁଲାଇଜ କରାଯିବ। ତେଣୁ ଲୋକମାନେ ନିଶ୍ଚିତରେ ରୁହନ୍ତୁ। ସାତକୋଶିଆରେ ଥିବା ପୁରୁଣା ବାଘୁଣୀ ସୁନ୍ଦରୀକୁ କାହ୍ନାରୁ ଆସିଥିବା ଯୁବ ମହାବଳ ନିକଟକୁ ଯିବାକୁ ଦେଉ ନ ଥିବାରୁ ସେ କଟକ ଜିଲା ନରସିଂହପୁର ଅଞ୍ଚଳକୁ ଚାଲିଯାଇଛି। ସେହିପରି ହାତୀବାରି ଗ୍ରାମର ମହିଳାଙ୍କୁ ବାଘ ମାରି ନ ଥିବା ଏନ୍‌ଟିସିଏ, ଡେରାଡୁନ୍ ଓ ଦିଲ୍ଲୀରୁ ଆସିଥିବା ବିଶେଷଜ୍ଞମାନେ କହିଛନ୍ତି। ଏବେ ବନ ବିଭାଗ ଗାଁ ଗାଁ ବୁଲି ଲୋକଙ୍କୁ ସଚେତନ କରିବ। ବନ୍ୟଜନ୍ତୁ ଓ ଲୋକଙ୍କ ମଧ୍ୟରେ କିପରି ଉତ୍ତମ ସମ୍ପର୍କ ଗଢ଼ି ଉଠିବ ସେ ନେଇ ଚେଷ୍ଟା କରାଯିବ ବୋଲି ଡିଏଫଓ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଯୋଗଦେଇଥିବା ଏସ୍‌ପି ମିତ୍ରଭାନୁ ମହାପାତ୍ର କହିଥିଲେ, ସମ୍ପୃକ୍ତା ମହିଳାଙ୍କୁ ବାଘ ମାରିଛି କି ନାହିଁ, ତାହାର ତଦନ୍ତ ଚାଲିଛି। ଘଟଣାସ୍ଥଳରୁ ଜନ୍ତୁର ସଂଗୃହୀତ ମଳକୁ ସେଣ୍ଟ୍ରାଲ ଫରେନସିକ୍ ଲ୍ୟାବକୁ ପଠାଯାଇଛି। ସେହିପରି ପଞ୍ଝାର ଫଟୋ ମଧ୍ୟ ଚିହ୍ନଟ ପାଇଁ ପଠାଯାଇଛି। ତେଣୁ ରିପୋର୍ଟ ଆସିବା ପରେ ସବୁକିଛି ଜଣାପଡ଼ିବ। ସରକାରୀ ସମ୍ପତ୍ତି ନଷ୍ଟ କରିଥିବା ୨୫୦ ଲୋକଙ୍କ ବିରୋଧରେ ତଦନ୍ତ ଚାଲିଛି। ଏଥିରେ ସମ୍ପୃକ୍ତ ନ ଥିବା ଲୋକଙ୍କ ନାମ ବାଦ ଦିଆଯିବ ବୋଲି ଏସ୍‌ପି କହିଥିଲେ। ବୈଠକରେ ଜିଲା ପ୍ରଶାସନ ସହ ପୋଲିସ, ବନ ବିଭାଗ ଓ ପ୍ରଜା ସୁରକ୍ଷା ସମିତି ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ।



2146.2018A




## ଡ୍ରିଲିଙ୍ଗ ମେଶିନ ଯୋଗୁ ଦୋକାନ ଘର ଫାଟିଲା

**ଛେଣ୍ଡିପଦା,୯।୧୦(ଡି.ଏନ.ଏ.)**

ଛେଣ୍ଡିପଦା-ଅନୁଗୋଳ ୬୩ ନଂ. ରାଜ୍ୟ ରାଜପଥର ଛେଣ୍ଡିପଦା ଥାନା କୋଶଳା ଦୁର୍ଗା ବଜାର ରାସ୍ତା ପାର୍ଶ୍ୱରେ ମଙ୍ଗଳବାର ଏକ ମୋବାଇଲ ଟାୱାର ନିମନ୍ତେ ତାର ବିଛାଇବାକୁ ଡ୍ରିଲିଙ୍ଗ କରାଯାଉ ଥିଲା। ଏହି ସମୟରେ ବ୍ୟବସାୟୀ ବ୍ରଜବନ୍ଧୁ ରାଉଳ, ବିଜୟ ରାଉଳ, ନିରଞ୍ଜନ ସାହୁଙ୍କ ଦୋକାନ ଘର କାନ୍ଥ ଫାଟି ଯାଇଥିଲା। ପରେ ସ୍ଥାନୀୟ ଲୋକେ ଉକ୍ତ ମେଶିନ ଜବତ କରିବା ସହ କାମ ବନ୍ଦ କରାଇଥିଲେ। ଏଥିଯୋଗୁ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ସ୍ଥାନୀୟ ପୋଲିସ ପହଞ୍ଚି କାମ ବନ୍ଦ ରଖିବା ସହ ମେଶିନ ଜବତ କରିଥିଲା। କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କୁ କ୍ଷତିପୂରଣ ଯୋଗାଇଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ଖବରଦାତାଙ୍କୁ ଆକ୍ରମଣ ଅଭିଯୋଗ

**ବଅଁରପାଳ,୯।୧୦(ଡି.ଏନ.ଏ.)**

ବଅଁରପାଳ ଅଞ୍ଚଳର ଜଣେ ଖବରଦାତାଙ୍କୁ ମଙ୍ଗଳବାର ଜନୈକ କଲେଜ ଛାତ୍ର ଆକ୍ରମଣ କରିଥିବା ବଅଁରପାଳ ଥାନାରେ ଅଭିଯୋଗ ହୋଇଛି। କଲେଜ ପରିସରରେ ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ବେଳେ ସମ୍ପୃକ୍ତ ଖବରଦାତା ଜଣକ ଫଟୋ ଉଠାଉଥିବା ଦେଖି ସମ୍ପୃକ୍ତ ଛାତ୍ର ତାଙ୍କୁ ଆକ୍ରମଣ କରିବା ସହ ମୋବାଇଲ ଭାଙ୍ଗି ଦେଇଥିବା ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ପୋଲିସ ତଦନ୍ତ ଚଳାଇଛି।



ଧରିତ୍ରୀ
DHARITRI
ଢେଙ୍କାନାଳ-ଅନୁଗୋଳ, ବୁଧବାର, ୧୦ ଅକ୍ଟୋବର, ୨୦୧୮



# ବିଶ୍ୱ ଜୁନିୟର ମଡେଲ ଇଣ୍ଟରନ୍ୟାଶନାଲରେ ୩ ଟାଇଟଲ୍ ଜିତିଲେ ଶତଭିଷା

ଭୁବନେଶ୍ୱର,୯।୧୦(ବ୍ୟୁରୋ)


ଶତଭିଷା ଦାସ

ଦୁବାଇଠାରେ ଗତ ଅକ୍ଟୋବର ୧ରୁ ୫ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ବିଶ୍ୱ ଜୁନିୟର ମଡେଲ ଇଣ୍ଟରନ୍ୟାଶନାଲ ପ୍ରତିଯୋଗିତାରେ ଭାଗନେଇ ଓଡ଼ିଆ ଝିଅ ଶତଭିଷା ଦାସ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଅନ୍ତର୍ଜାତୀୟ ସ୍ତରର ଏହି ପ୍ରତିଯୋଗିତାରେ ପ୍ରାୟ ୧୮ଟି ଦେଶର ୭୨ଜଣ ପ୍ରତିଯୋଗୀ ଭାଗନେଇଥିଲେ। ଶତଭିଷା ସମସ୍ତଙ୍କୁ ପଛରେ ପକାଇ ପ୍ରଥମେ ସେମିଫାଇନାଲ ଓ ପରେ ଫାଇନାଲ ରାଉଣ୍ଡକୁ ଉତ୍ତୀର୍ଣ୍ଣ ହୋଇ ୩ ଟାଇଟାଲ୍ ହାସଲ କରିଛନ୍ତି। ସେଲ୍ଫ ଇଣ୍ଟ୍ରୋଡକ୍ସନ, ସାକ୍ଷାତ୍କାର ଓ ନୃତ୍ୟ ଆଦି ତିନୋଟି ରାଉଣ୍ଡରେ ସେ ପ୍ରଥମ ଟାଇଟାଲ୍ ହାସଲ କରିଛନ୍ତି। ନିଜର ଏହି ସଫଳତା ପାଇଁ ନୃତ୍ୟଗୁରୁ ସୋନାଲି ମହାପାତ୍ର ଓ ପରିବାର ସଦସ୍ୟଙ୍କୁ ସମସ୍ତ ଶ୍ରେୟ ଦେଇଛନ୍ତି। ବର୍ତ୍ତମାନ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲରେ ୬ଷ୍ଠ ଶ୍ରେଣୀରେ ପଢୁଥିବା ଶତଭିଷା ଆଗକୁ ଅନ୍ତର୍ଜାତୀୟ ସ୍ତରରେ ଲିଟିଲ୍ ମିସ୍ ୟୁନିଭର୍ସରେ ଭାଗନେଇ ଟାଇଟାଲ୍ ଜିତିବା ପାଇଁ ଆଶା ରଖିଛନ୍ତି। ପୂର୍ବରୁ ସେ କେରଳର କାଲିକଟ୍‌ଠାରେ ଅନୁଷ୍ଠିତ ଜୁନିୟର ମଡେଲ ଇଣ୍ଟରନ୍ୟାଶନାଲରେ ଭାଗନେଇ ପିପୁଲ୍ସ ଚଏସ୍ ଟାଇଟଲ୍ ଜିତିବା ସହ ବିଶ୍ୱ ଜୁନିୟର ମଡେଲ ଇଣ୍ଟରନ୍ୟାଶନାଲ ପାଇଁ ମନୋନୀତ ହୋଇଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳଦ୍ୱାରକ୍ଷତ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vani Vihar, BBSR
0674 - 2581337, 9437301790

# ତିତ୍‌ଲି ପାଇଁ ସ୍ୱାସ୍ଥ୍ୟ ବିଭାଗ ପ୍ରସ୍ତୁତ

**ଔଷଧ, ସ୍ୱାସ୍ଥ୍ୟ ସାମଗ୍ରୀ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ**

ଭୁବନେଶ୍ୱର, ୯।୧୦(ବ୍ୟୁରୋ)

ଚଳିତ ମାସ ୯ରୁ ୧୨ ମଧ୍ୟରେ ହେବାକୁ ଥିବା ବାତ୍ୟା 'ତିତ୍‌ଲି'ର ମୁକାବିଲା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ବାତ୍ୟା, ବନ୍ୟା ଇତ୍ୟାଦିର ଉପଯୁକ୍ତ ମନିଟରିଂ ପାଇଁ ଜିଲା ଏବଂ ବ୍ଲକସ୍ତରରେ ନୋଡାଲ ଅଫିସର ନିଯୁକ୍ତି ଲାଗି ସ୍ୱାସ୍ଥ୍ୟ ସଚିବ ପ୍ରମୋଦ କୁମାର ମେହେର୍ଦ୍ଦା ମଙ୍ଗଳବାର ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସତର୍କ କରାଯାଇଥିବା ଜିଲାଗୁଡିକ ହେଉଛି- ଗଞ୍ଜାମ, ଗଜପତି, ପୁରୀ, ଖୋର୍ଦ୍ଧା, ନୟାଗଡ, ଜଗତ୍‌ସିଂହପୁର, କଟକ, କେନ୍ଦ୍ରାପଡା, ଯାଜପୁର, ଭଦ୍ରକ, ବାଲେଶ୍ୱର, ବୌଦ୍ଧ ଓ କନ୍ଧମାଳ।

ପ୍ରତିଟି ମୁହୂର୍ତ୍ତର ମନିଟରିଂ ମୁଖ୍ୟ ନିୟନ୍ତ୍ରଣ କକ୍ଷ ସହ ଯୋଗାଯୋଗ ରଖିବାକୁ କୁହାଯାଇଛି। ପ୍ରତି ଜିଲା ଏବଂ ବ୍ଲକସ୍ତରରେ ନିୟନ୍ତ୍ରଣ କକ୍ଷ ଖୋଲିବ। ଆବଶ୍ୟକ ପରିମାଣର ଔଷଧ ଏବଂ ସ୍ୱାସ୍ଥ୍ୟ ସାମଗ୍ରୀ ସବୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ମହଜୁଦ୍ କରିବା, ଆବଶ୍ୟକତା ଅନୁଯାୟୀ ବିଭିନ୍ନ ସ୍ଥାନରେ ମେଡିକାଲ କ୍ୟାମ୍ପ ଖୋଲିବା ପାଇଁ ସ୍ୱାସ୍ଥ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଗର୍ଭବତୀମାନଙ୍କୁ ନିରାପଦ ମାତୃତ୍ୱ କେନ୍ଦ୍ରକୁ ସ୍ଥାନାନ୍ତରିତ କରିବା ଉପରେ ସ୍ୱାସ୍ଥ୍ୟ ବିଭାଗ ଗୁରୁତ୍ୱାରୋପ କରିଛି। ଆମ୍ବୁଲାନ୍ସ ଯେପରି ବ୍ଲକ ଏବଂ ଜିଲାସ୍ତରରେ ସୁବିଧାରେ ଉପଲବ୍ଧ ହୋଇପାରିବ, ସେଥିପ୍ରତି ମଧ୍ୟ ଦୃଷ୍ଟି ଦିଆଯାଇଛି। ଜିଲାସ୍ତରରେ ସ୍ୱାସ୍ଥ୍ୟ କର୍ମୀ ଯେପରି ଉପଯୁକ୍ତ ଭାବେ ବାଣ୍ଟି ହୋଇ କାମ କରିବେ, ସେଥିପାଇଁ ବିଶେଷ ଦୃଷ୍ଟି ଦେବାକୁ କୁହାଯାଇଛି।

# ଦୁଇ ନକଲି ଭିଜିଲାନ୍ସ ଅଫିସର ଗିରଫ

ବ୍ରହ୍ମପୁର ଅଫିସ୍, ୯।୧୦


ଜିତୁ ପଣ୍ଡା ଶିବ ପ୍ରସାଦ ଚୌଧୁରୀ

- ବାଇକ୍, ଚେକ୍ ଜବତ
- ଗିରଫଙ୍କ ମଧ୍ୟରେ ଜଣେ ଫରେଷ୍ଟ ଗାର୍ଡ

ବ୍ରହ୍ମପୁର ଗୋଳନ୍ଥରା ପୋଲିସ ମଙ୍ଗଳବାର ୨ ନକଲି ଭିଜିଲାନ୍ସ ଅଫିସରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଦ୍ୱୟ ହେଲେ ବ୍ରହ୍ମପୁର ହରିଡାଖଣ୍ଡି ଅଞ୍ଚଳର ଫରେଷ୍ଟ ଗାର୍ଡ ଶିବ ପ୍ରସାଦ ଚୌଧୁରୀ ଏବଂ ଫାଷ୍ଟ ଗେଟ୍ ନାରାୟଣୀ ନଗରର ଜିତୁ ପଣ୍ଡା। ସେମାନଙ୍କ ନିକଟରୁ ୧୮ ହଜାର ଟଙ୍କାର ଏକ ଚେକ୍ ଏବଂ ଗୋଟିଏ ନମ୍ବର ବିହୀନ କଳା ରଙ୍ଗର ବୁଲେଟ ଜବତ କରାଯାଇଛି।

ପ୍ରକାଶଯେ, ଗିରଫ ଦୁଇ ଅଭିଯୁକ୍ତ କିନିଷି ଗ୍ରାମସ୍ଥିତ ଏକ ପ୍ଲାଇଉଡ୍ ଦୋକାନକୁ ଯାଇ ସେଠାରେ ନିଜକୁ ଭିଜିଲାନ୍ସ ବିଭାଗ ଅଧିକାରୀ ବୋଲି ପରିଚୟ ଦେଇ ଥିଲେ। ଆବଶ୍ୟକ କାଗଜପତ୍ର ନ ଥିବା ଦର୍ଶାଇ କେସ କରିବାକୁ ଧମକ ଦେଇଥିଲେ। ପରେ ମାମଲା ରୁଜୁ ନ କରିବା ପାଇଁ ମାଲିକ ଗଣେଶ ଜେନାଙ୍କଠାରୁ ନଗଦ ୧୩ ହଜାର ଟଙ୍କା ଏବଂ ୧୮ ହଜାର ଟଙ୍କାର ଏକ ଚେକ୍ ନେଇ ଫେରିଥିଲେ। ଦୋକାନ ମାଲିକ ଆବଶ୍ୟକ କାଗଜପତ୍ର ନ ଥିବାରୁ ଭୟଭୀତ ହୋଇ ଅର୍ଥ ଦେଇ ଦେଇଥିଲେ। ପରବର୍ତ୍ତୀ ସମୟରେ ସେମାନେ ଭିଜିଲାନ୍ସ ବିଭାଗର ଅଧିକାରୀ ହୋଇ ନ ଥିବା ଜାଣିବା ପରେ ଗୋଳନ୍ଥରା ଥାନାକୁ ଯାଇ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ନଂ. ୧୮୫/୧୮ରେ ଏକ ମାମଲା ରୁଜୁ କରି ଉଭୟ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଆଇଆଇସି ଆଲୋକ ଜେନା ସୂଚନା ଦେଇଛନ୍ତି। ଗିରଫ ଶିବ ଦିଗପହଣ୍ଡି ବନାଞ୍ଚଳରେ ଫରେଷ୍ଟ ଗାର୍ଡ ଭାବେ କାର୍ଯ୍ୟରତ ଅଛନ୍ତି। ଏଭଳି ଅଭିଯୋଗରେ ପୂର୍ବରୁ ସାମନ୍ତିଆପଲ୍ଲୀ ବନାଞ୍ଚଳରେ କାର୍ଯ୍ୟରତ ଥିବା ସମୟରେ ଶିବଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଥିଲା ବୋଲି ଡିଏଫ୍‌ଓ ଆଶିଷ ବେହେରା ସୂଚନା ଦେଇଛନ୍ତି। ସେହିପରି ବର୍ତ୍ତମାନ ସମସ୍ତ ଘଟଣାର ବିଧିବଦ୍ଧ ତଦନ୍ତ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଗିରଫ ଫରେଷ୍ଟ ଗାର୍ଡ ଜଣକ ନିଜକୁ ଥାନାଧିକାରୀ ବୋଲି ପରିଚୟ ଦେଇ ମଧ୍ୟ ବିଭିନ୍ନ ଅନୁଷ୍ଠାନ ରୁ ଚାନ୍ଦା ଆଦାୟ କରୁଥିଲେ ବୋଲି ଥାନା ପକ୍ଷରୁ ସୂଚନା ଦିଆଯାଇଛି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦେବା ଦେବା କହୁଥିବା
ନ ଦେବା ନାହିଁ ନ କରିବା ।**

କିଛି ବ୍ୟକ୍ତି ଧନ ନେଲେ ଦେବାର ନାଁ ଧରି ନ ଥାନ୍ତି। ଆଜି ଦେବା କାଲି ଦେବା କହି ଦିନ ଗଡ଼େଇ ଚାଲିଥାନ୍ତି। ପରନ୍ତୁ ତୁଣ୍ଡ ବା ପାଟିରୁ ତାଙ୍କର କେବେ ଧନ ନ ଫେରାଇବା କଥା ଶୁଣାଯାଇ ନ ଥାଏ। ଦେବା ଦେବା କହି ନ ଦେଉଥିବା ବ୍ୟକ୍ତି ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦିନେ ସାଧି ଆପେ ମରି,
ନିତି ସାଧି ପରେ ମାରି ।**

କୁସ୍ତି, କସରତ ଓ ବ୍ୟାୟାମ କରିବା ଦ୍ୱାରା ଶରୀର ସୁସ୍ଥ ନୀରୋଗ ରହିଥାଏ। ନିୟମିତ ଭାବେ ଅଭ୍ୟାସ କଲେ ଦେହ ଓ ମନ ଫୂର୍ତ୍ତି ହେବା ସହ ଶରୀର ଅପେକ୍ଷାକୃତ ଟାଣ ବା ମଜଭୁତ ହୋଇଯାଇଥାଏ। ପରନ୍ତୁ ସବୁଦିନେ ନକରି ଦିନେ ଅଧେ କରିବସିଲେ ଲାଭ ବଦଳରେ ଅଧିକ କ୍ଷତି ଘଟିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ହୋଟେଲରେ ଅଣଓଡ଼ିଆ ଯୁବକଙ୍କ ଆତ୍ମହତ୍ୟା

ଭୁବନେଶ୍ୱର, ୯।୧୦(ବ୍ୟୁରୋ)-

କ୍ୟାପିଟାଲ ଥାନା ଅନ୍ତର୍ଗତ ଅଶୋକ ନଗରରେ ଥିବା ରଙ୍ଗିଲା ହୋଟେଲରେ ଜଣେ ଅଣଓଡ଼ିଆ ଯୁବକ ଆତ୍ମହତ୍ୟା କରିଛନ୍ତି। ମଙ୍ଗଳବାର ପୋଲିସ ଉକ୍ତ ହୋଟେଲରୁ ଯୁବକଙ୍କ ମୃତଦେହ ଜବତ କରିଛି। ତାଙ୍କ ପରିଚୟ ମିଳି ନ ଥିବାବେଳେ ଘର ତାମିଲନାଡୁ ବୋଲି ଜଣାପଡିଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି।

ସୂଚନା ଅନୁଯାୟୀ, ଯୁବକ ଜଣକ ଦୁଇଦିନ ହେବ ଉକ୍ତ ହୋଟେଲ ରହିଥିଲେ। ସବୁଦିନ ସେ ଖାଇବା ପରେ ବାହାରକୁ ଯାଆନ୍ତି। ହେଲେ ମଙ୍ଗଳବାର ଅପରାହ୍ନରେ ଯୁବକ ଜଣକ ରହୁଥିବା ରୁମ୍ ବନ୍ଦ ଥିଲା। ହୋଟେଲର କର୍ମଚାରୀ ତାଙ୍କୁ ଡାକିଥିଲେ ମଧ୍ୟ ସେ ଶୁଣି ନ ଥିଲେ। ଶେଷରେ ହୋଟେଲ କର୍ମଚାରୀ ପୋଲିସକୁ ଜଣାଇଥିଲେ। ପୋଲିସ କବାଟ ଲକ୍ ତାଡିବା ପରେ ଝୁଲନ୍ତା ଅବସ୍ଥାରେ ତାଙ୍କ ମୃତଦେହ ମିଳିଥିଲା। ଯୁବକ ଜଣକ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିବା ପୋଲିସ କହିଛି। ଆତ୍ମହତ୍ୟାର କାରଣ ଜଣାପଡି ନାହିଁ। ସୋମବାର ଯୁବକ ଜଣକ ମାନସିକ ଚାପରେ ଥିଲା ଭଳି ଜଣାପଡୁଥିଲେ ବୋଲି ହୋଟେଲ କର୍ମଚାରୀ କହିଛନ୍ତି।


# CLASSIFIED DISPLAY

ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

SPOT ADMISSION
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
CT(D.El.Ed)
Equivalent to Board of Secondary Education Odisha
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

Dhanlaxmi Finance Services
ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od5348dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ସବୁ ପ୍ରକାର ଋଣ 72 ଘଣ୍ଟାରେ ପାଆନ୍ତୁ ।
(1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ)
1% ସୁଧ, 40% ରିହାତି।
74/8, Taaran, Punjab
dhanlaxmifin1991@gmail.com
Call Now: 09193648126

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ-
7991052261
7991052595

LOAN
ଓଡ଼ିଶାର ସମସ୍ତ ଜିଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

ଡିଜିଟାଲ ଉପକରଣ
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଗ୍ରୁପ୍। ନିଜର ଖାଲି ଜମି, ଛାତ, ଘର, କ୍ଷେତ ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ। ଅଗ୍ରିମ ୨୦,୦୦,୦୦୦, ଭଡ଼ା ୨୦,୦୦୦ + 20,000ର ଅନ୍ୟାନ୍ୟ ସୁବିଧା। କୋର୍ଟ ଏଗ୍ରୀମେଣ୍ଟ ।
ନୋଟ୍:- (ଇଚ୍ଛୁକ ବ୍ୟକ୍ତି ଫୋନ୍ କରନ୍ତୁ)
8810506876
8445779128
Address: House No.2, New Town, St. No.6, Delhi 110053

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

ଆଦର୍ଶ ଫାଇନାନ୍ସ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ, ପରେ ଦାମ୍
ଦୀପାବଳି ଧମାକା
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ, ଚାଷକାର୍ଯ୍ୟ, ଏଗ୍ରିକଲ୍‌ଚର
ସବୁ ପ୍ରକାର ଋଣ ୨୪ ଘଣ୍ଟାରେ ପାଆନ୍ତୁ
୨% ସୁଧ - ୪୦% ରିହାତି
୮୫ ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
କମ୍ କାଗଜପତ୍ର କାମ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
168, Sector-30, Jagatpura, Jaipur, Rajasthan
8979448754
8979448494

ସାକ୍ଷୀ ଫାଇନାନ୍ସ
ଋଣ ଋଣ ଋଣ
ସରକାରୀ ଜନକଲ୍ୟାଣ ଋଣ ମାତ୍ର 24 ଘଣ୍ଟାରେ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍‌ଚର, ସୁଧ 1% ବାର୍ଷିକ, ରିହାତି 45%
(ମହିଳାଙ୍କ ପାଇଁ ବିଶେଷ ରିହାତି)
At: 208, Jiwan Park, Delhi - 110059
Mob: 07310616779

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରନ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ
ଋଣ ୯୦୦/-ରେ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339
Office Add.: 102, Dalamal House, 3rd Floor, Nariman Point, Mumbai

Urbasi Oil & Capsules
ନାରୀର ସୌନ୍ଦର୍ଯ୍ୟତା ପାଇଁ ବ୍ୟବହାର କରନ୍ତୁ।
Bhaskar's semegra (Oil & Capsules)
ଶକ୍ତି ବଢ଼ାଇ ଉତ୍ତେଜନା ଆଣି ମସ୍ତିରେ ରଖେ
ସବୁଠାରୁ ଉତ୍ତମ ଓ ସବୁଠାରୁ ଶସ୍ତା
60 Capsul only Rs. 270/-
ସମସ୍ତ ଔଷଧ ଦୋକାନରେ ଉପଲବ୍ଧ।
Stockist-Odisha Drug Distributor
Cell: 7873239883

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7750921669
8337956019

SMS JOB
Send SMS. Earn Money
JEEO GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ
୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Bike + 7500/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଆନ ସେଠି ହେବ
A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସ୍‌ମାନ୍
21 ଦୈବିକ ବିଦ୍ୟାରେ ନିପୁଣ
9873361894, 9654673664

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
DHANLAXMI BANK LIMITED
(Regd. No. - U6519TN1988 LC008555)
ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଇଟାଭାଟି, ପଶୁପାଳନ, କୃଷି ଏବଂ ସମସ୍ତ ଋଣ ଘରେ ବସି ପାଆନ୍ତୁ ମାତ୍ର ୩ରୁ 4 ଦିନରେ 2% ସୁଧ 40% ରିହାତି।
H-33, ARODA, GREATER NOIDA
CALL NOW
7830746256
8859690149

Vasundra Financial Services
(Govt. Registered)
(Regd. No.:- odhCPR0533821)
ଆଧାରକାର୍ଡ, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଗ୍ରୁପ୍ ଋଣ, କୃଷି ଏବଂ ସବୁ ପ୍ରକାର ଋଣ ସହଜ କିସ୍ତିରେ ସରକାରୀ ବ୍ୟାଙ୍କ ଦ୍ୱାରା ଘରେ ବସି ପାଆନ୍ତୁ 2% ସୁଧ 50% Govt. Subsidy. ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ ।
Mahatab Nagar, Bulandshahr, Sikandrabad, U.P.
8295842976
8295842985

TOWER VISION
(GOVT. APPROVED)
ଭାରତର ନଂ.1 କମ୍ପାନୀ
କମ୍ପାନୀ ଦ୍ୱାରା ସବୁ କମ୍ପାନୀର 3G/4G ଉପକରଣ ଲଗାନ୍ତୁ ।
ଅଗ୍ରିମ 60 ଲକ୍ଷ, ଭଡ଼ା 40,000/-, ଅନ୍ୟାନ୍ୟ ଲାଭ 20,000/- ପାଆନ୍ତୁ ନିଜ ଜମି, ଛାତ, ପ୍ଲଟ୍‌କୁ ଭଡ଼ାରେ ଦେଇ + ବାଇକ୍ + ବୀମା (ଏଜେଣ୍ଟ ଆମନ୍ତ୍ରିତ)
08818956614
09753490869
ରାମ ନଗର ନାରନୌର, ହରିୟାଣା

ଶୁଭ ଜନଲକ୍ଷ୍ମୀ ଫାଇନାନ୍ସ
ଆବଶ୍ୟକତା ଅଛି ଶୁଭ ଜନଲକ୍ଷ୍ମୀ ଫାଇନାନ୍ସ କମ୍ପାନୀକୁ ଓଡ଼ିଶାରେ ଏଜେଣ୍ଟ, ଡିଲର ପଏଣ୍ଟ, ମାଇକ୍ରୋ ଫାଇନାନ୍ସ, ଫିଲଡ୍ ଅଫିସରମାନଙ୍କର, Fixed Salary- 25,000 to 35,000 + କମିଶନ, ଲୋନ, ପର୍ସନାଲ ଲୋନ, ଲୋନ୍ ଏଗ୍ରେଷ୍ଟ ପ୍ରପର୍ଟି ସଂପର୍କ କରନ୍ତୁ।
D2/A, Ambedkar Bhawan Near Paribartan Square, Lucknow, Delhi
9958114799
9667313428

INDIA'S NO.1 Govt. Approved SLT Company
ଦ୍ୱାରା ଖାଲି ଜମି, ଛାତ, ପ୍ଲଟରେ ସବୁ କମ୍ପାନୀର ଡିଜିଟାଲ ଉପକରଣ ଲଗାନ୍ତୁ ।
ଅଗ୍ରିମ - 55 ଲକ୍ଷ, ଭଡ଼ା - 65000/- + ଅନ୍ୟାନ୍ୟ ସୁବିଧା + 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ + ବୀମା ମାଗଣା।
(ଦ୍ରଷ୍ଟବ୍ୟ- ସରକାରଙ୍କ ଦ୍ୱାରା 780 ଡିଜିଟାଲ ଉପକରଣ ଲଗାଇବାର ଅନୁମତି)
8750226673
9667741675
T-51, Gali No.8, Gautampuri, Delhi-110053

Dhanlaxmi Finance Services
ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od6789dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ଗ୍ରୁପ୍ ଋଣ 72 ଘଣ୍ଟାରେ ପାଆନ୍ତୁ ।
1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ ମାତ୍ର 1% ସୁଧ, 40% ରିହାତି।
For more details contact:
9193648139
SATAPADA, PURI, ODISHA - 752011

T.C.F. FINANCE
ଋଣ ମାତ୍ର 6 ଘଣ୍ଟାରେ ।
ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍, ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
08418002678
08859668547
39, Patel Nagar, Saharanpur Road, Dehradun - 248001

SAGAR FINANCE
ଋଣ ଟଙ୍କା ଡାଇରେକ୍ଟ ଟ୍ରାନ୍ସଫର୍ ହେବ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ୭୨ ଘଣ୍ଟା ମଧ୍ୟରେ । ପର୍ସନାଲ, ପ୍ରପର୍ଟି, ଏଗ୍ରିକଲଚର୍, ମାର୍କସିଟ ଭଳି ସମସ୍ତ ପ୍ରକାର ଋଣ ବର୍ଷକୁ 3% ସୁଧରେ ଉପଲବ୍ଧ । ( ଏଜେଣ୍ଟ ଆମନ୍ତ୍ରିତ )
34/5, 1st Floor, Palam Vihar, Gurugram, Haryana
8920535530
8826532451



TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


CTL Digital Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - ୨୦ ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ବାଇକ୍ + ମାସିକ 30,000 ର ଅନ୍ୟାନ୍ୟ ସୁବିଧା। ମହିଳାଙ୍କ ପାଇଁ ବିଶେଷ ରିହାତି । ଏଗ୍ରୀମେଣ୍ଟ ଦେୟ 1750/-
ଠିକଣା:- ମୁଖ୍ୟ କାର୍ଯ୍ୟାଳୟ
ଜି-7୨, ଆଦର୍ଶ ନଗର, କ୍ରୋଲବାଗ
Contact :- 7894865978, 7894865768

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ
ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସଇତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବା କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି?
କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୂରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନଚାହିଁ ବିବାହ, ବ୍ୟବସାୟ, ଗୃହକ୍ଲେଶ, କିୟା କରାୟା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ, ମୁଠକରଣୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ସମାଧାନ ।
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ)
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଛି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

## ସଂକ୍ଷେପରେ

### ଆଇନଜୀବୀଙ୍କ ଆନ୍ଦୋଳନ
## ମୁଖ୍ୟ ଶାସନ ସଚିବ, ଡିଜିପିଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

**କଟକ ଅଫିସ, ୯।୧୦:** ମାଡ଼ ଘଟଣାକୁ ନେଇ ପୋଲିସ ଓ ଆଇନଜୀବୀଙ୍କ ମଧ୍ୟରେ ଉପୁଜିଥିବା ବିବାଦର ସମାଧାନ ହୋଇପାରୁନି। ଅଗଷ୍ଟ ୨୯ରୁ ଆଇନଜୀବୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଥିବାରୁ ରାଜ୍ୟରେ ନ୍ୟାୟିକ ବ୍ୟବସ୍ଥା ସମ୍ପୂର୍ଣ୍ଣ ଅଚଳ ହୋଇପଡିଛି। ଏପରିକି ଆନ୍ଦୋଳନରୁ ଓହରିଯିବା ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେବା ପରେ ମଧ୍ୟ ଆଇନଜୀବୀମାନେ ନିଜ ଜିଦ୍‌ରେ ଅଟଳ ରହିଛନ୍ତି। ଏ ପରିସ୍ଥିତିରେ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ଘଟଣା ସମ୍ପର୍କରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଓ ମୁଖ୍ୟ ଶାସନ ସଚିବଙ୍କଠାରୁ ରିପୋର୍ଟ ତଲବ କରିଛନ୍ତି। ଆସନ୍ତା ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବା ପାଇଁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଥାଉକି, ଗତ ଅଗଷ୍ଟ ୨୮ ତାରିଖ ସନ୍ଧ୍ୟାରେ ହାଇକୋର୍ଟ ଆଡ୍‌ଭୋକେଟ ଦେବୀ ପ୍ରସାଦ ପଟ୍ଟନାୟକଙ୍କୁ ଚାଉଳିଆଗଞ୍ଜ ପୋଲିସ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ଆଇନଜୀବୀମାନେ କାର୍ଯ୍ୟବନ୍ଦ କରି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏହି ଆନ୍ଦୋଳନକୁ ଇତିମଧ୍ୟରେ ୧ମାସ ୧୦ ଦିନ ବିତିଯାଇଛି। ବୁଧବାର ହାଇକୋର୍ଟ ବାର୍ ଆସୋସିଏଶନର ବୈଠକ ପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି କୁହାଯାଇଛି।

## 'ବାଲେଶ୍ୱର ଜନଜାଗରଣ ଯାତ୍ରାର ପ୍ରଭାବ ସାରା ରାଜ୍ୟକୁ ବ୍ୟାପିବ'

**ଭୁବନେଶ୍ୱର, ୯।୧୦(ବ୍ୟୁରୋ):** ବାଲେଶ୍ୱର ଜିଲାରେ କଂଗ୍ରେସ ପକ୍ଷରୁ ହୋଇଥିବା ଜନଜାଗରଣ ଯାତ୍ରାର ପ୍ରଭାବ ସାରା ରାଜ୍ୟକୁ ବ୍ୟାପିବ। ଓଡ଼ିଶା ଦାୟିତ୍ୱରେ ଥିବା ଏଆଇସିସି ସମ୍ପାଦକ ଜି. ରୁଦ୍ରରାଜୁ ଏନେଇ ମଙ୍ଗଳବାର ଦୃଢୋକ୍ତି ପ୍ରକାଶ କରିଛନ୍ତି। ସେ କହିଛନ୍ତି ବାଲେଶ୍ୱର ଜିଲାର ଜନଜାଗରଣ ଯାତ୍ରାରେ ଅର୍ଥର ପ୍ରଲୋଭନ ଦେଖାଇ ଜନସମାଗମ ହୋଇ ନ ଥିଲା। ସ୍ୱତଃପ୍ରବୃତ୍ତ ଭାବେ ଲୋକେ ଏହି ଜନଜାଗରଣ ଯାତ୍ରାରେ ଭାଗ ନେଇଥିଲେ। ରାଜ୍ୟରେ ଦୀର୍ଘଦିନରୁ ଶାସନ କରୁଥିବା ବିଜେଡି ଏବଂ କେନ୍ଦ୍ରରେ ନେତୃତ୍ୱାଧୀନ ଭାଜପା ନିଜର ଲୋକପ୍ରିୟତା ହରାଇଛି। ରାଜ୍ୟରେ ଆଗକୁ ହେବାକୁ ଥିବା ଉଭୟ ବିଧାନସଭା ଓ ଲୋକସଭା ନିର୍ବାଚନରେ କଂଗ୍ରେସ ହିଁ ପ୍ରକୃତ ବିକଳ୍ପ ହୋଇପାରିବ। ସେହିପରି ବାଲେଶ୍ୱର ଲୋକସଭା ଆସନ ଏବଂ ଜିଲାରେ କଂଗ୍ରେସର ପ୍ରଦର୍ଶନ ସମ୍ପର୍କରେ ରୁଦ୍ରରାଜୁ କହିଛନ୍ତି, ବାଲେଶ୍ୱର ଜିଲାରେ କଂଗ୍ରେସ ହିଁ ବିକଳ୍ପ। ଭୋଗରାଇ ଓ ଏହାର ଆଖପାଖରେ ହୋଇଥିବା ସଭାରେ ବିପୁଳ ଜନସମର୍ଥନ ତା'ର ପ୍ରମାଣ। ସମସ୍ତ ବରିଷ୍ଠ ଏବଂ ଯୁବ ବର୍ଗ ଏକାଠି ହୋଇ ଆଗାମୀଦିନରେ କାର୍ଯ୍ୟ କରିବେ ବୋଲି ରୁଦ୍ର ରାଜୁ କହିଛନ୍ତି।

### ଅଜଣା ରୋଗ
## ୨ ଶିଶୁ ମୃତ, ୧୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

**ମାଲକାନଗିରି,୯।୧୦(ଡି.ଏନ.ଏ.):** ମାଲକାନଗିରି ଜିଲାରେ ଦେଖାଦେଇଛି ଅଜଣା ରୋଗ ଭୟ। ଏହି ରୋଗ ୨ ଜଣ ଶିଶୁଙ୍କ ଜୀବନ ନେଲାଣି। ୧୦ରୁ ଅଧିକ ଶିଶୁ ଆକ୍ରାନ୍ତ ହୋଇଛନ୍ତି। ତେବେ ଏହାକୁ ନିମୋନିଆ ବୋଲି କୁହାଯାଉଛି। ସଦର ବ୍ଲକ ଅନ୍ତର୍ଗତ ସିନ୍ଦ୍ରିମାଳ ପଞ୍ଚାୟତର କେନ୍ଦୁଗୁଡ଼ା ଗ୍ରାମରେ ଏପରି ଦୁଃଖଦ ଘଟଣା ଘଟିଛି। ଖବରରୁ ଜଣାପଡିଛି କେନ୍ଦୁଗୁଡା ଗ୍ରାମର ଶୁକ୍ରା ମାଡ଼କାମିଙ୍କ ୨ ବର୍ଷର ଝିଅ ଲିଜା ମାଡ଼କାମିଙ୍କୁ ଜ୍ୱର ହୋଇଥିଲା। ତାଙ୍କୁ ପରିବାର ଲୋକେ ନିକଟସ୍ଥ ପାଣ୍ଡ୍ରିପାଣି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଶନିବାର ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ତାଙ୍କୁ ସ୍ଥାନାନ୍ତର କରାଯାଇଥିଲା। ସେଠାକୁ ନେବା ବେଳେ ବାଟରେ ଲିଜାଙ୍କ ମୃତ୍ୟୁ ହୋଇଥିଲା। ସେହିଭଳି ଦେବା ପଡ଼ିଆମିଙ୍କ ୩ ବର୍ଷର ଝିଅ ଇନ୍ଦୁ ପଡ଼ିଆମି ନିମୋନିଆରେ ପୀଡ଼ିତ ହୋଇ ମାଲକାନଗିରି ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ପରିବାର ଲୋକେ ଡାକ୍ତରଙ୍କୁ ନ ଜଣାଇ ଡାକ୍ତରଖାନାରୁ ଯାଇ କୋରୁକୋଣ୍ଡା ଅଞ୍ଚଳର ଜଣେ ଗୁଣିଆ ନିକଟରେ ଝିଅକୁ ଝଡ଼ାଫୁଙ୍କା କରିଥିଲେ। ସେଠାରେ ଇନ୍ଦୁଙ୍କ ମୃତ୍ୟୁ ହୋଇଥିଲା। ସୁନାଲି ନାମ୍ନୀ ଜଣେ ୩ ବର୍ଷର ଶିଶୁକନ୍ୟା ମଧ୍ୟ ମାଲକାନଗିରି ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

### ୧୦୦ ଶଯ୍ୟା ବିଶିଷ୍ଟ ମାତୃ ଓ ଶିଶୁ ହସ୍‌ପିଟାଲ ଉଦ୍‌ଘାଟିତ
# ନିଷ୍ଠାପର କାମ କର, ଲୋକଙ୍କ ହୃଦୟ ଜିଣ: ରାଜ୍ୟପାଳ




ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ମାତୃ ଏବଂ ଶିଶୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉଦ୍‌ଘାଟନ କରୁଛନ୍ତି।

**ସୁନ୍ଦରଗଡ଼, ୯।୧୦ (ଡି.ଏନ୍.ଏ)**

ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମଙ୍ଗଳବାର ଦୁଇଦିନିଆ ସୁନ୍ଦରଗଡ଼ ଜିଲା ଗସ୍ତରେ ଆସି ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ୧୨କୋଟି ୭୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ୧୦୦ ଶଯ୍ୟା ବିଶିଷ୍ଟ ମାତୃ ଏବଂ ଶିଶୁ ସ୍ୱାସ୍ଥ୍ୟ କେନ୍ଦ୍ର (ଏମ୍‌ସିଏଚ୍)କୁ ଉଦ୍‌ଘାଟନ କରିଛନ୍ତି।

ରାଜ୍ୟପାଳ ଭୁବନେଶ୍ୱରରୁ ଟ୍ରେନ୍ ଯୋଗେ ଯାଇ ଝାରସୁଗୁଡା ରେଳ ଷ୍ଟେଶନରେ ପହଞ୍ଚିଥିଲେ। ସେଠାରୁ ସଡକ ପଥରେ ସୁନ୍ଦରଗଡ଼ ଆସିଥିଲେ। ସ୍ଥାନୀୟ ସର୍କିଟ ହାଉସଠାରେ ପହଞ୍ଚିବା ପରେ ଜିଲାପାଳ ସୁରେନ୍ଦ୍ର କୁମାର ମୀନା, ଏସ୍.ପି. ସୌମ୍ୟା ମିଶ୍ରାଙ୍କ ସମେତ ଜିଲା ଅଧିକାରୀମାନେ ତାଙ୍କୁ ସ୍ୱାଗତ ଜଣାଇଥିଲେ। ପୋଲିସ ବିଭାଗ ତରଫରୁ ସ୍ୱତନ୍ତ୍ର ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ପୂର୍ବାହ୍ନ ୧୦ଟାରେ ସ୍ଥାନୀୟ ପ୍ରଗତି ମଣ୍ଡପଠାରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀଙ୍କ ସହିତ ସେ ଆଲୋଚନା କରିଥିଲେ। ନିଷ୍ଠାପର ଭାବେ କର୍ତ୍ତବ୍ୟ ସମ୍ପାଦନ କରି ଲୋକଙ୍କ ହୃଦୟ ଜିଣିବାକୁ ସେ ଏହି ଅବସରରେ ପରାମର୍ଶ ଦେଇଥିଲେ। ଏହା ପରେ ମାତୃ ଏବଂ ଶିଶୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ମଧୁସୂଦନ ପାଢୀ, ଜିଲାପାଳ ମୀନା, ଏସ.ପି ମିଶ୍ରା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦିଲ୍ଲୀପ କୁମାର ଷଡଙ୍ଗୀ, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପଙ୍କଜ ପଟେଲଙ୍କ ସମେତ ବିଭାଗୀୟ ଡାକ୍ତର, ନର୍ସ ଓ ଜିଲା ରେଡକ୍ରସ ସଂସ୍ଥାର କର୍ମକର୍ତ୍ତା ଉପସ୍ଥିତ ଥିଲେ। ପୂର୍ବାହ୍ନ ସାଢେ ୧୧ଟାରେ ରାଜ୍ୟପାଳ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟରେ ପହଞ୍ଚି ଆୟୋଜିତ ସମାରୋହରେ ଅଧ୍ୟକ୍ଷ, ପୁରାତନ ଛାତ୍ର ସଂସଦର କର୍ମକର୍ତ୍ତା, ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ରଙ୍କ ସହିତ ଆଲୋଚନା କରି ଛାତ୍ରୀ, ଛାତ୍ରଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଏହା ପରେ ସଦର ବ୍ଲକର କିରେଇ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ପଞ୍ଚାୟତ ପ୍ରତିନିଧି ମହିଳା ସ୍ୱୟଂ ସହାୟକ ଦଳ ସଭ୍ୟା ଓ ଭବାନୀପୁର ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ପରେ ବନବାସୀ କଲ୍ୟାଣ ଆଶ୍ରମ ଯାଇ ଅନ୍ତେବାସୀଙ୍କ ସହିତ ଆଲୋଚନା, କୁତ୍ରା ବ୍ଲକ ଯାଇ ପଞ୍ଚାୟତ ପ୍ରତିନିଧି, ମହିଳା ସ୍ୱୟଂ ସହାୟକ ଦଳ ସଭ୍ୟାଙ୍କ ସହିତ ଆଲୋଚନା କରି ରାଉରକେଲା ଅଭିମୁଖେ ଯାଇଥିଲେ। ବୁଧବାର ରାଉରକେଲାର ବିଭିନ୍ନ କାର୍ଯ୍ୟକ୍ରମରେ ରାଜ୍ୟପାଳ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି।

# ମନ୍ତ୍ରୀଙ୍କୁ କଂଗ୍ରେସ କର୍ମୀଙ୍କ ବିରୋଧ

**ରାଜନଗର, ୯।୧୦(ଡି.ଏନ.ଏ.)**

- କଳାପତାକା ପ୍ରଦର୍ଶନ, ଟମାଟୋ ମାଡ଼
- ୬୫ କଂଗ୍ରେସ କର୍ମୀ ଗିରଫ

ମଙ୍ଗଳବାର ଅପରାହ୍ନରେ ରାଜନଗର ଠାରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ନୃସିଂହ ଚରଣ ସାହୁଙ୍କୁ ବ୍ଲକ କଂଗ୍ରେସ ପକ୍ଷରୁ କଳାପତାକା ପ୍ରଦର୍ଶନ କରାଯିବା ସହ ଟମାଟୋ ମାଡ ହୋଇଛି । ଏହି ଘଟଣାରେ ୬୫ ଜଣ କଂଗ୍ରେସ କର୍ମୀଙ୍କୁ ଗିରଫ କରାଯାଇଛି । ଏହି କାରଣରୁ ଦିନତମାମ ରାଜନଗର ରାଜନୀତି ସରଗରମ ହୋଇ ପଡିଥିଲା।

ପ୍ରକାଶ ଯେ, ବିଜେଡି ପକ୍ଷରୁ ରାଜନଗର ବ୍ଲକରେ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ ଲାଗି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେବାର ଥିବାରୁ କଂଗ୍ରେସ ପକ୍ଷରୁ ମନ୍ତ୍ରୀଙ୍କୁ ବିରୋଧ କରାଯିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଯୋଜନା ମୁତାବକ କଂଗ୍ରେସ କର୍ମୀମାନେ ମଙ୍ଗଳବାର ସକାଳୁ ବ୍ଲକ କଂଗ୍ରେସ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ଅପରାହ୍ନରେ ପରିବହନ ମନ୍ତ୍ରୀ ସାହୁ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ରାଜନଗର ଆସିବା ପୂର୍ବରୁ ତ୍ରିନାଥ ବଜାରସ୍ଥିତ ବ୍ଲକ କଂଗ୍ରସ କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ କଂଗ୍ରେସ କର୍ମୀ ଏକାଠି ହୋଇ ମନ୍ତ୍ରୀଙ୍କ ବିରୋଧରେ ନାରାବାଜି କରିଥିଲେ। ଶତାଧିକ କଂଗ୍ରେସ କର୍ମୀ କଳାପତାକା ଧରିଥିବା ବେଳେ ଆଉ କେତେକ କର୍ମୀ କଂଗ୍ରେସ ପତାକା ଧରିଥିଲେ। କର୍ମୀମାନେ କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖ ମୁଖ୍ୟରାସ୍ତା ଉପରେ ହୋ ହଲ୍ଲା କରିବା ଯୋଗୁ ପୋଲିସ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସ ସୁରକ୍ଷାକୁ ଦୃଷ୍ଟିରେ ରଖି କେତେଜଣ କଂଗ୍ରେସ କର୍ମୀଙ୍କୁ ଆଗୁଆ ଗିରଫ କରିଥିଲା। ଏପରି କି ପୋଲିସ କଂଗ୍ରେସ କାର୍ଯ୍ୟାଳୟ ଭିତରେ ପଶି କର୍ମୀମାନଙ୍କୁ ଧରି ଆଣି ପୋଲିସ ଜିପରେ ବସାଇ ଥାନାକୁ ନେବା ଘଟଣା ନେଇ ଉତ୍ତେଜନା ସୃଷ୍ଟି ହୋଇଥିଲା। ପୋଲିସ ଗିରଫଦାରୀ ସତ୍ତ୍ୱେ ମଧ୍ୟ କଂଗ୍ରେସ କର୍ମୀମାନେ କଳାପତାକା ଓ ଟମାଟୋ ଧରି କାର୍ଯ୍ୟାଳୟ ମଧ୍ୟରେ ଜଗି ରହିଥିଲେ। ଅପରାହ୍ନରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ସାହୁ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଶୋଭାଯାତ୍ରାରେ ଯିବା ବେଳେ କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ କର୍ମୀମାନେ ମନ୍ତ୍ରୀଙ୍କୁ କଳାପତାକା ପ୍ରଦର୍ଶନ କରିବା ସହ ଗାଡି ଉପରକୁ ଟମାଟୋ ଓ କଳାପତାକା ଫୋପାଡି ଥିଲେ। କଳାପତାକା ଓ ଟମାଟୋ ଫୋପାଡୁଥିବା ୬୫ ଜଣ କଂଗ୍ରେସ କର୍ମୀଙ୍କୁ ପୋଲିସ ଗିରଫ କରି ନେଇଥିଲା। ଏହି ଘଟଣାକୁ ନେଇ କଂଗ୍ରେସ ଓ ବିଜେଡି କର୍ମୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା।

# ଝରିଗାଁ ନିର୍ବାଚନ ମଣ୍ଡଳୀର ଭାଜପା, କଂଗ୍ରେସ କର୍ମୀ ବିଜେଡିରେ ସାମିଲ

**ଭୁବନେଶ୍ୱର, ୯।୧୦(ବ୍ୟୁରୋ)**

ମନ୍ତ୍ରୀ ରମେଶ ମାଝୀଙ୍କ ନେତୃତ୍ୱରେ ଝରିଗାଁ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଉମରକୋଟ୍ ବ୍ଲକର ୫୦ରୁ ଊର୍ଦ୍ଧ୍ୱ ଭାଜପା ଓ କଂଗ୍ରେସର ନିର୍ବାଚିତ ପ୍ରତିନିଧି ଓ କର୍ମୀ ଆନୁଷ୍ଠାନିକ ଭାବେ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ନବୀନ ନିବାସରେ ମଙ୍ଗଳବାର ପୂର୍ବାହ୍ନରେ ଆୟୋଜିତ ଏହି ମିଶ୍ରଣ ପର୍ବରେ କଂଗ୍ରେସ ସମିତି ସଭ୍ୟା ସନ୍ଧ୍ୟାବାଲି ସାନ୍ତା, ନାଏବ ସରପଞ୍ଚ ଶ୍ୟାମଳ ସରକାର, ୱାର୍ଡ ସଭ୍ୟ ମଙ୍ଗଳୀ ଗୌଡ଼, ପଙ୍କୁ ଗୌଡ଼, ପତିରାମ ଜାନି, ମଳସାୟୀ ଭତ୍ରା, ଭାଜପାର ଜଗଦୀଶ ଭତ୍ରା ପ୍ରମୁଖ ଅନ୍ତର୍ଭୁକ୍ତ। ବିଜେଡି ପ୍ରତି ଆସ୍ଥା ପ୍ରକଟ କରିଥିବା ସମସ୍ତ କର୍ମୀଙ୍କୁ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱାଗତ କରିଥିଲେ। ସେ କହିଛନ୍ତି, ଝରିଗାଁ ନିର୍ବାଚନ ମଣ୍ଡଳୀର ଭାଜପା ଓ କଂଗ୍ରେସ କର୍ମୀମାନେ ବିଜେଡିରେ ଯୋଗ ଦେଇଥିବାରୁ ମୁଁ ବହୁତ ଖୁସି। ଏହି ଯୋଗଦାନ ନବରଙ୍ଗପୁର ଜିଲାରେ ଦଳର ଶକ୍ତି ବୃଦ୍ଧି ହେବାରେ ସହାୟକ ହେବ।

ଏହି ମିଶ୍ରଣ ପର୍ବରେ ନବରଙ୍ଗପୁର ଜିଲା ବିଜେଡି ସଭାପତି ଅର୍ଜୁନ ତ୍ରିପାଠୀ, ଜିଲା ବିଜେଡି ସଂଯୋଜକ ପ୍ରମୋଦ ପାଢ଼ୀ, ଜିଲା ଯୁବ ବିଜେଡି ସଭାପତି ପ୍ରକାଶ ଚନ୍ଦ୍ର ମାଝୀ, ସମ୍ପାଦକ ବାପି ସିଅଳ, ସଞ୍ଜୟ ଗୁପ୍ତା, ଉମରକୋଟ୍ ବିଜେଡି ବ୍ଲକ ସଭାପତି ଅଜିତ ପ୍ରଧାନ, ସୋନଧର ଭତ୍ରା, ପବିତ୍ର ଭତ୍ରା, ବାସୁଦେବ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ।



ବିଜେଡିରେ ସାମିଲ ହୋଇଥିବା କଂଗ୍ରେସ ଓ ଭାଜପା କର୍ମୀମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରୁଛନ୍ତି।

### ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାକୁ ନେଇ ରାଜନୀତି
# 'ନିର୍ବାଚନ ପାଖେଇ ଆସୁଥିବାରୁ ଶିଳାନ୍ୟାସ'

**ଭୁବନେଶ୍ୱର, ୯।୧୦(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାକ୍ଷୀଗୋପାଳଠାରେ ଓଡିଆ ବିଶ୍ୱବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସ୍ୱାଗତଯୋଗ୍ୟ। ସାକ୍ଷୀଗୋପାଳ ସ୍ୱାଧୀନତା ସଂଗ୍ରାମୀ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସାଧନାର ପୀଠ ନ ଥିଲା ବରଂ ସ୍ୱାଧୀନତା ସଂଗ୍ରାମୀ ତିଆରି କରିବାର କାରଖାନା ଥିଲା। ସାଧାରଣ ନିର୍ବାଚନ ପାଖେଇ ଆସିବା କାରଣରୁ ଲୋକମତ ପ୍ରଭାବିତ କରିବାକୁ ଅସଂଖ୍ୟ ଯୋଜନା ଓ ତା'ର ଶିଳାନ୍ୟାସ କଲାଭଳି ମୁଖ୍ୟମନ୍ତ୍ରୀ ଗୋପବନ୍ଧୁ ଜୟନ୍ତୀରେ ଓଡିଆ ବିଶ୍ୱବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ କରି ନିଜର ଓଡିଆ ପ୍ରେମ ପ୍ରଦର୍ଶନ କରିବାକୁ ଚେଷ୍ଟା କରିଛନ୍ତି ବୋଲି ଭାଜପା ବରିଷ୍ଠ ନେତା ବିଶ୍ୱଭୂଷଣ ହରିଚନ୍ଦନ କହିଛନ୍ତି।

ଭାଜପା ରାଜ୍ୟ ମୁଖ୍ୟାଳୟଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ହରିଚନ୍ଦନ କହିଛନ୍ତି ଯେ, ଦୀର୍ଘ ୧୮ବର୍ଷ ଧରି ଶାସନ କରିବା ପରେ ମଧ୍ୟ ମୁଖ୍ୟମନ୍ତ୍ରୀ ଓଡିଆ ନ ଜାଣିବା ଏବଂ କଥା କହି ନ ପାରିବା କ'ଣ ତାଙ୍କର ଓଡିଆ ପ୍ରେମ। ଦେଶରେ ଏଭଳି କୌଣସି ରାଜ୍ୟ ନାହିଁ ଯେଉଁଠାରେ ମୁଖ୍ୟମନ୍ତ୍ରୀ ନିଜ ପ୍ରଦେଶର ଭାଷା ଜାଣନ୍ତି ନାହିଁ।



ଖବରଦାତା ସମ୍ମିଳନୀରେ (ବାମରୁ) ବିଶ୍ୱଭୂଷଣ ହରିଚନ୍ଦନ ଏବଂ ଗୋଲକ ମହାପାତ୍ର।

ଯେଉଁ ଶାସକ ରାଜ୍ୟ ଭାଷା ଜାଣେ ନାହିଁ, ସାଧାରଣ ଲୋକମାନଙ୍କ ସହ ମିଶେ ନାହିଁ, ଲୋକଙ୍କ ସମସ୍ୟା ସେ କିଭଳି ବୁଝିପାରିବ। ସରକାରଙ୍କର ନିଜ ଭାଷା ପ୍ରତି କୌଣସି ଶ୍ରଦ୍ଧା, ସମ୍ମାନ, ପ୍ରେମ ଓ ଆନ୍ତରିକତା ନ ଥିବାରୁ ଓଡିଆ ଏ ପର୍ଯ୍ୟନ୍ତ ସରକାରୀ ଭାଷାଭାବେ ପ୍ରଚଳିତ ହୋଇପାରିଲା ନାହିଁ। ଉତ୍କଳ ବିଶ୍ୱବିଦ୍ୟାଳୟରେ ଓଡିଆ ଭାଷାର ଗବେଷଣା ଲାଗି ଥିବା ସତ୍ୟବାଦୀ ଚେୟାର, ମାୟାଧର ମାନସିଂହ ଚେୟାର ଓ ଆର୍ତ୍ତବଲ୍ଲଭ ମହାନ୍ତି ଚେୟାର ସହ କୋଲକତାଠାରେ ଥିବା ଓଡିଆ ଚେୟାର ବହୁଦିନ ହେବ ଉଠିଗଲାଣି। ସେଗୁଡିକର ପୁନରୁଦ୍ଧାର ପାଇଁ ଆନ୍ତରିକତା ନ ଦେଖାଇ ଏବେ ଜେଏନ୍‌ୟୁରେ ଓଡିଆ ଚେୟାର ସ୍ଥାପନ କରିବା ନିଷ୍ପତ୍ତିର ଅର୍ଥ କ'ଣ ବୋଲି ସେ ପ୍ରଶ୍ନ କରିଛନ୍ତି। ଓଡିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଥିଲେ ସୁଦ୍ଧା ଓଡିଆ ଭାଷାର ଗବେଷଣା ଓ ବିକାଶ ପାଇଁ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି। ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବେ ଗ୍ରହଣ କରିବା ପାଇଁ ସରକାରଙ୍କ ପାଖରେ ଆମେ ଦାବି କରୁଛୁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହିଭଳି ନିଷ୍ପତ୍ତି ନେବା ପରେ ସମଗ୍ର ଓଡିଆ ଜାତି ଗର୍ବିତ ହୋଇଛି। ପାଇକ ବିଦ୍ରୋହର କେନ୍ଦ୍ରସ୍ଥଳୀ ଖୋର୍ଦ୍ଧାଗଡସ୍ଥିତ ବରୁଣେଇ ପାହାଡ ପାଖରେ ୫୦ଏକର ଜମି ଦେଲେ ସେଠାରେ ପାଇକ ବିଦ୍ରୋହର ଏକ ମହାନ୍ ସ୍ମାରକୀ ସ୍ଥାପନ ପାଇଁ କେନ୍ଦ୍ର ସରକାର ପ୍ରସ୍ତାବ ଦେଇଛନ୍ତି। କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ମଧ୍ୟ ଏଥିପାଇଁ ରାଜ୍ୟକୁ ଚିଠି ଲେଖିଛନ୍ତି। ରାଜ୍ୟ ସରକାର ସହଯୋଗ କଲେ ବକ୍ସି ଜଗବନ୍ଧୁଙ୍କ ସହ ଅନ୍ୟ ବୀରପୁରୁଷମାନଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରାଯାଇ ପାରିବ। ବାହାରୁ ଆସୁଥିବା ପର୍ଯ୍ୟଟକମାନେ ଏ ଜାତିର ଗୌରବକୁ ବେଶ୍ ପ୍ରଶଂସା କରିବେ। ମୁଖ୍ୟମନ୍ତ୍ରୀ ଏଥିପାଇଁ ତୁରନ୍ତ ଜମି ପ୍ରଦାନ କରନ୍ତୁ ବୋଲି ହରିଚନ୍ଦନ ଦାବି କରିଛନ୍ତି।

କଂଗ୍ରେସର ବରିଷ୍ଠ ନେତା ଶ୍ରୀକାନ୍ତ ଜେନା କହିଛନ୍ତି, ମୁଖ୍ୟମନ୍ତ୍ରୀ ଓଡିଆ ଜାଣିନାହାନ୍ତି। ଯେହେତୁ ସେ ପିଲାବେଳୁ ଓଡିଆ ପଢିନାହାନ୍ତି ସେଥିପାଇଁ ଜାଣିନାହାନ୍ତି। ଏହି ଓଡିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବା ପରେ ସେ ନାମ ଲେଖାନ୍ତୁ ବୋଲି ଶ୍ରୀକାନ୍ତ ତାଚ୍ଛଲ୍ୟ କରି କହିଛନ୍ତି।

ବିଜେଡି ମୁଖପାତ୍ର ଅମର ପ୍ରସାଦ ଶତପଥୀ କହିଛନ୍ତି, ଏ ପ୍ରସଙ୍ଗ ବହୁ ପୁରୁଣା ହେଲାଣି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ଓଡିଆକୁ ଯେତିକି ପ୍ରୋତ୍ସାହନ ମିଳିଛି ତାହା ପୂର୍ବରୁ କେବେହେଲେ ହୋଇନାହିଁ। ଓଡିଆକୁ ଶାସ୍ତ୍ରୀୟ ମାନ୍ୟତା ମିଳିଛି। ତେଣୁ ବିରୋଧୀ ଅଯଥା ରାଜନୀତି ନ କରନ୍ତୁ ବୋଲି ଶତପଥୀ କହିଛନ୍ତି।

### କୁନ୍ଦୁଲି ଘଟଣାକୁ ପୂରିଲା ବର୍ଷେ
# ଜୀବନ ଗଲା, ମିଳିଲାନି ନ୍ୟାୟ

**ଜ୍ୟୋତିରଞ୍ଜନ ମହାପାତ୍ର**
**ଭୁବନେଶ୍ୱର,୯।୧୦**

- ସରକାରଙ୍କ ଆର୍ଥିକ ସହାୟତା ଘୋଷଣା ପାଣିର ଗାର
- ଏବେବି ଅଭିଯୁକ୍ତଙ୍କ ଟେର ମିଳିଲାନି
- ମାନସିକ ଦୁଶ୍ଚିନ୍ତାରେ ଗତି କରୁଛନ୍ତି ପରିବାର

ଆଜିକୁ ଠିକ ଏକ ବର୍ଷ ତଳେ କୋରାପୁଟ ଜିଲା କୁନ୍ଦୁଲି ହାଟରୁ ଘରକୁ ଫେରୁଥିବା ଜଣେ ନାବାଳିକାଙ୍କୁ ଯବାନ ପୋଷାକ ପିନ୍ଧିଥିବା ୪ଜଣ ଯୁବକ ରାସ୍ତାରୁ ଉଠାଇନେଇ ଗଣବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଏଭଳି ଏକ ସମ୍ବେଦନଶୀଳ ଘଟଣାର ଅଭିଯୁକ୍ତଙ୍କୁ ଧରିବା ପାଇଁ ସେତେବେଳେ ରାଜ୍ୟ ଓ ରାଜଧାନୀରେ ଅଖଚକ ବନ୍ଦ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏପରି କି ରାଜନୈତିକ ଆରୋପ ପ୍ରତ୍ୟାରୋପର ଝଡ ମଧ୍ୟ ସୃଷ୍ଟି ହୋଇଥିଲା। ଘଟଣାର ସତ୍ୟାସତ୍ୟ ପାଇଁ ପ୍ରଥମେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ତେବେ ପୋଲିସର ଭୂମିକାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟିହେବା ପରେ ରାଜ୍ୟ ସରକାର କ୍ରାଇମବ୍ରାଞ୍ଚ ଓ ପରେ ସ୍ପେଶାଲ ଇନ୍‌ଭେଷ୍ଟିକେଶନ ଟିମ୍(ଏସ୍‌ଆଇଟି)କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ପୀଡ଼ିତା ନାବାଳିକାଙ୍କୁ ଗଣବଳାତ୍କାର କରାଯାଇଥିବା ନେଇ ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲେ ମଧ୍ୟ ଏହାର ସତ୍ୟତା ଜାଣିବାକୁ ପୀଡ଼ିତାଙ୍କୁ ରାଜ୍ୟର ବିଭିନ୍ନ ହସ୍ପିଟାଲକୁ ନିଆଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପୀଡ଼ିତାଙ୍କୁ ବଳାତ୍କାର ହୋଇନାହିଁ ବୋଲି ବିଭିନ୍ନ ହସ୍ପିଟାଲ ଓ ଫୋରେନ୍‌ସିକ ଲ୍ୟାବରୁ ରିପୋର୍ଟ ଆସିଥିଲା। ଏପରି କି ପୀଡ଼ିତାଙ୍କ ସ୍ୱାସ୍ଥ୍ୟରେ କୌଣସି ସମସ୍ୟା ନାହିଁ, ମାତ୍ର ପରିସ୍ଥିତର ଚାପରେ ରହି ତାଙ୍କର ମାନସିକ ସ୍ଥିତି ଠିକ ନାହିଁ ବୋଲି ମଧ୍ୟ କଟକ ଏସସିବି ମେଡିକାଲର ୧୨ ଜଣିଆ ଡାକ୍ତରୀ ଦଳ ପରାମର୍ଶ ଦେଇଥିଲେ। ଏଭଳି ରିପୋର୍ଟରେ ସମ୍ପୂର୍ଣ୍ଣ ଭାଙ୍ଗିଯାଇ ନ୍ୟାୟ ପାଇବାର ଆଶା ଛଡ଼ାଇ ଦେଇଥିଲେ ପୀଡ଼ିତା। ଆଉ ଶେଷରେ ସେ ଜୀବନ ହାରିବାକୁ ନିଷ୍ପତ୍ତି ନେଇ ଗତ ଜାନୁୟାରୀ ୨୨ତାରିଖରେ ଆତ୍ମହତ୍ୟା କରିଥିଲେ। ଏହା ସତ୍ତ୍ୱେ ମଧ୍ୟ ଏବେବି ପୀଡ଼ିତାଙ୍କ ପରିବାର ନ୍ୟାୟ ଅପେକ୍ଷାରେ ଦିନ କାଟୁଛନ୍ତି। ଏବେ ଘଟଣାର ବିଚାର ବିଭାଗୀୟ ତଦନ୍ତ ଚାଲିଛି। କମିଶନ ବିଭିନ୍ନ ପର୍ଯ୍ୟାୟରେ ସାକ୍ଷୀ ଗ୍ରହଣ କରିଛନ୍ତି। ତଦନ୍ତ ରିପୋର୍ଟ ଗୃହ ବିଭାଗକୁ କିଛି ଦିନ ମଧ୍ୟରେ ପ୍ରଦାନ କରାଯିବ ବୋଲି କୁହାଯାଉଛି। ହେଲେ ବାସ୍ତବ ସ୍ଥିତି କିନ୍ତୁ ଭିନ୍ନ। ପୀଡିତାଙ୍କ ପରିବାର ସଦସ୍ୟ ମାନସିକ ଦୁଶ୍ଚିନ୍ତା ମଧ୍ୟରେ ଗତି କରୁଛନ୍ତି। ସେତେବେଳେ ପରିସ୍ଥିତିକୁ ଶାନ୍ତ କରିବାକୁ ସରକାର ଯେଉଁ ସବୁ ପ୍ରତିଶ୍ରୁତି ଦେଇଥିଲେ ତାହା ଏକ ପ୍ରକାର ପାଣିର ଗାର ସଦୃଶ ପାଲଟିଛି। ନା ଆର୍ଥିକ ସହାୟତା ନା ନ୍ୟାୟ କିଛି ବି ମିଳି ନାହିଁ ପୀଡ଼ିତାଙ୍କ ପରିବାରକୁ। ଏଭଳି ସ୍ଥିତିରେ ପୀଡ଼ିତାଙ୍କ ପରିବାର ଓ ଗ୍ରାମବାସୀଙ୍କର କ'ଣ ରହିଛି ପ୍ରତିକ୍ରିୟା ତାହା ଜାଣିବାକୁ ଧରିତ୍ରୀ ପହଞ୍ଚିଥିଲା କୁନ୍ଦୁଲି ଗ୍ରାମରେ। ଘଟଣାକୁ ବର୍ଷେ ବିତି ଯାଇଥିଲେ ସୁଦ୍ଧା ଏବେ ବି ସେଠାକାର ଲୋକମାନେ ପୀଡ଼ିତାଙ୍କ ପ୍ରତି ହୋଇଥିବା ଘଟଣାକୁ ସହଜରେ ବିଶ୍ୱାସ କରିପାରୁ ନାହାନ୍ତି। ପୀଡ଼ିତାଙ୍କ ମା' ଓ ଭାଇ ନ୍ୟାୟକୁ ଅପେକ୍ଷା କରି ରହିଛନ୍ତି। ଝିଅକୁ ବଳାତ୍କାର କରାଯାଇଥିବା ଘଟଣା ଯେତିକି କଷ୍ଟ ଦେଇ ନ ଥିଲା, ଉକ୍ତ ଘଟଣାକୁ ନେଇ ହୋଇଥିବା ରାଜନୈତିକ ଆରୋପ ପ୍ରତ୍ୟାରୋପ ଓ ଝିଅର ଆତ୍ମହତ୍ୟା ପ୍ରତି ମୁହୂର୍ତ୍ତରେ ତିଳ ତିଳ କରି ମାରୁଛି ବୋଲି ପୀଡ଼ିତାଙ୍କ ମା' ଓ ଭାଇ ପ୍ରକାଶ କରିଛନ୍ତି।

# ବିଧାନସଭା ପରିସରରେ ଗୋପବନ୍ଧୁଙ୍କୁ ଶ୍ରଦ୍ଧାସୁମନ ଅର୍ପଣ

**ଭୁବନେଶ୍ୱର, ୯।୧୦(ବ୍ୟୁରୋ)**

ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅବସରରେ ବିଧାନସଭା ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହି ଶ୍ରଦ୍ଧାସୁମନ ଅର୍ପଣ କାର୍ଯ୍ୟକ୍ରମରେ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରତାପ ଜେନା, ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରାଙ୍କ ସମେତ ଉତ୍କଳ ସମ୍ମିଳନୀର କାର୍ଯ୍ୟକର୍ତ୍ତା ତଥା ସଦସ୍ୟବୃନ୍ଦ ଉପସ୍ଥିତ ଥିଲେ। ଏହି ଅବସରରେ ସାମାଜିକ, ସାଂସ୍କୃତିକ ଅନୁଷ୍ଠାନର କଣ୍ଠଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରିଥିବା ବେଳେ ରାଜ୍ୟ ବିଧାନସଭା ସଚିବ ଅମିୟ ଷଡଙ୍ଗୀ ଉପସ୍ଥିତ ଥିଲେ। ଯୁଗ୍ମ ନିର୍ଦ୍ଦେଶକ ଶିବ ପ୍ରସାଦ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି।



ତାମିଲନାଡୁରେ ରାଜ୍ୟପାଳ ଆଘୋଷିତ ଜରୁରୀ ପରିସ୍ଥିତି ଜାରି କରିଛନ୍ତି। ଫାସିବାଦୀ ଭାଜପାର ହାତକଣ୍ଢେଇ ସାଜିଥିବା ଏଆଇଏଡିଏମ୍‌କେ ପ୍ରେସ୍ ସ୍ୱାଧୀନତାକୁ କ୍ଷୁଣ୍ଣ କରୁଛି।

- ଏମ୍.କେ. ଷ୍ଟାଲିନ୍, ଡିଏମ୍‌କେ ଅଧକ୍ଷ



## ସଂକ୍ଷେପରେ

### ପାକ୍‌କୁ ୪୮ ଡ୍ରୋନ୍ ଯୋଗାଇବ ଚାଇନା



ବେଜିଂ,୯।୧୦(ପି.ଟି.):ଭାରତକୁ ଈର୍ଷାନ୍ୱିତ କରିବା ଲାଗି କୂଟନୈତିକ ଓ ଆର୍ଥିକ ସ୍ତରରେ ପାକିସ୍ତାନକୁ ସହଯୋଗ କରିଆସୁଛି ଚାଇନା। ସାମରିକ କ୍ଷେତ୍ରରେ ମଧ ଏହି ଦୁଇ ପଡ଼ୋଶୀ ରାଷ୍ଟ୍ର ସହଯୋଗର ହାତ ବଢ଼ାଉଛନ୍ତି। ରୁଷିଆଠାରୁ ଭାରତ ଦୂରଗାମୀ ଏସ୍-୪୦୦ କ୍ଷେପଣାସ୍ତ୍ର କ୍ରୟ ଲାଗି ଚୁକ୍ତି କରିସାରିବା ପରେ ଏହାକୁ ଟକ୍କର ଦେଇ ଚାଇନା ମଧ ନୂଆ ଘୋଷଣା କରିଛି। ଏବେ ପାକିସ୍ତାନକୁ ଏହା ୪୮ ଅତ୍ୟାଧୁନିକ ଡ୍ରୋନ୍ ବିକ୍ରି କରିବ। ଏନେଇ ଉଭୟ ରାଷ୍ଟ୍ର ମଧରେ ଏହା ଏକ ବଡ଼ ଚୁକ୍ତି ହେବ ବୋଲି ମଙ୍ଗଳବାର ଜଣେ ସାମରିକ ପର୍ଯ୍ୟବେକ୍ଷକ କହିଛନ୍ତି। ବେଜିଂର ସାନି ଘୋଷଣା ନୂଆଦିଲ୍ଲୀକୁ ଚେତାବନୀ ଦେବା ଭଳି ମନେହେଉଛି। ତେବେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ଚୁକ୍ତି ଲାଗି ପାକିସ୍ତାନକୁ କେତେ ମୂଲ୍ୟ ଦେବାକୁ ପଡ଼ିବ, ତାହା ପ୍ରଘଟ ହୋଇନାହିଁ। ଦୂରରୁ ଶତ୍ରୁକୁ ଠାବ କରିପାରୁଥିବା ଏହି ମାନବବିହୀନ ଡ୍ରୋନ୍‌ର ନାମ ହେଉଛି 'ୱିଙ୍ଗ୍ ଲୁଙ୍ଗ୍ ଆଇଆଇ'। ଆମେରିକୀୟ ଏମ୍‌କ୍ୟୁ-୯ ରିପର ଡ୍ରୋନ୍ ସଙ୍ଗେ ଏହାର କ୍ଷମତା ସମାନ। ଚାଇନା ସହ ପାକିସ୍ତାନ ମିଳିତ ଭାବେ ଏହି ବିଶେଷ ଶ୍ରେଣୀର ଡ୍ରୋନ୍ ନିର୍ମାଣ କରିବ ବୋଲି ଗ୍ଲୋବାଲ୍ ଟାଇମ୍ସ ରିପୋର୍ଟରେ ଦର୍ଶାଯାଇଛି। ଗତବର୍ଷ ୟୁଏଇ ଏବଂ ଇଜିପ୍ଟକୁ ଚାଇନା 'ୱିଙ୍ଗ୍ ଲୁଙ୍ଗ୍ ଆଇଆଇ' ବିକ୍ରି କରିଥିଲା। କେବଳ ଏହି ଡ୍ରୋନ୍ ନୁହେଁ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ଯୋଗାଇବାରେ ଚାଇନା ହେଉଛି ପାକିସ୍ତାନର ପ୍ରମୁଖ ସହଯୋଗୀ ରାଷ୍ଟ୍ର।

### ଇସ୍ତଫା ଦେଲେ ନିକ୍କି



ୱାଶିଂଟନ,୯।୧୦(ଏ.ଏଫ୍.ପି.): ଜାତିସଂଘରେ ଆମେରିକାର ରାଷ୍ଟ୍ରଦୂତ ପଦରୁ ନିକ୍କି ହାଲି ମଙ୍ଗଳବାର ଅପ୍ରତ୍ୟାଶିତ ଭାବେ ଇସ୍ତଫା ଦେଇଛନ୍ତି। ନିକ୍କି ହ୍ୱାଇଟ୍ ହାଉସ୍‌ସ୍ଥିତ ଓଭାଲ୍ ଅଫିସ୍‌ରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟି ତାଙ୍କର ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ୪୬ ବର୍ଷୀୟା ନିକ୍କି ଟ୍ରମ୍ପ୍ ପ୍ରଶାସନରେ ବରିଷ୍ଠତମ ଭାରତୀୟ-ଆମେରିକୀୟ ଅଧିକାରୀ ଭାବେ ଅବସ୍ଥାପିତ ହୋଇଥିଲେ। ୨୦୧୭ ଜାନୁୟାରୀରେ ଟ୍ରମ୍ପ୍ ରାଷ୍ଟ୍ରପତି ଭାବେ ଶପଥ ନେବାର ୪ ଦିନ ପରେ ନିକ୍କିଙ୍କୁ ଜାତିସଂଘ ରାଷ୍ଟ୍ରଦୂତ ରୂପେ ନିଯୁକ୍ତି ମିଳିଥିଲା। ଆମେରିକାର କ୍ୟାବିନେଟ୍ ସ୍ତରୀୟ ପଦବୀରେ ନିଯୁକ୍ତି ପାଇବାରେ ପ୍ରଥମ ଭାରତୀୟ ବଂଶୋଦ୍ଭବ ହୋଇ ଇତିହାସ ରଚିଥିଲେ ନିକ୍କି। ତାଙ୍କ ଇସ୍ତଫା ଦେବାର କାରଣ ସ୍ପଷ୍ଟ ହୋଇନାହିଁ। ନିକ୍କି ବର୍ଷ ଶେଷରେ କାର୍ଯ୍ୟରୁ ଅବ୍ୟାହତି ନେବେ ବୋଲି ଟ୍ରମ୍ପ୍ ତାଙ୍କୁ ପ୍ରଶଂସା କରି କହିଛନ୍ତି। ଆମେରିକାରେ ନଭେମ୍ବରରେ ମଧବର୍ତ୍ତିକାଳୀନ ନିର୍ବାଚନ ହେବାକୁ ଥିବାବେଳେ ନିକ୍କିଙ୍କ ଇସ୍ତଫା ସେଠାକାର ବହିର୍ବ୍ୟାପାର ନୀତି ଓ ଜାତୀୟ ନିରାପତ୍ତା ବିଶେଷଜ୍ଞଙ୍କୁ ବିସ୍ମିତ କରିଛି।

### [ଇତିହାସର ଆଇନାରେ]

### ଅକ୍ଟୋବର ୧୦ର ପ୍ରମୁଖ ଘଟଣା

୧୯୬୪ ଅକ୍ଟୋବର ୧୦ରେ ଜାପାନର ଟୋକିଓରେ ଗ୍ରୀଷ୍ମକାଳୀନ ଅଲିମ୍ପିକ ଆୟୋଜିତ ହୋଇଥିଲା। ଏସିଆ ମହାଦେଶରେ ଏହା ହେଉଛି ପ୍ରଥମ ସମର୍ ଅଲିମ୍ପିକ। ଏଥିରେ ଦକ୍ଷିଣ ଆଫ୍ରିକାର ଖେଳାଳି ଭାଗନେବାର ସୁଯୋଗ ପାଇଥିଲେ।

୧୯୮୦ ଅକ୍ଟୋବର ୧୦ରେ ଉତ୍ତର ଆଲଜେରିଆରେ ବଡଧରଣର ଭୂକମ୍ପ ଅନୁଭୂତ ହୋଇଥିଲା। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୭.୧ ରହିଥିଲା। ୩୫ ସେକେଣ୍ଡ ପାଇଁ ହୋଇଥିବା ଏହି ଭୂକମ୍ପର ପ୍ରଭାବରେ ୨,୬୩୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୮,୩୬୯ ଆହତ ହୋଇଥିଲେ। ଏହାର ୩ ଘଣ୍ଟା ପରେ ୬.୨ ତୀବ୍ରତାରେ ଆଉ ଏକ ଭୂକମ୍ପ ହୋଇଥିଲା।

## ■ ତେଜୁଛି '#ମି ଟୂ' ନିଆଁ: ଖୋଲୁଛି ନୂଆ ପେଡ଼ି

# କାଠଗଡ଼ାରେ କେନ୍ଦ୍ରମନ୍ତ୍ରୀ ଆକବର

ମୁମ୍ବାଇ/ନୂଆଦିଲ୍ଲୀ,୯।୧୦(ପି.ଟି.)



ଏମ୍.ଜେ. ଆକବର

■ଯୌନ ଶୋଷଣ ଅଭିଯୋଗ ଆଣିଲେ ୨ ସାମ୍ବାଦିକା

■ମୁହଁ ଖୋଲିଲେନି ସୁଷମା ସ୍ୱରାଜ

■ଟଙ୍କା ନେଇ ଅଭିଯୋଗ ଆଣୁଛନ୍ତି ମହିଳା: ଉଦିତ୍ ରାଜ

■ପୀଡ଼ିତାଙ୍କ ନିକଟରେ ପହଞ୍ଚିବ ଏନ୍‌ସିଡବ୍ଲ୍ୟୁ

■ଭାଜପାର ମହିଳା ବିରୋଧୀ ମନୋଭାବ ପଦାରେ ପଡ଼ିଛି: କଂଗ୍ରେସ




ଅନ୍ତର୍ଜାତୀୟ ସ୍ତରରେ ହଇଚଇ ସୃଷ୍ଟି କରିବା ପରେ ଏବେ ଭାରତରେ ଯୌନ ନିର୍ଯାତନା ବିରୋଧରେ ମୁହଁ ଖୋଲି ପୀଡ଼ିତା ଚଳାଇଛନ୍ତି '#ମି ଟୂ' ଅଭିଯାନ। କେବଳ ସିନେମା ଜଗତ ନୁହେଁ, ବିଭିନ୍ନ କ୍ଷେତ୍ରରେ ଲାଗିଛି ଏହି କଳାଛିଟା। ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରି ସୁଦ୍ଧା ଯୌନ ପିପାସୁ ପାଲଟିଥିବା ଅନେକ ବ୍ୟକ୍ତିବିଶେଷଙ୍କ ବିରୋଧରେ ସ୍ୱରତ୍ତୋଳନ ହେବା ପରେ ଏକପ୍ରକାର ନିଆଁ ଲାଗିଛି। ପ୍ରଶମିତ ହେବା ପରିବର୍ତ୍ତେ ମଙ୍ଗଳବାର ମଧ ଏହି ବହ୍ନି ଅଧିକ ତେଜିଛି। ସଦ୍ୟ ବ୍ୟଭିଚାରୀ ତାଲିକାରେ କେନ୍ଦ୍ରମନ୍ତ୍ରୀ ତଥା ପୂର୍ବତନ ସମ୍ପାଦକ ଏମ୍.ଜେ. ଆକବର ସାମିଲ ହୋଇଛନ୍ତି। ଅଭିଯୋଗ ପରେ ଆକବର ସ୍ୱତଃ ସନ୍ଦେହର କାଠଗଡ଼ାକୁ ଟାଣି ହୋଇଯାଇଛନ୍ତି। ଏହାକୁ ନେଇ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ଅଡୁଆରେ ପଡ଼ିଯାଇଛନ୍ତି।

ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଆକବରଙ୍କ ନାଁରେ ଯୌନ ନିର୍ଯାତନା ଅଭିଯୋଗ ଆସିବା ପରେ କେନ୍ଦ୍ର ସରକାର ବିଭିନ୍ନ ଆଡ଼ୁ ସମାଲୋଚିତ ହୋଇଛନ୍ତି। ଆକବର ବିଭିନ୍ନ ଗଣମାଧମ ସଂସ୍ଥାରେ ପୂର୍ବରୁ ସମ୍ପାଦନା ବିଭାଗରେ କାର୍ଯ୍ୟ କରିଛନ୍ତି। ଦୁଇ ସାମ୍ବାଦିକାଙ୍କୁ ସେ ଯୌନ ଶୋଷଣ କରିଥିବା ପ୍ରଘଟ ହୋଇଛି। ପୀଡ଼ିତାମାନେ ସୋସିଆଲ ମିଡିଆ ଜରିଆରେ ଏନେଇ ମୁହଁ ଖୋଲିଛନ୍ତି। ପ୍ରଥମେ ପ୍ରିୟା ରମଣୀ ଆକବରଙ୍କୁ ବ୍ୟଭିଚାରୀ ଦର୍ଶାଇଥିଲେ। ଦିନକ ପରେ ମନ୍ତ୍ରୀଙ୍କ ଆଉ ଜଣେ ପୂର୍ବତନ ସହକର୍ମୀ ଯୌନ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ସେ ହେଉଛନ୍ତି ପ୍ରେରଣା ସିଂ ବିନ୍ଦ୍ରା। ଆକବରଙ୍କ ବିରୋଧରେ ଆସିଥିବା ଅଭିଯୋଗ ସମ୍ପର୍କରେ ମଙ୍ଗଳବାର ମହିଳା ଖବରଦାତାମାନେ ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜଙ୍କୁ ପ୍ରଶ୍ନବାଣରେ ଛନ୍ଦିଦେଇଛନ୍ତି। କିନ୍ତୁ ସେ ଜବାବ ନ ଦେଇ ନୀରବତା ଅବଲମ୍ବନ କଲେ ଏବଂ ପ୍ରଶ୍ନକୁ ଏଡ଼ାଇ ଚାଲିଗଲେ ବୋଲି ଏକ ଭିଡିଓ ଫୁଟେଜ୍‌ରେ ଦେଖିବାକୁ ମିଳିଛି।

ଏହି ଘଟଣାକୁ ନେଇ ଜାତୀୟ ରାଜନୀତି ଜୋର୍ ଧରିଛି। '#ମି ଟୂ' ଅଭିଯାନ ଦେଶରେ ଏକ ଖରାପ ପରମ୍ପରା ସୃଷ୍ଟି କରିଛି ବୋଲି ଭାଜପା ଏମ୍‌ପି ଉଦିତ୍ ରାଜ କହିଛନ୍ତି। ୧୦ ବର୍ଷ ପରେ କୌଣସି ବ୍ୟକ୍ତିଙ୍କ ବିରୋଧରେ ଯେଉଁ ବ୍ୟଭିଚାର ଅଭିଯୋଗ ଆସୁଛି, ତାହାର କି ପ୍ରମାଣ ଅଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଟଙ୍କା ହଡ଼ପ ପାଇଁ ଅନେକ ମହିଳା ଏଭଳି ଅଭିଯୋଗ ଆଣନ୍ତି। ୨-୪ ଲକ୍ଷ ଟଙ୍କା ନେଇ ସେମାନେ ପାଟି ଚୁପ୍ କରିଦେବାର ଅନେକ ଦୃଷ୍ଟାନ୍ତ ରହିଛି ବୋଲି ସେ କହିଛନ୍ତି। ତେବେ ଉଦିତ୍ ରାଜଙ୍କ ମନ୍ତବ୍ୟକୁ ସମାଲୋଚନା କରିଛି କଂଗ୍ରେସ। ଏମ୍‌ପିଙ୍କ କଥାରୁ ଭାଜପାର ମହିଳା ବିରୋଧୀ ମନୋଭାବ ପଦାରେ ପଡ଼ିଯାଇଛି। ତେବେ କେନ୍ଦ୍ରମନ୍ତ୍ରୀ ଆକବରଙ୍କ ବିରୋଧରେ ଆସିଥିବା ଅଭିଯୋଗ ଅତି ସମ୍ବେଦନଶୀଳ। ଏହାର ତଦନ୍ତ ହେବା ଜରୁରୀ ବୋଲି କଂଗ୍ରେସ ନେତା ମନୀଷ୍ ତିୱାରୀ କହିଛନ୍ତି।

ଦେଶରେ '#ମି ଟୂ' ଅଭିଯାନ ଜୋର୍ ଧରିଥିବାରୁ ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ତତ୍ପରତା ପ୍ରଦର୍ଶନ କରିଛନ୍ତି। ସମସ୍ତ ଅଭିଯୋଗକାରିଣୀଙ୍କ ନିକଟରେ ପହଞ୍ଚି ସବିଶେଷ ତଥ୍ୟ ସଂଗ୍ରହ କରିବାକୁ କମିଶନ ପ୍ରକ୍ରିୟା ଆରମ୍ଭ କରିଦେଇଛନ୍ତି।

## 'ବାବୁଜୀ' ଆଲୋକ ନାଥଙ୍କ ନାଁରେ ବି ଅଭିଯୋଗ

ନୂଆଦିଲ୍ଲୀ,୯।୧୦(ପି.ଟି.)



ବିଶିଷ୍ଟ ଅଭିନେତା ନାନା ପାଟେକରଙ୍କ ବିରୋଧରେ ପୂର୍ବତନ ମିସ୍ ଇଣ୍ଡିଆ ତନୁଶ୍ରୀ ଦତ୍ତ ଯୌନ ବ୍ୟଭିଚାର ନେଇ ଆରୋପ ଲଗାଇବା ପରେ ଦେଶରେ '#ମି ଟୂ' ଅଭିଯାନ ଜୋର୍ ଧରିଛି। ବଲିଉଡ୍ ଜଗତର 'ବାବୁଜୀ' ଅର୍ଥାତ୍ ଆଦର୍ଶ ବାପା ଭାବେ ପରିଚିତ ଆଲୋକ ନାଥଙ୍କ ବିରୋଧରେ ମଧ ଆସିଛି ଯୌନ ନିର୍ଯାତନା ଅଭିଯୋଗ । ଏଥିପାଇଁ ସିନେମା ଜଗତ ଲଜ୍ଜିତ ହୋଇଛି। ଆଲୋକଙ୍କ ବିରୋଧରେ ମୁହଁ ଖୋଲିଛନ୍ତି ଲେଖିକା ତଥା ପ୍ରଯୋଜିକା ଭିଣ୍ଟା ନନ୍ଦ। ଟିଭି ଶୋ 'ତାରା'ର ଚର୍ଚ୍ଚିତ ଚେହେରା ଭିଣ୍ଟା ନନ୍ଦ ସୋମବାର ରାତିରେ ଫେସ୍‌ବୁକରେ ଏକ ବିବାଦୀୟ ପୋଷ୍ଟ କରିଛନ୍ତି। 'ସଂସ୍କାରୀ ବ୍ୟକ୍ତି' ଭାବେ ଜଣାଶୁଣା ଆଲୋକ ୧୯ ବର୍ଷ ପୂର୍ବେ ତାଙ୍କୁ ଏକାଧିକ ଥର ବଳାତ୍କାର କରିଥିବା ସେଥିରେ ସେ ଲେଖିଛନ୍ତି। ପ୍ରମୁଖ ଅଭିନେତା ନବନୀତ ଇଶାନଙ୍କୁ ଦୁର୍ବ୍ୟବହାର କରିବାରୁ ଆଲୋକଙ୍କୁ 'ତାରା' ଶୋ'ରୁ ବାହାର କରିଦିଆଯାଇଥିଲା। ଏହାପରେ ବରିଷ୍ଠ ଅଭିନେତା ତାଙ୍କୁ ଯୌନ ନିର୍ଯାତନା ଦେଇଥିଲେ ବୋଲି ନନ୍ଦ ପ୍ରକାଶ କରିଛନ୍ତି। ନିଶାନ୍ ମଧ ତାଙ୍କୁ ସମର୍ଥନ ଜଣାଇଛନ୍ତି। ଆଲୋକଙ୍କୁ କାରଣଦର୍ଶାଅ ନୋଟିସ ଜାରି ହେବ ବୋଲି ସିନେମା ଓ ଟିଭି କଳାକାର ସଂଘ ପକ୍ଷରୁ ସୂଚନା ମିଳିଛି। ତେବେ ଅଭିଯୋଗକୁ ଖଣ୍ଡନ କରିଛନ୍ତି ଆଲୋକ। ମାଲୟାଲମ୍ ଅଭିନେତାରୁ ବିଧାୟକ ସାଜିଥିବା ମୁକେଶଙ୍କ ବିରୋଧରେ ମଧ ଆସିଛି ଯୌନ ନିର୍ଯାତନା ଅଭିଯୋଗ। ବରୁଣ ଗ୍ରୋଭର, ରଜତ କପୁର, ବିକାଶ ବହଲଙ୍କ ବିରୋଧରେ ମଧ ସମାନ ଅଭିଯୋଗ ଆସିଛି। ସେପଟେ ମହାରାଷ୍ଟ୍ର ମହିଳା କମିଶନ ଅଭିଯୁକ୍ତ ଅଭିନେତା ନାନା ପାଟେକରଙ୍କୁ ନୋଟିସ ଜାରି କରିବା ସହ ତନୁଶ୍ରୀଙ୍କୁ ସମନ କରିଛି।

## 'ନକ୍‌ହିରାନ୍' ସମ୍ପାଦକ ଗିରଫ

ମାଡ୍ରାସ,୯।୧୦

ତାମିଲ ସାପ୍ତାହିକ 'ନକ୍‌ହିରାନ୍' ସମ୍ପାଦକ ଆର୍.ଆର୍. ଗୋପାଳଙ୍କୁ ମଙ୍ଗଳବାର ଗିରଫ କରାଯାଇଛି। ମଦୁରାଇ କାମରାଜ ବିଶ୍ୱବିଦ୍ୟାଳୟର ଏକ ସେକ୍ସ ସ୍କାଣ୍ଡାଲରେ ତାମିଲନାଡୁ ରାଜ୍ୟପାଳ ବନୱାରିଲାଲ ପୁରୋହିତଙ୍କ ସମ୍ପୃକ୍ତି ନେଇ ଅପମାନଜନକ ପ୍ରବନ୍ଧ ଲେଖିଥିବାରୁ ଗୋପାଳଙ୍କୁ ଧରାଯାଇଥିବା ଚେନ୍ନାଇ ପୋଲିସ କହିଛି। ଏହି ଗିରଫଦାରିକୁ ବିରୋଧୀ ଦଳଗୁଡ଼ିକ ନିନ୍ଦା କରିଛନ୍ତି।

ବରିଷ୍ଠ ସାମ୍ବାଦିକ ଆର୍.ଆର୍. ଗୋପାଳ ମଙ୍ଗଳବାର ସକାଳେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ପୁଣେ ଯାଉଥିଲେ। ସେ ଚେନ୍ନାଇ ବିମାନବନ୍ଦରରେ ପହଞ୍ଚିଥିବାବେଳେ ପୋଲିସ ତାଙ୍କୁ ଗିରଫ କରିଥିଲା। ରାଜଭବନର ଅଭିଯୋଗକ୍ରମେ ଆଇପିସି ଦଫା ୧୨୪ ଅନୁସାରେ ତାଙ୍କୁ ଗିରଫ କରାଯାଇଥିବା ପୋଲିସ କହିଛି। ଗୋପଳଙ୍କ ଗିରଫଦାରି ପ୍ରତିବାଦରେ ସାମ୍ବାଦିକମାନେ ବିକ୍ଷୋଭ ପ୍ରଦର୍ଶନ କରି ତାଙ୍କୁ ତୁରନ୍ତ ମୁକ୍ତ କରାଯାଉ ବୋଲି ଦାବି କରିଛନ୍ତି। ସେହିପରି ଗୋପାଳଙ୍କୁ ଭେଟିବା ପାଇଁ ଯାଉଥିବାବେଳେ ଏମ୍‌ଡିଏମ୍‌କେ ନେତା ଭାଇକୋଙ୍କୁ ପୋଲିସ ଅଟକ ରଖି ପରେ ଛାଡ଼ିଦେଇଛି। ପିଏମ୍‌କେ ପ୍ରତିଷ୍ଠାତା ଏସ୍. ରାମଦୋସ୍ ଏବଂ ଏମ୍‌ଏନ୍‌ଏମ୍ ମହାସଚିବ କମଲ ହାସନ ମଧ ଗୋପଳଙ୍କ ଗିରଫଦାରିକୁ ନିନ୍ଦା କରିଛନ୍ତି। ପୋଲିସ ଗୋପାଳଙ୍କୁ ଏକ ସ୍ଥାନୀୟ କୋର୍ଟରେ ହାଜର କରି ବିଚାର ବିଭାଗୀୟ ହାଜତକୁ ପଠାଇବାକୁ ଅନୁରୋଧ କରିଥିଲା। ହେଲେ କୋର୍ଟ ଏହାକୁ ପ୍ରତ୍ୟାଖ୍ୟାନ କରି ସନ୍ଧ୍ୟା ସୁଦ୍ଧା ତାଙ୍କୁ ମୁକ୍ତ କରିବାକୁ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ଏପ୍ରିଲରେ ପ୍ରକାଶିତ ଏକ ଲେଖାକୁ ନେଇ ଗୋପାଳଙ୍କୁ କାହିଁକି ଗିରଫ କରାଯାଇଛି ବୋଲି ବିଚାରପତି ପ୍ରଶ୍ନ କରିଥିଲେ। ଅଦାଲତଙ୍କ ନିର୍ଦ୍ଦେଶ ପରେ ଗୋପାଳ ମୁକ୍ତ ହୋଇଛନ୍ତି। କିନ୍ତୁ ତାଙ୍କ ବିରୋଧରେ ମାନହାନି ମାମଲା ଚାଲିବ। କୋର୍ଟଙ୍କ ରାୟ ରାଜଭବନକୁ ଏକ ଚାପୁଡ଼ା ଏବଂ ଏହା ସତ୍ୟର ଜୟ ବୋଲି ଗୋପାଳ କହିଛନ୍ତି।

ପ୍ରକାଶ ଯେ, ମଦୁରାଇ କାମରାଜ ବିଶ୍ୱବିଦ୍ୟାଳୟ ଅଧୀନ ଏକ ଘରୋଇ କଲେଜରେ ସହକାରୀ ପ୍ରାଧ୍ୟାପିକା ଭାବେ କାର୍ଯ୍ୟ କରୁଥିବା ନିର୍ମଳା ଦେବୀ ଗତ ଏପ୍ରିଲରେ ଗିରଫ ହୋଇଥିଲେ। ଟଙ୍କା ଓ ପରୀକ୍ଷାରେ ଅଧିକ ନମ୍ବର ପାଇବାକୁ ହେଲେ ଉଚ୍ଚ ପଦାଧିକାରୀଙ୍କୁ ସନ୍ତୁଷ୍ଟ କରିବାକୁ ପଡ଼ିବ ବୋଲି ଛାତ୍ରୀମାନଙ୍କୁ ସେ ପ୍ରବର୍ତ୍ତାଉଥିବା ଏକ ଅଡିଓ ଟେପ୍‌ରେ ଶୁଣିବାକୁ ମିଳିଥିଲା। ଉକ୍ତ ବିଶ୍ୱବିଦ୍ୟାଳୟର କୁଳାଧିପତି ଥିବା ରାଜ୍ୟପାଳ ପୁରୋହିତଙ୍କୁ ବ୍ୟକ୍ତିଗତ ଭାବେ ଜାଣିଥିବା ମହିଳା ପ୍ରଫେସର ଦାବି କରିଥିଲେ ବୋଲି ରାଜନୈତିକ ଦଳଗୁଡ଼ିକ ଅଭିଯୋଗ ଆଣିଥିଲେ। ଏଥିସହ ରାଜ୍ୟପାଳଙ୍କ ଇସ୍ତଫା ଦାବି କରିଥିଲେ। ଗୋପାଳଙ୍କ ପତ୍ରିକା 'ନକ୍‌ହିରାନ୍'ର ପ୍ରଚ୍ଛଦ କାହାଣୀରେ ସେତେବେଳେ ଏନେଇ ଏକ ଲେଖା ପ୍ରକାଶ ପାଇଥିଲା। ନିର୍ମଳା ଦେବୀ ରାଜ୍ୟପାଳଙ୍କୁ ୪ ଥର ଭେଟିଥିବା ଏଥିରେ ଉଲ୍ଲେଖ କରାଯାଇଥିଲା। ଅନ୍ୟପକ୍ଷରେ ରାଜ୍ୟପାଳ ଏଭଳି ଅଭିଯୋଗକୁ ଖଣ୍ଡନ କରିବା ସହ ସମ୍ପୃକ୍ତ ମହିଳାଙ୍କୁ ଜାଣି ନ ଥିବା କହିଥିଲେ। ଏହାସହ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଏସ୍. ସନ୍ତନାମ୍‌ଙ୍କୁ ଏହାର ତଦନ୍ତ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ।



ଆର୍.ଆର୍. ଗୋପାଳ

**ରାଜ୍ୟପାଳଙ୍କ ବିରୋଧରେ ଲେଖିଥିଲେ ଅପମାନଜନକ ରିପୋର୍ଟ**

**ପୋଲିସ ଅନୁରୋଧକୁ କୋର୍ଟଙ୍କ ପ୍ରତ୍ୟାଖ୍ୟାନ, ମୁକ୍ତ ହେଲେ ଗୋପାଳ**



ବନୱାରିଲାଲ ପୁରୋହିତ

## ଫୁର୍‌ସତ

### ବିରଳ ପକ୍ଷୀ ଉଦ୍ଧାର

**ପୁଣେ:** ଡାଇରେକ୍ଟୋରେଟ୍ ଅଫ୍ ରେଭିନ୍ୟୁ ଇଣ୍ଟେଲିଜେନ୍ସିଜ୍ ପୁଣେ (ଡିଆର୍‌ଆଇପି) ୟୁନିଟ୍ ୧୯ଟି ବିରଳ ପକ୍ଷୀ ଜବତ କରିଛି। ଏଗୁଡିକ ଚୋରା ଚାଲାଣ ମାଧମରେ ବିକ୍ରି ପାଇଁ ଦେଶକୁ ଆସୁଥିଲା। ଆଫ୍ରିକୀୟ ଏବଂ ଦକ୍ଷିଣ ଆମେରିକୀୟ ଏହି ପକ୍ଷୀଗୁଡିକୁ ଡୋମିନିକ୍ ସେକ୍ୱିରା ଅଞ୍ଚଳରୁ ଜବତ କରାଯାଇଛି। ଡ୍ରିପ୍ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ପୁଣେ କଷ୍ଟମ୍ସ କମିଶନରେଟ୍ ଅଫିସରଙ୍କ ସହାୟତାରେ ଏଗୁଡିକୁ ସୋମବାର ଜବତ କରାଯାଇଥିଲା। ଏହି ବିଦେଶୀ ପକ୍ଷୀଗୁଡିକ ୧୫ ପ୍ରଜାତିର ଏବଂ ଏଗୁଡିକର ମୂଲ୍ୟ ଖୁବ୍ ଅଧିକ।



ବନ୍ୟପ୍ରାଣୀ ଚୋରାଚାଲାଣ ରୋକିବା ଦିଗରେ ଡ୍ରିପ୍ କାର୍ଯ୍ୟ କରିଆସୁଛି। ବିଦେଶର ବହୁ ଦୁର୍ଲଭ ପଶୁ ଏବଂ ପକ୍ଷୀ ଭାରତକୁ ଚୋରାଚାଲାଣ ହେଉଥିବା ବିଷୟ ଉପରେ ଡ୍ରିପ୍ ତୀକ୍ଷଣ ନଜର ରଖିଛି। ଜବତ ହୋଇଥିବା ପକ୍ଷୀଗୁଡିକୁ ପୁଣେସ୍ଥିତ ରାଜୀବ ଗାନ୍ଧୀ ଜୁଲୋଜିକାଲ୍ ପାର୍କକୁ ହସ୍ତାନ୍ତର କରାଯାଇଛି।

### ଜଳବାୟୁ ପରିବର୍ତ୍ତନର ମୁକାବିଲା ଜରୁରୀ

**ଜାତିସଂଘ:** ବିଶ୍ୱ ତାପନକୁ ୧.୫ ଡିଗ୍ରୀ ମଧରେ ସୀମିତ ରଖିବା ପାଇଁ ଜଳବାୟୁ ସମ୍ପର୍କିତ ଆନ୍ତଃ ସରକାରୀ କମିଟି (ଆଇପିସିସି) ଏକ ରିପୋର୍ଟ ପ୍ରକାଶ କରିବା ପରେ ଜାତିସଂଘର ସେକ୍ରେଟାରି ଜେନେରାଲ୍ ଆଣ୍ଟୋନିଓ ଗୁଟେରେସ୍ ଏ ସଂକ୍ରାନ୍ତରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଆହ୍ୱାନ ଦେଇଛନ୍ତି। ପ୍ୟାରିସ ଚୁକ୍ତି ଅନୁଯାୟୀ, ବିଶ୍ୱ ତାପନର ମାତ୍ରା ୨ଡିଗ୍ରୀ ସେଲ୍‌ସିୟସ୍ ବୃଦ୍ଧି ପର୍ଯ୍ୟନ୍ତ ଅପେକ୍ଷା ନ କରି ଏହି ମାତ୍ରା ଯେପରି ୧.୫ ଡିଗ୍ରୀ ମଧରେ ସୀମିତ ରହେ ସେଥିପ୍ରତି ଧ୍ୟାନଦେବାକୁ ହେବ। ଏହାଦ୍ୱାରା ପ୍ରାକୃତିକ ପରିବେଶର ସନ୍ତୁଳନ ବଜାୟ ରହିବା ସହିତ ଜନସାଧାରଣ ଉପକୃତ ହୋଇପାରିବେ ବୋଲି ଆଇପିସିସି ରିପୋର୍ଟ କରିଛି। ଏଥିରେ କୁହାଯାଇଛି, ଜଳବାୟୁର ଦ୍ରୁତ ପରିବର୍ତ୍ତନ ଘଟୁଛି। ତେବେ ଏହାର ମୁକାବିଲା ଦିଗରେ ଆମେ ପଛେଇଯାଇଛୁ ବୋଲି ଗୁଟେରେସ୍ ଏକ ବିବୃତିରେ ସୋମବାର ପ୍ରକାଶ କରିଛନ୍ତି। ବିଶ୍ୱ ତାପନର ମାତ୍ରା ୧.୫ଡିଗ୍ରୀରୁ ୨ ଡିଗ୍ରୀ ମଧରେ ରହିଲେ ପରିବେଶ କିପରି ପ୍ରଭାବିତ ହେବ ସେ ସମ୍ପର୍କିତ ବିସ୍ତୃତ ଚିତ୍ର ବୈଜ୍ଞାନିକମାନେ ଉପସ୍ଥାପନ କରିଛନ୍ତି। ବିଶ୍ୱ ତାପନରେ .୫ ଡିଗ୍ରୀର ତାରତମ୍ୟ ବିଶ୍ୱରେ ଅନେକ ପରିବର୍ତ୍ତନ ସୃଷ୍ଟିକରିବ। ବିଶ୍ୱର ତାପମାତ୍ରା ୨ଡିଗ୍ରୀ ସେଲ୍‌ସିୟସ ବୃଦ୍ଧିପାଇଲେ ଅନେକ ପ୍ରଜାତିଙ୍କର ଅବକ୍ଷୟ ଘଟିବ। କେତେକ ଅଞ୍ଚଳରେ ବନ୍ୟା ଓ ଆଉ କେତେକ ଅଞ୍ଚଳରେ ମରୁଡି ସୃଷ୍ଟିହୋଇ ଲକ୍ଷ ଲକ୍ଷ ଲୋକଙ୍କ ପ୍ରାଣହାନି ଘଟିବ। ବିଶ୍ୱରେ ଅନେକ ଅଞ୍ଚଳରେ ଅସ୍ଥିରତା ସୃଷ୍ଟିହେବ। ୨୦୩୦ ସୁଦ୍ଧା ବିକିରଣ ପ୍ରଭାବ ଅଧାଭାଗକୁ ହ୍ରାସ କରିବା ପାଇଁ ଜରୁରୀ କାର୍ଯ୍ୟାନ୍ୱୟନ ଆବଶ୍ୟକ। ଏହାଦ୍ୱାରା ୨୦୫୦ ସୁଦ୍ଧା ବିଷାକ୍ତ ଗ୍ୟାସ ନିର୍ଗମନକୁ ସମ୍ପୂର୍ଣ୍ଣ ଦୂର କରାଯାଇପାରିବ ବୋଲି ଗୁଟେରେସ୍ ପ୍ରକାଶ କରିଛନ୍ତି।





ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

ରାଜ୍ୟ–ଆସନ୍ତା ୨୪ ଘଣ୍ଟା ମଧରେ ଓଡ଼ିଶାର କେତେକ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବା ସହ ବର୍ଷା ହୋଇପାରେ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୧.୮ | ୨୨.୪ |
| ଚାନ୍ଦବାଲି | ୩୨.୨ | ୨୪.୯ |
| କଟକ | ୩୧.୮ | ୨୩.୦ |
| ପାରାଦ୍ୱୀପ | ୩୩.୨ | ୨୫.୬ |
| ଭୁବନେଶ୍ୱର | ୩୩.୦ | ୨୩.୪ |
| ଗୋପାଳପୁର | ୩୫.୦ | ୨୩.୯ |
| ପୁରୀ | ୩୩.୦ | ୨୫.୨ |
| ଅନୁଗୋଳ | ୩୨.୭ | ୧୯.୦ |
| ବାରିପଦା | ୩୪.୦ | ୨୨.୫ |
| ଝାରସୁଗୁଡ଼ା | ୩୪.୮ | ୨୧.୦ |
| କେନ୍ଦୁଝର | ୩୧.୭ | ୧୯.୦ |
| ସମ୍ବଲପୁର | ୩୪.୯ | ୨୨.୦ |
| ସୁନ୍ଦରଗଡ଼ | ୨୯.୦ | --- |
| ହୀରାକୁଦ | ୩୫.୩ | ୨୨.୬ |
| ତାଳଚେର | ୩୫.୨ | ୨୧.୫ |
| ଭବାନୀପାଟଣା | ୩୧.୨ | ୨୦.୦ |
| ବଲାଙ୍ଗୀର | ୩୪.୫ | ୨୨.୫ |
| କୋରାପୁଟ | ୨୮.୨ | ୧୬.୦ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୩୪.୦ | ୨୦.୦ |
| ମାଲକାନଗିରି | ୩୨.୫ | --- |
| ସୋନପୁର | ୩୫.୨ | ୨୨.୮ |
| ଦାରିଙ୍ଗିବାଡ଼ି | ୨୭.୭ | ୧୭.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ତନୁଶ୍ରୀଙ୍କୁ ସମର୍ଥନ ଜଣାଇଲେ ସୋହା



**ମୁମ୍ବାଇ:** ଅଭିନେତ୍ରୀ ସୋହା ଅଲି ଖାନ୍ ତନୁଶ୍ରୀଙ୍କୁ ସମର୍ଥନ କରିବାକୁ ଆଗେଇ ଆସିଛନ୍ତି। ତାଙ୍କ କହିବାନୁଯାୟୀ, ଭାରତ ଭଳି ଦେଶରେ ନାରୀର ଜୀବନଯାପନ ଖୁବ୍ କଷ୍ଟକର। 'ନୋ ଫିଲ୍‌ଟର ନେହା ସିଜିନ୍ ୩' ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୋହା ଏହା ପ୍ରକାଶ କରିଛନ୍ତି। ତାଙ୍କ ସହ ଉପସ୍ଥିତ ଥିଲେ ନେହା ଧୁପିଆ, ସୋଫି ଚୌଧୁରୀ, ଅଙ୍ଗଦ ବେଦୀ ଏବଂ ଗୌରବ କପୁର। ୨୦୦୮ରେ ଏକ ଫିଲ୍ମସେଟ୍‌ରେ ନାନା ପାଟେକର ଯୌନ ଉତ୍ପୀଡନ ଦେଇଥିବା ସମ୍ପର୍କରେ ତନୁଶ୍ରୀ ମୁହଁ ଖୋଲିବାପରେ ଭାରତରେ ବର୍ତ୍ତମାନ '#ମି ଟୂ' ଆନ୍ଦୋଳନ ଜୋରଦାର ହୋଇଛି। ଏ ସମ୍ପର୍କରେ ସୋହା କହନ୍ତି, ମହିଳାମାନେ ଏ ସମ୍ପର୍କରେ ସାହସର ସହିତ ପାଟି ଖୋଲିବା ଖୁସିର ବିଷୟ। ଅନେକ ମହିଳା ଦୈନିକ ଯୌନ ଉତ୍ପୀଡନର ଶିକାର ହେଉଛନ୍ତି। ଭାରତ ଭଳି ଦେଶରେ ମହିଳାମାନେ ନିରାପଦରେ ଜୀବନଯାପନ କରିବା ଖୁବ୍ କଷ୍ଟକର। ଏଥିପାଇଁ ମହିଳାମାନେ ସାହସ ବାନ୍ଧି ନିଜ ସମସ୍ୟାର ମୁକାବିଲା କରନ୍ତୁ। ସେମାନଙ୍କୁ ସମର୍ଥନ ଓ ଉତ୍ସାହିତ କରାଯିବା ଆବଶ୍ୟକ ବୋଲି ସେ ପ୍ରକାଶ କରିଛନ୍ତି।


**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର–(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ–(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି–09999032822, କଟକ ଅଫିସ–(0671)2321004, 2322004, ସମ୍ବଲପୁର–(0663) 2405816, ଢେଙ୍କାନାଳ ଅଫିସ–(06762)224254, ଫୁଲବାଣୀ ଅଫିସ–(06842)253116, 9438367053, ବଲାଙ୍ଗୀର ଅଫିସ–(06652)234333, ବରଗଡ ଅଫିସ–(06646)234789, ଅନୁଗୋଳ–(06764)237556, (ତାଳଚେର–(06760)241177, ରାଉରକେଲା ଅଫିସ–(0661)2643242, ସୁନ୍ଦରଗଡ଼–9437346088, ଯାଜପୁର ଅଫିସ–8895242449, ପାରାଦୀପ–(06722)221081, ବାଲେଶ୍ୱର ଅଫିସ–(06782)240604, ବାରିପଦା ଅଫିସ–9437018073, ଭବାନୀପାଟଣା–9437153870, ରାୟଗଡା ଅଫିସ–(06856)225625, 9437090496, କୋରାପୁଟ ଅଫିସ–06852252599, ଜୟପୁର–9437182105, ନବରଙ୍ଗପୁର–9437119068, ସୋନପୁର–9438739383, ଯାଜପୁର ରୋଡ଼–(06726)265030, ଖୋର୍ଦ୍ଧା ଅଫିସ–(06755)223444, ପୁରୀ ଅଫିସ–(06752)221922, ଆସ୍କା–(06822)273440, 272144, କେନ୍ଦୁଝର–9437197395, ଜଗତ୍‌ସିଂହପୁର ଅଫିସ–(06724)224030, 8763968203, ନୟାଗଡଅଫିସ–(06753)252710, ଭଦ୍ରକଅଫିସ–(06784)242101, ନୂଆପଡ଼ାଅଫିସ–(06678)223068, ଝାରସୁଗୁଡ଼ାଅଫିସ–(06645)272799, ଦେବଗଡ–9437121562, କେନ୍ଦ୍ରାପଡ଼ାଅଫିସ–06727233825, ପାରଳାଖେମୁଣ୍ଡି–9437140002.

## ସଂକ୍ଷେପରେ

### ବାଇକ୍ ଧକ୍କାରେ ସାଇକେଲ୍ ଆରୋହୀ ମୃତ

ତାଳଚେର,୯।୧୦(ନି.ପ୍ର.)- ତାଳଚେର ବ୍ଲକ ଦୟାନିଧିପୁର ଗ୍ରାମ ନିକଟରେ ମଙ୍ଗଳବାର ବାଇକ୍ ଧକ୍କାରେ ସାଇକେଲ ଆରୋହୀ ପରଜଙ୍ଗ ଥାନା ସାଆନ୍ଦା ଗ୍ରାମର ପ୍ରମୋଦ ପ୍ରଧାନଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣାରେ ବାଇକ୍ ଆରୋହୀ ଏକାଦଶୀ ଦେହୁରୀ ଗୁରୁତର ହୋଇଛନ୍ତି। ତାଙ୍କୁ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପ୍ରମୋଦ ପୂର୍ବାହ୍ନ ସାଢେ ୧୦ଟାରେ ସାଇକେଲ ଯୋଗେ ମାମୁଘର ଦୟାନିଧିପୁର ଯାଉଥିବା ବେଳେ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଖବରପାଇ ତାଳଚେର ପୋଲିସ ବାଇକ୍ ଓ ସାଇକେଲ ଜବତ କରିଛି। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

### ଧକ୍କା ଦେଲା ଟ୍ରକ୍, ପୋଲିସ କର୍ମଚାରୀ ମୃତ

ଅନୁଗୋଳ ଅଫିସ, ୯।୧୦- ଅନୁଗୋଳ କାଲଟାକ୍ସ ଛକ ଠାରେ ମଙ୍ଗଳବାର ରାତିରେ ଟ୍ରକ୍ ଧକ୍କାରେ ଜଣେ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଦେବଗଡ଼ ଥାନା ଝରାଗଗୁଆର ଉଦୟନାଥ କିଷାନ(୩୨)। ସେ ଅନୁଗୋଳ ଥାନା ଅଧୀନରେ କାର୍ଯ୍ୟରତ ଥିଲେ। ଉଦୟନାଥ ଏକ ସ୍କୁଟି (ନଂ.ଓଡି୧୯ଏଲ-୦୩୩୯)ରେ ବିକ୍ରମପୁର ବାରାକ ଫେରୁଥିବା ବେଳେ ଏକ ଟ୍ରକ୍ (ନଂ. ସିଜି୦୪ଜେଡି-୦୧୭୬) ତାଙ୍କୁ ଧକ୍କା ଦେଇଥିଲା। ପୋଲିସ ମୃତଦେହ ଜବତ କରିବା ସହ ନଂ. ୬୯୩/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଟ୍ରକ୍ ଓ ଚାଳକଙ୍କୁ ଅଟକ ରଖାଯାଇଛି। ମୃତ କିଷାନ ୩ ବର୍ଷ ତଳେ ବିବାହ କରିଥିଲେ ଓ ତାଙ୍କର ବର୍ଷକର ଝିଅ ଥିବା ପୋଲିସ କହିଛି।

### ଛାତ୍ର ସଂସଦ ନିର୍ବାଚନ ପାଇଁ ଜମୁଛି ଭୋଜିଭାତ

ବଅଁରପାଳ,୯।୧୦(ଡି.ଏନ.ଏ.)- ଦିନକ ପରେ ଛାତ୍ର ସଂସଦ ନିର୍ବାଚନ। ଏଥିପାଇଁ ବଅଁରପାଳ କଲେଜରେ ଉଷ୍ମତା ବଢିବାରେ ଲାଗିଛି। ବିଶେଷକରି ସଭାପତି ପଦ ହାତେଇବା ପାଇଁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଉଦ୍ୟମ କରାଯାଉଛି। ଅପରପକ୍ଷେ ଛାତ୍ରୀଛାତ୍ରଙ୍କୁ ନିଜ ସପକ୍ଷକୁ ଆଣିବାକୁ କେତେଜଣ ପ୍ରାର୍ଥୀ ଭୋଜି ଭାତର ଆସର ଜମାଇଥିବା ଦେଖିବାକୁ ମିଳୁଛି।

### ହାଟ ସମ୍ମୁଖରୁ ବାଇକ୍ ଚୋରି

ବଅଁରପାଳ,୯।୧୦(ଡି.ଏନ.ଏ.)- ବଅଁରପାଳ ହାଟ ସମ୍ମୁଖରୁ ମଙ୍ଗଳବାର ସକାଳେ ନଗେନ୍ଦ୍ର କୁମାର ଦାସଙ୍କ ଏକ ବାଇକ୍ (ନଂ. ଓଆର୧୯ଏଚ-୧୭୮୫) ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ନଗେନ୍ଦ୍ର ହାଟ ସମ୍ମୁଖରେ ବାଇକ୍ ରଖି ଭିତରକୁ ଯାଇଥିଲେ। କିଛି ସମୟ ପରେ ତାଙ୍କ ବାଇକ୍ ଚୋରି ହୋଇଯାଇଥିବା ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

### ୧୧ରେ ପ୍ରତିବାଦ ସଭା

ମାଧପୁର,୯।୧୦- ଓଡ଼ିଶା କୃଷକ ମହାସଂଘ ଆଠମଲ୍ଲିକ ଶାଖା ତରଫରୁ କୃଷକମାନଙ୍କ ୯ ଦଫା ଦାବି ନେଇ ଆସନ୍ତା ୧୧ ତାରିଖରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହେବ। ଏହାପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯିବ। ଆଠମଲ୍ଲିକ ଉପଖଣ୍ଡର ସମସ୍ତ ଜମିକୁ ଜଳସେଚନ, ସର୍ଭେ ହୋଇଥିବା ସମସ୍ତ କେନାଲ କାର୍ଯ୍ୟକ୍ଷମ, ସରକାରଙ୍କ ପ୍ରସ୍ତାବିତ ୫ ଗୋଟି ମେଗା ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା, ଉପଖଣ୍ଡର ସମସ୍ତ ଡାକ୍ତରଖାନାରେ ଖାଲି ପଡିଥିବା ଡାକ୍ତର ପଦବୀ ପୂରଣ କରିବା, ଚାଷୀମାନଙ୍କ ସମ୍ପୂର୍ଣ୍ଣ ଋଣ ଛାଡ, ଧାନର ଧାର୍ଯ୍ୟ ମୂଲ୍ୟ ୨୯୩୦ ଟଙ୍କା ପ୍ରଦାନ ଓ ମାଧପୁରଠାରେ ଏକ ଶୀତଳ ଭଣ୍ଡାର ନିର୍ମାଣ ଆଦି ଦାବି ନେଇ ସଭା ଅନୁଷ୍ଠିତ ହେବ ବୋଲି ସଂଘ ସମ୍ପାଦକ ଯତୀନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

### ଚୋରି ଅଭିଯୋଗରେ ୨ ଗିରଫ

ବଇଣ୍ଡା,୯।୧୦(ଡି.ଏନ.ଏ.)- କିଶୋରନଗର ବ୍ଲକ ହଣ୍ଡପା ଥାନା ବଇଶିଣା ଗ୍ରାମର ରଞ୍ଜିତ ବେହେରାଙ୍କ ଟ୍ରକ୍‌ରୁ ୪ ଶହ ଲିଟର ଡିଜେଲ ଚୋରି ଅଭିଯୋଗରେ ମଙ୍ଗଳବାର ହଣ୍ଡପା ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଖାଲପାଳ ଗ୍ରାମର ସର୍ବ ବେହେରା ଓ ବଡ଼ତଙ୍ଗିଆଣୀ ଗ୍ରାମର ଦୀପକ ସେଠୀ। ସେମାନଙ୍କଠାରୁ ତେଲ ଚୋରିରେ ବ୍ୟବହୃତ ଏକ ଅଟୋକୁ ପୋଲିସ ଜବତ କରିଛି। ଏ ନେଇ ନଂ. ୧୪୮/୧୮ ଏକ ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୋଲିସ କହିଛି, ରଞ୍ଜିତ ତାଙ୍କ ଘର ସାମ୍ନାରେ ରବିବାର ଟ୍ରକ୍ ରଖିଥିଲେ। ବିଳମ୍ବିତ ରାତିରେ ସର୍ବ ଓ ଦୀପକ ସେଥିରୁ ୪ ଶହ ଲିଟର ଡିଜେଲ ଚୋରି କରି ନେଇଥିବା ଥାନାରେ ଅଭିଯୋଗ ହୋଇଥିଲା।

■ଓସ୍କାପାଲି ପଞ୍ଚାୟତକୁ ମଦ ମୁକ୍ତ ଦାବି

# ବ୍ଲକ ଘେରାଉ, ଜିଲାପାଳଙ୍କୁ ଦାବିପତ୍ର

ବଇଣ୍ଡା,୯।୧୦(ଡି.ଏନ.ଏ.)



ମହିଳା ପୁରୁଷମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

କିଶୋରନଗର ବ୍ଲକ ଓସ୍କାପାଲି ପଞ୍ଚାୟତକୁ ମଦମୁକ୍ତ କରାଯିବା ଦାବିରେ ମଙ୍ଗଳବାର ଆଞ୍ଚଳିକ ମହିଳା ମହାସଂଘ ପକ୍ଷରୁ କିଶୋରନଗର ବ୍ଲକ ଘେରାଉ କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବରପଡ଼ିଆଠାରୁ ଶତାଧିକ ମହିଳା ଏକ ଶୋଭାଯାତ୍ରାରେ ବାହାରି ବ୍ଲକ

- ■ଚୋରା ମହୁଲି ମଦ ବିକ୍ରି ବଢୁଛି
- ■ଭାଟି କର୍ମଚାରୀ କରୁଛନ୍ତି ବେଆଇନ ଚାଲାଣ
- ■ଗାଁରେ ବୃଦ୍ଧିପାଉଛି ବିଶୃଙ୍ଖଳା

ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ ପରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ମହିଳା ସଂଘ ସଭାନେତ୍ରୀ ସରୋଜିନୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବାସନ୍ତୀ ବେହେରା, ଲୀନା ପ୍ରଧାନ, ସରୋଜିନୀ ନାୟକ, ପୁଷ୍ପାଞ୍ଜଳି ପ୍ରଧାନ, ଓସ୍କାପାଲି ସରପଞ୍ଚ ସୁଷମା ମିର୍ଦ୍ଧା, ଜୀବନଜୀବିକା ଓ କୃଷି ଜମି ସୁରକ୍ଷା କମିଟି ସଭାପତି ଦୀନବନ୍ଧୁ ପ୍ରଧାନ, ପୂର୍ବତନ ସରପଞ୍ଚ ରମଣୀ ରଞ୍ଜନ ପ୍ରଧାନ, ତୀର୍ଥବାସୀ ଭୋଇ, ସୁଧାଂଶୁ ପ୍ରଧାନ, ଦେବରାଜ ପ୍ରଧାନ, ନିରାକାର ପ୍ରଧାନ, ଆଶିଷ ପ୍ରଧାନ, ଧନଞ୍ଜୟ ପ୍ରଧାନଙ୍କ ସମେତ ବହୁ ମହିଳାପୁରୁଷ ଯୋଗ ଦେଇଥିଲେ।

ସେମାନେ କହିଥିଲେ ଯେ, ଓସ୍କାପାଲି ପଞ୍ଚାୟତର ତାଳପଦର, ବାଲିଜେରେଙ୍ଗ, ଦାଦରପାଲି, ଗଡ଼ଗଡ଼ବାହାଳ, ଡାଲିମୁରା, ଓସ୍କାପାଲି, ଝିଙ୍କିବାହାଳ, ମହୁଲପାଳ, ଚଟିଆମାଳ, ବାଦିବାହାଳ ଆଦି ଗ୍ରାମରେ ଚୋରା ଦେଶୀ ମହୁଲି ମଦ ବିକ୍ରି ହେଉଛି। ତାଳପଦରଠାରେ ଥିବା ବେଆଇନ ଦେଶୀ ମଦ ଭାଟିର ବ୍ୟବସାୟ ବୃଦ୍ଧି ପାଇଁ ପ୍ରତ୍ୟେକ ଗ୍ରାମକୁ ପାଉଚ ମଦ ଚାଲାଣ କରାଯାଉଛି। ଭାଟି କର୍ମଚାରୀମାନେ ସ୍ଥାନୀୟ ପୋଲିସ ଓ ଅବକାରୀ ବିଭାଗ କର୍ମଚାରୀଙ୍କୁ ହାତ କରି ମାତ୍ରାଧିକ ଚୋରା ଚାଲାଣ କରି ବ୍ୟବସାୟ ବଢ଼ାଇବାରେ ଲାଗିଛନ୍ତି। ଫଳରେ କେତେକ ଝୁମ୍ପୁଡ଼ି ଘର, ଡେଜରାତି ଦୋକାନ, ହୋଟେଲରେ ବ୍ୟାପକ ପରିମାଣରେ ଚୋରା ମଦ ବିକ୍ରି କରାଯାଉଛି। ଗାଁଗଣ୍ଡାରେ ଚୋରା ମଦର ଏପରି କାରବାର ଯୋଗୁ ଅଯଥାରେ ଗଣ୍ଡଗୋଳ ସୃଷ୍ଟି ହେଉଛି। ପରିବାରରେ ବିଶୃଙ୍ଖଳା ବଢୁଥିବା ବେଳେ ମହିଳାଙ୍କ ଉପରେ ନିର୍ଯାତନା ଘଟଣା ମଧ୍ୟ ବୃଦ୍ଧି ପାଉଛି। ଏ ନେଇ ବହୁବାର ଆନ୍ଦୋଳନ କରାଯାଇ ଥାନା ଓ ଅବକାରୀ କର୍ମଚାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ତୁରନ୍ତ ଜିଲା ପ୍ରଶାସନ ଦୃଷ୍ଟି ଦେଇ ଚୋରା ମଦ କାରବାର ବନ୍ଦ କରିବା ସହ ତାଳପଦର ମଦ ଭାଟିକୁ ଉଚ୍ଛେଦ କରିବା ପାଇଁ ଏକ ଦାବିପତ୍ର କିଶୋରନଗର ଜନଶୁଣାଣିଠାରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଆଗାମୀ ଦିନରେ ଏହି କାରବାର ବନ୍ଦ କରା ନ ଗଲେ ଆନ୍ଦୋଳନ ତୀବ୍ର ହେବ ବୋଲି ପଞ୍ଚାୟତବାସୀ ଚେତାବନୀ ଦେଇଛନ୍ତି।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ବିଧାୟକ ବାଣ୍ଟିଲେ ରାଶନ କାର୍ଡ

ଆଠମଲ୍ଲିକ,୯।୧୦(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ସଭାଘରେ ମଙ୍ଗଳବାର ବ୍ଲକସ୍ତରୀୟ ରାଶନ କାର୍ଡ ବଣ୍ଟନ କାର୍ଯ୍ୟର ଶୁଭାରମ୍ଭ ହୋଇଛି। ବିଧାୟକ ସଞ୍ଜୀବ ସାହୁ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନଅଗାଁ, ଅଏଡା, ଲୁହାସିଙ୍ଗା, ଜାମୁଡୋଲି ଓ ଆଠମଲ୍ଲିକ ଏନଏସିର ୫୮୩ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରିଥିଲେ। ଏହି ଯୋଜନାରେ ଆଠମଲ୍ଲିକ ବ୍ଲକର ୧୩୧୪ ଓ ଏନ୍‌ଏସିର ୩୫୩ ପରିବାରକୁ ସାମିଲ କରାଯାଇଛି। ଆସନ୍ତା ୧୦ ତାରିଖରେ ମାଧପୁର ଓ ୧୧ରେ ଠାକୁରଗଡରେ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯିବାର ବ୍ୟବସ୍ଥା କରାଯାଇଛି। ସମ୍ପୃକ୍ତ କାର୍ଡଧାରୀମାନେ ଚଳିତ ମାସରୁ ମୁଣ୍ଡପିଛା ୫ କିଲୋ ଚାଉଳ ଉଠାଣ କରିପାରିବେ। ଆୟୋଜିତ ଉତ୍ସବରେ ଆଠମଲ୍ଲିକ ଭାରପ୍ରାପ୍ତ ବିଡିଓ ରାହାସ ଚନ୍ଦ୍ର ନାୟକ ସଭାପତିତ୍ୱ କରିଥିବା ବେଳେ ଉପଜିଲାପାଳ ସୁବାସ ଚନ୍ଦ୍ର ରାୟ, ଆଇନଜୀବୀ ଅସିତ୍ ରଞ୍ଜନ ଦେଓ, ସହକାରୀ ଯୋଗାଣ ଅଧିକାରୀ ଦାଶରଥୀ ସୋରେନ୍, ବ୍ଲକ ଅଧ୍ୟକ୍ଷା ମୀନାକ୍ଷୀ ଦଳେଇ, ଏମ୍‌ପିଙ୍କ ପ୍ରତିନିଧି କ୍ଷୀରୋଦ କୁମାର ବଘାର, ବିଧାୟକଙ୍କ ପ୍ରତିନିଧି ସଚ୍ଚିଦାନନ୍ଦ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସର୍ବେଶ୍ୱର ମଲ୍ଲିକ ଅତିଥି ପରିଚୟ ଏବଂ ଏନ୍‌ଏସି ନିର୍ବାହୀ ଅଧିକାରୀ ବିଜୟ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଯୋଗାଣ ନିରୀକ୍ଷକ ଇତି ରଞ୍ଜନ ପାତ୍ର ସହଯୋଗ କରିଥିଲେ। ଏହି ଉତ୍ସବରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଶତାଧିକ ମହିଳା, ବ୍ଲକ କର୍ମଚାରୀ ଯୋଗଦାନ କରିଥିଲେ।

# ଟ୍ରକ୍ ଧକ୍କାରେ ମହିଳା ମୃତ

ଛେଣ୍ଡିପଦା,୯।୧୦(ସ୍ୱ.ପ୍ର.)

ଜରପଡା ଥାନା କତଡା ଗ୍ରାମ ଦେଇ ଯାଇଥିବା ୫୫ନଂ. ଜାତୀୟ ରାଜପଥରେ ମଙ୍ଗଳବାର ସନ୍ଧ୍ୟାରେ ଏକ ବାଇକ୍‌କୁ ଟ୍ରକ୍ ଧକ୍କା ଦେବାରୁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ପୋଲିସ କହିଛି, ବନ୍ତଲା ଥାନା ପୁରୁଣାଗଡ଼ ଗ୍ରାମର ସୂର୍ଯ୍ୟକାନ୍ତି ସାହୁ ସମ୍ପର୍କୀୟ ଭାଇଁ ରାଜକିଶୋର ସାହୁଙ୍କ ସହ ଆଠମଲ୍ଲିକ ଅଞ୍ଚଳରୁ ବାଇକ୍ ଯୋଗେ ଫେରୁଥିବାବେଳେ ଏକ ଟ୍ରକ୍ ଧକ୍କା ଦେଇ ପଳାଇ ଯାଇଥିଲା। ଘଟଣାସ୍ଥଳରେ ସୂର୍ଯ୍ୟକାନ୍ତିଙ୍କ ମୃତ୍ୟୁ ହୋଇଥିଲା।

■ଡାକ୍ତର ସଂଖ୍ୟା ହ୍ରାସର ପ୍ରତିବାଦ

# ଉପଜିଲାପାଳଙ୍କୁ ଦିଆଗଲା ୩ ଦିନ ସମୟ


ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ତାଳଚେର,୯।୧୦(ନି.ପ୍ର.)

ତାଳଚେର ଉପଖଣ୍ଡ ଡାକ୍ତରଖାନାରେ ଡାକ୍ତରଙ୍କ ସଂଖ୍ୟା ହ୍ରାସ ପ୍ରତିବାଦରେ ଏବଂ ତୁରନ୍ତ ଆବଶ୍ୟକ ସଂଖ୍ୟକ ଡାକ୍ତର ନିଯୁକ୍ତି ଦାବିରେ ମଙ୍ଗଳବାର ତାଳଚେରବାସୀଙ୍କ ସହ ବିଭିନ୍ନ ସଙ୍ଗଠନ ପକ୍ଷରୁ ସ୍ଥାନୀୟ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଉପଖଣ୍ଡ ଡାକ୍ତରଖାନା ଉପରେ ତାଳଚେର ସମେତ କଣିହାଁ, ପାଲଲହଡା, ରେଙ୍ଗାଳି, ଖମାର, ପରଜଙ୍ଗ, ବଅଁରପାଳ ଅଞ୍ଚଳର ରୋଗୀମାନେ ନିର୍ଭର କରିଥାନ୍ତି। ଏଥିସହ ଜାତୀୟ ରାଜପଥରେ ଘଟୁଥିବା ଦୁର୍ଘଟଣାର ଆହତମାନଙ୍କୁ ମଧ୍ୟ ଏଠାରେ ଭର୍ତ୍ତି କରାଯାଇଥାଏ। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ୧୪ଜଣ ଡାକ୍ତର ରହିବାର ଆବଶ୍ୟକତା ଥିବାବେଳେ କାର୍ଯ୍ୟରତ ମାତ୍ର ୯ ଡାକ୍ତରଙ୍କ ମଧ୍ୟରୁ ୪ ଜଣଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଏଠାରେ ୨ଜଣଙ୍କୁ ନୂତନ ନିଯୁକ୍ତି ଦିଆଯାଇଛି। ଏଥିଯୋଗୁ ରୋଗୀ ସେବା ବାଧାପ୍ରାପ୍ତ ହେଉଛି ଏବଂ ଆଗାମୀ ଦିନରେ ଆହୁରି ସମସ୍ୟା ସୃଷ୍ଟି ହେବ ବୋଲି ତାଳଚେରବାସୀ ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ କୁହାଯାଇଛି। ଆସନ୍ତା ୩ଦିନ ଭିତରେ ଏହାର ସମାଧାନ କରା ନ ଗଲେ ଡାକ୍ତରଖାନା ଭିତରେ ଧର୍ମଘଟ କରାଯିବ ବୋଲି ବାପି ମହାନ୍ତି, ଶୋଭେନ ମିଶ୍ର, ଅଶୋକ କୁମାର ବେହେରା, ସୁଧୀର ପଟ୍ଟନାୟକ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ଲୋକଙ୍କ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦିଅ

ବଇଣ୍ଡା,୯।୧୦(ଡି.ଏନ.ଏ.)

ସାଧାରଣ ଲୋକେ ଅନେକ ସମସ୍ୟା ଦେଇ ଗତି କରୁଛନ୍ତି। ସେମାନେ ଏ ନେଇ ପ୍ରଶାସନିକ ଅଧିକାରୀଙ୍କୁ ଅବଗତ କରାଇଲେ ମଧ୍ୟ ସମାଧାନ ହେଉନାହିଁ। ଫଳରେ ଲୋକେ ପ୍ରଶାସନ ଉପରୁ ଆସ୍ଥା ହରାଉଛନ୍ତି। ତୁରନ୍ତ ସମସ୍ତ ପଦାଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ଲୋକଙ୍କ ସମସ୍ୟା ସମାଧାନକୁ ଗୁରୁତ୍ୱ ଦିଅନ୍ତୁ ବୋଲି ମଙ୍ଗଳବାର କିଶୋରନଗର ବ୍ଲକ ସଭାଗୃହ ପରିସରରେ ଜିଲା ଓ ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ଜନ ଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେଇ ଅନୁଗୋଳ ଜିଲାପାଳ ଅନିଲ କୁମାର ସାମଲ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ୧୨୪ଟି ଅଭିଯୋଗର ଶୁଣାଣି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ପିଡି ଅତୁଲ୍ୟ କୁମାର ଚମ୍ପତିରାୟ, ଅତିରିକ୍ତ ଏସ୍‌ପି ଯଦୁନାଥ ହାଁସଦା, କିଶୋରନଗର ଅତିରିକ୍ତ ତହସିଲଦାର ଲୋପାମୁଦ୍ରା ରଥ, ବିଡିଓ ଅମୃତା ପ୍ରିୟମ୍ବଦା, ଅଧ୍ୟକ୍ଷା ବବିତା ପ୍ରଧାନ, ଜିଲା ଚିକିତ୍ସା ଅଧିକାରୀ ଶିବ ପ୍ରସାଦ ପାଢୀ, ଡେପୁଟି କଲେକ୍ଟର ବୈତୁରା ଦୀପ, ଉପଖଣ୍ଡ ପଞ୍ଚାୟତ ଅଧିକାରୀ ଗଜେନ୍ଦ୍ର କୁମାର ବାରିକ, ଜିଲା ପଞ୍ଚାୟତ ଅଧିକାରୀ ଅମରେଶ ରଥ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ବିଭାଗର ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ବିହନ ମିଳୁ ନ ଥିବାରୁ ଉଦ୍‌ବେଗ



କୃଷି ସମାଧାନ ଶିବିରରେ ଅଧିକାରୀ ଓ ଜନପ୍ରତିନିଧି।

ବଇଣ୍ଡା,୯।୧୦(ଡି.ଏନ.ଏ.)

ଚାଷୀଙ୍କ ବିକାଶ ପାଇଁ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ହେଲେ ଏ ସବୁ ଯୋଜନା ଚାଷୀଙ୍କ ନିକଟରେ ଠିକଣା ଭାବେ ପହଞ୍ଚି ପାରୁନାହିଁ। ଚାଷୀଙ୍କୁ ଆଳୁ, ଡାଲି, ବାଦାମ, ବିରି, ମୁଗ ବିହନ ସମୟ ଅନୁଯାୟୀ ମିଳୁନାହିଁ। ଫଳରେ ଚାଷୀମାନେ କୃଷି ବିଭାଗ କାର୍ଯ୍ୟାଳୟକୁ ବାରମ୍ବାର ଦୌଡ଼ି ନିରାଶ ହୋଇ ଫେରୁଛନ୍ତି। ଏପରିକି ସରକାରଙ୍କ ପକ୍ଷରୁ ମିଳୁଥିବା ସବ୍‌ସିଡି ମଧ୍ୟ ବାଟମାରଣା କରାଯାଉଛି ବୋଲି କିଶୋରନଗର ବ୍ଲକ ଜାମୁନାଳୀ ପଞ୍ଚାୟତ ସଭାଗୃହଠାରେ ମଙ୍ଗଳବାର ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ କୃଷି ସମାଧାନ ଶିବିରରେ ଯୋଗଦେଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହି ବୈଠକରେ ଯୋଗଦେଇଥିବା ଅନୁଗୋଳ ପିଡି ଅତୁଲ୍ୟ କୁମାର ଚମ୍ପତିରାୟ ଚାଷୀମାନଙ୍କ ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜାମୁନାଳୀ ପଞ୍ଚାୟତର ଚାଷୀମାନେ ଯୋଗଦେଇ ସମସ୍ୟା ଗୁଡ଼ିକ ଉଲ୍ଲେଖ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଶୋରନଗର ବିଡିଓ ଅମୃତା ପ୍ରିୟମ୍ବଦା, ଆଠମଲ୍ଲିକ ଉପଜିଲାପାଳ ସୁବାସ ଚନ୍ଦ୍ର ରାୟ, ବ୍ଲକ ଅଧ୍ୟକ୍ଷା ବବିତା ପ୍ରଧାନ, ଜାମୁନାଳୀ ସରପଞ୍ଚ ସ୍ୱୟଂବର ପ୍ରଧାନ, କୃଷି ଉପନିର୍ଦ୍ଦେଶକ ବିଜୟ କୁମାର ମହାପାତ୍ର, ସହକାରୀ କୃଷି ଅଧିକାରୀ ଚଣ୍ଡୀ ପ୍ରସାଦ ମହାଲିକ, ଦୀପ୍ତିମୟୀ ସିଂ, ସହକାରୀ ଉଦ୍ୟାନ ଅଧିକାରୀ ଜିଜ୍ଞାସା ମିଶ୍ର, ସହକାରୀ ଯୋଗାଣ ଅଧିକାରୀ ଦାଶରଥି ସୋରେନ, ଉଠା ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ନରେନ୍ଦ୍ର ଜେନାମଣି, ଜିଲା ପରିଷଦ ସଦସ୍ୟା ଜୟନ୍ତୀ ପ୍ରଧାନ, କୃଷି ବିଶେଷଜ୍ଞ ବିଦ୍ୟାଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ୧୮୭ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ


ବିଧାୟକ ରାଶନ କାର୍ଡ ବଣ୍ଟନ କରୁଛନ୍ତି।

ତାଳଚେର,୯।୧୦(ନି.ପ୍ର.)

ତାଳଚେର ବ୍ଲକ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ସଭାଘର ନିକଟରେ ରାଜ୍ୟ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ୧୮୭ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରାଯାଇଛି। ସମ୍ପୃକ୍ତ ହିତାଧିକାରୀମାନେ ଚଳିତ ମାସରେ ଅକ୍ଟୋବର ଓ ନଭେମ୍ବର ଦୁଇ ମାସର ଚାଉଳ ଏକକାଳୀନ ପାଇପାରିବେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗ ଦେଇ ଏହି କାର୍ଡ ବଣ୍ଟନ ସହ ଖାଦ୍ୟସୁରକ୍ଷା ଯୋଜନା ହିଁ ଦାରିଦ୍ର୍ୟ ହାର ହ୍ରାସ କରିବାର ପ୍ରଥମ ଉପାୟ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରା, ଉପାଧ୍ୟକ୍ଷା ସୁବର୍ଣ୍ଣା ସାହୁ, ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ, ବିଡିଓ ନେତ୍ରାନନ୍ଦ ମଲ୍ଲିକ, ପୌର ପରିଷଦ ନିର୍ବାହୀ ଅଧିକାରୀ ଅତସି ପରିଡା ପ୍ରମୁଖ ଯୋଗ ଦେଇଥିଲେ। ଯୋଗାଣ ନିରୀକ୍ଷକ ଆଶିଷ ରଞ୍ଜନ ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ, ରିଟେଲର ଉପସ୍ଥିତ ଥିଲେ। ସେହିପରି ୮୯ ହିତାଧିକାରୀଙ୍କୁ ବିଜୁ ପକ୍କାଘର କାର୍ଯ୍ୟାଦେଶ ଓ ୧୪୯ ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇ ଥିଲା। ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ ନାୟକ, ପ୍ରଗତି ସହାୟିକା ସୁଜାତା ପ୍ରିୟଦର୍ଶନୀ, ସରପଞ୍ଚ, ସମିତିସଭ୍ୟ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

■ପାର୍ବଣ ପାଇଁ ସହରରେ ଚାଲିଛି ତାଳିପକା କାମ

# ମରାମତି ପରେ ଉଠିଯାଉଛି ପିଚୁ

ଅନୁଗୋଳ ଅଫିସ, ୯।୧୦



ମରାମତି କାର୍ଯ୍ୟ କରାଯାଉଛି।

ପୂଜା ପୂର୍ବରୁ ଅନୁଗୋଳ ସହରରେ ରାସ୍ତା ମରାମତି କାର୍ଯ୍ୟ ଜୋରଦାର ଚାଲିଛି। ଯେଉଁଠି ଖାଲ ଖମା ରହିଛି ସେଠାରେ ପୂର୍ତ୍ତ ବିଭାଗ ପକ୍ଷରୁ ତାଳି ପକା କାମ କରାଯାଉଛି। ଏଥିପାଇଁ ବିଭାଗ ପକ୍ଷରୁ ପ୍ରାୟ ୨୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି। କିନ୍ତୁ କେତୋଟି ସ୍ଥାନରେ ମରାମତି କାର୍ଯ୍ୟ ନିମ୍ନମାନର ହୋଇଥିବା ସହରବାସୀ ଅଭିଯୋଗ କରୁଛନ୍ତି। ରାସ୍ତାରେ ତାଳି ପକାଯିବା ପରେ ସେଠାରୁ ପିଚୁ ଓ ବଜୁରି ଉଠିଯାଉଥିବା ସେମାନେ କହିଛନ୍ତି।

ଦୁର୍ଗାପୂଜା ଓ ଲକ୍ଷ୍ମୀପୂଜାକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଅନୁଗୋଳ ସହରର ମୁଖ୍ୟ ରାସ୍ତାଗୁଡ଼ିକ ସଫେଇ ସହ ମରାମତି କରାଯାଉଛି। ପ୍ରଶାସନ ଦ୍ୱାରା ଆହୂତ ପୂଜା ପ୍ରସ୍ତୁତି ବୈଠକରେ ରାସ୍ତା ମରାମତି ସହ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଥିଲା। ତଦନୁଯାୟୀ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତାରେ ଥିବା ଖାଲଗୁଡ଼ିକରେ ତାଳି ପକା କାର୍ଯ୍ୟ ଚାଲିଛି। ଏ ନେଇ ବିଭାଗ ପକ୍ଷରୁ ଦୈନିକ ଦୁଇ ତିନୋଟି ଗ୍ରୁପ୍ କରାଯାଇ କାର୍ଯ୍ୟ କରାଯାଉଛି। ଗୋଟିଏ ଗ୍ରୁପ୍‌ରେ ୪ରୁ ୫ ଜଣ ଶ୍ରମିକଙ୍କ ସହ ମେଶିନ ନିୟୋଜିତ କରାଯାଇଛି। ଗତ ସପ୍ତାହ ମଧ୍ୟରେ ବସ୍‌ଷ୍ଟାଣ୍ଡ ପାଖରୁ ଇଣ୍ଡଷ୍ଟ୍ରିଛକ, ଥାନା ଛକ ଠାରୁ ଶିଶୁ ଉଦ୍ୟାନ ଛକ, କଲେକ୍ଟୋରେଟ୍ ରୋଡ ଆଦିରେ ମରାମତି କାର୍ଯ୍ୟ ସମ୍ପନ୍ନ ହୋଇଛି। କିନ୍ତୁ ମରାମତି ପରେ ସର୍କିଟ ହାଉସ ଓ ଅନ୍ୟ କେତେକ ସ୍ଥାନରେ ପିଚୁ ସହ ବଜୁରି ଉଠିଯାଇଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ଅଧିକାରୀ ନାରାୟଣ ଆଚାର୍ଯ୍ୟ କହିଛନ୍ତି, ପୂଜା ପାଇଁ ରାସ୍ତା ମରାମତି କାର୍ଯ୍ୟ ଚାଲିଛି। କେଉଁ ସ୍ଥାନରୁ ପିଚୁ ଉଠିଯାଇଛି ତାହା ଜଣାନାହିଁ। ମରାମତି ପାଇଁ ପ୍ରାୟ ୨୦ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିବା ସେ କହିଛନ୍ତି।

## ମଦ ଜବତ, ୨ ଗିରଫ



ତାଳଚେର,୯।୧୦(ନି.ପ୍ର.)

ତାଳଚେର ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର କଣିହାଁ ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ କିଆଝର ଗ୍ରାମର ହରିହର ସାହୁ, ଟୋଲକବେଡା ମୁଣ୍ଡାହଟିଙ୍ଗର କ୍ରୀଷ୍ଟା ବାଇପାଇ ଓ ସାନହାର ଗ୍ରାମର ରବିନ୍ଦ୍ର ସାହୁଙ୍କୁ ଗିରଫ କରାଯାଇଛି। ସେମାନଙ୍କ ଠାରୁ ୧୩୦ ଲିଟର ମଦ ସହ ୨ଟି ବାଇକ୍ (ନଂ. ଓଆର୦୬ବି-୧୯୯୩ ଓ ଓଆର୧୯ଏ-୬୧୪୧) ଜବତ କରାଯାଇଛି। ଅବକାରୀ ଅଧୀକ୍ଷକ ସୁରେଶ ଚନ୍ଦ୍ର ନାୟକଙ୍କ ନିର୍ଦ୍ଦେଶ କ୍ରମେ ତାଳଚେର ଅବକାରୀ ଉପନିରୀକ୍ଷକ ହରିହର ସିଂହଙ୍କ ନେତୃତ୍ୱରେ ସହଉପନିରୀକ୍ଷକ ବଳବୀର ଗଡନାୟକ, ରମେଶ ଚନ୍ଦ୍ର ବହେରା, ଶମ୍ଭୁପ୍ରସାଦ ନାଏକ ଓ ଅନ୍ୟମାନେ ଚଢାଉରେ ସାମିଲ ହୋଇଥିଲେ।

## ଡାଲିଜାତୀୟ ଫସଲ ସମ୍ପର୍କରେ...



**ମୁଗର ଉନ୍ନତ କିସମ :** ଟାର୍ମ-୧, ଟାର୍ମ-୨, ପୁଷା-୯୦୭୨, ଓବିଜିଜି-୫୨, ଓ.ୟୁ.ଏମ୍.୧୧-୫ (କାମଦେବ), ସୁଜାତା ଓ ଧଉଳି, ଆଇ.ପି.ଏମ୍.-୦୨-୧୪, ଆଇ.ପି.ଏମ୍.-୦୨-୦୩ ।

**ବିରିର ଉନ୍ନତ କିସମ :** ଟି-୯, ପନ୍ତ୍ ୟୁ-୩୦, ପନ୍ତ୍ ୟୁ-୩୫, ପ୍ରସାଦ, ଉଜ୍ଜ୍ୱଳା, ଶେଖର-୨, ସାରଳା ।

- ମୁଗ, ବିରି, ମଟର, ବିଲଚଣା ଆଦିକୁ ଧାନ କାଟିବାର ୭ ଦିନ ପୂର୍ବରୁ ଅନୁମୋଦିତ ବିହନର ଦେଢ଼ଗୁଣ ପାଇରା ଫସଲ ପାଇଁ ଛଟାବୁଣା କରନ୍ତୁ ।
- ଜମି କିସମ ଦେଖି ପ୍ରାକ ରବି ଫସଲ ଭାବେ ମୁଗ କିସମ ଟାର୍ମ-୧ ଓ ୨, ପି.ଡି.ଏମ୍.୧୧ ଓ ୫୪, ବିରି କିସମ ସାରଳା, ପି.ୟୁ.-୩୦ ଓ ୩୫ ଚଳିତ ମାସ ଦ୍ୱିତୀୟ ସପ୍ତାହ ସୁଦ୍ଧା ବୁଣାବୁଣି କରନ୍ତୁ ।
- ବିହନ ବୁଣିବା ପୂର୍ବରୁ ଜୀବାଣୁ କଲ୍‌ଚର କେ.ଜି. ପ୍ରତି ୨୦ ଗ୍ରାମ୍ ଦ୍ୱାରା ବିଶୋଧନ କରନ୍ତୁ ।
- ହେକ୍ଟର ପ୍ରତି ୨୦ କେ.ଜି. ଯବକ୍ଷାରଜାନ ଓ ୪୦ କେ.ଜି. ଫସ୍‌ଫେଟ୍ ବ୍ୟବହାର କରନ୍ତୁ ।

**ହରଡ଼:** ହରଡ଼ ଫସଲରେ ଛୁଇଁବିନ୍ଧା ଓ ପତ୍ରକଟା ପୋକ ଦେଖାଦେଲେ ଏକ ଲିଟର ପାଣିରେ ୨ ମି.ଲି. ଟ୍ରାଇଆଜୋଫସ୍ କିମ୍ବା ୫ ମି.ଲି. ସ୍ପିନୋସାଡ୍ ପ୍ରତି ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ବୁଟ, ମସୁର, ମଟର**

ଉନ୍ନତ କିସମ ବୁଟ : ରାଧେ, ଆନେଗିରି-୧, ମୋତି ।
ଉନ୍ନତ କିସମ ମସୁର : ବି-୭୭, ପୁଷା-୮, କେ-୭୬ ।
ଉନ୍ନତ କିସମ ମଟର : ରଚନା, ଟି-୧୬୩, ଇସି-୩୩୮୮୬, ସ୍ୱର୍ଣ୍ଣରେଖା, ଅର୍କେଲ୍ ଇତ୍ୟାଦି ବିହନ ସଂଗ୍ରହ କରନ୍ତୁ ।

**କୋଳଥ :** ଉର୍ମି, ଡି.ଏସ୍. ୧-୨, ଡି.ଏସ୍.୧-୨-୨, ନୟାଗଡ଼-୧ ଆଦି କିସମ ସଂଗ୍ରହ କରି ଅକ୍ଟୋବର ୧୫ସୁଦ୍ଧା ବୁଣାକାମ ଶେଷ କରନ୍ତୁ । ଜମି ପ୍ରସ୍ତୁତ କରି ମୂଳସାର ହିସାବରେ ହେକ୍ଟର ପ୍ରତି ୫ ଟନ୍ ଶଢ଼ା ଗୋବର ଖତ ବା କମ୍ପୋଷ୍ଟ, ୧୨.୫ କି.ଗ୍ରା. ଯବକ୍ଷାରଜାନ ଓ ୨୫ କି.ଗ୍ରା. ଫସ୍‌ଫରସ୍ ସାର ପ୍ରୟୋଗ କରନ୍ତୁ ।

# ଅଣ୍ଡାର ଗୁଣବତ୍ତା

### ଅକ୍ଟୋବର ୧୨ତାରିଖରେ ପାଳିତ ହେବ ବିଶ୍ୱ ଅଣ୍ଡା ଦିବସ। ଅଣ୍ଡାର ଗୁଣବତ୍ତା ସମ୍ପର୍କରେ କେତୋଟି ଜାଣିବା କଥା...



ଚଳିତବର୍ଷ ଅକ୍ଟୋବର ୧୨ରେ ବିଶ୍ୱ ଅଣ୍ଡା ଦିବସ ସମଗ୍ର ବିଶ୍ୱରେ ପାଳିତ ହେଉଛି। ୧୯୯୬ ମସିହାଠାରୁ ପ୍ରତିବର୍ଷ ଅକ୍ଟୋବର ୨ୟ ଶୁକ୍ରବାର ଏହି ବିଶ୍ୱ ଅଣ୍ଡା ଦିବସ ପାଳିତ ହୋଇ ଆସୁଅଛି। ଚଳିତବର୍ଷ ହେଉଛି ୨୩ତମ ବିଶ୍ୱ ଅଣ୍ଡା ଦିବସ। ବିଶ୍ୱ ଅଣ୍ଡା ଦିବସ ଆନ୍ତର୍ଜାତିକ ଅଣ୍ଡା କମିଶନ ଦ୍ୱାରା ୧୯୯୬ରେ ଭିଏନାର ଏକ ସମ୍ମିଳନୀରେ ଆରମ୍ଭ ହୋଇଥିଲା। ସେହି ବର୍ଷଠାରୁ ଅଣ୍ଡାର ଗୁଣବତ୍ତାକୁ ଅନୁଭବ କରି ସମଗ୍ର ବିଶ୍ୱରେ ବିଶ୍ୱ ଅଣ୍ଡା ଦିବସ ପାଳିତ ହେଉଛି।

ଅଣ୍ଡା ହେଉଛି ପୁଷ୍ଟିସାର, ଖଣିଜଲବଣ ଓ ଭିଟାମିନ୍‌ର ଗନ୍ତାଘର। ଆଉ ଏହା ଆମ ଜୀବନ ଧାରଣ ନିମନ୍ତେ ଏକ ଉତ୍ତମ ପୁଷ୍ଟିସାରଯୁକ୍ତ ଖାଦ୍ୟ, ଯାହାକି ଆମ ସ୍ୱାସ୍ଥ୍ୟବର୍ଦ୍ଧନ ବା ଜୀବନର ସମସ୍ତ ଆବଶ୍ୟକତା ପୂରଣ କରିଥାଏ । କାରଣ ଆମର ହାଡ଼, ମାଂସ, ଚର୍ମ ଓ ଜୀବକୋଷ ଆଦି ଗଠନ କ୍ଷେତ୍ରରେ ଅଣ୍ଡାରୂପକ ପୁଷ୍ଟିସାର ଶରୀର ପାଇଁ ଅତ୍ୟାବଶ୍ୟକ । ଜୀବନର ପ୍ରତ୍ୟେକ ପାହାଚ ଯଥା ଜନ୍ମ ପୂର୍ବରୁ, ଗର୍ଭାବସ୍ଥାରେ, ଶିଶୁ, କଠିନ ପରିଶ୍ରମ, ଅଧିକଦିନ ଧରି ସୁସ୍ଥ ରହିବା ଆଦି କ୍ଷେତ୍ରରେ ଅଣ୍ଡାର ମହତ୍ତ୍ୱ ଅତୁଳନୀୟ । ସାଧାରଣତଃ ଅଣ୍ଡାରେ ଉଚ୍ଚମାନ ସମ୍ପନ୍ନ ପୁଷ୍ଟିସାର ସହିତ ୧୪ଟି ଗୁରୁତ୍ୱପୂର୍ଣ୍ଣ ଅତ୍ୟାବଶ୍ୟକ ଖାଦ୍ୟସାର ଯଥା- ସ୍ନେହସାର, ଶ୍ୱେତସାର, ସୋଡିୟମ୍, ପଟାସିୟମ୍, କୋଲେଷ୍ଟରଲ, ଲୌହ, ଭିଟାମିନ୍-ଏ, ଭିଟାମିନ୍-ବି, ଭିଟାମିନ୍-ଇ, ଭିଟାମିନ୍-ବି୨, ୫, ୧୨, ଫୋଲେଟ୍, ସେଲେନିୟମ୍, ଲ୍ୟୁଟିନ୍ ଓ ଜିଆଜାନ୍ଥିନ୍, କୋଲିନ୍ ଆଦି ନିହିତ ଥିବା ହେତୁ ଏହା ଆମ ଶରୀରକୁ ଆବଶ୍ୟକ ଶକ୍ତି ଯୋଗାଇବା ସହିତ ସୁସ୍ଥ ରଖିଥାଏ। ଅନ୍ୟାନ୍ୟ କେତେକ ସୀମିତ ଖାଦ୍ୟରେ ଅଣ୍ଡାରେ ଥିବା ସଂପୂର୍ଣ୍ଣ ପୁଷ୍ଟିସାର ସହିତ ଆମ ଶରୀର ପାଇଁ ଆବଶ୍ୟକ ହେଉଥିବା ୯ଟି ଅତ୍ୟାବଶ୍ୟକ ଆମିନୋ ଏସିଡ୍ ନିହିତ ଥାଏ। ସାଧାରଣତଃ ସ୍ୱାସ୍ଥ୍ୟର ଅଭିବୃଦ୍ଧି ଓ ଗଠନରେ ଦୁଇ ପ୍ରକାରର ଖାଦ୍ୟସାର ଆବଶ୍ୟକ ହୋଇଥାଏ। ପ୍ରଥମଟି ହେଲା- ପ୍ରୋଟିନ୍ ବା ପୁଷ୍ଟିସାର, ଦ୍ୱିତୀୟଟି ହେଲା- ଲୌହ ବା ଆଇରନ୍। ଶରୀରର ପ୍ରତ୍ୟେକ ଜୀବକୋଷ ଗଠନ ନିମନ୍ତେ ପୁଷ୍ଟିସାର ଆବଶ୍ୟକ ଥିବାବେଳେ ସୁସ୍ଥ ରକ୍ତ ପ୍ରସ୍ତୁତ ପାଇଁ ଲୌହର ଆବଶ୍ୟକତା ଢେର୍ ରହିଥାଏ। ଉପରୋକ୍ତ ଦୁଇ ଖାଦ୍ୟସାର ଉଭୟ ଶିଶୁ ଓ ମହିଳାଙ୍କ (ଗର୍ଭବତୀ) ପାଇଁ ବେଶ୍ ଉପଯୋଗୀ। ଆମ ରାଜ୍ୟ ତଥା ଦେଶରେ ଲୋକମାନଙ୍କ ଦୈନନ୍ଦିନ ଖାଦ୍ୟରେ ଉପରୋକ୍ତ ଦୁଇପ୍ରକାର ଖାଦ୍ୟସାର ପ୍ରାୟତଃ ମିଳିନଥାଏ। ଫଳରେ ସେମାନେ ପୁଷ୍ଟିହୀନତାର ଶିକାର ହୋଇ ଅସୁସ୍ଥତା ଯୋଗୁ ଅକାଳରେ ମୃତ୍ୟୁବରଣ କରୁଛନ୍ତି। କିନ୍ତୁ ଅଣ୍ଡାରେ ଏସବୁ ଖାଦ୍ୟସାର ଭରପୂର ଥାଏ।

ସାଧାରଣତଃ ୧୦୦ ଗ୍ରାମ୍ ଅଣ୍ଡାରେ ଜଳ ଅଂଶ ୭୫% ଥିବାବେଳେ ପୁଷ୍ଟିସାର ୧୩%, ସ୍ନେହସାର ୧୦%, ଶ୍ୱେତସାର ୧%, ଧାତବଲବଣ ଓ ଭିଟାମିନ୍ ୧% ଏବଂ ୧୫୪ କ୍ୟାଲୋରି ଶକ୍ତି ନିହିତ ଥାଏ। ଆମ ଶରୀର ପାଇଁ ଦୈନିକ ୨୦୦୦ ମିଲିଗ୍ରାମ୍ କୋଲେଷ୍ଟରଲ ଆବଶ୍ୟକ ଥିବାବେଳେ ଗୋଟିଏ ଅଣ୍ଡାରେ ମାତ୍ର ୨୭୫ ମିଲିଗ୍ରାମ୍ ଏବଂ ୧୦୦ ଗ୍ରାମ୍ ଅଣ୍ଡାରେ ୫୫୦ ମିଲିଗ୍ରାମ କୋଲେଷ୍ଟରଲ ଥାଏ। ଜୈବିକ ମୂଲ୍ୟ ଦୃଷ୍ଟିକୋଣରୁ ବିଚାର କଲେ ସଂପୂର୍ଣ୍ଣ ଅଣ୍ଡାରେ ଜୈବିକ ମୂଲ୍ୟ ୯୩.୭ ଥିବାବେଳେ ଦୁଗ୍ଧରେ ୮୪.୫, ମାଛରେ ୭୬.୦ ଓ ମାଂସରେ ୭୪.୪ ଭାଗ ରହିଥାଏ।

ବର୍ତ୍ତମାନ ଆମ ରାଜ୍ୟରେ ବାର୍ଷିକ ୩୧୦୨୫ ଲକ୍ଷ ଅଣ୍ଡା ଆବଶ୍ୟକ ଥିବାବେଳେ ବାର୍ଷିକ ୨୩୩୬୦ ଲକ୍ଷ ଅଣ୍ଡା ଉତ୍ପାଦିତ ହେଉଅଛି । ସେହିପରି ଆମ ରାଜ୍ୟରେ ବାର୍ଷିକ ମୁଣ୍ଡପିଛା ଅଣ୍ଡାର ଆବଶ୍ୟକତା ୧୮୦ ଗୋଟି ହୋଇଥିବା ବେଳେ ମୁଣ୍ଡପିଛା ମିଳୁଥିବା ଅଣ୍ଡା ହେଉଅଛି ୪୬ ଗୋଟି। ରାଜ୍ୟରେ ଦୈନିକ ୮୦ ଲକ୍ଷ ଅଣ୍ଡାର ଆବଶ୍ୟକ ଥିବାବେଳେ ବର୍ତ୍ତମାନ ୫୭ ଲକ୍ଷ ଅଣ୍ଡା ଉତ୍ପାଦନ ହେଉଛି।

ରାଜ୍ୟରେ ଅଣ୍ଡା ଉତ୍ପାଦନ ବୃଦ୍ଧି ପାଇଁ ସରକାର ଅନେକ ଯୋଜନା ପ୍ରଣୟନ କରିଛନ୍ତି। ସେଗୁଡିକ ହେଲା କୁକ୍କୁଟ ଚାଷକୁ କୃଷିର ମାନ୍ୟତା ; କୁକୁଡ଼ା ଖାଦ୍ୟରେ ବ୍ୟବହୃତ ମକା ଓ ଖୁଦ ଚାଉଳ ଉପରେ ଭ୍ୟାଟ୍ ଛାଡ଼ ; କୁକୁଡ଼ା ଅଣ୍ଡା, ଚିଆଁ ଓ କୁକୁଡ଼ା ପରିବହନ ଉପରେ ପ୍ରବେଶ କର ଛାଡ଼ ; କୁକୁଡ଼ା ଫାର୍ମ ପାଇଁ ବିଦ୍ୟୁତ୍ ଶୁଳ୍କ ରିହାତି ଇତ୍ୟାଦି। ରାଜ୍ୟ କୃଷିନୀତି-୨୦୧୩ ଅନୁଯାୟୀ ଚଳିତବର୍ଷ ଠାରୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ମାଧ୍ୟମରେ ଅଣ୍ଡା ଉତ୍ପାଦନ ବୃଦ୍ଧି ନିମନ୍ତେ ଅନ୍‌ଲାଇନ୍ ପ୍ରକ୍ରିୟାରେ ଅନ୍ୟୂନ ୧୦ହଜାର ଦକ୍ଷତା ବିଶିଷ୍ଟ ଅଣ୍ଡାଦିଆ କୁକୁଡ଼ା ଫାର୍ମ, ଦୈନିକ ୩୦ ମେଟ୍ରିକଟନ୍ ଦକ୍ଷତାବିଶିଷ୍ଟ କୁକୁଡ଼ା ଖାଦ୍ୟ ପ୍ରକ୍ରିୟାକରଣ ପ୍ଲାଣ୍ଟ, ବ୍ୟବସାୟଭିତ୍ତିକ ସର୍ବନିମ୍ନ ୪ ହଜାର ଦକ୍ଷତା ବିଶିଷ୍ଟ ବତକ ଫାର୍ମ, ସମନ୍ୱିତ କୃଷିରେ ୪ଶହ ବତକକୁ ନେଇ ବତକ ଫାର୍ମ ଆଦି ପ୍ରତିଷ୍ଠା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଛି । ଏଥିରେ ସାଧାରଣ ବର୍ଗର ପୁରୁଷ ଉଦ୍ୟୋଗୀମାନଙ୍କ ନିମନ୍ତେ ଜମି ମୂଲ୍ୟକୁ ଛାଡ଼ି ସ୍ଥାୟୀ ପୁଞ୍ଜିର ୪୦ ପ୍ରତିଶତ, ଅନୁସୂଚିତ ଜାତି/ଜନଜାତି/ମହିଳା ଉଦ୍ୟୋଗୀମାନଙ୍କ ପାଇଁ ୫୦ ପ୍ରତିଶତ ଏହିପରି ସର୍ବୋଚ୍ଚ ୫୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆପିକଲ୍ ମାଧ୍ୟମରେ ରିହାତି ବା ଆର୍ଥିକ ସହାୟତା ପ୍ରଦାନ କରାଯାଉଛି ।

ସେହିଭଳି ଅଭିନବ କୁକ୍କୁଟ ଉତ୍ପାଦନ ଯୋଜନା, କୃଷକମାନଙ୍କ ସହାୟତା ପାଇଁ ଡିପ୍‌ଲିଟର ପ୍ରଣାଳୀରେ ଅଣ୍ଡାଦିଆ କୁକୁଡ଼ା ପାଳନ, ଘରବାଡ଼ିରେ କୁକୁଡ଼ା ପାଳନ ନିମନ୍ତେ ଜୀବିକା ନିର୍ବାହ ପାଇଁ ସହାୟତା, ମରୁଡ଼ି ଓ ଚକଡ଼ା ପୋକ ପ୍ରପୀଡ଼ିତ ଅଞ୍ଚଳରେ ବ୍ୟାପକ କୁକୁଡ଼ା ଚିଆଁ ଯୋଗାଣ ଆଦି ଯୋଜନାମାନ କାର୍ଯ୍ୟକାରୀ କରାଯାଉଅଛି । ଆମ ରାଜ୍ୟରେ କୁକୁଡ଼ା ଚାଷର ବିକାଶ ସହିତ ରାଜ୍ୟକୁ ଅଣ୍ଡା ଉତ୍ପାଦନରେ ସ୍ୱାବଲମ୍ବନଶୀଳ କରିବା ପାଇଁ ସରକାର ଏଭଳି ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ଅଣ୍ଡା ଉତ୍ପାଦନ ବୃଦ୍ଧି କରି ଦୈନିକ ୧୦୦ ଲକ୍ଷ ଅଣ୍ଡା ଉତ୍ପାଦନ ଓ ଅଧିକ ୬୦ ଲକ୍ଷ ଅଣ୍ଡାଦିଆ କୁକୁଡ଼ା ଉଦ୍ୟୋଗ ପ୍ରତିଷ୍ଠା ପାଇଁ ରାଜ୍ୟ କୁକ୍କୁଟ ନୀତି-୨୦୧୫ ପ୍ରଣୟନ କରାଯାଇଛି। ବର୍ତ୍ତମାନ ରାଜ୍ୟରେ ଅଣ୍ଡା ଉତ୍ପାଦନ ବୃଦ୍ଧି ନିମନ୍ତେ ୮ଗୋଟି ସରକାରୀ କୁକ୍କୁଟ ଫାର୍ମ ଓ ବେସରକାରୀ ସ୍ତରରେ ୧୦୫ଗୋଟି ବ୍ୟବସାୟିକ ଅଣ୍ଡାଦିଆ କୁକୁଡ଼ା ଫାର୍ମ ଯୁବଦ୍ୟୋଗୀମାନଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇ ପାରିଛି। ଏସବୁ ଫାର୍ମରୁ ଦୈନିକ ୬୦ ଲକ୍ଷ ଅଣ୍ଡା ଉତ୍ପାଦିତ ହେଉଥିବା ବେଳେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଆଉ ଅଧିକ ୬୦ ଲକ୍ଷ ଅଣ୍ଡା ଉତ୍ପାଦନ ପାଇଁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି, ଯାହାକି ଆଗାମୀ ଦିନରେ ସମସ୍ତ କୁକ୍କୁଟ ଚାଷୀଙ୍କ ପାଇଁ ଅଧିକ ସୁଯୋଗ ସୃଷ୍ଟି କରିପାରିବ। ତେଣୁ ଏହି ସଫଳତା ହାସଲ କରିବା ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ସହଯୋଗ ଏକାନ୍ତ ଆବଶ୍ୟକ।

**-ଡା. ବୀର କିଶୋର ପରିଡ଼ା**
ମୋ - ୯୪୩୭୬୦୭୩୧୨

## ଆଖୁରେ ନାଳି ଶଢ଼ା ରୋଗ ହୋଇଥିଲେ...

- ବର୍ଷା ଯୋଗୁ ଆଖୁ କିଆରିରେ ପାଣି ଜମିଥିଲେ ନିଷ୍କାସନ କରନ୍ତୁ ।
- ବିହନ ପାଇଁ କିଆରିରୁ ନିରୋଗ ଆଖୁ ବାଛି ଚିହ୍ନ ଦିଅନ୍ତୁ ।
- ନାଳି ଶଢ଼ା ଆକ୍ରାନ୍ତ ବୁଦା ଓପାଡ଼ି ନଷ୍ଟ କରନ୍ତୁ। ସେଠାରେ କାର୍ବେଣ୍ଡାଜିମ୍ ଦ୍ରବଣ (୨ ଗ୍ରାମ୍ ପ୍ରତି ଲିଟର ପାଣି)ରେ ମାଟି ଭିଜା କରନ୍ତୁ। ପାଖ ବୁଦାଗୁଡ଼ିକୁ ମଧ୍ୟ ସମ ପରିମାଣରେ ମାଟିଭିଜା କରନ୍ତୁ।

## ଚାଷୀଙ୍କ ପାଇଁ...

### ମକା



ମକାର ଚୋପା ହଳଦିଆ ପଡ଼ି ଦାନା ପାକଳ ହେଲେ ଅମଳ କରନ୍ତୁ । ମକାର ଚୋପା ଛଡ଼ାଇ ୭-୮ ଦିନ ଖରାରେ ଶୁଖାଇ ମଞ୍ଜି ବାହାର କରନ୍ତୁ । ଏଥିପାଇଁ ହସ୍ତଚାଳିତ ବା ଶକ୍ତିଚାଳିତ ମକାଛଡ଼ା ଯନ୍ତ୍ର ବ୍ୟବହାର କରନ୍ତୁ ।

### ମାଣ୍ଡିଆ



କେଣ୍ଡାଗୁଡ଼ିକ ଧୂଷର ବର୍ଣ୍ଣ ହୋଇଗଲେ ୨ରୁ ୩ ଥରରେ କେଣ୍ଡାକାଟି ଅମଳ କରନ୍ତୁ ଓ ମୂଳରୁ ଗଛ କାଟି ଗୋଖାଦ୍ୟ ରୂପେ ବ୍ୟବହାର କରନ୍ତୁ । କେଣ୍ଡାଗୁଡ଼ିକ ୩-୪ ଦିନ ଖରାରେ ଶୁଖାଇ ଅମଳ କରନ୍ତୁ ।

### ଗହମ



ଗହମ ବୁଣିବା ପାଇଁ ଜମିକୁ ଗୁଣ୍ଡଚାଷ କରନ୍ତୁ ଓ ମୂଳି ସଫାକରି ପଟାଳି ପ୍ରସ୍ତୁତ କରନ୍ତୁ । ଉନ୍ନତ ବିହନ ଯଥା:- ସାଗରିକା, ଉତ୍କଳିକା, କଲ୍ୟାଣ ସୋନା, ୟୁପି-୨୬୨ ସଂଗ୍ରହ କରନ୍ତୁ ।


**UTKAL UNIVERSITY OF CULTURE**
**Sanskruti Vihar, Madanpur**
**Bhubaneswar-752054**
Phone: (0674) 2972312, Fax: 2972310
E-mail: mailboxuuc@gmail.com, Website: uuc.ac.in

CAD-914

No. 2156/UUC Dt.05.10.2018

**TENDER CALL NOTICE FOR PRINTING OF FORMS**

Sealed quotations / tenders are invited from intending bonafide agencies / Firms / Printing Press for printing of forms, envelops etc. for the Examination Section of the University. For details regarding terms and conditions, sample of forms to be printed, tender forms and other informations visit University website uuc.ac.in (Tenders and Quotations). Last date for receipt of tender paper is 06.11.2018 (5.00PM) and the date of opening of tender forms is 09.11.2018 at 3.00PM.

Sd./-
REGISTRAR

03005/11/0018/1819



**GOVERNMENT OF ODISHA "e" PROCUREMENT NOTICE**

**Bid Identification No 14 of 2018 - 19**

**No. 847-O:-**

1. Name of the Work :- Execution of different civil works in the district of Kandhamal. (Refer DTCN available in the website:- tendersorissa.gov.in)
2. Total No. of work :- 03 Nos.
3. Estimated Cost :- Rs. 51.82 lakh to 64.88 Lakh
4. Eligible Class of Contractor :- "B & A" Contractor
5. Period of Completion :- 06 months (Refer DTCN available in the website tendersorissa.gov.in)
6. Other Details :

| Procurement Officer | Bid Identification No. | Availability of tender online for bidding | | Date and time for opening of Bid |
|---|---|---|---|---|
| | | From | To | |
| Executive Engineer, RWSS Division, Phulbani | 14 of 2018 -19 | Dt. 12.10.2018 At 10.00 Hrs | Dt. 27.10.2018 Upto 17.00 Hrs | Dt.29.10.2018 at 11.00AM |

Further details can be seen from the website www.tendersorissa.gov.in
Corrigendum, if any, will be uploaded in website only.

25006/11/0016/1819

*Executive Engineer, RWS&S Division, Phulbani*



**OFFICE OF THE MUNICIPAL COUNCIL, BALANGIR**

No. 4122/ BM/ Dt. 01.10.18

**e Procurement Notice**

**BID IDENTIFICATION NUMBER- BLGR MPTY/05(01-38)/2018-19**

Bid Documents consisting of work, Estimated cost, Cost of Tender paper, EMD, Time of completion, Class of Contractor and the set of terms and conditions of contract and other necessary documents can be seen in Govt. Website i.e. www.tendersorissa.gov.in.

| | | |
|---|---|---|
| 1 | Name of the Work | Civil Construction work as mentioned in DTCN. |
| 2 | No. of works | 38 (Thirty Eight) Nos. |
| 3 | Estimated Cost | Rs. 1.00 lakh to Rs. 25.00 lakhs |
| 4 | Period of Completion | 1 to 6 Calendar Months |
| 5 | Date and time of online Bidding | From 11.00 A.M. of 09.10.2018 to 5.00 P.M. of 20.10.2018. |
| 6 | Last Date & Time of Receipt of Financial Document | 26.10.2018 upto 4.00 P.M. |
| 7 | Bids Received Online shall be Open on | 27.10.2018 on 11.30 A.M. |
| 8 | Name and Address of the Officer Inviting Bid | Executive Officer, Balangir Municipality |
| 9 | Further details can be seen from the website www.tendersorissa.gov.in. | |
| 10 | Further any addendum/ corrigendum/ clarification issued in connection with tenders shall be uploaded in the above website and no newspaper advertisement shall be given. Bidders are advised to visit the website regulary for obtaining all such details. | |

Sd./-
**Executive Officer**
**Balangir Municipality**



DSPL - 191

**ଜାତୀୟ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ**

**ମାନସିକ ରୋଗ ସମ୍ପର୍କରେ ଜାଣିବା କଥା**

ଆମ ରାଜ୍ୟରେ ବର୍ଷକୁ ପ୍ରାୟ ୧୫ ରୁ ୧୭ ହଜାର ମାନସିକ ରୋଗୀ ଚିହ୍ନଟ ହୋଇଥାନ୍ତି । ତନ୍ମଧ୍ୟରୁ ଶତକଡ଼ା ୫୦ ରୁ ୮୦ ଭାଗ ରୋଗୀ ଆମ ରାଜ୍ୟରେ ବିଳମ୍ବରେ ଚିହ୍ନଟ ହୋଇଥାନ୍ତି । ଆପଣଙ୍କ କିମ୍ବା ଆପଣଙ୍କ ଅଂଚଳରେ ପିଲାଙ୍କ ଠାରେ ନିମ୍ନଲିଖିତ ଲକ୍ଷଣ ପରିଲକ୍ଷିତ ହେଲେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରନ୍ତୁ ।

**ମାନସିକ ରୋଗର ଲକ୍ଷଣ**

★ ବହୁଦିନ ଧରି ରାତିରେ ନିଦ ନହେବା
★ ବାରମ୍ବାର ରାତିରେ ଦୁଃସ୍ୱପ୍ନ ଦେଖିବା
★ ମନରେ ଅତ୍ୟଧିକ ଡର ଲାଗିରହିବା
★ ଅନ୍ୟକୁ ଅତ୍ୟଧିକ ସନ୍ଦେହ କରିବା ଓ ହଠାତ୍ ରାଗିଯିବା
★ ମାତ୍ରାଧିକ ସ୍ମରଣଶକ୍ତିର ହ୍ରାସ ଘଟିବା
★ ସବୁବେଳେ ଅନ୍ୟମନସ୍କ ରହିବା ଓ ପ୍ରତ୍ୟେକ କଥା ଭୁଲିଯିବା
★ ବାରମ୍ବାର ଗୋଟିଏ କାମକୁ ଆବଶ୍ୟକତାଠାରୁ ଅଧିକଥର କରିବା
★ ମାତ୍ରାଧିକ ଦୁଃଖୀହେବା ଓ ମୌନ ରହିବା
★ ଗୋଟିଏ କଥାକୁ ବାରମ୍ବାର ଚିନ୍ତା କରିବା
★ ମନକୁ ମନ ହସିବା କିମ୍ବା ଅଯଥା ଗପିବା
★ ହତାଶ ଅନୁଭବ କରିବା ଓ ମନକୁ ଆତ୍ମହତ୍ୟା ଭାବନା ଆସିବା
★ ଅସ୍ୱାଭାବିକ ଆଚରଣ ଓ ବିଶୃଙ୍ଖଳା ଦେଖାଦେବା

**ମାନସିକ ରୋଗକୁ ପ୍ରତିରୋଧ କରିବାର ଉପାୟ**

★ କୌଣସି ପ୍ରକାର ତମାଖୁ ସେବନରୁ ନିବୃତ୍ତ ରହିବା
★ ମାଦକ ଦ୍ରବ୍ୟ ବା ନିଶା ସେବନ ନ କରିବା
★ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ଅଭ୍ୟାସ ଜାରି ରଖିବା
★ ନିୟମିତ ଶାରୀରିକ ପରିଶ୍ରମ ଜାରି ରଖିବା
★ ଉଚ୍ଚତା ଓ ବୟସ ଅନୁପାତରେ ନିଜ ଓଜନକୁ ସନ୍ତୁଳିତ ରଖିବା
★ ନିରାପଦ ଯୌନ ଓ ପ୍ରଜନନ ଅଭ୍ୟାସକୁ ଆପଣାଇବା
★ ଅତ୍ୟଧିକ ମାନସିକ ଚାପରୁ ନିଜକୁ ନିବୃତ୍ତ ରଖିବା
★ ନିୟମିତ ଭାବରେ ଯୋଗାଭ୍ୟାସ ଏବଂ ଧ୍ୟାନ ଜାରି ରଖିବା

ଯଦି କୌଣସି ବ୍ୟକ୍ତିଙ୍କଠାରେ ଉପରୋକ୍ତ ଲକ୍ଷଣ ଦେଖାଯାଏ, ତେବେ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର ସହ ପରାମର୍ଶ କରନ୍ତୁ ।

**ମାନସିକ ରୋଗ ପ୍ରାଥମିକ ଅବସ୍ଥାରେ ସମ୍ପୂର୍ଣ୍ଣ ଆରୋଗ୍ୟ ସାଧ୍ୟ । ମାନସିକ ରୋଗୀମାନଙ୍କ ପାଇଁ ଔଷଧ ପ୍ରତ୍ୟେକ ଜିଲ୍ଲା ସଦର ମହକୁମା ଡ଼ାକ୍ତରଖାନା ମାନଙ୍କରେ ବିନାମୂଲ୍ୟରେ ଉପଲବ୍ଧ ଅଟେ ।**

facebook.com/HFWOdisha http://www.health.odisha.gov.in/ @HFWOdisha

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା**

10036/13/0001/1819

## ଆଜି କ'ଣ କେଉଁଠି

### ଢେଙ୍କାନାଳ

■ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ
ସ୍ଥାନ: ବିବି ହାଇସ୍କୁଲ
ସମୟ: ପୂର୍ବାହ୍ନ ସାଢ଼େ ୯ଟା।

■ବରିଷ୍ଠ ନାଗରିକ ସପ୍ତାହ ପାଳନ
ସ୍ଥାନ: ଗୋପବନ୍ଧୁ ଟାଉନ୍ ହଲ୍
ସମୟ: ପୂର୍ବାହ୍ନ ସାଢ଼େ ୯ଟା।

■ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ
ସ୍ଥାନ: ସ୍ୱାସ୍ଥ୍ୟ ମିଶନ ସମ୍ମିଳନୀ କକ୍ଷ
ସମୟ:ପୂର୍ବାହ୍ନ ୧୦ଟା।

## ସଂକ୍ଷେପରେ

### ଗୋପବନ୍ଧୁଙ୍କ ଜୟନ୍ତୀ ପାଳିତ

**ଢେଙ୍କାନାଳ ଅଫିସ/ ହିନ୍ଦୋଳ(ଡି.ଏନ୍.ଏ.), ୯।୧୦**

ଢେଙ୍କାନାଳ ରଥଗଡ଼ାସ୍ଥିତ ଉତ୍କଳମଣି କାର୍ଯ୍ୟାଳୟରେ ମଙ୍ଗଳବାର ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷ ମନୋରଞ୍ଜନ ପଟ୍ଟନାୟକ ଏଥିରେ ଅଧକ୍ଷତା କରିଥିଲେ। କବି ବାହାଦୁର ପାଟଶାହାଣୀ, ପୂର୍ବତନ ବିଚାରପତି ଭିକାରୀ ଚରଣ ରାଉତ, ଅକ୍ଷୟ ଶତପଥୀ, ଡମ୍ବରୁଧର ପଣ୍ଡା, ସାମାଜିକ କର୍ମୀ ସରୋଜ ଶତପଥୀ ଗୋପବନ୍ଧୁଙ୍କ ତ୍ୟାଗ, ସଂଗ୍ରାମୀ ଜୀବନ ସମ୍ପର୍କରେ ଆଲୋଚନା କରିଥିଲେ। କବି କୁଞ୍ଜବିହାରୀ ସାହୁ, ସରିତା ପାଟଶାହାଣୀ, ସୁକାନ୍ତି ସାହୁ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ମନୋଜ ସାହୁ ସ୍ୱାଗତ ଭାଷଣ ଏବଂ ବିଚିତ୍ରାନନ୍ଦ ମହାନ୍ତି ଧନ୍ୟବାଦ ଦେଇଥିଲେ। ସେହିପରି ହିନ୍ଦୋଳ ଏନ୍ଏସି ଅନ୍ତର୍ଗତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅନୁଷ୍ଠିତ ଗୋପବନ୍ଧୁଙ୍କ ଜୟନ୍ତୀ ସମାରୋହରେ ମୁଖ୍ୟଅତିଥି ଭାବେ ଇତିହାସ ଅଧାପକ ଶଶିଭୂଷଣ ସାମନ୍ତ, ଅନ୍ୟତମ ଅତିଥିଭାବେ ପ୍ରଧାନ ଆଚାର୍ଯ୍ୟ ରମାକାନ୍ତ ପ୍ରଧାନ, ପରିଚାଳନା କମିଟି ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକଙ୍କ ସମେତ ସମସ୍ତ ଗୁରୁଜୀଗୁରୁମା ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ସନରାଇଜ୍ କ୍ଲବ ବିଜୟୀ

**ଢେଙ୍କାନାଳ ଅଫିସ, ୯।୧୦**

ଢେଙ୍କାନାଳ ଜିଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଆୟୋଜିତ ଜିଲାସ୍ତରୀୟ ଫୁଟବଲ୍ ପ୍ରତିଯୋଗିତାର ମଙ୍ଗଳବାର ମ୍ୟାଚରେ ସନରାଇଜ୍ କ୍ଲବ ୩-୦ ଗୋଲ୍‌ରେ ମର୍ଣ୍ଣିଂ କ୍ଲବ (ବି)କୁ ପରାସ୍ତ କରି ୩ ପଏଣ୍ଟ ହାସଲ କରିଛି। ରାମକୃଷ୍ଣ ବେହେରା, ପର୍ଶୁରାମ ମିଶ୍ର, ସୁଶୀଲ ପଣ୍ଡା, ପୁରୁଷୋତ୍ତମ ରାଉତ ପ୍ରମୁଖ ଖେଳ ପରିଚାଳନା କରିଥିବାବେଳେ ମାୟାଧର ସାହୁ ମ୍ୟାଚ୍ କମିଶନର ରହିଥିଲେ। ପ୍ରାରମ୍ଭରେ ପୂର୍ବତନ କ୍ରୀଡ଼ାବିତ୍ କଲିମ ଖାଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଜିଲା କ୍ରୀଡ଼ା ସଂଘ ଉପସଭାପତି ସଞ୍ଜୟ ଭଞ୍ଜ, ଯୁଗ୍ମ ସମ୍ପାଦକ ଗୌରାଙ୍ଗ ଚରଣ ସେଠୀ, ମନୋଜ ପଟ୍ଟନାୟକ, ଶ୍ୟାମସୁନ୍ଦର ମହାପାତ୍ର, ଶତ୍ରୁଘ୍ନ ମାଟି, ଅଜୟ ସ୍ୱାଇଁ, ସଞ୍ଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବୁଧବାର ସାଇଁବିରି ଜୟଦୁର୍ଗା କ୍ଲବ ଏବଂ କାମାକ୍ଷାନଗର ଦଳ ମଧରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ନଳିନୀ ଦାସ କହିଛନ୍ତି।

### ଦୁଇ ବାଇକ୍ ମୁହାଁମୁହିଁ ଧକ୍କା, ୨ ଗୁରୁତର

**ପରଜଙ୍ଗ, ୯।୧୦(ଡି.ଏନ୍.ଏ.)**

ପରଜଙ୍ଗ ଥାନା ସରାଙ୍ଗ ଫାଣ୍ଡି ଅଧୀନ ୧୪୯ନଂ. ଜାତୀୟ ରାଜପଥର ପିତିରି ଜଙ୍ଗଲ ରାସ୍ତାରେ ମଙ୍ଗଳବାର ରାତି ୯ଟାରେ ଦୁଇ ବାଇକ୍ ମଧରେ ମୁହଁମୁହିଁ ଧକ୍କା ହୋଇଛି। ପରମହଂସପୁର ଗ୍ରାମର ରାଜେନ୍ଦ୍ର ବାରିକ ବାଇକ୍ (ଓଡ଼ି ୩୫ଏ ୭୩୩୭)ରେ ସରାଙ୍ଗରୁ ଘରକୁ ଫେରୁଥିଲେ। ଏହି ସମୟରେ ବିପରୀତ ପାର୍ଶ୍ୱରୁ ଅନ୍ୟ ଏକ ବାଇକ୍ (ଓଆର୍ ୦୬ଜେ ୧୭୭୭)ରେ ଆସୁଥିବା ଅଁଳାକଟା ଗ୍ରାମର ସରୋଜ ସାହୁଙ୍କ ସହ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ସଙ୍କଟାପନ୍ନ ଅବସ୍ଥାରେ ଉଭୟଙ୍କୁ ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ତାଳଚେର ମଣ୍ଡାପାଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଫାଣ୍ଡି ଅଧିକାରୀ ରାମଚନ୍ଦ୍ର ମହାଲିକ ବାଇକ୍ ଜବତ କରିଛନ୍ତି। ଦୁର୍ଘଟଣା ଯୋଗୁ ସାମୟିକ ଭାବେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥିଲା।

### ଅନୁଗୋଳରୁ ଚୋରି ଟ୍ରକ ଟାଙ୍ଗୀରୁ ଉଦ୍ଧାର

**ଅନୁଗୋଳ ଅଫିସ, ୯।୧୦-**

ଅନୁଗୋଳ ଜିଲା ୫୫ନଂ. ଜାତୀୟ ରାଜପଥରୁ ଗତ ୩ ତାରିଖରେ ଚୋରି ହୋଇଥିବା ଏକ କୋରିୟର ସଂସ୍ଥାର ଟ୍ରକ(ନଂ. ନଂ.ଏମ୍ଏଚ୍ ୪୦ ବିଜି-୫୮୬୯)କୁ ଅନୁଗୋଳ ପୋଲିସ କଟକ ଜିଲା ଟାଙ୍ଗୀର ତରଟ ଅଞ୍ଚଳରୁ ମଙ୍ଗଳବାର ଉଦ୍ଧାର କରିଛି। ଏହି ଘଟଣାରେ ୨ ଜଣଙ୍କୁ ଅଟକ ରଖାଯାଇଛି। ଏଥିସହ ଟ୍ରକ ଚଳାଇ ଅନୁଗୋଳରୁ ଟାଙ୍ଗୀକୁ ନେଇଥିବା ରନ୍ତୁଲେଇର ଜଗନଙ୍କୁ ପୋଲିସ ପଚରାଉଚରା ଚଳାଇଛି।

■ଲକ୍ଷ୍ମୀପୂଜା ପ୍ରସ୍ତୁତି ବୈଠକ

# ୯ଦିନ ବ୍ୟାପୀ ଚାଲିବ ପୂଜା

**ହିନ୍ଦୋଳ,୯।୧୦(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ହିନ୍ଦୋଳରେ ଆସନ୍ତା ୨୪ ତାରିଖରୁ ଆରମ୍ଭ ହେବ ମହାଲକ୍ଷ୍ମୀ ପୂଜା। ଏହାକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିବାକୁ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ପ୍ରଶାସନିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପଜିଲାପାଳ ଭବେଶ କୁମାର ନାୟକ ଅଧକ୍ଷତା କରିଥିଲେ।

ଚଳିତବର୍ଷ ସହରର ୧୫ଟି ମଣ୍ଡପରେ ମହାଲକ୍ଷ୍ମୀଙ୍କ ଆବାହନ କରାଯାଉଛି। ସେଥିମଧ୍ୟରେ ଲକ୍ଷ୍ମୀବଜାର, ମୀରା ବଜାର, ଗୁଣ୍ଡିଚା ମଣ୍ଡପ କାରିଗର ସାହି, ମେଡିକାଲ ବଣିକ ସଂଘ, କଳ୍ପନା ବଜାର, ବସଷ୍ଟାଣ୍ଡ ବଜାର, ନୂତନ ପଟଣା କ, ଖ, ଗ, ବନମାଳୀପୁର, ପୀତାବଳି ପୂଜା କମିଟି, ଗୋପାଳପୁର, ରାଧାନାଥପୁର, ଚମ୍ପତି ସାହି ଏବଂ ବିଜୟଲକ୍ଷ୍ମୀ ପୂଜା କମିଟି ଅଛନ୍ତି। ଅକ୍ଟୋବର ୨୪ରୁ ୯ ଦିନ ଧରି ପୂଜା ଅନୁଷ୍ଠିତ ହେବାକୁ ଥିବାବେଳେ ନଭେମ୍ବର ୨ରେ ବିଦାୟ ନେବେ ମା'। ପୂର୍ବାହ୍ନ ୧୧ଟାରୁ ରାତି ୧୦ଟା ଯାଏ ଭସାଣି କାର୍ଯ୍ୟକ୍ରମ ରହିଛି। କଚେରି ପଡ଼ିଆରେ ମେଳଣ ହେବ। ଏହାପରେ



ବୈଠକରେ ଉପସ୍ଥିତ ଅଧିକାରୀମାନେ।

ଭସାଣି ଶୋଭାଯାତ୍ରା ବାହାରିବ। ପ୍ରଶାସନ ପକ୍ଷରୁ ଖନନ କରାଯାଇଥିବା ଅସ୍ଥାୟୀ ପୋଖରୀରେ ମୂର୍ତ୍ତି ବିସର୍ଜନ ହେବ। ଚଳିତବର୍ଷ ଭସାଣିରେ ଡିଜେ ସାଉଣ୍ଡକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ଏତଦ୍‌ବ୍ୟତୀତ ସ୍ୱଚ୍ଛତା, ପରିମଳ ଓ ପାନୀୟ ଜଳ ଯୋଗାଣ ପାଇଁ ଏନ୍ଏସି ଏବଂ ନିରବଚ୍ଛିନ୍ନ ବିଦ୍ୟୁତ୍ ସଂଯୋଗ ଲାଗି ଏନ୍‌ଜେନ୍‌କୁ ଦାୟିତ୍ୱ ଦିଆଯାଇଛି। ପୂଜାକୁ

**■ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଉପରେ ଗୁରୁତ୍ୱ**

**■୨୪ରୁ ଆରମ୍ଭ, ୨ରେ ଭସାଣି**

ଶୃଙ୍ଖଳିତ କରିବାକୁ ୨୧ ତାରିଖରେ ଶାନ୍ତି କମିଟି ଗଠନ କରାଯାଇ ପରବର୍ତ୍ତୀ କାର୍ଯ୍ୟକ୍ରମ ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ବୈଠକରେ ତହସିଲଦାର ଅଜୟ ମଲ୍ଲିକ, ସହକାରୀ ଜିଲାପାଳ ସଂଯୁକ୍ତା ସ୍ୱାଇଁ, ଏନ୍ଏସି ନିର୍ବାହୀ ଅଧିକାରୀ ବିନୟ ରଞ୍ଜନ ମହାପାତ୍ର, ମିଳିତ ପୂଜା କମିଟି କର୍ମକର୍ତ୍ତାଙ୍କ ସମେତ ପୋଲିସ, ଅଗ୍ନିଶମ, ପୂର୍ତ୍ତ ବିଭାଗର ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

■ଗଣତନ୍ତ୍ର ସୁରକ୍ଷା ସମିତି ପକ୍ଷରୁ ପ୍ରତିବାଦ ସଭା

# ଖବରଦାତାଙ୍କ ସୁରକ୍ଷା ଦାବି




ପ୍ରତିବାଦ ସଭାରେ ଏକାଠି ହୋଇଥିବା ଖବରଦାତାମାନେ।

**ଭୁବନ, ୯।୧୦(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଭୁବନ ଗଣତନ୍ତ୍ର ସୁରକ୍ଷା ସମିତି ପକ୍ଷରୁ ମଙ୍ଗଳବାର ସ୍ଥାନୀୟ କାଳୀବଜାରସ୍ଥିତ 'ଫ୍ରିଡମ୍ ଟ୍ରି' ନିକଟରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱରର ସୋର, ପୁରୀରେ ଖବରଦାତାଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାର ପ୍ରତିବାଦରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ଏଥିରେ ପୂର୍ବତନ ଏନ୍ଏସି ଅଧକ୍ଷ ନରହରି ସାହୁ ଅଧକ୍ଷତା କରିଥିଲେ। ବାଜି ରାଉତ ସ୍ମୃତି ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ନିତ୍ୟାନନ୍ଦ ପରିଡା ଅତିଥି ଭାବେ ଯୋଗଦେଇ କହିଲେ, ସମାଜର ପ୍ରତ୍ୟେକ ବ୍ୟବସ୍ଥାରେ ଗଣମାଧମ ପ୍ରତିନିଧି ସାମିଲ ହେଉଛନ୍ତି। ଜୀବନକୁ ବିପଦରେ ପକାଇ ସେମାନେ ଖବର ସଂଗ୍ରହ କରନ୍ତି। ସେମାନଙ୍କ ଉଦ୍ୟମରେ ବହୁ ଲୋକାଭିମୁଖୀ କାର୍ଯ୍ୟ ହେଉଛି। ପ୍ରଶାସନ ଏବଂ ସରକାର ଖବରଦାତାଙ୍କ ସୁରକ୍ଷାପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ମୁଖ୍ୟଅତିଥି କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ମହିଳା କଲେଜ ଅଧକ୍ଷ ଦିଲୀପ ଦାସ, କାଳୀବଜାର ସଭାପତି ସମୀର କୁମାର ସାହୁ, ଜଗନ୍ନାଥ ମନ୍ଦିର ସମ୍ପାଦକ ନିରଞ୍ଜନ ଗୁରୁ, ଖବରଦାତା ପ୍ରେମାନନ୍ଦ ମହାନ୍ତି, ସୁଶାନ୍ତ ପୋଥାଳଙ୍କ ସମେତ ବହୁ ଗଣମାଧମ ପ୍ରତିନିଧି ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

■ଜନ ଅଭିଯୋଗ ଶୁଣାଣି ଶିବିର

# ସମାଧାନ ହେଲା ୧୧୦ ଅଭିଯୋଗ



ଜନ ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ।

**ଓଡ଼ାପଡ଼ା, ୯।୧୦(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କାର୍ଯ୍ୟାଳୟରେ ମଙ୍ଗଳବାର ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୨୧୬ ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ସେଥିମଧରୁ ୨୧୧ ବ୍ୟକ୍ତିଗତ ଏବଂ ୫ଟି ସାମୂହିକ ରହିଥିଲା। ୧୧୦ଟିର ତ୍ୱରିତ ସମାଧାନ କରାଯାଇଛି। ସେହିପରି ରେଡ୍‌କ୍ରସ୍ ପାଣ୍ଠିରୁ ଚିକିତ୍ସା ପାଇଁ ୭ଜଣଙ୍କୁ ୧୪ ହଜାର ଟଙ୍କା ପ୍ରଦାନ କରାଯାଇଛି।

ଶିବିରରେ ବ୍ଲକ ଉପାଧକ୍ଷା ପ୍ରମୋଦ ମହାଭୋଇ, ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ, ଏସ୍‌ପି ସନ୍ତୋଷ ନାୟକ, ପିଡି ଡିଆରଡିଏ ନରୋତ୍ତମ ବେହେରା, ସହକାରୀ ଜିଲାପାଳ ଶଶାଙ୍କ ଶେଖର ମିଶ୍ର, ଡିଏଫ୍ଓ ସୁଦର୍ଶନ ପାତ୍ର, ଉପଜିଲାପାଳ ପୀତାମ୍ବର ସାମଲ, ନିର୍ବାହୀଯନ୍ତ୍ରୀ ବିଜୟାନନ୍ଦ ସାହୁ, ପଞ୍ଚାୟତ ଅଧିକାରୀ ବୀରେନ୍ଦ୍ର ହୋତା, ସମାଜ ମଙ୍ଗଳ ଅଧିକାରୀ ଅହଲ୍ୟା ଧଳ, ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ବିଡିଓ ଉତ୍କଳ ରଞ୍ଜନ ଆଚାର୍ଯ୍ୟ, ତହସିଲଦାର ମନୋଜ କୁମାର ମାଝି, ପିଜି ସେଲ୍‌ର ସୀତାଂଶୁ ଶେଖର ଦାସଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

### ପୋଲ ତଳକୁ ଖସିଲା ବୋଲେରୋ

**ପରଜଙ୍ଗ, ୯।୧୦(ଡି.ଏନ.ଏ.)**

ପରଜଙ୍ଗ ଥାନା ଡିହଡ଼ୋଳ-ମହାବିରୋଡ଼ ପୂର୍ତ୍ତ ବିଭାଗ ରାସ୍ତାର ଆମ୍ବପଳାସ ଛକ ନିକଟରେ ସୋମବାର ବିଳମ୍ବିତ ରାତିରେ ଏକ ବୋଲେରୋ (ଓଆର୍ ୧୯ଏଲ୍ ୮୦୬୭ ) ଭାରସାମ୍ୟ ହରାଇ ପୋଲ ତଳକୁ ଖସିପଡ଼ିଛି। ଏଥିରେ ଗାଡ଼ି ଚାଳକ ତାଳଚେର ନୂଆଗାଁ ଗ୍ରାମର ଅକ୍ଷୟ ଗୌଡ଼ ଗୁରୁତର ହୋଇଛନ୍ତି। ମହାବିରୋଡରେ ଲୋକଙ୍କୁ ଛାଡ଼ି ଫେରୁଥିବାବେଳେ ଭାରସାମ୍ୟ ହରାଇ ଗାଡ଼ି ପୋଲ ତଳକୁ ଖସିପଡ଼ିଥିଲା। ପୋଲିସ ଗାଡ଼ି ଜବତ କରିଛି।

### କେନାଲରୁ ଅଜଣା ମୃତଦେହ ଉଦ୍ଧାର

**ଢେଙ୍କାନାଳ ଅଫିସ,୯।୧୦**

ଢେଙ୍କାନାଳ ସଦର ଥାନା କାଙ୍କଡ଼ପାଳ ଓ ସିମିଳିଆ ମଧ ଦେଇ ଯାଇଥିବା ରେଙ୍ଗାଳି ଦକ୍ଷିଣ କେନାଲରୁ ମଙ୍ଗଳବାର ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ପୋଲିସ ଜବତ କରିଛି। ଏ ନେଇ ଅପମୃତ୍ୟୁ ମାମଲା (ନଂ.୪୪/୧୮) ରୁଜୁ କରାଯାଇଛି। ମୃତକଙ୍କ ପରିଚୟ ଜାଣିବାକୁ ତଦନ୍ତ ଜାରି ରହିଥିବା ଥାନାଧିକାରୀ ମଳୟ ନାୟକ ସୂଚନା ଦେଇଛନ୍ତି।

# ଚାନ୍ଦିମେଢ଼ରେ ଝଲସିବେ ସିନ୍ଧୁସୁତା



ଲକ୍ଷ୍ମୀପୂଜା ପ୍ରସ୍ତୁତି ବୈଠକରେ ଗଣେଶ ବଜାର ପୂଜା କମିଟି କର୍ମକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ, ୯।୧୦**

ଢେଙ୍କାନାଳର ପ୍ରସିଦ୍ଧ ଲକ୍ଷ୍ମୀପୂଜା ଉତ୍ସବ ପାଇଁ ଗଣେଶ ବଜାର ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠାନର ସଭାଗୃହରେ ଅନୁଷ୍ଠିତ ବୈଠକରେ ପୂଜା ପ୍ରସ୍ତୁତି ସମ୍ପର୍କରେ ସୂଚନା ଦିଆଯାଇଥିଲା। ଚଳିତବର୍ଷ ଚାନ୍ଦିମେଢ଼ରେ ଝଲସିବେ ମହାଲକ୍ଷ୍ମୀ। ଏଥିରେ ୨୫୦ କେଜିରୁ ଉର୍ଦ୍ଧ୍ୱ ଚାନ୍ଦି ବ୍ୟବହାର କରାଯାଉଛି। ଏହାକୁ ବାଦ୍‌ଦେଲେ ଚାଇନା ଗେଟ୍ ତୋରଣ, ୬ ଅତ୍ୟାଧୁନିକ ବିଦ୍ୟୁତ୍ ତୋରଣ ଲଗାଯିବ। ନୂତନ ଆଲୋକୀକରଣ ବ୍ୟବସ୍ଥା, ବିଭିନ୍ନ ପ୍ରକାର ଦୋଳି, ଖାଦ୍ୟ ଷ୍ଟଲ୍ ପୂଜାର ପ୍ରମୁଖ ଆକର୍ଷଣ ସାଜିବ। କମିଟି ଅଧକ୍ଷ ଶେଖ ହୁସେନ, ସଭାପତି ବସନ୍ତ ସାହୁ, ସମ୍ପାଦକ ବିଶ୍ୱନାଥ ବେହେରା, ପୂର୍ବତନ ନଗରପାଳ ଇନ୍ଦ୍ରମଣି ବେହେରା, ଡମ୍ବରୁଧର ପଣ୍ଡା, ନୃସିଂହ ଚରଣ ବେହେରା, ମାଧବ ସିଲ, ଦେବନ ବେହେରା, ଗଣେଶ ସେଠୀ ପ୍ରମୁଖ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

■ ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତା ଅଭାବ

# କାମରେ ଆସୁନି ଆଡ଼ିବନ୍ଧ

**ହିନ୍ଦୋଳ,୯।୧୦(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ମହାଲୁଣ୍ଡା ପଞ୍ଚାୟତ କପାସିଆ ନାଳ ଉପରେ ଦୁଇବର୍ଷ ତଳେ ନିର୍ମିତ ଆଡ଼ିବନ୍ଧ କାମରେ ଆସୁନି। ଜଳ ପରିଚାଳନା ଲାଗି ଗେଟ ନିର୍ମାଣ କରାଯାଉ ନ ଥିବାରୁ ଚାଷୀ ହୀନସ୍ତା ହେଉଛନ୍ତି। ଏ ନେଇ ଅଞ୍ଚଳର ଚାଷୀ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ସବୁଆଡ଼ୁ ନିରାଶ ହେବାପରେ ଏବେ ସେମାନେ ଆନ୍ଦୋଳନ କରିବାକୁ ପ୍ରସ୍ତୁତି ଚଳାଇଛନ୍ତି।

ଗ୍ରାମାଞ୍ଚଳରେ କୃଷିର ବିକାଶ ଲାଗି ଆଡ଼ିବନ୍ଧ ତିଆରି କରାଯାଉଛି। ଏଥିଲାଗି ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି ରାଜ୍ୟ ସରକାର। ହେଲେ ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତା ଅଭାବରୁ ବ୍ଲକରେ ବହୁ ଆଡ଼ିବନ୍ଧ ଅଧାପନ୍ତରିଆ ଅବସ୍ଥାରେ ରହିଛି। ସେଥିମଧରେ କପାସିଆ ନାଳ ଉପରେ ତିଆରି ହୋଇଥିବା ଆଡ଼ିବନ୍ଧ ଏକ ଉଦାହରଣ। ଉକ୍ତ ଆଡ଼ିବନ୍ଧ ନିର୍ମାଣ ପାଇଁ ବିଭାଗ ପକ୍ଷରୁ ୩୩ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଥିଲା। ହେଲେ ଏହା କାମରେ ଆସୁ ନ ଥିବାରୁ ଟଙ୍କା ପାଣିରେ ପଡ଼ିଥିବା ଚାଷୀ ମହଲରେ ଆଲୋଚନା ହେଉଛି। ଏ ସଂକ୍ରାନ୍ତରେ ଚାଷୀ ପତିତପାବନ ସାମଲ କୁହନ୍ତି, ବିଭାଗୀୟ ଯନ୍ତ୍ରୀ ଚାଷୀଙ୍କ କୌଣସି ଅଭିଯୋଗ ଶୁଣିବାକୁ ପ୍ରସ୍ତୁତ



**■ହୀନସ୍ତା ହେଉଛନ୍ତି ଚାଷୀ**

**■ଆନ୍ଦୋଳନ ଲାଗି ସଜବାଜ**

ନୁହଁନ୍ତି। ଅଭିଯୋଗ କରିବାକୁ ଗଲେ ଦେଖିବା ବୁଝିବା ବୋଲି କହି ସେ ଟାଳି ଦେଉଛନ୍ତି। ଏଥିପ୍ରତି ବିଭାଗୀୟ ନିର୍ବାହୀ ଅଧିକାରୀ ଏବଂ ଜିଲାପାଳ ଦୃଷ୍ଟି ଦେବାକୁ ସେ ନିବେଦନ କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ମହେନ୍ଦ୍ର କୁମାର ମିଶ୍ରଙ୍କ ମୋବାଇଲ (ନଂ. ୭୯୭୯୭୨୨୭୭୨) ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ ସେ ଉଠାଇ ନ ଥିଲେ।

■ଆଲୋଚନାଚକ୍ରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି

# ବାଜି ରାଉତ ଯୁବଗୋଷ୍ଠୀର ସ୍ପନ୍ଦନ

**ଢେଙ୍କାନାଳ ଅଫିସ, ୯।୧୦**

ଢେଙ୍କାନାଳ ପ୍ରେସ୍ କ୍ଲବ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ଗୋପବନ୍ଧୁ ଟାଉନ୍ ହଲ୍‌ରେ ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କୁ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ଏହି ଅବସରରେ 'ସ୍ୱାଧୀନତା ସଂଗ୍ରାମକୁ ଢେଙ୍କାନାଳ ପ୍ରଜାମଣ୍ଡଳର ଦାନ' ଶୀର୍ଷକ ଆଲୋଚନାଚକ୍ରରେ ବିଧାୟକ ସରୋଜ କୁମାର ସାମଲ ଯୋଗଦେଇ କହିଲେ, ବାଜି ରାଉତଙ୍କ ଆତ୍ମବଳିଦାନ ଚିରସ୍ମରଣୀୟ ହୋଇରହିବ। ସେ ଥିଲେ ଯୁବ ଗୋଷ୍ଠୀର ସ୍ପନ୍ଦନ। ଏହି ତ୍ୟାଗକୁ ଆଗାମୀ ପିଢ଼ି ମନେରଖିଲେ, ଏହା ହିଁ ହେବ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ବୋଲି ସେ ମତବ୍ୟକ୍ତ କରିଥିଲେ। ଢେଙ୍କାନାଳ ବାଜିଚୌକସ୍ଥିତ ବାଜି ରାଉତଙ୍କ ସ୍ମୃତିସ୍ତମ୍ଭ ଶହୀଦ ମିନାରର ଉନ୍ନତୀକରଣ ପାଇଁ ୨ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ବିଧାୟକ ଘୋଷଣା କରିଛନ୍ତି। ଏଥିସହ ପ୍ରସିଦ୍ଧ ଲକ୍ଷ୍ମୀପୂଜାକୁ ରାଜ୍ୟ ଓ ଜାତୀୟସ୍ତରରେ ମାନ୍ୟତା ଦେବା ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସେ କହିଥିଲେ।



ହିମାଂଶୁ ବ୍ୟାସ, ଡ. ତବିନା ଅଞ୍ଜୁମ୍ କୁରେସିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ପ୍ରେସ୍‌କ୍ଲବ ଅଧକ୍ଷ ପ୍ରଦ୍ୟୁମ୍ନ ପ୍ରସାଦ ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଆଇଆଇଏମ୍‌ସିର ଆଞ୍ଚଳିକ ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀ, ସମ୍ମାନିତ ଅତିଥି ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଯୋଗେନ୍ଦ୍ରନାଥ ତ୍ରିପାଠୀ, ସଭାପତି ଶଶିମୌଳି ରଥ, ଉପଦେଷ୍ଟା ସୁକାନ୍ତ କୁମାର ମିଶ୍ର, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ଶିକ୍ଷକନେତା ଯଜ୍ଞେଶ୍ୱର ପୃଷ୍ଟି, ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ, ଶିକ୍ଷାବିତ୍ ପ୍ରତାପ ଚନ୍ଦ୍ର ପାଣିଗ୍ରାହୀ, ଏସ୍‌ପି ବସନ୍ତ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ବାଜିଙ୍କ ଦେଶପ୍ରେମ, ତ୍ୟାଗ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ରାଜସ୍ଥାନ ଜୟପୁରରୁ ଆସିଥିବା ଜାତୀୟ ପୁରସ୍କାରପ୍ରାପ୍ତ ଫଟୋଗ୍ରାଫର ହିମାଂଶୁ ବ୍ୟାସ, ଡ. ତବିନା ଅଞ୍ଜୁମ୍ କୁରେସିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ସମ୍ପାଦକ ସତ୍ୟସ୍ୱରୂପ ଦାସ, ଉପଦେଷ୍ଟା ଅମ୍ବିକା ପ୍ରସାଦ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ଅଭୟ କୁମାର ସାହୁ, ସଙ୍ଗଠନ ସମ୍ପାଦକ ଅମାନି ସାହୁ, ଉପସଭାପତି ଦେବାଶିଷ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରାରମ୍ଭରେ ଶହୀଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା। ପୂର୍ବାହ୍ନରେ ପ୍ରେସ୍ କ୍ଲବର ସାଙ୍ଗଠନିକ ବୈଠକରେ ଜିଲାର ସମସ୍ତ ବ୍ଲକର ଖବରଦାତା ଯୋଗଦେଇଥିଲେ।

# ଭିନୁ ମଙ୍କଡ଼ ଟ୍ରଫି: ମଣିପୁର, ନାଗାଲାଣ୍ଡ, ମିଜୋରାମ ବିଜୟୀ

ଭୁବନେଶ୍ୱର, ୯।୧୦ (ସ୍ପୋର୍ଟ୍ସ ବ୍ୟୁରୋ)

୧୯ ବର୍ଷରୁ କମ୍ ଭିନୁ ମଙ୍କଡ ଟ୍ରଫି ଟୁର୍ନାମେଣ୍ଟରେ ମଙ୍ଗଳବାର ଅନୁଷ୍ଠିତ ମ୍ୟାଚ୍‌ରେ ମଣିପୁର, ନାଗାଲାଣ୍ଡ ଓ ମିଜୋରାମ ବିଜୟ ହାସଲ କରିଛନ୍ତି। କିଟ୍ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ମଣିପୁର ୧୩୪ ରନରେ ଅରୁଣାଚଳ ପ୍ରଦେଶକୁ ହରାଇଛି। ଟସ୍ ଜିତି ୩୯.୧ ଓଭରରେ ୨୩୦ ରନ କରି ଅଲଆଉଟ ହୋଇଥିଲା। ଦଳ ତରଫରୁ ହ୍ରିତିକ କାନୋଜିଆ ୫୧ ରନ କରିଥିବା ବେଳେ ଅରୁଣାଚଳର ହାର୍ଦ୍ଦିକ ଗୋଟିଏ ଉଇକେଟ ନେଇଥିଲେ। ଜବାବରେ ଅରୁଣାଚଳ ୨୮.୧ ଓଭରରେ ୯୬ ରନ କରି ଅଲଆଉଟ ହୋଇଥିଲା। ଦଳ ତରଫରୁ ମହମ୍ମଦ ବିଲାଲ ସର୍ବାଧିକ ୨୬ ଓ ମଣିପୁରର ସାଦାନନ୍ଦ ୪ ଉଇକେଟ ଅକ୍ତିଆର କରିଥିଲେ।

ସେହିପରି ରେଲୱେ ଷ୍ଟାଡିୟମରେ ନାଗାଲାଣ୍ଡ ୨୧୭ ରନରେ ସିକ୍କିମକୁ ପରାସ୍ତ କରିଛି। ଟସ୍ ଜିତି ନାଗାଲାଣ୍ଡ ପ୍ରଥମେ ବ୍ୟାଟିଂ କରି ୫୦ ଓଭରରେ ୭ ଉଇକେଟ ହରାଇ ୩୨୪ ରନ ସଂଗ୍ରହ କରିଥିଲା। ଦଳର ବିପୁଲ କାପୁର ୧୨୪ରନ କରିଥିଲେ। ଜବାବରେ ସିକ୍କିମ ୪୬.୧ ଓଭରରେ ୧୦୭ ରନ କରି ଅଲଆଉଟ ହୋଇଥିଲା। ଦଳର ଅନ୍ୱେଶ ୪୨ ରନ ସଂଗ୍ରହ କରିଥିଲେ।

ବିକାଶ ଗ୍ରାଉଣ୍ଡରେ ମିଜୋରାମ ୧ ରନରେ ପୁଡୁଚେରୀକୁ ପରାସ୍ତ କରିଛି। ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରି ମିଜୋରାମ ୪୮.୪ ଓଭରରେ ୧୭୦ ରନ କରି ଅଲଆଉଟ ହୋଇଥିଲା। ଜବାବରେ ପୁଡୁଚେରୀ ୪୪.୫ ଓଭରରେ ୧୬୯ ରନକରି ଅଲଆଉଟ ହେବା ସହ ମାତ୍ର ୧ ରନ ପାଇଁ ମ୍ୟାଚ ହାତଛଡ଼ା କରିଥିଲା।


## 68435/68436 କଟକ-ପାରାଦୀପ-କଟକ ମେମୁ ଟ୍ରେନ୍ ର ସମୟସୂଚୀ

ପାସେଞ୍ଜର ଟ୍ରେନ୍ ନଂ. 58535/58536 ର ସେବା ବନ୍ଦ ହେବା ପରେ କଟକ ଏବଂ ପାରାଦୀପ ମଧ୍ୟରେ ମେମୁ ଟ୍ରେନ୍ ର ପ୍ରଚଳନ ଫଳରେ 68435/68436 କଟକ-ପାରାଦୀପ-କଟକ ମେମୁ ର ନୂଆ ସମୟସୂଚୀ ନିମ୍ନ ଅନୁଯାୟୀ ହେବ :

| ଟ୍ରେନ୍ ନଂ.68435 କଟକ-ପାରାଦୀପ ମେମୁ | | ↓ ଷ୍ଟେସନ ↑ | ଟ୍ରେନ୍ ନଂ.68436 ପାରାଦୀପ-କଟକ ମେମୁ | |
|---|---|---|---|---|
| ଆଗମନ | ପ୍ରସ୍ଥାନ | | ଆଗମନ | ପ୍ରସ୍ଥାନ |
| - | 1130 | କଟକ | 1635 | - |
| 1139 | 1140 | ମତଗଜପୁର | 1603 | 1604 |
| 1150 | 1151 | କନ୍ଦରପୁର | 1554 | 1555 |
| 1200 | 1201 | ବଡ଼ଖଣ୍ଡାଏତା ପି.ଏଚ୍ | 1541 | 1542 |
| 1213 | 1214 | ରଘୁନାଥପୁର | 1530 | 1531 |
| 1222 | 1223 | ବନବିହାରୀ ଗୁଆଳିପୁର ପି.ଏଚ୍ | 1517 | 1518 |
| 1232 | 1233 | ଗୋରଖନାଥ | 1507 | 1508 |
| 1241 | 1242 | ଝଙ୍କଡ଼ ସାରଳା ରୋଡ଼ ପି.ଏଚ୍ | 1456 | 1457 |
| 1250 | 1251 | ନିମକଣା ପି.ଏଚ୍ | 1448 | 1449 |
| 1259 | 1300 | ରାହାମା | 1440 | 1441 |
| 1306 | 1307 | ଗୋପିନାଥଜିଉ ବଣିକୁନ୍ଦ ପି.ଏଚ୍ | 1427 | 1428 |
| 1312 | 1313 | ବଡ଼ବନ୍ଧ | 1418 | 1419 |
| 1318 | 1319 | ବଗଦିଆ ପି.ଏଚ୍ | 1408 | 1409 |
| 1330 | - | ପାରାଦୀପ | - | 1400 |



ପୂର୍ବ ତଟ ରେଳପଥ

PR-361/J/18-19

Follow us on : www.facebook/@EASTCOASTRailway1 www.twitter/@eastcoastrail


> ଆମ ଫୁଟ୍‌ବଲ ଦଳ ପାଇଁ କ୍ରିଷ୍ଟିଆନୋ ରୋନାଲ୍‌ଡୋଙ୍କ ବିକଳ୍ପ ଖେଳାଳି ମିଳିବା ସହଜ ନୁହେଁ।
>
> -ଫାବିଓ ପାରାଟିସି
> ଜୁଭେଣ୍ଟସ ସ୍ପୋର୍ଟ୍ସ ଡାଇରେକ୍ଟର



> ଆମେ ଚାଇନା ବିପକ୍ଷ ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଅକ୍ଟୋବର ୧୩ରେ ଖେଳିବାକୁ ଥିଲେ ମଧ୍ୟ ଏଥିଲାଗି ଯଥେଷ୍ଟ ପ୍ରସ୍ତୁତ ହୋଇ ନାହୁଁ।
>
> -ଷ୍ଟିଫେନ କନଷ୍ଟାଣ୍ଟିନ, ଭାରତୀୟ ଫୁଟ୍‌ବଲ ଟିମ୍ ମୁଖ୍ୟ



# ଜୟନ୍ତୀଙ୍କୁ ବ୍ରୋଞ୍ଜ ପଦକ

## ଏସିଆନ ପାରା ଗେମ୍ସ

ଭୁବନେଶ୍ୱର, ୯।୧୦(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ପାରା ଆଥଲେଟ୍ ଜୟନ୍ତୀ ବେହେରା ନିଜ କ୍ୟାରିୟରରେ ଆଉ ଏକ ସଫଳତା ଫର୍ଦ୍ଦ ଯୋଡ଼ିଛନ୍ତି। ଇଣ୍ଡୋନେସିଆର ଜାକର୍ତ୍ତାରେ ଚାଲିଥିବା ଏସିଆନ ପାରା ଗେମ୍ସର ମହିଳା ୨୦୦ ମିଟର ଟି୪୫/୪୬/୪୭ ଇଭେଣ୍ଟରେ ସେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୨୦୦ ମିଟର ଦୂରତ୍ୱକୁ ଜୟନ୍ତୀ ୨୭.୪୫ ସେକେଣ୍ଡରେ ଅତିକ୍ରମ କରି ଏହି ସଫଳତା ପାଇଛନ୍ତି। ଚାଇନାର ଦୁଇ ପ୍ରତିଯୋଗୀ ଲି ଲୁ ୨୫.୮୨ ଓ ୱାଙ୍ଗ ୟାନପିନ୍ ୨୬.୪୫ ସେକେଣ୍ଡ ସମୟ ନେଇ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଛନ୍ତି। ଜୟନ୍ତି ବୁଧବାର ୧୦୦ ମିଟରରେ ଭାଗ୍ୟପରୀକ୍ଷା କରିବେ। ସେହିପରି ସେ ୧୧ ତାରିଖରେ ୪୦୦ ମିଟର ଇଭେଣ୍ଟରେ ମଧ୍ୟ ଭାଗନେବା କାର୍ଯ୍ୟକ୍ରମ ରହିଛି। ତେଣୁ ଏହି ପ୍ରତିଯୋଗିତାରେ ତାଙ୍କର ପଦକ ସଂଖ୍ୟା ବଢ଼ିବା ସମ୍ଭାବନା ରହିଛି। ''ପ୍ରଭୁ ଜଗନ୍ନାଥ ଏବଂ ଓଡ଼ିଶାବାସୀଙ୍କ ଆଶୀର୍ବାଦ ଯୋଗୁ ମୁଁ ଏସିଆନ ପାରା ଗେମ୍ସରେ ବ୍ରୋଞ୍ଜ ପଦକ ଜିତିବାରେ ସକ୍ଷମ ହୋଇଛି। ଆଗକୁ ଥିବା ୧୦୦ ଓ ୪୦୦ ମିଟରରେ ମଧ୍ୟ ପଦକ ଜିତି ମୁଁ ରାଜ୍ୟ ଏବଂ ଦେଶକୁ ଗର୍ବିତ କରିବାକୁ ଚାହେଁ'' ବୋଲି ଜୟନ୍ତୀ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ସାକ୍ଷୀଗୋପାଳର ଜୟନ୍ତୀ ଏହା ପୂର୍ବରୁ ପଞ୍ଚକୁଲାରେ ଅନୁଷ୍ଠିତ ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ୧୦୦, ୨୦୦ ଓ ୪୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।



ଜୟନ୍ତୀ ବେହେରା

ଓଡ଼ିଶାର ପ୍ରମୋଦ ଭଗତ ପାରା ବ୍ୟାଡ୍‌ମିଣ୍ଟନ ଇଭେଣ୍ଟର କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି। ଏପର୍ଯ୍ୟନ୍ତ ଅପରାଜେୟ ରହିଥିବା ପ୍ରମୋଦ ପ୍ରଭାବୀ ପ୍ରଦର୍ଶନ ଦେବାରେ ସକ୍ଷମ ହୋଇଥିବାରୁ ଟାଇଟଲ ମୁକାବିଲାରେ ପହଞ୍ଚିବା ଆଶା କରାଯାଉଛି। ସେ ପୁରୁଷ ଡବଲ୍ସର ଦ୍ୱିତୀୟ ରାଉଣ୍ଡରେ ମଧ୍ୟ ପ୍ରବେଶ କରିଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ

ଏସିଆନ ପାରା ଗେମ୍ସର ମହିଳା ୨୦୦ ମିଟର ଇଭେଣ୍ଟରେ ବ୍ରୋଞ୍ଜ ବିଜୟିନୀ ଓଡ଼ିଆ ଆଥଲେଟ୍ ଜୟନ୍ତୀ ବେହେରାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି। ତୁମ ସଫଳତା ପାଇଁ ଓଡ଼ିଶା ଗର୍ବିତ ବୋଲି ମୁଖ୍ୟମନ୍ତ୍ରୀ ଟୁଇଟ୍ କରି କହିଛନ୍ତି। ଏହି ଅବସରରେ ଜୟନ୍ତୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଜୟନ୍ତୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଆଜି ଷ୍ଟାଡିୟମ ଉଦ୍‌ଘାଟନ

ଭୁବନେଶ୍ୱର, ୯।୧୦ (କ୍ରୀଡ଼ା ପ୍ରତିନିଧି): ହକି ବିଶ୍ୱକପ ପାଇଁ ଉଷ୍ମତା କ୍ରମେ ବଢ଼ିବାରେ ଲାଗିଛି। ନଭେମ୍ବର ୨୭ରେ କଳିଙ୍ଗ ଷ୍ଟାଡିୟମରେ ପ୍ରତିଯୋଗିତାର ଉଦ୍‌ଘାଟନୀ ସମାରୋହ ହେବାକୁଥିବାବେଳେ ୨୮ ତାରିଖରୁ ପ୍ରତିଯୋଗିତା ଆରମ୍ଭ ହେବ। ଏହାକୁ ଦୃଷ୍ଟିରେ ରଖି ମଙ୍ଗଳବାର ପୁରୀରେ ମାସ୍କଟ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂଆ ରୂପ ନେଇଥିବା ହକି ଷ୍ଟାଡିୟମକୁ ଉଦ୍‌ଘାଟନ କରିବେ। ପୂର୍ବରୁ ହକି ଷ୍ଟାଡିୟମ ଗ୍ୟାଲେରି ୭୦୦୦ ସିଟ୍ ବିଶିଷ୍ଟ ଥିବାବେଳେ ଏବେ ତାହାକୁ ୧୫୦୦୦କୁ ସମ୍ପ୍ରସାରିତ କରାଯାଇଛି। ମୁଖ୍ୟମନ୍ତ୍ରୀ ଷ୍ଟାଡିୟମ ଉଦ୍‌ଘାଟନ କରିବାପରେ ଦିଲୀପ ତିର୍କୀ ଏକାଦଶ ଏବଂ ଧନରାଜ ପିଲ୍ଲେ ଏକାଦଶ ମଧ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହେବ। ଏଥିରେ ଅତୀତ ଓ ବର୍ତ୍ତମାନର ଶ୍ରେଷ୍ଠ ଖେଳାଳିମାନେ ଅଂଶଗ୍ରହଣ କରିବେ। ୩୦ ମିନିଟ ବିଶିଷ୍ଟ ମ୍ୟାଚ ଶେଷ ହେବାପରେ ପୁରସ୍କାର ବିତରଣୀ ଉତ୍ସବ ଏବଂ କିମ୍ବଦନ୍ତୀ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ କାର୍ଯ୍ୟକ୍ରମ ଶେଷ ହେବ।

# ଭାରତୀୟ ଦଳକୁ ସମର୍ଥନ ପାଇଁ ଶାହରୁଖଙ୍କ ଆହ୍ୱାନ

ଭୁବନେଶ୍ୱର/ମୁମ୍ବାଇ, ୯।୧୦

ହକି ଉପରେ ପର୍ଯ୍ୟବେକ୍ଷିତ ସିନେମା 'ଚକ୍ ଦେ ଇଣ୍ଡିଆ'ର ମୁଖ୍ୟ କଳାକାର ତଥା ବଲିଉଡ୍ ସୁପରଷ୍ଟାର ଶାହରୁଖ ଖାଁ ପୁଣି ଥରେ ଜାତୀୟ କ୍ରୀଡ଼ା ନେଇ ଚର୍ଚ୍ଚାକୁ ଆସିଛନ୍ତି। ଆଉ ମାତ୍ର କେତୋଟି ସପ୍ତାହ ପରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜନ ହେବାକୁ ଯାଉଥିବା ବେଳେ ସେ ଭାରତୀୟ ଦଳକୁ ସମର୍ଥନ ଜଣାଇଛନ୍ତି। ଭାରତୀୟ ହକି ପାଇଁ ମୁଁ ସବୁବେଳେ ଉତ୍ସାହିତ ରହିଥାଏ ଓ ହକି ପାଇଁ ମୋର ହୃଦୟ ସବୁବେଳେ ସ୍ପନ୍ଦିତ ହୋଇଥାଏ ବୋଲି ଟୁଇଟ୍ କରି ସେ ଉଲ୍ଲେଖ କରିଛନ୍ତି। ଏଥି ସହିତ ବିଶ୍ୱକପ୍‌ରେ ଭାରତୀୟ ହକି ଦଳକୁ ସମର୍ଥନ କରିବା ପାଇଁ ସେ ସମସ୍ତଙ୍କୁ ଆହ୍ୱାନ କରିଛନ୍ତି। ବିଶ୍ୱକପ୍ ପାଇଁ ଭାରତୀୟ ହକି ଦଳ ଏବେ ଭୁବନେଶ୍ୱରରେ ଅଭ୍ୟାସ ଚଳାଇଛି। ତେବେ ଭାରତୀୟ ହକି ଦଳ ପ୍ରଥମେ ଏସିଆନ ଚାମ୍ପିୟନ୍ସ ଟ୍ରଫି ଖେଳିବା ପାଇଁ ୧୪ ତାରିଖରେ ଓମାନ ଯାତ୍ରା କରିବ। ହକି ନେଇ ଶାହରୁଖଙ୍କ ଉତ୍ସାହ ଦେଖି ଏବେ ପ୍ରଶଂସକଙ୍କ ସଂଖ୍ୟାରେ ବୃଦ୍ଧି ଘଟିବ ବୋଲି ଆଶା କରାଯାଉଛି। ପ୍ରକାଶଯୋଗ୍ୟ ନଭେମ୍ବର ୨୭ ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବରେ ଶାହରୁଖ ଅନ୍ୟତମ ଆକର୍ଷଣର କେନ୍ଦ୍ରବିନ୍ଦୁ ରହିବେ।

# ଭାରତର ହ୍ୟାଟ୍ରିକ ବିଜୟ

ଜୋହର ବାହରୁ(ମାଲେସିଆ), ୯।୧୦ (ପି.ଟି.)

ଏଠାରେ ଚାଲିଥିବା ସୁଲତାନ ଜୋହର କପ୍ ଜୁନିୟର ହକି ଟୁର୍ନାମେଣ୍ଟରେ ଭାରତ ମଙ୍ଗଳବାର ଏକ ଗୁରୁତ୍ୱପୂର୍ଣ୍ଣ ବିଜୟ ହାସଲ କରିଛି। ଅଧିନାୟକ ସନ୍ଦୀପ ମୋରଙ୍କ ଗୋଲ ବଳରେ ଭାରତ କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଜାପାନକୁ ୧-୦ ଗୋଲରେ ପରାସ୍ତ କରିଛି। ଏଥି ସହିତ ଟୁର୍ନାମେଣ୍ଟରେ ଭାରତ କ୍ରମାଗତ ତୃତୀୟ ବିଜୟ ହାସଲ କରିଛି।

ଏହାପୂର୍ବରୁ ଭାରତ ପ୍ରଥମ ମ୍ୟାଚ୍‌ରେ ମାଲେସିଆକୁ ୨-୧ ଗୋଲରେ, ନ୍ୟୁଜିଲାଣ୍ଡକୁ ୭-୧ ଗୋଲରେ ପରାସ୍ତ କରିଥିଲା। ଭାରତ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆକୁ ବୁଧବାର ଭେଟିବ।


ପର୍ଯ୍ୟଟନ ବିଭାଗ
ଓଡ଼ିଶା ସରକାର

Odisha Tourism
ODISHA
Scenic • Serene • Sublime
The Soul of Incredible India

DSPL-194

## ବାରବାଟି ଗଡ଼ଖାଇର ସୌନ୍ଦର୍ଯ୍ୟକରଣ

ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡା
ମାନ୍ୟବର ମନ୍ତ୍ରୀ, ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଓଡ଼ିଶାଙ୍କ
କରକମଳରେ ସମାହିତ

ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ଭର୍ତ୍ତୃହରି ମହତାବ
ମାନ୍ୟବର ସାଂସଦ, କଟକ

ସମ୍ମାନନୀୟ ଅତିଥି
ଶ୍ରୀଯୁକ୍ତ ଦେବାଶିଷ ସାମନ୍ତରାୟ
ମାନ୍ୟବର ବିଧାୟକ, ବାରବାଟି, କଟକ

ଅନ୍ୟ ଅତିଥି ବୃନ୍ଦ
ଶ୍ରୀମତୀ ମିନାକ୍ଷୀ ବେହେରା
ମାନନୀୟା ମେୟର
ଶ୍ରୀଯୁକ୍ତ ଅଜୟ କୁମାର ବାରିକ
ମାନ୍ୟବର ଉପ-ମେୟର
ଜନାବ୍ ରମଜାନ ଖାନ୍
ସମ୍ମାନନୀୟ ପାର୍ଷଦ, ୱାର୍ଡ଼ ନଂ-୧୬

ତାରିଖ: ୧୦.୧୦.୨୦୧୮

37001/13/0044/1819


## ଓସିଏ ଉପରେ ବିସିସିଆଇ ଚୟନକର୍ତ୍ତା ଖପ୍ପା

# ପ୍ରତିଭାକୁ ଚିହ୍ନିବାରେ ହେଳା କରୁଛନ୍ତି: ଆଶିଷ କପୁର

କଟକ ଅଫିସ, ୯।୧୦

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଆନୁକୂଲ୍ୟରେ ଜୟପୁରଠାରେ ଚାଲିଥିବା ୧୯ବର୍ଷରୁ କମ୍ ଭିନୁ ମଙ୍କଡ ଟ୍ରଫିରେ ରାଜ୍ୟ ଦଳରେ ସ୍ଥାନ ପାଇଛନ୍ତି କଟକର ପ୍ରତିଭାବାନ ପେସ୍ ବୋଲର ସୂରଜ କୁମାର ବେହେରା । ସୂରଜ ରାଜ୍ୟର ଏକମାତ୍ର ଖେଳାଳି, ଯିଏ ଚଳିତବର୍ଷ ଲଗାତାର ଭାବେ ୨ଥର ଏନ୍‌ସିଏ ୧୬ବର୍ଷରୁ କମ୍ ଓ ୧୯ବର୍ଷରୁ କମ୍ ଶିବିରରେ ଯୋଗ ଦେଇଥିଲେ । ଏପରିକି ସେ ଭାରତର ୧୯ବର୍ଷରୁ କମ୍ ଶ୍ରେଷ୍ଠ ୮ଜଣ ପେସ୍ ବୋଲରଙ୍କ ମଧ୍ୟରେ ଅନ୍ୟତମ ବୋଲି ବିସିସିଆଇ ଜୁନିୟର ଚୟନକର୍ତ୍ତା ମାନେ ଅନୁଭବ କରିଛନ୍ତି । ମାତ୍ର ଭିନୁ ମଙ୍କଡ ଟ୍ରଫିରେ ଗତ ୩ଟି ମ୍ୟାଚ୍‌ରେ ଓଡ଼ିଶା ଲଜ୍ଜାଜନକ ଭାବେ ୨ଥର ପରାସ୍ତ ହୋଇଥିଲେ ମଧ୍ୟ ସୂରଜଙ୍କୁ କେବଳ ଅତିରିକ୍ତ ଖେଳାଳି ଭାବେ ବେଞ୍ଚରେ ବସିବାକୁ ପଡୁଛି । ଯାହାକୁ ବିସିସିଆଇ ଜୁନିୟର ଚୟନକର୍ତ୍ତା କମିଟି ସଦସ୍ୟ ଆଶିଷ କପୁର ଦୃଢ଼ ନିନ୍ଦା କରିଛନ୍ତି । ଚଳିତ ଭିନୁମଙ୍କଡ ଟ୍ରଫିରେ ଜୁନିୟର ଖେଳାଳିମାନଙ୍କ ପ୍ରଦର୍ଶନ ଅନୁଧ୍ୟାନ କରିବାକୁ ଆଶିଷ ଜୟପୁରଠାରେ ପହଞ୍ଚିଥିବା ବେଳେ ସୂରଜଙ୍କୁ ଓଡ଼ିଶା ଦଳର ଚୂଡ଼ାନ୍ତ ଏକାଦଶରେ ଦେଖିବାକୁ ପାଇ ନ ଥିଲେ । ଗତ ଏନ୍‌ସିଏ ଶିବିରରେ ସୂରଜଙ୍କ ପ୍ରଦର୍ଶନ ଉପରେ କେବଳ ଆଶିଷ ନୁହେଁ ବରଂ ଅନ୍ୟ ସମସ୍ତ ଜାତୀୟ ଜୁନିୟର ଚୟନ କମିଟିର କର୍ମକର୍ତ୍ତା ମଧ୍ୟ ଖୁସି ରହିଥିଲେ । ଏଣୁ ସୂରଜଙ୍କୁ ଆଗାମୀ ୧୯ବର୍ଷରୁ କମ୍ ବିଶ୍ୱକପ୍ ନିମନ୍ତେ ଏକ ପ୍ରଜେକ୍ଟ ଭାବେ ବିସିସିଆଇ ସ୍ଥିର କରି ସାରିଥିଲା । ଏହି ପରିସ୍ଥିତିରେ ରାଜ୍ୟ ୧୯ବର୍ଷରୁ କମ୍ ଦଳରେ ସୂରଜଙ୍କୁ ଉପେକ୍ଷା କରାଯିବାକୁ ନେଇ ଆଶିଷ ନିନ୍ଦା କରିବା ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର ଅଭିମୁଖ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ଭିନୁ ମଙ୍କଡ ଟ୍ରଫି: କେରଳଠାରୁ ହାରିଲା ଓଡ଼ିଶା

**କଟକ ଅଫିସ,୯।୧୦:** ଜୟପୁରସ୍ଥିତ ଜୟପୁରିଆ ବିଦ୍ୟାଳୟ ଗ୍ରାଉଣ୍ଡରେ ମଙ୍ଗଳବାର ଖେଳାଯାଇଥିବା ୧୯ବର୍ଷରୁ କମ ଭିନୁମଙ୍କଡ ଟ୍ରଫିରେ ଓଡ଼ିଶା ୧୪ରନ୍‌ରେ କେରଳ ଠାରୁ ପରାସ୍ତ ହୋଇଛି । ପ୍ରତିଯୋଗିତାରେ ଏଲିଟ ଗ୍ରୁପ-ସିରେ ସ୍ଥାନ ପାଇଥିବା ଓଡ଼ିଶା ୩ଟି ମ୍ୟାଚ୍ ଖେଳି ୨ଟି ପରାଜୟ ଓ ଗୋଟିଏ ବିଜୟ ସହ ୪ ପଏଣ୍ଟ ହାସଲ କରି ପଏଣ୍ଟ ଟେବୁଲର ୬ଷ୍ଠ ସ୍ଥାନରେ ରହିଛି । ୧୩ ତାରିଖରେ ପରବର୍ତ୍ତୀ ମ୍ୟାଚ୍‌ରେ ଓଡ଼ିଶା ହିମାଚଳପ୍ରଦେଶକୁ ଭେଟିବ । କେରଳ ପ୍ରଥମେ ବ୍ୟାଟିଂ କରି ୫୦ ଓଭରରେ ୮ ଉଇକେଟ ହରାଇ ୨୨୪ରନ୍ କରିଥିଲା । ଓଡ଼ିଶା ପକ୍ଷରୁ ବିନିତ କୁମାର ମହାନ୍ତି ସର୍ବାଧିକ ୨ଟି ଉଇକେଟ ଅକ୍ତିଆର କରିଥିଲେ । ଜବାବରେ ଓଡ଼ିଶା ଓପନିଂ ଉଇକେଟ ଯୋଡ଼ିରେ ୩୮ରନ୍ କରିଥିଲେ ସୁଦ୍ଧା ପରବର୍ତ୍ତୀ ସମୟରେ ଲଗାତାର ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା । ଶୁଭମ ଶତ୍ରୁଜିତ ୯୬ରନ୍‌ର ଗୁରୁତ୍ୱପୂର୍ଣ୍ଣ ଇନିଂସ୍ ଖେଳିଥିଲେ ହେଁ ଓଡ଼ିଶା ୨୧୦ରନ୍‌ରେ ଅଲଆଉଟ ହୋଇଥିଲା।

## ଏକ କୋଟି କ୍ଷତିପୂରଣ ମାଗିଲା ପୃଥ୍ୱୀ ଶ'ଙ୍କ କମ୍ପାନୀ

**ମୁମ୍ବାଇ, ୯।୧୦:** ନିକଟରେ ସର୍ବକନିଷ୍ଠ ଭାରତୀୟ ବ୍ୟାଟ୍ସମ୍ୟାନ ଭାବେ ପଦାର୍ପଣ ମ୍ୟାଚ୍‌ରେ ଶତକ ମାରିଥିବା ପୃଥ୍ୱୀ ଶ'ଙ୍କୁ ବହୁ କିମ୍ବଦନ୍ତୀ ଓ କମ୍ପାନୀ ଶୁଭେଚ୍ଛା ପଠାଉଥିବା ବେଳେ ଏବେ ଏକ ଭିନ୍ନ ଘଟଣା ସାମ୍ନାକୁ ଆସିଛି। ପୃଥ୍ୱୀଙ୍କ ମାର୍କେଟିଂ ଟିମ୍ 'ବେସ୍‌ଲାଇନ୍ ଭେଞ୍ଚର୍ସ' କେତେକ କମ୍ପାନୀକୁ କ୍ଷତିପୂରଣ ମାଗିଛି। ଇଂଲିଶ ଖବରକାଗଜ 'ବିଜନେସ ଟୁଡେ'ରେ ପ୍ରକାଶ ପାଇଥିବା ଏକ ରିପୋର୍ଟ ଅନୁଯାୟୀ ସ୍ୱିଗୀ ଓ ଫ୍ରିଚାର୍ଜ ଭଳି କମ୍ପାନୀକୁ 'ବେସ୍‌ଲାଇନ୍ ଭେଞ୍ଚର୍ସ' ଏକ କୋଟି ଟଙ୍କାର କ୍ଷତିପୂରଣ ଦାବି କରିଛି। ଏହି କମ୍ପାନୀମାନେ ଶ'ଙ୍କ ନାମକୁ ନିଜ ପ୍ରଡକ୍ଟର ପ୍ରଚାର ଲାଗି ବ୍ୟବହାର କରିଛନ୍ତି। ଏହାଦ୍ୱାରା ବେସ୍‌ଲାଇନ୍ କମ୍ପାନୀର ଅଧିକାର ଭଙ୍ଗ ହୋଇଛି। ରିପୋର୍ଟ ପଠାଇବା ପରେ ଫ୍ରିଚାର୍ଜ ଓ ସ୍ୱିଗି କମ୍ପାନୀ ପକ୍ଷରୁ ଶ'ଙ୍କ ଲାଗି ଟୁଇଟରରେ ଦିଆଯାଇଥିବା ଶୁଭେଚ୍ଛା ବାର୍ତ୍ତାକୁ ଡିଲିଟ୍ କରିଦିଆଯାଇଛି। ''ରସ ମଲାଇର ସ୍ୱାଦ ଓ ପୃଥ୍ୱୀ ଶ'ଙ୍କ ପ୍ରଥମ ଇନିଂସ୍ ସର୍ବଦା ମନେରହିବ'' ବୋଲି ସ୍ୱିଗି ପକ୍ଷରୁ ଟୁଇଟ୍ କରାଯାଇଥିଲା।

# ଲାଲରିନୁଙ୍ଗାଙ୍କୁ ଐତିହାସିକ ସ୍ୱର୍ଣ୍ଣ



**ବୁଏନ୍ସ ଆରିଜ,୯।୧୦(ପି.ଟି.):** ଦେଶର ଯୁବ ଭାରୋତ୍ତୋଳନକାରୀ ଜେରେମି ଲାଲରିନୁଙ୍ଗା ଚଳିତ ଯୁଥ ଅଲିମ୍ପିକ୍ସରେ ଐତିହାସିକ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ପୁରୁଷ ବିଭାଗର ୬୨ କିଗ୍ରା ବର୍ଗରେ ସେ ପୋଡିୟମ୍‌ର ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ଟୁର୍ନାମେଣ୍ଟ ଇତିହାସରେ ଏହା ଭାରତର ପ୍ରଥମ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ। ବିଶ୍ୱ ଯୁବ ରୌପ୍ୟ ପଦକ ଜିତିଥିବା ୧୫ ବର୍ଷୀୟ ଭାରୋତ୍ତୋଳନକାରୀ ମୋଟ ୨୭୪ କିଗ୍ରା (୧୨୪ କିଗ୍ରା + ୧୫୦ କିଗ୍ରା) ଭାର ଉଠାଇ ଆର୍ଜେଣ୍ଟିନା ରାଜଧାନୀଠାରେ ଭାରତକୁ ଗର୍ବିତ କରିଛନ୍ତି। ଏହି ଇଭେଣ୍ଟରେ ତୁର୍କୀର ଟୋପଟାସ କାନେର ୨୬୩ କିଗ୍ରା (୧୨୨ କିଗ୍ରା +୧୪୧ କିଗ୍ରା) ରୌପ୍ୟ ପଦକ ପାଇଛନ୍ତି। ସେହିଭଳି କଲମ୍ବିଆର ଭିଲାର ଇଷ୍ଟିଭେନ ଜୋସ ୨୬୦ କିଗ୍ରା (୧୧୫ କିଗ୍ରା + ୧୪୩ କିଗ୍ରା) ଭାର ଉଠାଇ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ରହିଛନ୍ତି। ପୂର୍ବରୁ ମିଜୋରାମ ଭାରୋତ୍ତୋଳକ ଏସିଆନ୍ ଚାମ୍ପିୟନଶିପ୍‌ରେ ଯୁବ ବିଭାଗରେ ରୌପ୍ୟ ଓ ଜୁନିୟର ବର୍ଗରେ ବ୍ରୋଞ୍ଜ ପଦକ ଜିତିଥିଲେ। ଲାଲରିନୁଙ୍ଗାଙ୍କ ସଫଳତା ଯୋଗୁ ଚଳିତ ପ୍ରତିଯୋଗିତାରେ ଭାରତର ପଦକ ସଂଖ୍ୟା ୪କୁ ବୃଦ୍ଧି ପାଇଛି। ପ୍ରଥମେ ତୁଷାର ମାନେ ଓ ମେହୁଲ ଘୋଷ ୧୦ ମି. ରାଇଫଲ ଇଭେଣ୍ଟରେ ରୌପ୍ୟ ପଦକ ଜିତିଥିବାବେଳେ ଥାଙ୍ଗଜାମ ତାବାବି ଦେବୀ ଜୁଡୋ ଇଭେଣ୍ଟର ରୌପ୍ୟ ପଦକ ପାଇଛନ୍ତି।

■ ଶିକ୍ଷକଙ୍କ ବିଶାଳ ଜନସମାବେଶ

# ଆଲୋଚନା ଅଧା, ଆଜି ପୁଣି ବସିବ ବୈଠକ



ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ମଙ୍ଗଳବାର ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ଅନୁଷ୍ଠିତ ବିଶାଳ ଜନସମାବେଶ।

ଭୁବନେଶ୍ୱର, ୯।୧୦(ବ୍ୟୁରୋ)

ଶିକ୍ଷକମାନଙ୍କ ସହିତ ସରକାରଙ୍କ ଆଲୋଚନା ମଙ୍ଗଳବାର ଅଧା ରହିଲା। ସନ୍ଧ୍ୟାରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଏକ ୧୧ ଜଣିଆ ପ୍ରତିନିଧି ଦଳକୁ ଡକାଇ ସରକାର ଆଲୋଚନା କରିଥିଲେ ହେଁ କୌଣସି ନିର୍ଯ୍ୟାସ ବାହାରିପାରି ନାହିଁ। ବୁଧବାର ପୁଣି ବୈଠକ ବସିବ ବୋଲି ନିଷ୍ପତ୍ତି ହୋଇଛି। ଆଲୋଚନାରେ ମିଳିତ ମଞ୍ଚର ୧୧ ଜଣିଆ ପ୍ରତିନିଧିଙ୍କ ମଧ୍ୟରେ ତିନି ଆବାହାକ ପ୍ରକାଶ ଚନ୍ଦ୍ର ମହାନ୍ତି, ଗୋଲକ ନାୟକ ଓ ପବିତ୍ର ମହାଲା ଭାଗଦେଇଥିବାବେଳେ ସରକାରଙ୍କ ପକ୍ଷରୁ ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର, ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ, ବିଧାୟକ ପ୍ରଣବ ପ୍ରକାଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ମାଷ୍ଟରକ୍ୟାଣ୍ଟିନରେ ୨ ଘଣ୍ଟା ରାସ୍ତାଜାମ୍, ଗାଡ଼ି ଚଳାଚଳ ଠପ୍

ସୂଚନା ମୁତାବକ, ପୂର୍ବ ନିଷ୍ପତ୍ତି ଅନୁସାରେ ମିଳିତ ମଞ୍ଚ ପକ୍ଷରୁ ମଙ୍ଗଳବାର ଗୋପବନ୍ଧୁ ଜୟନ୍ତୀରେ ଗାନ୍ଧୀ ମାର୍ଗରେ ବିଶାଳ ଜନସମାବେଶ କରାଯାଇଥିଲା। ହଜାର ହଜାର ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷା କର୍ମଚାରୀ ରେଳଷ୍ଟେଶନରୁ ବାହାରି ଗାନ୍ଧୀମାର୍ଗ ପର୍ଯ୍ୟନ୍ତ ଯାଇଥିଲେ। ଶୋଭାଯାତ୍ରା ସମୟରେ ରାସ୍ତା ଜାମ୍ ହୋଇଯିବାରୁ ମାଷ୍ଟରକ୍ୟାଣ୍ଟିନରେ ପ୍ରାୟ ୨ ଘଣ୍ଟା ପର୍ଯ୍ୟନ୍ତ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ପୋଲିସ ସେମାନଙ୍କୁ ଆୟତ୍ତ କରିବାରେ ବିଫଳ ହୋଇଥିଲା। ମିଳିତ ମଞ୍ଚର ଆବାହକମଣ୍ଡଳୀ ସଦସ୍ୟ ପ୍ରକାଶ ଚନ୍ଦ୍ର ମହାନ୍ତି, ଗୋଲକ ନାୟକ ଓ ପବିତ୍ର ମହାଲା କହିଛନ୍ତି, ମିଳିତମଞ୍ଚ ମହାଶକ୍ତିର ରୂପ ଧାରଣ କରିଛି। ଶିକ୍ଷକମାନେ ଚାହିଁଥିଲେ ଆଇନକୁ ହାତକୁ ନେଇପାରିଥାନ୍ତେ। କିନ୍ତୁ ଶିକ୍ଷକମାନେ ଶାନ୍ତି ପ୍ରିୟ। ୩୦ ଲକ୍ଷ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଏମାନଙ୍କ ଉପରେ ନିର୍ଭରଶୀଳ। ତେଣୁ ଗଣତାନ୍ତ୍ରିକ ପ୍ରକ୍ରିୟାରେ ନିରବଚ୍ଛିନ୍ନ ଭାବରେ ଶିକ୍ଷା ଆଇନର ପୁନଃ ପ୍ରଚଳନ, ଚାକିରି ସର୍ତ୍ତାବଳୀ ହାସଲ କରିବା ଏବଂ ଅବସରକାଳୀନ ସୁବିଧା ସୁଯୋଗ ଫେରିପାଇବା ପାଇଁ ୫୫ ଦିନ ଧରି ଆନ୍ଦୋଳନ ଚାଲିଛି। ଇତିମଧ୍ୟରେ ୨୦ରୁ ଅଧିକ ଶିକ୍ଷକ ଓ ଶିକ୍ଷାକର୍ମଚାରୀ ଶହୀଦ ହୋଇସାରିଲେଣି। ଏହା ଭିତରେ ବହୁ ସମାବେଶ ସଂଘଠିତ ହୋଇଛି। କିନ୍ତୁ ଏ ଜନସମାବେଶ ସ୍ୱତନ୍ତ୍ରତା ବହନ କରିବ। ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ସେ କହିଛନ୍ତି।

■ ଏଏଆଇର ନୂତନ ପ୍ରୟାସ

# ୧୨ ସହରରେ ହେବ 'ସର୍ଭିକାଲ ସ୍କ୍ରିନିଂ କ୍ୟାମ୍ପ'

## ୩ବର୍ଷରେ ଖର୍ଚ୍ଚ ହେବ ୧.୩୮ କୋଟି

ଭୁବନେଶ୍ୱର, ୯।୧୦(ବ୍ୟୁରୋ)- ବିମାନବନ୍ଦର ନିକଟବର୍ତ୍ତୀ ଅଞ୍ଚଳରେ ରହୁଥିବା ଆର୍ଥିକ ଅନଗ୍ରସର ବର୍ଗର ଲୋକଙ୍କ ସଶକ୍ତୀକରଣ ଓ ଆର୍ଥିକ ବିକାଶରେ ସହାୟତା ପାଇଁ ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ(ଏଏଆଇ) ନୂତନ ପଦକ୍ଷେପ ନେଇଛି। ଏଏଆଇ ଓମେନ ୱେଲଫେୟାର ଆସୋସିଏଶନ 'କଲ୍ୟାଣମୟୀ' ପକ୍ଷରୁ ସ୍ୱାସ୍ଥ୍ୟସେବା, ଶିକ୍ଷା, ପରିବେଶ ଉପରେ ସେମାନଙ୍କୁ ସଚେତନ କରାଯିବ। ନିକଟରେ ଏଏଆଇ ପକ୍ଷରୁ ଆସନ୍ତା ୩ବର୍ଷ ପାଇଁ ୧୨ ସହରରେ 'ସର୍ଭିକାଲ ସ୍କ୍ରିନିଂ କ୍ୟାମ୍ପ' ଏବଂ ମହିଳମାନଙ୍କ ପାଇଁ ଏସ୍‌ଏନ୍‌ପି ପ୍ରୋଜେକ୍ଟ ଅଧୀନରେ 'ମେନ୍‌ଷ୍ଟ୍ରୁଆଲ ହାଇଜିନ୍' ସଚେତନତା ଶିବିର କରିବା ପାଇଁ କଲ୍ୟାଣମୟୀକୁ ଦାୟିତ୍ୱ ଦିଆଯାଇଛି। ପୂର୍ବାଞ୍ଚଳ ରିଜିଅନର ଭୁବନେଶ୍ୱର ଓ କୋଲକାତା, ପଶ୍ଚିମାଞ୍ଚଳ ରିଜିଅନର ମୁମ୍ବାଇ, ଅହମ୍ମଦାବାଦ୍ ଓ ଭଦୋଦରା, ଉତ୍ତରାଞ୍ଚଳ ରିଜିଅନର ନୂଆଦିଲ୍ଲୀ, ଲକ୍ଷ୍ନୌ ଓ ବାରାଣସୀ ଏବଂ ଦକ୍ଷିଣାଞ୍ଚଳ ରିଜିଅନର ଚେନ୍ନାଇ, ହାଇଦ୍ରାବାଦ, ବେଙ୍ଗାଲୁରୁ ଓ କୋଏମ୍ବାଟୁର ଆଦି ସହରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିପାଇଁ ୧.୩୮କୋଟି ଟଙ୍କା ବ୍ୟୟବରାଦ ହୋଇଛି। ୩୦ରୁ ୬୦ବର୍ଷର ମହିଳାଙ୍କ ସର୍ଭିକାଲ ସ୍କ୍ରିନିଂ କରାଯିବ। ଏହି ବୟସ ମଧ୍ୟରେ କ୍ୟାନସର ସ୍କ୍ରିନିଂ କରାଯାଇଥାଏ। ଡାକ୍ତରଙ୍କ ଦ୍ୱାରା ସ୍କ୍ରିନିଂ କରିବା ସମୟରେ ଯେଉଁମାନଙ୍କର ପିଜିଟିଭ୍ ରିପୋର୍ଟ ଆସିବ ସେମାନଙ୍କ ଚିକିତ୍ସା ପାଇଁ ନିକଟ ସରକାରୀ ଡାକ୍ତରଖାନାରେ କଲ୍ୟାଣମୟୀ ସହାୟତା କରିବ। ଏହି ପରିପ୍ରେକ୍ଷୀରେ ପଟିଆସ୍ଥିତ ଚୂନକୋଳି ବସ୍ତିରେ ଏହି ସ୍କ୍ରିନିଂ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬୭ ମହିଳାଙ୍କର ସର୍ଭିକାଲ ସ୍କ୍ରିନିଂ କରାଯାଇଥିଲା। ସେହିପରି 'ମେନ୍‌ଷ୍ଟ୍ରୁଆଲ ହାଇଜିନ୍' ସଚେତନତା ଶିବିରରେ ୭୫ ମହିଳା ଅଂଶଗ୍ରହଣ କରିଥିଲେ। ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ହୋତା, କଲ୍ୟାଣମୟୀ ଭୁବନେଶ୍ୱର ୟୁନିଟ୍‌ର ସଭାପତି ସୁନୀତା ପୂଜାରୀ, ଡା. ଭାଗ୍ୟଲକ୍ଷ୍ମୀ ନାୟକ ଓ ଡା. ସୁଧା ପଟ୍ଟନାୟକ ଶିବିରରେ ଉପସ୍ଥିତ ଥିଲେ।

## ଫାଇଲେରିଆ ଔଷଧ ଖାଇ ୧୨ ଛାତ୍ରୀଛାତ୍ର ଅସୁସ୍ଥ

ଭୁବନେଶ୍ୱର, ୯।୧୦(ବ୍ୟୁରୋ)- ଫାଇଲେରିଆ ଔଷଧ ଖାଇ ୧୨ ଛାତ୍ରୀଛାତ୍ର ଅସୁସ୍ଥ ହୋଇଛନ୍ତି। ଏଭଳି ଘଟଣା ଘଟିଛି ବରମୁଣ୍ଡା ହାଉସିଂବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ଅସୁସ୍ଥ ଛାତ୍ରୀଛାତ୍ରଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେମାନେ ସୁସ୍ଥ ହେବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ସ୍କୁଲରେ ମଧ୍ୟାହ୍ନଭୋଜନ ପରେ ଆଶାକର୍ମୀ ଛାତ୍ରୀଛାତ୍ରଙ୍କୁ ଫାଇଲେରିଆ ବଟିକା ଖାଇବାକୁ ଦେଇଥିଲେ। ବଟିକା ଖାଇବା ପରେ ୧୨ ଜଣ ଅଚେତ ହୋଇପଡ଼ିଥିଲେ। ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲା। ଫାଇଲେରିଆ ବଟିକା ଖାଇବା ପରେ ଛାତ୍ରୀଛାତ୍ରମାନେ ବିଶ୍ରାମ ନ ଦେଇ ଦୌଡ଼ାଦୌଡ଼ି କରିଥିବାରୁ ଅସୁସ୍ଥ ହୋଇପଡ଼ିଥିବା ସ୍କୁଲ କର୍ତ୍ତୃପକ୍ଷ କହିଛନ୍ତି।

# ଗଞ୍ଜାମ ଜିଲା: ଛାତ୍ର ସଂସଦ ନିର୍ବାଚନ ବାତିଲ

■ ଶିକ୍ଷକ ତାଲିମ ପରୀକ୍ଷା ସ୍ଥଗିତ
■ ଖୋଲା ରହିବ ଆହାର କେନ୍ଦ୍ର

ଛତ୍ରପୁର,୯।୧୦(ଡି.ଏନ୍.ଏ.)- ସମ୍ଭାବ୍ୟ ବାତ୍ୟା ପରିପ୍ରେକ୍ଷୀରେ ମଙ୍ଗଳବାର ରାତି ପ୍ରାୟ ୯ଟାରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସ୍ଥାନୀୟ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ଜରୁରି ବୈଠକ ଡାକିଥିଲେ। ଏଥିରେ ସମ୍ଭାବ୍ୟ ବାତ୍ୟାକୁ କିଭଳି ମୁକାବିଲା କରାଯିବ ଏବଂ ଜନସାଧାରଣ କିଭଳି ସୁରକ୍ଷିତ ରହିବେ ସେ ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଅପରପକ୍ଷରେ ୧୧ ତାରିଖରେ ବିଭିନ୍ନ କଲେଜରେ ହେବାକୁ ଥିବା ଛାତ୍ର ସଂସଦ ନିର୍ବାଚନକୁ ଜିଲାପାଳ ବାତିଲ କରିଛନ୍ତି।


**STATE COUNCIL FOR TECHNICAL EDUCATION AND VOCATIONAL TRAINING**

Unit- VIII, Near Raj Bhawan, Odisha, Bhubaneswar

No. 4254 Dt.06.10.2018

**QUOTATION CALL NOTICE**

No. 79-KK: Sealed quotations are invited for disposal of old Answer Books and Drawing sheets and other unusable forms lying in the Store Rooms of this council. The last date for submission of quotation is **25.10.2018** upto **02.00 PM** and the quotation will be opened on the same day at **04.00 PM**. For further details, visit the website **"http//sctevtodisha.nic.in"**.

44002/11/0010/1819 Sd./- Vice-Chairman



**OFFICE OF THE EXECUTIVE ENGINEER**

**U. K. Head Works Division, Kolabnagar(K), PIN- 764011**

e-mail id-eeukhwdiv2014@rediffmail.com

**QUOTATION CALL NOTICE NO.15/2018-19 DATED.03.10.2018**

No.596-A: Quotation in sealed cover duly superscribed the quotation call notice no. on the body of the cover are invited by the undersigned from the Manufacturers/ Authorized dealers / Regd. Govt. Order Suppliers/ Reputed firms having PAN card & G.S.T. registration as per G.S.T. Act 2017 for supply of the following items. Rate may be quoted for the items in complete shape.

| Name of work | Item No. | Description of items | Unit | Quantity |
|---|---|---|---|---|
| Procurement of Water treatment materials for water supply to Kolabnagar, Dam site & Thana Colony for the year 2018-19. | 1 | Ferric Alum ( Royal India) (Anmol) or equivalent | MT | 4.793 |
| | 2 | Bleaching powder (Rakshak) or equivalent | MT | 0.90 |
| | 3 | Quick lime in Powder form confirming to IS- 15 40/Part-1/1980 | MT | 1.598 |
| | | **(Three items) Only** | | |

The quotation will be received in the Office of the Executive Engineer, U.K.Head.Works Division, Kolabnagar, Dist. Koraput- 764011(O) up to **4.00 PM on 23.10.2018** and will be opened by the undersigned or authorized representative on the **same day at 4.00 PM** in presence of the quotationers or their authorized agents who wish to be present. Copies of PAN card, valid GSTIN clearance certificate, certificate of authorized dealership and EMD @1% in shape of TDR/STDR duly pledged in favour of the E.E.UKHW Division, At/PO: Kolabnagar, Dist. Koraput (O) should accompany the quotation, failing which the quotation will not be accepted and bidders hailing from outside the state should submit E.M.D. @ 2% of the quoted amount. The quoted rates must be valid for a period of 90 (ninety) days from the date of receipt of quotations unless extended by mutual agreement. Supply must be completed within 15 ( Fifteen) days from the date of issue of supply order. Rate quoted shall be for supply of the articles at U.K.H.W.Division, Kolabnagar, Dist. Koraput, Odisha-764011, inclusive of cost & transportation but exclusive of GSTIN & labour cess etc applicable as per the Govt rules. The materials should be according to I.S.I. specification. Payment will be made only on receipt of the articles in full and good condition as per specifications. Terms of advance payment will not be entertained. All the prevailing rules & regulations as per O.P.W.D. code & rules of O.G.S.T. Act 2017 is binded with the quotationer. Other details can be had from the office of the undersigned during office hours. The authority reserves the right to accept / reject any or all the quotations without assigning any reason thereof.

32015/11/0024/1819

**Sd./- Executive Engineer**
**U.K. Head Works Division**


## ପ୍ରଥମ ପୃଷ୍ଠାରୁ...

### ଉଗ୍ର ହେଉଛି...

ଆନ୍ଧ୍ରପ୍ରଦେଶର କଳିଙ୍ଗପଟ୍ଟନମ୍‌ର ଦକ୍ଷିଣ-ପୂର୍ବ ୪୩୦ କିଲୋମିଟର ଦୂରରେ କେନ୍ଦ୍ରୀଭୂତ ହୋଇଛି। ଏହା ଉତ୍ତର ପଶ୍ଚିମ ଦିଗ ଦେଇ ଓଡ଼ିଶା ଏବଂ ଉତ୍ତର ଆନ୍ଧ୍ର ଉପକୂଳ ଆଡ଼କୁ ମୁହାଁଇଛି। ୧୧ ତାରିଖ ସକାଳେ ଏହା ଦକ୍ଷିଣ ଓଡ଼ିଶାର ଗୋପାଳପୁର ଏବଂ କଳିଙ୍ଗପଟ୍ଟନମ୍ ମଧ୍ୟ ସ୍ଥଳଭାଗକୁ ଛୁଇଁବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ସ୍ଥଳଭାଗ ଅତିକ୍ରମ କରିବାବେଳେ ଏହାର ବେଗ ଘଣ୍ଟା ପ୍ରତି ୧୧୦ରୁ ୧୩୦ କିଲୋମିଟର ହେବ। ସ୍ଥଳଭାଗ ଅତିକ୍ରମ କରିବା ପରେ ଏହା ଉତ୍ତରପୂର୍ବ ଗାଙ୍ଗେୟ ଉପତ୍ୟକା ଦେଇଯିବା ସହ ଦୁର୍ବଳ ହୋଇଯିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ସାମୁଦ୍ରିକ ଝଡ଼ ପ୍ରଭାବରେ ଉପକୂଳରେ ମଙ୍ଗଳବାର ରାତିରୁ ବର୍ଷା ଲାଗି ରହିବ। ୧୦ ତାରିଖରେ ଗଞ୍ଜାମ, ଗଜପତି, ପୁରୀ, କେନ୍ଦ୍ରପଡ଼ା ଓ ଜଗତ୍‌ସିଂହପୁର ଜିଲାରେ ଅତି ପ୍ରବଳ ବର୍ଷା ହେବାକୁ ଥିବାବେଳେ ଖୋର୍ଦ୍ଧା, ନୟାଗଡ଼, କଟକ, ଭଦ୍ରକ, ଯାଜପୁର, ଢେଙ୍କାନାଳ ଏବଂ ବାଲେଶ୍ୱର ଜିଲା ମଧ୍ୟ ବର୍ଷାରେ ଉବୁଟୁବୁ ହେବ ବୋଲି ଅନୁମାନ କରାଯାଇଛି। ୧୧ ତାରିଖରେ ବାଲେଶ୍ୱର, ଭଦ୍ରକ, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କନ୍ଧମାଳ, ବୌଦ୍ଧ, ରାୟଗଡ଼ା,କୋରାପୁଟ,କେନ୍ଦୁଝର, ମୟୂରଭଞ୍ଜ ଏବଂ ଢେଙ୍କାନାଳ ଜିଲାରେ ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି। ବାତ୍ୟା ଯୋଗୁ ସମୁଦ୍ର ଅଶାନ୍ତ ରହିବା ସହ ୦.୫ ମିଟର ଉଚ୍ଚରେ ଉଚ୍ଚ ଲହଡ଼ି କୂଳ ଆଡ଼କୁ ମାଡ଼ି ଆସିବ। ଗଞ୍ଜାମ, ଖୋର୍ଦ୍ଧା ଏବଂ ପୁରୀ ଜିଲାର ତଳିଆ ଅଞ୍ଚଳରେ ଲୁଣାପାଣି ପଶିଯିବାର ସମ୍ଭାବନା ରହିଛି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ପାରାଦୀପ, ଗୋପାଳପୁର, ଚାନ୍ଦବାଲି, ଧାମରାରେ ୧ ନମ୍ବର ବିପଦ ସଙ୍କେତ ଦିଆଯାଇଛି। ଝଡ଼ ଆସୁଥିବାରୁ ମତ୍ସ୍ୟଜୀବୀମାନେ ସମୁଦ୍ର ମଧ୍ୟକୁ ନ ଯିବାକୁ ସତର୍କ କରାଯାଇଛି।

ସମ୍ଭାବ୍ୟ ବାତ୍ୟାକୁ ଦେଖି ରାଜ୍ୟ ପ୍ରଶାସନ ପକ୍ଷରୁ ଜୋରଦାର ପ୍ରସ୍ତୁତ ଜାରି ରହିଛି। ଯେ କୌଣସି ପରିସ୍ଥିତିକୁ ମୁକାବିଲା କରିବା ପାଇଁ ସତର୍କ ରହିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅଧିକ ପ୍ରଭାବିତ ହେବାକୁ ଥିବା ୪ ଜିଲା ଗଞ୍ଜାମ, ଗଜପତି, ପୁରୀ ଓ ଜଗତ୍‌ସିଂହପୁର ଜିଲାରେ ସ୍କୁଲ, କଲେଜ ଓ ଅଙ୍ଗନୱାଡିଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି।

ବାତ୍ୟା ଯୋଗୁ ଯେପରି ଜଣେ ଲୋକର ମୃତ୍ୟୁ ନ ହେବ ସେ ଦିଗରେ ସମସ୍ତ ସତର୍କତାମୂଳକ ପଦକ୍ଷେପ ନେବାକୁ ଜିଲାପାଳମାନଙ୍କୁ କୁହାଯାଇଛି। ଗଜପତି, ଗଞ୍ଜାମ, ଖୋର୍ଦ୍ଧା, ନୟାଗଡ଼ ଏବଂ ପୁରୀ ଜିଲାରେ କଚାଘରେ ରହୁଥିବା ଲୋକମାନଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟ ଉପକୂଳ ଜିଲାଗୁଡ଼ିକରେ ମଧ୍ୟ ତଳିଆ ଅଞ୍ଚଳରୁ ଲୋକମାନଙ୍କୁ ନିରାପଦ ସ୍ଥାନକୁ ନେବାକୁ ଜିଲାପ୍ରଶାସନକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ବୃଦ୍ଧ, ଭିନ୍ନକ୍ଷମ, ମହିଳା, ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ କୁହାଯାଇଛି। ବାତ୍ୟା ଆଶ୍ରୟସ୍ଥଳରେ ମାଗଣାରେ ରନ୍ଧା ଖାଦ୍ୟ ଯୋଗାଇ ଦେବା ସହ ପାନୀୟ ଜଳ, ଆଲୋକ ଏବଂ ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦେବାକୁ ପରାମର୍ଶ ଦିଆଯାଇଛି। ଆବାସିକ ସ୍କୁଲଗୁଡ଼ିକରେ ପର୍ଯ୍ୟାପ୍ତ ଖାଦ୍ୟ ସାମଗ୍ରୀ ମହଜୁଦ ରଖିବାକୁ ଏସ୍‌ସି/ଏସଟି ଉନ୍ନୟନ ବିଭାଗକୁ କୁହାଯାଇଛି। ସମସ୍ତ ବାତ୍ୟା ଆଶ୍ରୟ ସ୍ଥଳଗୁଡ଼ିକରେ ଟାୱାର ଲାଇଟ ସହ ଜେନେରେଟର, ମେକାନିକାଲ କଟର ଆଦି ରଖିବାକୁ କୁହାଯାଇଛି। ଜିଲା ଆପତକାଳୀନ ସେଣ୍ଟର ଏବଂ ନିୟନ୍ତ୍ରଣ କକ୍ଷକୁ ୨୪ ଘଣ୍ଟିଆ ଖୋଲା ରଖିବା ସହ ୩୦୦ ପାୱାର ବୋଟ ପ୍ରଭାବିତ ଜିଲାଗୁଡ଼ିକରେ ମୁତୟନ କରିବାକୁ ସ୍ୱତନ୍ତ୍ର ରିଲିଫ କମିଶନର(ଏସଆରସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ସବୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏନ୍‌ଡିଆରଏଫ୍, ଓଡ୍ରାଫ ଏବଂ ଅଗ୍ନିଶମ ବିଭାଗ କର୍ମଚାରୀମାନଙ୍କୁ ପ୍ରସ୍ତୁତ ରହିବାକୁ କୁହାଯାଇଛି। ଜନସାଧାରଣମାନେ ଭୟଭୀତ ନ ହେବା ଲାଗି ଏସଆରସିଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି।

ଏସଆରସି ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ(ଓସଡମା) କାର୍ଯ୍ୟାଳୟ ଏବଂ ପ୍ରଭାବିତ ଆଶଙ୍କା ଥିବା ଜିଲାଗୁଡ଼ିକର ସମସ୍ତ କର୍ମଚାରୀଙ୍କ ଛୁଟି ମଧ୍ୟ ବାତିଲ କରାଯାଇଛି।

### ବକୁଳବନରେ ଓଡ଼ିଆ ...

ଗୋପବନ୍ଧୁ ଜାଳିଥିବା ଏକ ଦୀପ ଉଜ୍ଜ୍ୱଳ ଜ୍ୟୋତିଷ୍କରେ ପରିଣତ ହୋଇଛି। ଓଡ଼ିଆ ବିଶ୍ୱବିଦ୍ୟାଳୟ ରୂପରେ ଏହା ଆଜି ପରିପ୍ରକାଶ କରିଛି। ଏହାର ସ୍ଥାପନ ପାଇଁ ଆନୁଷଙ୍ଗିକ କାମ ଦ୍ରୁତଗତିରେ ଚାଲିଛି। ଖୁବ୍ କମ୍ ଦିନ ମଧ୍ୟରେ ବିଶ୍ୱବିଦ୍ୟାଳୟ ତିଆରି ହେବ। କୁଳପତି ଓ କୁଳସଚିବ ନିଯୁକ୍ତ ସରିଥିବା ବେଳେ ଜଣେ ଅତିରିକ୍ତ ସଚିବ ପାହ୍ୟାର ଅଧିକାରୀଙ୍କୁ ଓଏସ୍‌ଡି ଭାବେ ନିଯୁକ୍ତ କରାଯାଇଛି।

ଏମ୍‌ପି ପିନାକୀ ମିଶ୍ର କହିଥିଲେ, ଆଜି ହେଉଛି ସତ୍ୟବାଦୀ ମାଟି ପାଇଁ ଏକ ସ୍ମରଣୀୟ ଦିବସ। ଅକ୍ଟୋବର ୯ ତାରିଖ ହେଉଛି ଗୋପବନ୍ଧୁଙ୍କ ପବିତ୍ର ଜୟନ୍ତୀ। ଏହି ଅକ୍ଟୋବର ୯ ସହିତ ଆଜି ଆଉ ଏକ ସ୍ମରଣୀୟ ଦିବସ ଯୋଡି ହୋଇଗଲା ବୋଲି କହିଥିଲେ। ଏମ୍‌ପି ମିଶ୍ର ତାଙ୍କ ଭାଷଣରେ ପରୋକ୍ଷରେ ବିରୋଧୀଙ୍କୁ ସମାଲୋଚନା କରିଥିଲେ। ସେ କହିଥିଲେ, ପୁରୀବାସୀଙ୍କ ମୁଖ୍ୟମନ୍ତ୍ରୀଙ୍କ ପ୍ରତି କ'ଣ ସ୍ନେହ, ଶ୍ରଦ୍ଧା ରହିଛି ଏବଂ ଜିଲାରେ ମୁଖ୍ୟମନ୍ତ୍ରୀଙ୍କ ଆଧିପତ୍ୟ କ'ଣ ରହିଛି ଏହି ସଭାରୁ ଅନ୍ୟମାନେ ଦେଖନ୍ତୁ। ଯେଉଁମାନେ ପୁରୀ ଜିଲା ଉପରେ ଆଖି ପକାଇଛନ୍ତି ସେମାନେ ପୁରୀ ଜିଲା ବିଜେଡି କେତେ ଶକ୍ତ ତାହା ଏଥିରୁ ଜାଣନ୍ତୁ।

କୃଷି ମନ୍ତ୍ରୀ ପ୍ରଦୀପ ମହାରଥୀ, ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି, ବ୍ରହ୍ମଗିରି ବିଧାୟକ ସଞ୍ଜୟ ଦାସବର୍ମା, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ, କାକଟପୁର ବିଧାୟକ ସୁରେନ୍ଦ୍ର ସେଠୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ଆର୍. ବାଲକ୍ରିଷ୍ଣନ୍, ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ପୁରୀ ଜିଲାପରିଷଦ ସଭାପତି ଜ୍ୟୋତିର୍ମୟ ଦଳାଇ ମଞ୍ଚରେ ଉପସ୍ଥିତ ଥିଲେ। ଜିଲାପାଳ ଜ୍ୟୋତିପ୍ରକାଶ ଦାସ ସ୍ୱାଗତ ଭାଷଣ ପ୍ରଦାନ କରି ୨୮.୩୪ ଏକର ଜମିରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ସ୍ଥାପନ ହେଉଥିବା ସୂଚନା ଦେଇଥିଲେ। ଅତିରିକ୍ତ ଜିଲାପାଳ ବିନୟ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

### ୯ ମୃତ, ୧୪ ...

ଭୟରେ ଯିଏ ଯୁଆଡେ ପଳାଇବାରେ ଲାଗିଥିଲେ। ହେଲେ ସେତେବେଳକୁ ଚତୁର୍ଦ୍ଦିଗକୁ ନିଆଁ ବ୍ୟାପିଯାଇଥିଲା। ଫଳରେ ୯ କର୍ମଚାରୀ ଜୀବନ୍ତ ଦଗ୍ଧ ହୋଇଥିଲେ। ନିଆଁ ଝାସରେ ଆହତ ଅନ୍ୟ ୧୪ ଜଣଙ୍କୁ ପ୍ଲାଣ୍ଟର ସେକ୍ଟର ୯ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆହତଙ୍କ ମଧ୍ୟରୁ ୩ ଜଣଙ୍କ ଶରୀରର ୮୦% ଅଂଶ ପୋଡ଼ିଯାଇଥିବାରୁ ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। କମ୍ପ୍ଲେକ୍ସରେ ଶ୍ରମିକଙ୍କ ସୁରକ୍ଷା ବନ୍ଦୋବସ୍ତ ପାଇଁ ଟ୍ରେଡ୍ ୟୁନିୟନଗୁଡ଼ିକ ପକ୍ଷରୁ ବାରମ୍ବାର ଦାବି କରାଯାଉଥିଲେ ହେଁ ତାକୁ ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଛି। ବିସ୍ଫୋରଣ ପରେ ଏହାକୁ ନେଇ ଶ୍ରମିକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ଶ୍ରମିକମାନେ ଭୟରେ କାମ କରିବାକୁ ମନାକରିଦେବାରୁ ମଙ୍ଗଳବାର ଉତ୍ପାଦନ ବନ୍ଦ କରାଯାଇଛି। ନିଆଁକୁ ବର୍ତ୍ତମାନ ସମ୍ପୂର୍ଣ୍ଣ ଆୟତ୍ତକୁ ଅଣାଯାଇଥିବା ଷ୍ଟିଲ ପ୍ଲାଣ୍ଟର ମୁଖପାତ୍ର ବିଜୟ ମୈରାଲ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ (ଏସ୍‌ଏଆଇଏଲ୍)ର ଏହି ୟୁନିଟ ଦେଶର ସବୁଠୁ ବଡ଼ ଇସ୍ପାତ୍ ଉତ୍ପାଦନକାରୀ ଓ ଯୋଗାଣକାରୀ ପ୍ଲାଣ୍ଟ। ଏହାର ବାର୍ଷିକ ଉତ୍ପାଦନ କ୍ଷମତା ୩.୧୫୩ ମେଟ୍ରିକ୍ ଟନ୍। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ଜୁନ୍‌ରେ ଏହାର ଆଧୁନିକୀକୃତ ଓ ପରିବର୍ଦ୍ଧିତ ୟୁନିଟକୁ ଜାତି ଉଦ୍ଦେଶ୍ୟର ଉତ୍ସର୍ଗ କରିଥିଲେ।

## ଜଳିଗଲା ୨ ବଖରା

ବନ୍ତଳା,୯।୧୦(ଡି.ଏନ.ଏ.)- ଅନୁଗୋଳ ଜିଲା ବନ୍ତଳା ଥାନା ଲାଛବନ୍ଧ ଗ୍ରାମରେ ମଙ୍ଗଳବାର ଭୋର ସମୟରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର ରତ୍ନାକର ଦେହୁରୀ ଓ ରଞ୍ଜନା ଦେହୁରୀଙ୍କ ୨ ବଖରା ଜଳିଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନାହିଁ। ତେବେ ଏଥିରେ ଦୁଇ ପରିବାରର ସମସ୍ତ ଆସବାବପତ୍ର ଜଳି ଯାଇଥିବାରୁ ତୁରନ୍ତ ବିପନ୍ନଙ୍କୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବିଜେଡି ଜନସମ୍ପର୍କ ପଦଯାତ୍ରା

ଛେଣ୍ଡିପଦା,୯।୧୦ (ଡି.ଏନ.ଏ.)- ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ମଙ୍ଗଳବାର କୋରଡା, ବରପଦା, କୁଶକିଳା ପଞ୍ଚାୟତରେ ଜନ ସମ୍ପର୍କ ପଦଯାତ୍ରା କରାଯାଇଥିଲା। ବିଧାୟକ ସୁଶାନ୍ତ କୁମାର ବେହେରା ଏହାର ନେତୃତ୍ୱ ନେଇଥିଲେ। ପରେ କୁଶକିଳା ଗ୍ରାମ ପଡିଆଠାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ବ୍ଲକ ସଭାପତି ଶ୍ରୀଧର ଗଡନାୟକ ଏଥିରେ ସଭାପତିତ୍ୱ କରିଥିଲେ। ବରିଷ୍ଠ ନେତା ପ୍ରଦୀପ କୁମାର ସାହୁ, ଜିଲା ପରିଷଦ ସଭ୍ୟ ଭାସ୍କର ସାହୁ, ଯୁବ ନେତା ସୁଶାନ୍ତ କୁମାର ସାହୁ, ଚିତ୍ତରଞ୍ଜନ ବିଶ୍ୱାଳ, ସହଦେବ ପ୍ରଧାନ, କଳାକାର ସାହୁ, କଳାକାର ପ୍ରଧାନ, ସରପଞ୍ଚ ଯୁଗଳ କିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶତାଧିକ କର୍ମୀ ସଭାରେ ଯୋଗ ଦେଇଥିଲେ।


**Office of the Executive Engineer**

**U.K.Head Works Division,Kolabnagar(K), PIN-764011**

e-mail id-eeukhwdiv2014@rediffmail.com

**QUOTATION CALL NOTICE NO. 14 /2018-19 DATED.03/10/2018**

No. 595-A : Quotation in sealed cover duly superscribed the quotation call notice no. on the body of the cover are invited by the undersigned from the Manufacturers/ Authorized dealers / Regd. Govt. Order Suppliers/ Reputed firms having PAN card & G.S.T. registration as per G.S.T.Act 2017 for supply of the following items. Rate may be quoted for the items in complete shape.

| Name of Work | Item No. | Description of Items | Unit | Quantity |
|---|---|---|---|---|
| R/M to Terraced Garden at U.K.Dam for the year 2018-19 | 1 | Compost manure ( 50Kg) | Pkt | 10 |
| | 2 | Urea( 50 Kg) | Pkt | 50 |
| | 3 | Grommer ( 50 Kg) | Pkt | 50 |
| | 4 | Potash ( 50Kg) | Pkt | 50 |
| | 5 | Rose podwer | Kg | 10 |
| | 6 | Bavistan | Ltr | 5 |
| | 7 | Mulitiflex | Ltr | 5 |
| | 8 | 2"- U.P.V.C. Pipe ( 10 feet) | No | 10 |
| | 9 | 1" - U.P.V.C. Pipe ( 10 feet) | No | 5 |
| | 10 | 3/4"- U.P.V.C. Pipe( 10 feet) | No | 10 |
| | 11 | 1/2" -U.P.V.C. Pipe( 10 feet) | No | 10 |
| | 12 | 2" -U.P.V.C. Socket | No | 10 |
| | 13 | 2" -U.P.V.C. elbow | No | 5 |
| | 14 | 2"-U.P.V.C. Tee | No | 5 |
| | 15 | 3/4"- U.P.V.C. Socket | No | 10 |
| | 16 | 3/4 "- U.P.V.C. elbow | No | 5 |
| | 17 | 1/2"- U.P.V.C. Socket | No | 10 |
| | 18 | 1/2" -U.P.V.C. elbow | No | 10 |
| | 19 | 1/2 " - U.P.V.C.Tee | No | 10 |
| | 20 | 3/4"- U.P.V.C. Full way Valve | No | 10 |
| | 21 | 1/2 "-U.P.V.C. Full way Valve | No | 10 |
| | 22 | 3/4" -U.P.V.C. Nipple | No | 25 |
| | 23 | ½ " -U.P.V.C. .Nipple | No | 25 |
| | 24 | Hose 3/4" ( Heavy duty) | Mtr | 180 |
| | 25 | Broom stick | No | 400 |
| | 26 | Bamboo basket | No | 20 |
| | 27 | Bleaching powder | Kg | 50 |
| | 28 | Flower cutter | No | 5 |
| | 29 | Edge cutter | No | 2 |
| | 30 | White lime powder | Kg | 100 |
| | | (Thirty items) Only | | |

The quotation will be received in the Office of the Executive Engineer, U.K.Head.Works Division, Kolabnagar Dist. Koraput-764011(O) up to 4.00 PM on 23.10.2018 and will be opened by the undersigned or authorized representative on the same day at 4.30 PM. in presence of the quotationers or their authorized agents who wish to be present. Copies of PAN card, valid GSTIN clearance certificate, certificate of authorized dealership and EMD @1% in shape of TDR/STDR duly pledged in favour of the E.E.UKHW Division, At/PO: Kolabnagar, Dist. Koraput (O) should accompany the quotation, failing which the quotation will not be accepted and bidders hailing from outside the state should submit E.M.D. @ 2% of the quoted amount. The quoted rates must be valid for a period of 90 (ninety) days from the date of receipt of quotations unless extended by mutual agreement. Supply must be completed within 15 ( Fifteen) days from the date of issue of supply order. Rate quoted shall be for supply of the articles at U.K.H.W.Division Kolabnagar, Dist. Koraput, Odisha-764011, inclusive of cost, transportation, labour cess, GSTIN & all other taxes etc applicable as per the Govt rules. The materials should be according to I.S.I. specification. Warranty period for the materials should be mentioned by the bidders during bidding the quotations and the warranty cards should be submitted by the successful bidders at the time of payment. Payment will be made only on receipt of the articles in full and good condition as per specifications. Terms of advance payment will not be entertained. . All the prevailing rules & regulations as per O.P.W.D. code & rules of O.G.S.T. Act 2017 is binded with the quotationer. Other details can be had from the office of the undersigned during office hours. The authority reserves the right to accept / reject any or all the quotations without assigning any reason thereof.

32015/11/0023/1819 **Sd./- Executive Engineer, U.K. Head Works Division**

| Dollar | Sensex | Nifty | Gold | Silver |
| --- | --- | --- | --- | --- |
| 74.39 (33) | 34,299.47 (174.91) | 10,301.05 (47) | 31,650.00 (₹220) | 39,250.00 (₹50) |

ଭାରତ ୨୦୩୦–୩୧ ପୂର୍ବରୁ ୩୦ କୋଟି ଟନ୍ ଇସ୍ପାତ ଉତ୍ପାଦନର ଲକ୍ଷ୍ୟ ହାସଲ କରିନେବ ବୋଲି ଆଶାକରାଯାଉଛି।
– ବିନୟ କୁମାର, କେନ୍ଦ୍ର ଇସ୍ପାତ ସଚିବ



ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍ ଓ ଅନ୍ୟ ଏନ୍‌ବିଏଫ୍‌ସିରେ ରହିଥିବା ବ୍ୟାଙ୍କ ଅଫ୍ ବରୋଦାର ଆକାଉଣ୍ଟ ଠିକ୍ ପ୍ରଦର୍ଶନ କରୁଛି। ଭବିଷ୍ୟତରେ କ'ଣ ହେବ ଏବେଠୁ ଚିନ୍ତା କରିବାର ଆବଶ୍ୟକତା ନାହିଁ।
– ପି.ଏସ୍. ଜୟକୁମାର, ଏମ୍‌ଡି ତଥା ସିଇଓ, ବ୍ୟାଙ୍କ ଅଫ୍ ବରୋଦା



## ସଂକ୍ଷେପରେ

### ଦେଶରେ ପେମେଣ୍ଟ ଡାଟା ଷ୍ଟୋରେଜ ବ୍ୟବସ୍ଥା ସ୍ଥାପନ କଲା ହ୍ୱାଟ୍ସଆପ୍

ନୂଆଦିଲ୍ଲୀ,୯-୧୦: ବିଶ୍ୱର ସର୍ବାଧିକ ଲୋକପ୍ରିୟ ମେସେଜିଂ ଆପ୍ କୁହାଯାଉଥିବା ହ୍ୱାଟ୍ସଆପ୍ ରିଜର୍ଭ ବ୍ୟାଙ୍କର ନୀତିକୁ ମାନି ଦେଶରେ ପେମେଣ୍ଟ ସଂକ୍ରାନ୍ତୀୟ ସମସ୍ତ ଡାଟାକୁ ଭାରତରେ ରଖିବା ପାଇଁ ଏକ ବ୍ୟବସ୍ଥା ସ୍ଥାପନ କରିଛି। ମଙ୍ଗଳବାର କମ୍ପାନୀ ପକ୍ଷରୁ ଏ ସଂକ୍ରାନ୍ତରେ ଏକ ବିବୃତି ଜାରି କରାଯାଇଛି। ସୃଷ୍ଟି ହେଉଥିବା ଡାଟାକୁ ସମସ୍ତ ପେମେଣ୍ଟ ସିଷ୍ଟମ ପ୍ରଦାନକାରୀ କମ୍ପାନୀ ଦେଶରେ ହିଁ ରଖିବାକୁ ବାଧ ରହିବେ। ଏଥିପାଇଁ ସେମାନଙ୍କୁ ଏକ ବ୍ୟବସ୍ଥା ପ୍ରତିଷ୍ଠା କରିବାକୁ ହେବ ବୋଲି ରିଜର୍ଭ ବ୍ୟାଙ୍କ ଏପ୍ରିଲ ୬ରେ ଏକ ନୀତି ଘୋଷଣା କରିଥିଲେ। ଅକ୍ଟୋବର ୧୫ ସୁଦ୍ଧା ଏହି ବ୍ୟବସ୍ଥା ପ୍ରତିଷ୍ଠା କରିବାକୁ ପଡିବ ବୋଲି ରିଜର୍ଭ ବ୍ୟାଙ୍କ କହିଥିଲେ। ଦେଶରେ ୨୦ କୋଟି ୟୁଜର ଥିବା ହ୍ୱାଟ୍ସଆପ୍ ପ୍ରଥମ କମ୍ପାନୀ ଭାବେ ଏହି ନୀତିକୁ ପାଳନ କରିଛି। ଏ ସମ୍ପର୍କରେ କମ୍ପାନୀ ମୁଖପାତ୍ର କହିଛନ୍ତି ଯେ, ଭାରତରେ ପ୍ରାୟ ୧୦ ଲକ୍ଷ ଲୋକ ହ୍ୱାଟ୍ସଆପ୍ ଜରିଆରେ ସୁରକ୍ଷିତ ତଥା ଅତି ସାଧାରଣ ପଦ୍ଧତିରେ ନିଜ ନିଜ ଭିତରେ ଟଙ୍କା ନେଣଦେଣ କରୁଛନ୍ତି। ରିଜର୍ଭ ବ୍ୟାଙ୍କର ନୀତି ଅନୁଯାୟୀ ଭାରତରେ ଡାଟା ଷ୍ଟୋରେଜ ଲାଗି କମ୍ପାନୀ ଏକ ବ୍ୟବସ୍ଥା ପ୍ରତିଷ୍ଠା କରାଯାଇଛି।

### ପୋଲିସ ହେପାଜତରେ ଆମ୍ରପାଲି ଗ୍ରୁପ୍‌ର ୩ ଡାଇରେକ୍ଟର

ନୂଆଦିଲ୍ଲୀ,୯-୧୦: ସୁପ୍ରିମକୋର୍ଟ ନିର୍ଦ୍ଦେଶରେ ମଙ୍ଗଳବାର ଆମ୍ରପାଲି ଗ୍ରୁପ୍‌ର ୩ ଜଣ ଡାଇରେକ୍ଟରଙ୍କୁ ପୋଲିସ ହେପାଜତକୁ ପଠାଇ ଦିଆଯାଇଛି। ଉକ୍ତ ଗ୍ରୁପ୍ ଅଦାଲତ ସହିତ ଚୋର-ପୋଲିସ ଖେଳ ନ ଖେଳିବା ଲାଗି ସର୍ବୋଚ୍ଚ ଅଦାଲତ ଚେତାବନୀ ଶୁଣାଇଛନ୍ତି। ପୋଲିସ ହେପାଜତକୁ ଯାଇଥିବା ୩ ଡାଇରେକ୍ଟର ହେଲେ ଅନିଲ କୁମାର ଶର୍ମା, ଶିବ ପ୍ରିୟା ଏବଂ ଅଜୟ କୁମାର। ଫରେନ୍‌ସିକ ଅଡିଟରଙ୍କୁ ଆମ୍ରପାଲି ଗ୍ରୁପ୍‌ର ୪୬ଟି ସହାୟକ କମ୍ପାନୀର ସମସ୍ତ କାଗଜପତ୍ର ନ ଦେବା ଯାଏ ସେମାନେ ପୋଲିସ ହେପାଜତରେ ରହିବେ ବୋଲି ସୁପ୍ରିମକୋର୍ଟ ନିର୍ଦ୍ଦେଶରେ କୁହାଯାଇଛି। ମଙ୍ଗଳବାର ଶୁଣାଣି ବେଳେ ସୁପ୍ରିମକୋର୍ଟ ଦ୍ୱାରା ନିଯୁକ୍ତ ଅଡିଟର ରବି ଭାଟିଆ ଏବଂ ପବନ କୁମାର ଅଗ୍ରୱାଲ ଅଦାଲତରେ ସେମାନଙ୍କୁ ଅଡିଟ ପାଇଁ କୌଣସି କାଗଜପତ୍ର ମିଳିନାହିଁ ବୋଲି କହିଥିଲେ। ଏହା ଜାଣିବା ପରେ ଖଣ୍ଡପୀଠ କ୍ଷୋଭ ପ୍ରକାଶ କରିଥିଲେ। ଆମ୍ରପାଲି ଗ୍ରୁପ୍ ଅଦାଲତଙ୍କ ସମ୍ମାନ କ୍ଷୁଣ୍ଣ କରୁଛନ୍ତି ବୋଲି କହିଥିଲେ। ଏହି ଅବସରରେ ଗ୍ରୁପ୍ ଅଫ୍ କମ୍ପାନୀଜର ସମସ୍ତ ଡାଇରେକ୍ଟରଙ୍କୁ ସୁପ୍ରିମକୋର୍ଟ ନୋଟିସ ଜାରି କରିଛନ୍ତି। ସେମାନଙ୍କ ବିରୋଧରେ କାହିଁକି ଅଦାଲତ ଅବମାନନା ଅଭିଯୋଗ ନ ଅଣାଯିବ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

### ଆଧାର ସେବା କେନ୍ଦ୍ର ସ୍ଥାପନ କରିବ ୟୁଆଇଡିଏଆଇ

ନୂଆଦିଲ୍ଲୀ,୯-୧୦: ଦେଶର ୫୩ଟି ସହରରେ ଭାରତୀୟ ଏକକ ପରିଚୟ କର୍ତ୍ତୃପକ୍ଷ(ୟୁଆଇଡିଏଆଇ) ଆଧାର ସେବା କେନ୍ଦ୍ର ସ୍ଥାପନ କରିବ। ପାସପୋର୍ଟ ସେବା କେନ୍ଦ୍ର ଢାଞ୍ଚାରେ ଏହି ସେବା କେନ୍ଦ୍ରଗୁଡିକ ପ୍ରତିଷ୍ଠା କରାଯିବ ଏବଂ ଏଥିପାଇଁ ୟୁଆଇଡିଏଆଇ ପ୍ରାୟ ୩ଶହରୁ ୪ ଶହ କୋଟି ଟଙ୍କା ବ୍ୟୟ କରିବ। ଜଣେ ବରିଷ୍ଠ ଅଧିକାରୀ ଏହା ପ୍ରକାଶ କରିଛନ୍ତି। ଏହି ଆଧାର କେନ୍ଦ୍ରରେ ପଞ୍ଜୀକରଣ, ସଂଶୋଧନ ଏବଂ ଅନ୍ୟାନ୍ୟ ସେବା ଯୋଗାଇ ଦିଆଯିବ। ତେବେ ଉକ୍ତ ଆଧାର ସେବା କେନ୍ଦ୍ରଗୁଡିକ ୟୁଆଇଡିଏଆଇର ନିଜସ୍ୱ ହେବ ଓ ଏହାଦ୍ୱାରା ପରିଚାଳିତ ହେବ। ପ୍ରତ୍ୟେକ ମେଟ୍ରୋ ସହରରେ ଏଭଳି ୪ଟି ଓ ଅନ୍ୟ ସହରରେ ୨ଟି କେନ୍ଦ୍ର ରହିବ।

# ପୁରସ୍କୃତ ହେବେ ସଚ୍ଚୋଟ ଟିକସଦାତା

- ତିଆରି ହେଉଛି ପ୍ରୋତ୍ସାହନ ଯୋଜନା
- ସିବିଡିଟି ଅଧୀନରେ କମିଟି ଗଠନ
- ବିଶ୍ୱର ବିଭିନ୍ନ ଦେଶର ଯୋଜନା ଅନୁଧ୍ୟାନ କରାଯିବ




ନୂଆଦିଲ୍ଲୀ,୯–୧୦

ଟିକସ ଫାଙ୍କୁଥିବା ବ୍ୟକ୍ତିଙ୍କୁ ଦଣ୍ଡ ଦିଆଯାଉଛି। କିନ୍ତୁ ସଚ୍ଚୋଟ ଟିକସଦାତାଙ୍କ ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ କୌଣସି ଯୋଜନା ନାହିଁ। ଦେଶରେ ଟିକସଦାତାଙ୍କ ସଂଖ୍ୟା ବଢ଼ାଇବା ଲାଗି ସରକାର ଏବେ ଏକ ପ୍ରୋତ୍ସାହନ ଯୋଜନା ପ୍ରସ୍ତୁତ କରୁଛନ୍ତି। ଏହି ଯୋଜନା ଅଧୀନରେ ସଚ୍ଚୋଟ ଟିକସଦାତାଙ୍କୁ ପୁରସ୍କୃତ କରାଯିବ। ରାଜ୍ୟପାଳଙ୍କ ସହ ଚା'ପାନ, ବିମାନ ବନ୍ଦରରେ ଚେକ୍ ଇନ୍‌ରେ ଅଗ୍ରାଧିକାର, ପାସପୋର୍ଟ ପ୍ରଦାନରେ ପ୍ରାଥମିକତା, ଉତ୍ସର୍ଗୀକୃତ ଟୋଲ୍ ଲେନ୍‌ରେ ଯିବାକୁ ଅନୁମତି, ବିମାନବନ୍ଦର ଲାଉଞ୍ଜରେ ପ୍ରବେଶ ଆଦି ବହୁ ସୁବିଧା ଉକ୍ତ ଯୋଜନାରେ ସାମିଲ ହେବ। ସଚ୍ଚୋଟ ଟିକସଦାତା ଏହିସବୁ ସୁବିଧା ପାଇବେ।

ଦେଶରେ ନିୟମ ପାଳନର ସଂସ୍କୃତିକୁ ଅଧିକ ମଜଭୁତ କରିବା ସରକାରଙ୍କ ଲକ୍ଷ୍ୟ ରହିଛି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି) ଅଧୀନରେ ଏକ କମିଟି ଗଠନ କରାଯାଇଛି। ଏହି କମିଟି ପୁରସ୍କାର ସମ୍ପର୍କରେ ଯୋଜନା ପ୍ରସ୍ତୁତ କରିବେ ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

ଏମିତିରେ ଦେଖିଲେ କଳାଧନର ମୂଳୋତ୍ପାଟନ ଲାଗି ସରକାର ଆଇନକୁ କଡ଼ାକଡ଼ି କରିଛନ୍ତି। ଏଥିଲାଗି ବହୁ ପଦକ୍ଷେପ ମଧ୍ୟ ନିଆଯାଇଛି। ବେନାମୀ ସମ୍ପତ୍ତି ଆଇନରେ ଅନେକ ସଂଶୋଧନ କରାଯାଇଛି ଏବଂ ଅପରେଶନ କ୍ଲିନ୍ ମନି ଅଧୀନରେ ଦେଶର ବିଭିନ୍ନ ସ୍ଥାନରେ ଏକାଧିକ ଥର ଚଢ଼ଉ ମଧ୍ୟ ହୋଇଛି। ଟିକସ ଫାଙ୍କୁଥିବା ଏଭଳି ବ୍ୟକ୍ତିବିଶେଷଙ୍କ ଲାଗି ଏକାଧିକ ବ୍ୟବସ୍ଥା ରହିଛି। ଏହାଦ୍ୱାରା ଟିକସଦାତାଙ୍କ ସଂଖ୍ୟାରେ ଆଖିଦୃଶିଆ ପରିବର୍ତ୍ତନ ହୋଇନି। ଏଣୁ ରିଟର୍ନ ଦାଖଲକାରୀଙ୍କ ସଂଖ୍ୟା ଯେପରି ବଢ଼ିବ ସେ ନେଇ ଏବେ ସରକାର ସଚ୍ଚୋଟ ଟିକସଦାତାଙ୍କୁ ପୁରସ୍କୃତ କରିବାକୁ ଚାହୁଁଛନ୍ତି। ଏହାଦ୍ୱାରା ଅଧିକ ସଂଖ୍ୟାରେ ଲୋକେ ଟିକସ ରିଟର୍ନ ଦାଖଲ କରିବାକୁ ପ୍ରୋତ୍ସାହିତ ହେବେ।

ଅଧିକାରୀଙ୍କ କହିବାନୁଯାୟୀ, ଉକ୍ତ କମିଟି ଅନ୍ୟ ଦେଶରେ ପ୍ରଚଳିତ ପୁରସ୍କାର ଯୋଜନାକୁ ଅଧ୍ୟୟନ କରି ସବୁଠାରୁ ଭଲ ଯୋଜନାକୁ ସାମିଲ କରିବେ। ଟିକସଦାତା କେତେ ଟଙ୍କାର ଟିକସ ଦେଇଛନ୍ତି, ତାହା ମୂଳ ଆଧାର ନ ହୋଇ ବରଂ ଟିକସ ପ୍ରଦାନରେ ତାଙ୍କର ସମୟାନୁବର୍ତ୍ତିତା, କ୍ରମାଗତ ରିଟର୍ନ ଦାଖଲ କରୁଛନ୍ତି କି ନା, ତାଙ୍କ ବିରୋଧରେ କୌଣସି ମାମଲା ଦାଏର ହୋଇଥିଲା କି ନା କିମ୍ବା ତାଙ୍କ ଘରେ ଚଢ଼ଉ ହୋଇଥିଲା କି ନା ଏହାକୁ ପୁରସ୍କାର ପାଇଁ ଆଧାର କରାଯିବ। ଏଥିପୂର୍ବରୁ ଆୟକର ବିଭାଗ ପକ୍ଷରୁ ସଚ୍ଚୋଟ ଟିକସଦାତାଙ୍କୁ ପୁରସ୍କୃତ କରାଯିବାର ବ୍ୟବସ୍ଥା ଥିଲା, ଯାହା ୨୦୦୪ରେ ବନ୍ଦ ହୋଇଯାଇଛି।

ବହୁ ଦେଶରେ ସଚ୍ଚୋଟ ଟିକସଦାତାଙ୍କୁ ପୁରସ୍କାର ଦେବାର ଯୋଜନା ରହିଛି। ଏପରିକି ଜାପାନରେ ମଡେଲ ଟିକସଦାତାଙ୍କୁ ରାଜାଙ୍କ ସହ ଫଟୋ ଉଠାଇବାର ସୁଯୋଗ ଦିଆଯାଏ। ଫିଲିପାଇନ୍ସରେ ଭାଲୁ ଆଡେଡ୍ ଟିକସ ପ୍ରଦାନ ବ୍ୟବସ୍ଥାରେ ନିୟମ ପାଳନ କରିଥିବାରୁ ସଚ୍ଚୋଟ ଟିକସଦାତାଙ୍କୁ ଲଟେରିରେ ସାମିଲ କରାଯାଇଥାଏ। ଦକ୍ଷିଣ କୋରିଆରେ ଏଭଳି ଟିକସଦାତାଙ୍କୁ ବିମାନ ବନ୍ଦରରେ ଭିଆଇପି ରୁମ୍ ବ୍ୟବହାର କରିବାର ଅନୁମତି ମିଳେ ଏବଂ ତାଙ୍କୁ ମାଗଣା ପାର୍କିଂ ସୁବିଧା ଦିଆଯାଏ। ପାକିସ୍ତାନରେ ଏଭଳି ଏକ ଯୋଜନା ରହିଛି, ଯେଉଁଠି ଶୀର୍ଷ ୧୦୦ ଟିକସଦାତାଙ୍କୁ ବିମାନ ବନ୍ଦରରେ ଭିଆଇପି ଲାଉଞ୍ଜ ବ୍ୟବହାର କରିବାର ଅନୁମତି ମିଳିବା ସହିତ ବହିଃଶୁଳ୍କ କାଉଣ୍ଟରରେ ଫାଷ୍ଟ ଟ୍ରାକ୍ କ୍ଲିୟରାନ୍ସ ମିଳେ। କେବଳ ସେତିକି ନୁହେଁ ମାଗଣା ପାସପୋର୍ଟ ବ୍ୟବସ୍ଥା ସହ ଅଧିକ ଲଗେଜ ନେବାକୁ ଅନୁମତି ଦିଆଯାଏ। ଗ୍ରାଣ୍ଟ ଥର୍ନଟନ ଇଣ୍ଡିଆର ନ୍ୟାଶନାଲ ଲିଡର ବିକାଶ ଭାସଲଙ୍କ ମତରେ କେନ୍ଦ୍ର ସରକାର ଜିଏସ୍‌ଟି, ବିମୁଦ୍ରୀକରଣ ସହ ବିଭିନ୍ନ ବ୍ୟବସ୍ଥା ମାଧ୍ୟମରେ ରାଜସ୍ୱ ବଢ଼ାଇବାକୁ ପ୍ରୟାସ କରୁଛନ୍ତି। କିନ୍ତୁ ଦେଶ ଗଠନରେ ସହାୟକ ହେଉଥିବା ସଚ୍ଚୋଟ ଟିକସଦାତା ଓ ଆୟକର ପ୍ରଶାସନ ମଧ୍ୟରେ ରହି ଯାଇଥିବା ଅବିଶ୍ୱାସର ବାତାବରଣକୁ ଦୂର କରିବାକୁ କୌଣସି ପ୍ରୟାସ କରୁନାହାନ୍ତି।

# ପଞ୍ଚମ ପିଢ଼ିର ସିଆର୍–ଭି ଆଣିଲା ହୋଣ୍ଡା କାର୍‌ସ ଇଣ୍ଡିଆ




ନୂଆଦିଲ୍ଲୀ,୯–୧୦

ପ୍ରମୁଖ ପାସେଞ୍ଜର କାର୍ ନିର୍ମାତା ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ୍ (ଏଚ୍‌ସିଆଇଏଲ୍)ପକ୍ଷରୁ ବଜାରକୁ ଆସିଛି ପଞ୍ଚମ ପିଢ଼ିର ନୂଆ ସିଆର୍–ଭି। କମ୍ପାନୀ ପ୍ରଥମ ଥର ଲାଗି ଭାରତରେ ଡିଜେଲ ଇଞ୍ଜିନ୍ ବିକଳ୍ପ ସହ ଏହି ମଡେଲ ଆଣିଛି। ପ୍ରିମିୟମ୍ ଏସ୍‌ୟୁଭି ବର୍ଗରେ ଏହା ସ୍ଥିତିକୁ ଦୃଢ଼ କରିବ ବୋଲି କମ୍ପାନୀ ପ୍ରକାଶ କରିଛି। ଆଗାମୀ ପିଢ଼ିର ଏସ୍‌ୟୁଭି ମାନଦଣ୍ଡରେ ଏହାକୁ ପ୍ରସ୍ତୁତ କରାଯାଇଛି। ଏଥିରେ ପେଟ୍ରୋଲ ଏବଂ ଡିଜେଲରେ ଅତ୍ୟାଧୁନିକ ପାୱାରଟ୍ରେନ, ଅତୁଳନୀୟ ବନ୍ଧନ ମିତବ୍ୟୟିତା, ଗାଡି ଚାଳନାର ଆନନ୍ଦ ମିଳିପାରିବ। ଏଥିରେ ବିଳାସପୂର୍ଣ୍ଣ ବୈଶିଷ୍ଟ୍ୟ, ପାନୋରାମିମ ସନ୍‌ରୁଫ୍, ଏଲ୍‌ଇଡି ଡିଆର୍‌ଏଲ୍ ଓ ଲାଇଟିଂ ସିଷ୍ଟମ, ଡ୍ରାଇଭର ସୂଚନା ଇଣ୍ଟରଫେସ୍ ଭଳି ଅତ୍ୟାଧୁନିକ ବୈଶିଷ୍ଟ୍ୟ ଗ୍ରାହକମାନେ ଲାଭ କରିପାରିବେ। ନୂଆ କରି ଆସିଥିବା ଏହି ମଡେଲ ଏସ୍‌ୟୁଭି ଗ୍ରାହକଙ୍କ ଭାବନାକୁ ଆହୁରି ଆକୃଷ୍ଟ କରିବାକୁ ସକ୍ଷମ ହେବ ବୋଲି ହୋଣ୍ଡା କାର୍‌ସ ଇଣ୍ଡିଆର ସଭାପତି ତଥା ସିଇଓ ଗାକୁ ନାକାନିସି ସୂଚନା ଦେଇଛନ୍ତି। ଏହାର ବଜାର ଦର ୨୮.୧୫ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି।

# ଆୟର୍ଲାଣ୍ଡରେ ସାଇବର ନିରାପତ୍ତା ଚାପ୍ଟର ଲିଡର ହେଲେ ଓଡ଼ିଆ ଯୁବକ

ଭୁବନେଶ୍ୱର,୯–୧୦

ସାଇବର ନିରାପତ୍ତା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଆୟର୍ଲାଣ୍ଡର ନର୍ଥୱେଷ୍ଟ ରିଜିୟନ ଡୋନିଗାଲ୍‌ର ଚାପ୍ଟର ଲିଡର ଭାବେ ଓଡିଆ ପ୍ରଫେଶନାଲ ଜ୍ଞାନ ପାଣିଗ୍ରାହୀ ନିଯୁକ୍ତ ହୋଇଛନ୍ତି। ସେ ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ନିକଟସ୍ଥ ତଲାସିଙ୍ଗି ବାସିନ୍ଦା ହୋଇଥିବା ବେଳେ ଆୟର୍ଲାଣ୍ଡରେ ସାଇବର ସିକ୍ୟୁରିଟି ପ୍ରଫେଶନାଲ ଭାବେ କାର୍ଯ୍ୟରତ। ଡୋନିଗାଲ ରିଜିୟନରେ କାର୍ଯ୍ୟକଲା ବେଳେ ବ୍ୟାଙ୍କ, ସଫ୍ଟୱେର ସଂସ୍ଥା ଏବଂ ୟୁନିଭର୍ସିଟିଗୁଡିକରେ ସାଇବର ନିରାପତ୍ତା ଇକୋସିଷ୍ଟମରେ ବିଶେଷ ସୁଧାର ଆବଶ୍ୟକତା ରହିଥିବା ସେ ଉପଲବ୍ଧି କରିଥିଲେ। ଗ୍ଲୋବାଲ ସଫ୍ଟୱେର ସିକ୍ୟୁରିଟି ଓପନ୍ ୱେବ୍ ଆପ୍ଲିକେଶନ ପ୍ରୋଜେକ୍ଟ (ଓଡବ୍ଲ୍ୟୁଏଏସ୍‌ପି)ର ଜଣେ ସଦସ୍ୟ ଭାବେ ବର୍ତ୍ତମାନ କାର୍ଯ୍ୟ କରୁଛନ୍ତି।



ଜ୍ଞାନ ପାଣିଗ୍ରାହୀ

ସାଇବର ନିରାପତ୍ତାର ଆବଶ୍ୟକତା ଉପଲବ୍ଧି ସହ ସେଠାରେ ଏକ ଚାପ୍ଟର ପ୍ରତିଷ୍ଠା ଲାଗି ସେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିଲେ। ବର୍ତ୍ତମାନ ଓଡବ୍ଲ୍ୟୁଏଏସ୍‌ପିର ୨୦୦ଚାପ୍ଟର ରହିଥିବା ବେଳେ ଡୋନିଗାଲ ଲେଟରକେନି ଚାପ୍ଟର ଗଠନ ହୋଇଛି। ଯାହାର ଗୁରୁଦାୟିତ୍ୱ ଜ୍ଞାନ ପାଣିଗ୍ରାହୀଙ୍କୁ ମିଳିଛି। ସାଇବର ସିକ୍ୟୁରିଟିକୁ ନେଇ ସେ ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରିବେ। ଏହି ପ୍ଲାଟଫର୍ମ ସାଇବର ନିରାପତ୍ତାକୁ ନେଇ ପ୍ରଫେଶନାଲ, ଛାତ୍ରୀଛାତ୍ର, ଶିଳ୍ପ ଅଂଶୀଦାରଙ୍କ ମଧ୍ୟରେ ଜ୍ଞାନର ଆଦାନପ୍ରଦାନ ଦିଗରେ କାର୍ଯ୍ୟ କରିବ ବୋଲି ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଆସନ୍ତା ଡିସେମ୍ବରରେ ସାରା ୟୁରୋପରୁ ପ୍ରାୟ ୧୦୦୦ ପ୍ରତିନିଧିଙ୍କୁ ନେଇ ସାଇବର ନିରାପତ୍ତା ଉପରେ ଏକ କର୍ମଶାଳା ଆୟୋଜନ ହେଉଥିବା ସେ କହିଛନ୍ତି।

# ଦିଲ୍ଲୀର ୧୬୩ ଧନୀଙ୍କ ନିକଟରେ ୭ ଲକ୍ଷ କୋଟିର ସମ୍ପତ୍ତି

ନୂଆଦିଲ୍ଲୀ,୯–୧୦

ଦିଲ୍ଲୀ ସହରର ୧୬୩ ଧନୀଙ୍କ ନିକଟରେ ମୋଟ୍ ୬,୭୮,୪୦୦ କୋଟି ଟଙ୍କାର ସମ୍ପତ୍ତି ରହିଛି। ବାର୍କଲେଜ ହୁରୁନଙ୍କ ପକ୍ଷରୁ ଭାରତୀୟ ଧନୀଙ୍କ ତାଲିକା ପ୍ରକାଶ କରାଯାଇଛି। ୧ ହଜାର କୋଟି ଟଙ୍କା ଅଥବା ତଦୂର୍ଦ୍ଧ୍ୱ ସମ୍ପତ୍ତି ରଖିଥିବା ଧନୀଙ୍କୁ ଏହି ତାଲିକାରେ ସାମିଲ କରାଯାଇଛି। ଏଥିରେ ଦେଶର ୮୩୧ ଜଣ ମହାଧନୀ ରହିଛନ୍ତି। ଦିଲ୍ଲୀର ୧୬୩, ବେଙ୍ଗାଲୁରୁରେ ୨୯ ଧନୀଙ୍କୁ ତାଲିକାରେ ସ୍ଥାନ ଦିଆଯାଇଛି।

### ପ୍ରାକୃତିକ ବିପର୍ଯ୍ୟୟ ସେସ୍ ଆଦାୟ

# ୧୫ରେ ଜିଏସ୍‌ଟି ମନ୍ତ୍ରୀଗୋଷ୍ଠୀ ବୈଠକ

ନୂଆଦିଲ୍ଲୀ,୯–୧୦

ଦେଶରେ ପ୍ରାକୃତିକ ବିପର୍ଯ୍ୟୟ ହେଲେ ଜିଏସ୍‌ଟି ଅଧୀନରେ କିପରି ଅତିରିକ୍ତ ସେସ୍ ଆଦାୟ କରାଯାଇପାରିବ ସେ ନେଇ ଆଲୋଚନା କରିବା ଲାଗି ବିହାର ଉପମୁଖ୍ୟମନ୍ତ୍ରୀ ସୁଶୀଲ କୁମାର ମୋଦିଙ୍କ ଅଧ୍ୟକ୍ଷତାରେ ଆସନ୍ତା ୧୫ରେ ମନ୍ତ୍ରୀଗୋଷ୍ଠି ବୈଠକ ବସିବ। ପ୍ରାକୃତିକ ବିପର୍ଯ୍ୟୟ ହେଲେ ସମ୍ପୃକ୍ତ ରାଜ୍ୟରେ ଅତିରିକ୍ତ ଟିକସ ଅଥବା ସେସ୍ ଆଦାୟ କରି କ୍ଷତିର ଭରଣା କରାଯାଉ ବୋଲି ଗତମାସରେ କେରଳ ପକ୍ଷରୁ ଜିଏସ୍‌ଟି କାଉନସିଲ୍‌କୁ ପ୍ରସ୍ତାବ ଦିଆଯାଇଥିଲା। ଏ ସମ୍ପର୍କରେ କାଉନସିଲ୍‌ରେ ଆଲୋଚନା ହେବା ପରେ ମୋଦିଙ୍କ ନେତୃତ୍ୱରେ ଏକ ୭ ଜଣିଆ ମନ୍ତ୍ରୀଗୋଷ୍ଠୀ ଗଠନ କରାଯାଇଛି। ଚଳିତ ମାସ ୩୧ ତାରିଖ ସୁଦ୍ଧା ମନ୍ତ୍ରିଗୋଷ୍ଠୀ ତାଙ୍କର ରିପୋର୍ଟ କାଉନସିଲ୍‌କୁ ଦେବେ। ଏହି କମିଟିରେ ମୋଦିଙ୍କ ବ୍ୟତୀତ ଓଡ଼ିଶାର ଅର୍ଥ ଓ ଅବକାରୀ ମନ୍ତ୍ରୀ ଶଶିଭୂଷଣ ବେହେରା, ଆସାମ ଅର୍ଥ ମନ୍ତ୍ରୀ ହେମନ୍ତ ବିଶ୍ୱଶର୍ମା, କେରଳ ଅର୍ଥ ମନ୍ତ୍ରୀ ଥୋମାସ ଇସାକ୍, ପଞ୍ଜାବ ଅର୍ଥ ମନ୍ତ୍ରୀ ମନପ୍ରୀତ୍ ସିଂହ ବାଦଲ, ମହାରାଷ୍ଟ୍ର ଅର୍ଥ ମନ୍ତ୍ରୀ ତଥା ଅବକାରୀ ମନ୍ତ୍ରୀ ସୁଧୀର ମୁର୍ଗନ୍ତିୱାର ଏବଂ ଉତ୍ତରାଖଣ୍ଡ ଅର୍ଥ ମନ୍ତ୍ରୀ ପ୍ରକାଶ ପନ୍ତ ରହିଛନ୍ତି।

# ଏନ୍‌ବିଏଫ୍‌ସିଙ୍କଠାରୁ ୪୫ ହଜାର କୋଟିର ସମ୍ପତ୍ତି କିଣିବ ଏସ୍‌ବିଆଇ

ନୂଆଦିଲ୍ଲୀ,୯–୧୦

ଅଣବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥା (ଏନ୍‌ବିଏଫ୍‌ସି)ରେ ଦେଖାଦେଇଥିବା ଅର୍ଥସଙ୍କଟକୁ ଟାଳିବା ଲାଗି ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ) ଆଗେଇ ଆସିଛି। ଏହା ଏନ୍‌ବିଏଫ୍‌ସିଙ୍କ ଠାରୁ ୪୫ହଜାର କୋଟି ଟଙ୍କାର ସମ୍ପତ୍ତି କିଣିବ ବୋଲି ମଙ୍ଗଳବାର ଘୋଷଣା କରିଛି। ଏସ୍‌ବିଆଇ ଏମ୍‌ଡି ପି.କେ.ଗୁପ୍ତା କହିଛନ୍ତି ଯେ, ବ୍ୟାଙ୍କ ପୂର୍ବରୁ ୧୫ ହଜାର କୋଟି ଟଙ୍କାର ସମ୍ପତ୍ତି କିଣିବ ବୋଲି ନିଷ୍ପତ୍ତି ନେଇଥିଲା। ତେବେ ଏଥିରେ ଆହୁରି ୩୦ ହଜାର କୋଟି ଟଙ୍କା ଏଥିପାଇଁ ନିବେଶ କରାଯିବ। ଏହା ଉଭୟଙ୍କୁ ସହାୟକ ହେବ।


## ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

ଆକାଶ ଶୋଭା ବିଲ୍‌ଡିଂ
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ପତ୍ର ସଂଖ୍ୟା ୨୬୦୫୦/ଭୁ.ଉ.କ., ଭୁବନେଶ୍ୱର ତା୨୪।୦୯।୧୮ ରିଖ
KNM-1186/93

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, କଳିଙ୍ଗ ନଗର ପ୍ଲଟେଡ୍ ଡେଭେଲପ୍‌ମେଣ୍ଟ ସ୍କିମ୍ ଅନ୍ତର୍ଗତ ଏମ୍.ଆଇ.ଜି. ପ୍ଲଟ୍ ନଂ–କେ୮–୮୩୩କୁ ଶ୍ରୀ ପୁରୁଷୋତ୍ତମ ମଲ୍ଲିକ୍, ପିତା–ମନି ମଲ୍ଲିକ୍ (ମୃତ), ଗ୍ରାମ–ହିନ୍ଦୁଳିଆ, ପୋ–ମାଣିତିରି, ଥାନା–ମାର୍ଶାଘାଇ, ଜିଲ୍ଲା–କେନ୍ଦ୍ରାପଡ଼ାଙ୍କ ନାମରେ ଆବଣ୍ଟନ କରାଯାଇଅଛି। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ପୁରୁଷୋତ୍ତମ ମଲ୍ଲିକ ଉକ୍ତ ପ୍ଲଟ୍‌କୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ଜ୍ୟୋତିରଞ୍ଜନ ସାହୁ, ପିତା–ଲକ୍ଷ୍ମୀଧର ସାହୁ, ଗ୍ରାମ–ସୟେଦପୁର, ପୋଅ–ବିଞ୍ଝାରପୁର, ଥାନା–ବିଞ୍ଝାରପୁର, ଜିଲ୍ଲା–ଯାଜପୁରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ପ୍ରକଳ୍ପ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି / ଆପତ୍ତି ଥାଏ, ତାହାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ, ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି / ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯିବ।

ସ୍ୱା./– ଆବଣ୍ଟନ ଅଧିକାରୀ–୨
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ,
ଭୁବନେଶ୍ୱର



**idco** Your power to grow | **ODISHA NEW OPPORTUNITIES**
ODISHA INDUSTRIAL INFRASTRUCTURE DEVELOPMENT CORPORATION
(A Government of Odisha Undertaking)
IDCO Towers, Janpath, Bhubaneswar - 751022
Tender Call Notice No. BBSR/ELECT/E-1540/04/4582 Dtd: 05.10.2018

**TENDER CALL NOTICE**

| | | |
| --- | --- | --- |
| Name of the Work | : | Providing 2 x400w flood lights for minimum illumination of football field at CET Campus, Ghatikia, Bhubaneswar |
| Estimated Cost of the Work | : | Rs. 8,97,607.00 |
| Period of Completion | : | 30 (Thirty) days |
| EMD Amount | : | Rs. 9,000.00 |
| Cost of Bid Document | : | Rs. 4,000.00 + 720.00 (GST @ 18%) |
| Date of Availability of Tender | : | 10.10.2018 to 12.10.2018 up to 11.00 hrs to 16.00 hrs. |
| Last Date of Submission of Tender | : | Upto 15.00 Hrs. of 22.10.2018 |
| Date of Opening of Tender | : | At 16.00 Hrs. on 22.10.2018 |
| Procurement Officer | : | Divisional Head (Electrical), IDCO, Bhubaneswar |

Further details can be seen from the IDCO website **www.idco.in** or, contact Er. S.C. Sahoo, Manager (Electrical) at Tel. No. (0674) 2541766 during office hours.

Sd/-
D.H. (Electrical), IDCO, Bhubaneswar



**GOVERNMENT OF ODISHA** No. 858-O
OFFICE OF THE SUPERINTENDING ENGINEER, SOUTHERN CIRCLE, RURAL WORKS, SUNABEDA
email : serwsbd2003@yahoo.com
No. 3463 **E-PROCUREMENT NOTICE** Date : 03.10.2018

| | | | |
| --- | --- | --- | --- |
| 1. | Name of the Work | : | Construction and maintenance of roads under MMSY (03 Nos) |
| 2. | Class of Contractor | : | "A", Special & Super Class of (Odisha PWD) or relevant class of other licensing authority. |
| 3. | Estimated Cost | : | Varies Rs. 527.87 Lakhs to Rs. 1860.31 Lakhs (Approximately) |
| 4. | Details projects as per Annexure attached. | : | |

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
| --- | --- | --- | --- | --- | --- | --- |
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works, Southern Circle, Sunabeda | SERWSCSBD-Online-12/2018-19 | 10.10.2018 at 11.00 A.M. | 31.10.2018 upto 5.00 P.M. | 30.10.2018 upto 2.00 P.M. | 01.11.2018 at 11.00 A.M. | To be intimated to qualified bidder |

5. Further details can be seen from the website www.tendersodisha.gov.in
6. Any Corrigendum / Addendum will be displayed in the above e-tender websites.

25045/11/0015/1819 Sd./- Superintending Engineer, Southern Circle RW, Sunabeda



**REGIONAL INSTITUTE OF PLANNING, APPLIED ECONOMICS AND STATISTICS (RIPAE&S)**
PLOT NO. A/65, NAYAPALLI, BHUBANESWAR-12
(A Govt. Training Institute under Planning & Convergence Department)
No. 1130/ RIPAE&S/29/2018 Bhubaneswar Dt. 09.10.2018

**TENDER CALL NOTICE**

[For award of contract for catering services to RIPAE&S, Bhubaneswar]
Ref: **Tender Call Notice No. 946 Dt. 06.09.2018**

No.12-X: Sealed Tenders are invited from intending service providers having valid GSTIN for providing catering services to RIPAE&S, Bhubaneswar.

The detailed tender document may either be downloaded from the website www.ripaesodisha.nic.in or can be obtained in person from the Office of Director, RIPAE&S, Bhubaneswar in any working day from 10.10.2018 to 22.10.2018 between 11.00 A.M. to 4.00 P.M. on payment of Rs.500/- in cash or in shape of Bank Draft for Rs.500/- which is non-refundable. The downloaded Tender Document from the website should be submitted along with a Bank Draft/Bankers Cheque of Rs.500/- (non-refundable). The Bank Draft/ Bankers cheque should be in favour of **Assistant Director, RIPAE&S, A/65, Nayapalli, Bhubaneswar-12**.

The tender document will be received only through speed post/ registered post during office hour. The last date and time for receipt of filled in Tender Documents is **23.10.2018 by 5.00 P.M**. The office shall not be responsible for any kind of postal delay. The bidders who have already applied in response to the Tender Notice under reference need not apply again.

**Revised Tender Schedule**

| | |
| --- | --- |
| Period of issue of tender Documents | **From 10.10.2018 to 22.10.2018 between 11.00 AM to 4.00 PM** |
| Last date & time for submission of tender Documents | **23.10.2018 by 5.00 PM** |
| Place of submission of completed tender Documents | Office of the Director, RIPAE&S, A/65, Nayapalli, Bhubaneswar-12 (Contact No. 0674 - 2392283) |
| Place, date & time for opening of Technical Bids | Office of the Director, RIPAE&S, A/65, Nayapalli, Bhubaneswar-12. **Date: 25.10.2018 at 11.30 AM** |

• Tenders received after due date and time will be summarily rejected.
• The undersigned reserves the right to extend the date and accept or reject any or all tenders without assigning any reason thereof.
• All other terms and conditions of Tender Document remains unchanged.

21005/11/0007/1819 Sd./- Director



**THE ODISHA STATE POLICE HOUSING & WELFARE CORPORATION LTD.**
(A Government of Odisha Undertaking)
Janapath, Bhoi Nagar, Bhubaneswar - 22
Ph.: 0674 - 2541545, 2542921, Fax: 0674 - 2541543
Email: ophwc.od@nic.in, Website: www.ophwc.nic.in
No.CAD-920
**e-procurement notice No.- 33/SE/28/OPHWC/2018-19**

**INVITATION FOR BIDS (IFB)**

| | | | |
| --- | --- | --- | --- |
| 1. | The **Superintending Engineer** (OSPH&WC), Odisha, Bhubaneswar invites **Percentage rate** bids in **double cover** system in **ONLINE MODE** only, for works as detailed below:- | | |
| 2. | Nature of work | : | Building Works |
| 3. | No. of works | : | 11 Nos. |
| 4. | Bid Cost | : | Rs. 11,800/- (To be paid online) |
| 5. | Value of tender | : | Rs. 86,60,274.00 to Rs. 1,31,05,204.00 |
| 6. | Class of contractor | : | B class to A class |
| 7. | Availability of bid documents in the website | : | Dt.12.10.2018 to Dt.29.10.2018 upto 05.00 PM |
| 8. | Last date / time of receipt of bids in the portal | : | Dt.29.10.2018 upto 05.00 PM |
| 9. | Date of opening of bid | : | Dt.30.10.2018 at 11.30 AM |
| 10. | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum / corrigendum / cancellation of tender can also be seen in the said website. | | |

**Sd./- Superintending Engineer (OSPH&WC), Odisha**
**N.B.-** The quoted rate should be all inclusive but excluding G.S.T. as applicable under works contract. 12025/11/0082/1819



" ପୂର୍ବ ଭାରତର ବିକାଶ ହେବ,
ତେବେ ହିଁ ଭାରତର ବିକାଶ ହେବ। "

ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ
ଭାରତ ସରକାର

## ପୂର୍ବୋଦୟରୁ ନୂଆ ଭାରତର ହେବ ଉଦୟ

# କୃଷକଙ୍କ ସମୃଦ୍ଧି
# ଓଡ଼ିଶାର ପ୍ରଗତି



## ଭିତ୍ତିପ୍ରସ୍ତର ସ୍ଥାପନ
## ବିପିସିଏଲର ଟୁଜି (2G) ଇଥାନଲ ଜୈବ-ବିଶୋଧନାଗାର
## ବାଉଲସିଂହା (ଭଟଲି), ବରଗଡ଼

### ଏକ ଐତିହାସିକ ଜୈବ ଇନ୍ଧନ ବିଶୋଧନାଗାର:

- ବାର୍ଷିକ ୩ କୋଟି ଲିଟର ଇନ୍ଧନ ଯୋଗ୍ୟ ଇଥାନଲ ଉତ୍ପାଦନକ୍ଷମ କାରଖାନା
- ବାର୍ଷିକ ପ୍ରାୟ ୨ ଲକ୍ଷ ଟନ୍ ନଡ଼ା କଞ୍ଚାମାଲ ଭାବରେ ବ୍ୟବହାର କରାଯିବ
- ଏକ ଶୂନ୍ୟ ତରଳ ନିର୍ଗମନକାରୀ (ଜେଡ୍ଏଲ୍ଡି) କାରଖାନା ଯେଉଁଠି ସମସ୍ତ ଜଳର ପୁନର୍ଚକ୍ରଣ ହେବ
- ପ୍ରକଳ୍ପ ମୂଲ୍ୟ ପ୍ରାୟ ୧୦୦୦ କୋଟି ଟଙ୍କା

### ପ୍ରକଳ୍ପରୁ ଲାଭ:

- କୃଷକମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି
- ଗ୍ରାମୀଣ ଅଞ୍ଚଳରେ ପ୍ରାୟ ୧୨୦୦ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି
- ଜୈବିକ ବସ୍ତୁର ଦହନ ଏବଂ ପରିବେଶ ପ୍ରଦୂଷଣ ହ୍ରାସ

## ପ୍ରଫେସର ଗଣେଶୀ ଲାଲ୍
ରାଜ୍ୟପାଳ, ଓଡ଼ିଶାଙ୍କ
### କରକମଳରେ

ଗରିମାମୟ ଉପସ୍ଥିତି

**ଧର୍ମେନ୍ଦ୍ର ପ୍ରଧାନ**
ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍,
ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ, ଭାରତ ସରକାର

**ସ୍ନେହାଙ୍ଗିନୀ ଛୁରିଆ**
ହସ୍ତତନ୍ତ, ବୟନଶିଳ୍ପ ଏବଂ ହସ୍ତଶିଳ୍ପ ରାଷ୍ଟ୍ରମନ୍ତ୍ରୀ
(ସ୍ୱାଧୀନ ଦାୟିତ୍ୱ), ଓଡ଼ିଶା ସରକାର

**ସୁଶାନ୍ତ ସିଂହ**
ଶ୍ରମ, ଇଏସ୍ଆଇ ଏବଂ ଶକ୍ତି ରାଷ୍ଟ୍ରମନ୍ତ୍ରୀ
(ସ୍ୱାଧୀନ ଦାୟିତ୍ୱ), ଓଡ଼ିଶା ସରକାର

**ପ୍ରସନ୍ନ ଆଚାର୍ଯ୍ୟ**
ସାଂସଦ (ରାଜ୍ୟସଭା)

**ପ୍ରଭାସ କୁମାର ସିଂହ**
ସାଂସଦ (ଲୋକସଭା), ବରଗଡ଼

**ଦେବେଶ ଆଚାର୍ଯ୍ୟ**
ବିଧାୟକ, ବରଗଡ

**ପ୍ରଦୀପ ପୁରୋହିତ**
ବିଧାୟକ, ପଦ୍ମପୁର

**ରୀତା ସାହୁ,**
ବିଧାୟିକା, ବିଜେପୁର

**ମୁକ୍ତା ସାହୁ**
ଅଧ୍ୟକ୍ଷା, ଜିଲ୍ଲା ପରିଷଦ, ବରଗଡ଼

**ମଦନ ଦୀପ**
ଉପାଧ୍ୟକ୍ଷ, ଜିଲ୍ଲା ପରିଷଦ, ବରଗଡ଼

ଜର୍ଜ ହାଇସ୍କୁଲ ପଡ଼ିଆ, ବରଗଡ଼ରୁ ଲାଇଭ୍ ଷ୍ଟ୍ରିମିଂ ମାଧ୍ୟମରେ

**ତାରିଖ: ୧୦ ଅକ୍ଟୋବର ୨୦୧୮, ସମୟ: ସକାଳ ୧୦.୦୦ ଘଟିକା, ସ୍ଥାନ: ଜର୍ଜ ହାଇସ୍କୁଲ ପଡ଼ିଆ, ବରଗଡ, ଓଡ଼ିଶା**



# ହକି ବିଶ୍ୱକପ ମାସ୍କଟ୍ ଉନ୍ମୋଚିତ

**ପୁରୀ ଅଫିସ,୯।୧୦**

ଆସନ୍ତା ନଭେମ୍ବର ମାସରେ ଭୁବନେଶ୍ୱରରେ ଆରମ୍ଭ ହେବ ପୁରୁଷ ହକି ବିଶ୍ୱ କପ । ଓଡ଼ିଶାରେ ଏପରି ଏକ ମେଗା ଇଭେଣ୍ଟ ପ୍ରଥମଥର ପାଇଁ ଆୟୋଜନ ହେବାକୁ ଯାଉଥିବାରୁ ରାଜ୍ୟ ସରକାର ହକି ବିଶ୍ୱ କପକୁ ସଫଳତାର ସହ ସମ୍ପନ୍ନ କରିବା ଲାଗି ପ୍ରସ୍ତୁତିରେ ଲାଗିପଡିଛନ୍ତି । ଏହି କ୍ରମରେ ମଙ୍ଗଳବାର ପୁରୀ ବେଳାଭୂମିରେ ଏକ ମନୋରମ ପରିବେଶରେ ଉନ୍ମୋଚିତ ହୋଇଛି ହକି ବିଶ୍ୱ କପ୍‌ର ମାସ୍କଟ ଓଲି । କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା, ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି, ବିଧାୟକ ସଞ୍ଜୟ ଦାସବର୍ମା, ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡ. ଉଦ୍ଧବ ଚନ୍ଦ୍ର ମାଝି ପ୍ରମୁଖ ଉପସ୍ଥିତ ରହି ମାସ୍କଟ ଉନ୍ମୋଚନ କରିଛନ୍ତି ।

ଉନ୍ମୋଚନ ଉତ୍ସବ ପୂର୍ବରୁ ପ୍ରଥମେ ସମୁଦ୍ର ଭିତରେ ଓଲି ଜଳକ୍ରୀଡ଼ା କରିଥିଲା । ଜେଟ୍‌ସ୍କିରେ ପୁରୀ ସମୁଦ୍ର ଭିତରେ ବିଭିନ୍ନ ଆକର୍ଷଣୀୟ ମୁଦ୍ରାରେ ବୁଲିବା ପରେ କୂଳରେ ପହଞ୍ଚିଥିଲା । ହାତରେ ହକି ଷ୍ଟିକ୍ ଧରି ଚାଲି ଚାଲି ମଞ୍ଚ ନିକଟକୁ ଆସିଥିଲା ଓଲି । ଦୁଇକଡ଼ରେ ଶତାଧିକ ସ୍କୁଲ ଛାତ୍ରୀଛାତ୍ର ଓଲି...ଓଲି... କହି ସ୍ୱାଗତ କରିଥିଲେ ବିଶ୍ୱକପ୍ ମାସ୍କଟ୍‌କୁ । ଅତିଥିଙ୍କ ସହ ଓଲି କରମର୍ଦ୍ଦନ କରିବା ପରେ ଏହାର ଶୁଭ ଉନ୍ମୋଚନ ହୋଇଥିଲା । ଆଜିଠାରୁ ଅଫିସିଆଲ ଭାବେ ପୁରୀ ସମୁଦ୍ର କୂଳ ତଥା ମହାପ୍ରଭୁ ଜଗନ୍ନାଥଙ୍କ ପବିତ୍ର ମାଟିରୁ ହକି ବିଶ୍ୱକପ୍‌ର ମାସ୍କଟ୍ ଉନ୍ମୋଚନ ହେଲା ବୋଲି କ୍ରୀଡ଼ା ମନ୍ତ୍ରୀ ଘୋଷଣା କରିଥିଲେ । ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଓଲି ମାସ୍କଟ୍ ହୋଇଥିଲା ଏବଂ ଏହି ପ୍ରତିଯୋଗିତା ସଫଳତାର ସହ ଶେଷ ହୋଇଥିଲା । ସେହିପରି ହକି ବିଶ୍ୱ କପ୍ ମଧ ସଫଳତାର ସହ ଶେଷ ହେବ ବୋଲି ଆମେ ମହାପ୍ରଭୁଙ୍କ ପାଖରେ ପ୍ରାର୍ଥନ କରୁଛୁ । ମାସ୍କଟ୍ ଓଲି ବିଭିନ୍ନ ଜିଲା ତଥା ରାଜ୍ୟ ବାହାରେ ବୁଲି ହକି ବିଶ୍ୱକପ୍‌ର ପ୍ରଚାର ପ୍ରସାର କରିବ । ଏଥିସହ ସ୍କୁଲ, କଲେଜ ମଧ ବୁଲିବା ଲାଗି ଯୋଜନା ରହିଛି । ଆଗକୁ ରାଜ୍ୟ ସରକାର ଆହୁରି ବଡ଼ ବଡ଼ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରିବେ ବୋଲି କ୍ରୀଡ଼ା ମନ୍ତ୍ରୀ କହିଥିଲେ । ମନ୍ତ୍ରୀ ମହେଶ୍ୱର ମହାନ୍ତି କହିଥିଲେ, ଓଲିକୁ ଆମେ ସ୍ୱାଗତ କରୁଛୁ । ହକି ବିଶ୍ୱକପ୍‌ରେ ମାସ୍କଟ ଭୂମିକା ନିଭାଉଥିବା ଓଲି ନିଶ୍ଚିତ ଏହାକୁ ସଫଳତାର ସହ ସମ୍ପନ୍ନ କରିବ । ଜିଲାପାଳ କହିଥିଲେ, ମାଇଁ ହାର୍ଟ ଇଜ୍ ବିଟିଙ୍ଗ ଫର୍ ହକି । ମାଇଁ ହାର୍ଟ ଇଜ୍ ଅଲ୍‌ସୋ ବିଟିଙ୍ଗ୍ ଫର ଓଲି । ଏଥିସହ ହକି ବିଶ୍ୱକପ୍‌କୁ ସଫଳତାର ସହ ସମ୍ପନ୍ନ କରିବା ଲାଗି ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ବିଧାୟକ ସଞ୍ଜୟ ଦାସବର୍ମା କହିଥିଲେ, ହକି ବିଶ୍ୱ କପ୍ ଆୟୋଜନ କରିବା ଆମ ରାଜ୍ୟ ପାଇଁ ଏକ ଗୌରବର ବିଷୟ । ମହାପ୍ରଭୁ ଜଗନ୍ନାଥଙ୍କ ପବିତ୍ର ଭୂମି ମହୋଦଧି କୂଳରେ ହକି ବିଶ୍ୱକପ୍‌ର ମାସ୍କଟ ଓଲି ଉନ୍ମୋଚିତ ହୋଇଛି । ଏହା ବିଶ୍ୱକୁ ପରିବ୍ୟାପ୍ତ ହେବ । କ୍ରୀଡ଼ା ମାନଚିତ୍ରରେ ଓଡ଼ିଶା ତା' ସ୍ଥିତିକୁ ଆହୁରି ସୁଦୃଢ କରିବ । ଓଲିକୁ ଆମେ ସମସ୍ତେ ସ୍ୱାଗତ କରୁଛୁ । ଆଜିଠାରୁ ବିଶ୍ୱକପ ଶେଷ ହେବା ପର୍ଯ୍ୟନ୍ତ ଏହା ଶୁଭମୟ ହେଉ ବୋଲି କହିଥିଲେ । ଏହି ଉନ୍ମୋଚନ କାର୍ଯ୍ୟକ୍ରମରେ ସହକାରୀ ପର୍ଯ୍ୟଟନ ଅଧିକାରୀ ବିଜୟ କୁମାର ଜେନା, ପୁରୀ ହୋଟେଲ ମାଲିକ ସଂଘର ସମ୍ପାଦକ ରାଜକିଶୋର ପାତ୍ର, ବେୟାରଫୁଟର ସମ୍ପାଦକ ଯୁଗବ୍ରତ କର, କ୍ରୀଡ଼ା ପ୍ରଶିକ୍ଷକ ସବ୍ୟସାଚୀ ରଥଙ୍କ ସମେତ ଜିଲା କ୍ରୀଡ଼ା ବିଭାଗର ବହୁ ଅଧିକାରୀ ଉପସ୍ଥିତ ଥିଲେ ।

ଓଲି ହେଉଛି ସମୁଦ୍ରରେ ରହୁଥିବା ଏକପ୍ରକାର ବିରଳ କଇଁଛ ଅଲିଭରିଡ୍‌ଲେ। ହଜାର ହଜାର କିମି ଦୁର୍ଗମ ପଥ ଅତିକ୍ରମ କରି ଏମାନେ ଓଡ଼ିଶା ଆସିଥାନ୍ତି। କେନ୍ଦ୍ରାପଡ଼ାର ଗହୀରମଥା ଏମାନଙ୍କ ମିଳନସ୍ଥଳ ଭାବେ ସାରା ବିଶ୍ୱରେ ପରିଚିତ। ଅଲିଭ୍‌ରିଡଲେଙ୍କ ସଂଖ୍ୟା ହ୍ରାସ ପାଉଥିବାରୁ ଏମାନଙ୍କ ସୁରକ୍ଷା ଜରୁରୀ ହୋଇପଡିଛି। ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ବିରଳ କଇଁଛ ଅଲିଭରିଡ୍‌ଲେକୁ ମାସ୍କଟ କରାଯାଇଥିବା ଜଣାପଡିଛି।



ମାସ୍କଟ୍ ଓଲି ଉନ୍ମୋଚନ ଅବସରରେ ଅତିଥି ଓ ଛାତ୍ରୀଛାତ୍ରମାନେ।

## ଜଳ କ୍ରୀଡ଼ା କଲା ଓଲି

■ ସ୍ୱାଗତ କଲେ ଶତାଧିକ ଛାତ୍ରୀଛାତ୍ର




## ଅଲିଭ ରିଡ୍‌ଲେଙ୍କ ସୁରକ୍ଷା ପାଇଁ ବାର୍ତ୍ତା

ହକି ବିଶ୍ୱ କପର ମାସ୍କଟ ଓଲିର ଉନ୍ମୋଚନ ବେଳେ ସମସ୍ତଙ୍କ ଆକର୍ଷଣ ସାଜିଥିଲେ ପି. ହରି । ମାସ୍କଟ ଓଲି ବେଶ ଧାରଣ କରିଥିବା ପି. ହରିଙ୍କୁ ଦେଖିବା ପାଇଁ ବେଳାଭୂମିରେ ଭିଡ଼ ଲଗାଇଥିଲେ ସ୍କୁଲ ଛାତ୍ରୀଛାତ୍ର ଓ ପର୍ଯ୍ୟଟକ । ଓଲି ସହ କରମର୍ଦ୍ଦନ କରିବା ଏବଂ ସେଲ୍‌ଫି ନେବାକୁ ଏକପ୍ରକାର ପ୍ରତିଯୋଗିତା ଲାଗିଥିଲା । କାହାକୁ ନିରାଶ କରି ନ ଥିଲେ ହରି । ସେ କୁହନ୍ତି, ମାସ୍କଟ ଓଲିର ଉନ୍ମୋଚନ ପାଇଁ ମୋତେ ଓଲି ହେବା ପାଇଁ ମନୋନୀତ କରାଯାଇଥିବାରୁ ନିଜକୁ ଗର୍ବିତ ମନେକରୁଛି । ଜଣେ ନୋଳିଆ ପିଲା ହୋଇଥିବାରୁ ସମୁଦ୍ର ସହିତ ମୁଁ ଚିରପରିଚିତ । ଅଧିକାଂଶ ଦିନ ସମୁଦ୍ରରେ ଲାଇଫ୍‌ଗାର୍ଡଙ୍କୁ ଟ୍ରେନିଂ ଦେବା ସହ ପର୍ଯ୍ୟଟକଙ୍କୁ ଜେଟ୍‌ସ୍କିରେ ସମୁଦ୍ର ଭିତରେ ବୁଲାଇଥାଏ । ହେଲେ ଆଜି ମାସ୍କଟ ଓଲି ବେଶରେ ସମୁଦ୍ର ଭିତରେ ବୁଲିବା ବେଳେ ଏକ ଭିନ୍ନ ପ୍ରକାର ଭାବନା ମନକୁ ଆସିଥିଲା । ବହୁତ ଖୁସି ହୋଇପଡିଥିଲି। ସମସ୍ତଙ୍କୁ ସମୁଦ୍ର ଭିତରୁ ହାତ ହଲାଇ ଶୁଭେଚ୍ଛା ଜଣାଇଥିଲି। ଓଲି ହେଉଛି ଏକ ସାମୁଦ୍ରିକ କଇଁଛ ଅଲିଭରିଡ୍‌ଲେ। ଏମାନଙ୍କ ସଂଖ୍ୟା କମୁଥିବାରୁ ମାସ୍କଟ ଦ୍ୱାରା ଏମାନଙ୍କ ସୁରକ୍ଷାର ବାର୍ତ୍ତା ପ୍ରଚାର ପ୍ରସାର ହୋଇପାରିବ।

## ଜୋକୋଭିଚ୍ ତୃତୀୟ ରାଉଣ୍ଡରେ

**ଶାଂଘାଇ, ୯।୧୦ (ଏଏଫ୍‌ପି):** ସର୍ବିଆର ନୋଭାକ ଜୋକୋଭିଚ୍ ଶାଂଘାଇ ମାଷ୍ଟର୍ସ ଟେନିସ ପ୍ରତିଯୋଗିତାରେ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ଏକ ମ୍ୟାଚରେ ସେ ଫ୍ରେଞ୍ଚ ଖେଳାଳି ଜର୍ମି ଚାର୍ଡିଙ୍କୁ ୬-୩, ୭-୫ ସେଟ୍‌ରେ ହରାଇ ଦେଇଛନ୍ତି। ଜୋକୋଭିଚ୍ ଏହା ପୂର୍ବରୁ ଚାର୍ଡିଙ୍କ ସହ ୧୧ଥର ମୁକାବିଲା କରିଛନ୍ତି ଏବଂ ସମସ୍ତ ମ୍ୟାଚରେ ବିଜୟ ହାସଲ କରିଛନ୍ତି।







For Institutional and Bulk Sales please write to Kolkata@heromotocorp.com
ଅଥରାଇଜଡ଼ ଡିଲର: ଅନୁଗୁଳ: ପାର୍ବତୀ ହୀରୋ - 7799766342. ଢେଙ୍କାନାଳ : ସୋମ ହୀରୋ - 7799766347. କେନ୍ଦୁଝର: ସୁପ୍ରିମ ହୀରୋ - 7799766360. ତାଳଚେର: ତାରିଣୀ ହୀରୋ - 7799766374.
ଅଥରାଇଜଡ଼ ସର୍ଭିସ୍ ସେଣ୍ଟର: ବଡ଼ବିଲ: ହୁଇଲ୍‌ସ ମୋଟର୍ସ - 276304. ଛେଣ୍ଡିପଦା : ତାରା ମୋଟର୍ସ - 9437031859. ଢେଙ୍କାନାଳ: ଏଲିଗାଣ୍ଟ ଅଟୋମୋବାଇଲ୍‌ସ - 226260. କାମାକ୍ଷାନଗର: ରିଲାଏନ୍ସ ଅଟୋମୋବାଇଲ୍‌ସ - 270394.



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ




■ପ୍ରାର୍ଥିପତ୍ର ନାକଚ ନେଇ ଅଭିଯୋଗ ଘଟଣା

# ତଦନ୍ତ ପାଇଁ ନିଆଗଲା ଛାତ୍ରୀଛାତ୍ରଙ୍କ ନୋଟ୍



ବନ୍ତଳା କଲେଜରେ ମାଜିଷ୍ଟ୍ରେଟ୍ ଓ ପୋଲିସ ତଦନ୍ତ କରୁଛନ୍ତି।

**ବନ୍ତଳା,୯।୧୦(ଡି.ଏନ.ଏ.)**

ବନ୍ତଳା ଉଚ୍ଚତର ଶିକ୍ଷା ଡିଗ୍ରୀ ମହାବିଦ୍ୟାଳୟରେ ପ୍ରାର୍ଥିପତ୍ର ଯାଞ୍ଚରେ ଅଧକ୍ଷ ପକ୍ଷପାତିତା କରିଥିବା ନେଇ ଜିଲା ପ୍ରଶାସନ ପାଖରେ ହୋଇଥିବା ଅଭିଯୋଗର ଦ୍ୱିତୀୟ ପର୍ଯ୍ୟାୟ ତଦନ୍ତ ମଙ୍ଗଳବାର କରାଯାଇଛି। ମାଜିଷ୍ଟ୍ରେଟ ଭାବେ ଅନୁଗୋଳ ତହସିଲଦାର ବିଚିତ୍ରାନନ୍ଦ ନାୟକ ଓ ବନ୍ତଳା ଥାନା ଆଇଆଇସି ସବ୍ୟସାଚୀ ରାଉତ କଲେଜରେ ପହଞ୍ଚି ପ୍ରାର୍ଥିପତ୍ର ନାକଚ ହୋଇଥିବା ସୁଜିତ କୁମାର ନାଏକ, ପ୍ରଭାସ ସାମଲ ଓ ନିର୍ଦ୍ୱନ୍ଦ୍ୱ ରହିଥିବା ପ୍ରାର୍ଥୀ ସାରଥି ପ୍ରଧାନଙ୍କୁ ଡକାଇ କ୍ଲାସରେ ଉପସ୍ଥିତି ଜାଣିବାକୁ ସେମାନଙ୍କ ନୋଟ୍ ସହ ରେଜିଷ୍ଟର ଯାଞ୍ଚ କରିଥିଲେ। ଏହାପରେ ସେମାନଙ୍କ ସହପାଠୀମାନଙ୍କ ନୋଟ୍‌କୁ ମଧ୍ୟ ସଂଗ୍ରହ କରି ପଚରାଉଚୁରା କରିଥିଲେ। ପରେ ଉପସ୍ଥାନ ରେଜିଷ୍ଟର ଓ ନୋଟ୍‌ସବୁକୁ ଥାନାକୁ ନେଇଯାଇଥିଲେ। ସିସିଟିଭି ଫୁଟେଜ ଯାଞ୍ଚ ବେଳେ ତାହା ୨ ତାରିଖରୁ ଥିବା ଜଣାପଡ଼ିଥିଲା। ଗୁରୁବାର ଛାତ୍ର ସଂସଦ ନିର୍ବାଚନ ଥିବାବେଳେ ମହାବିଦ୍ୟାଳୟରେ ଏହା ହେବ କି ନାହିଁ ସେ ନେଇ କର୍ତ୍ତୃପକ୍ଷଙ୍କ ପାଖରେ କୌଣସି ସୂଚନା ନାହିଁ। ଏ ବିଷୟରେ ତଦନ୍ତକାରୀ ଅଧିକାରୀ ମାଜିଷ୍ଟ୍ରେଟ ଦାୟିତ୍ୱରେ ଆସିଥିବା ଅନୁଗୋଳ ତହସିଲଦାର ନାୟକ କୁହନ୍ତି, ତଦନ୍ତ ଜାରି ରହିଛି। ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରାଯିବା ପରେ ଯାହା କିଛି ଜଣାପଡ଼ିବ।




